ଧରିତ୍ରୀ 51 Years

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୦/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 20/2025 | Page 20 | ₹ 7.00 | SAMBALPUR

୫୧ଶ ଭାଗ ୨୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 296 | ମୂଲ୍ୟ ₹୭/-




## ୨ ପୁଅଙ୍କୁ ବିଷ ପିଆଇଲେ ବାପା

**ବନ୍ତଲା, ୧୯।୯ (ସୁଶିତ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)**

ସ୍କୁଲ ଯିବାକୁ କହି ୨ ନାବାଳକ ପୁଅଙ୍କୁ ବାଇକ୍‌ରେ ବସାଇଥିଲେ। ହେଲେ ଦୁହିଁଙ୍କୁ ସ୍କୁଲରେ ନ ଛାଡ଼ି ୨୫ କିଲୋମିଟର ଦୂର ଜଙ୍ଗଲ ନିକଟକୁ ନେଇ ବିଷ ପିଆଇ ଦେଇଥିଲେ ବାପା। ଛଟପଟ ହେଉଥିବା ୨ ପିଲାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଖବରପାଇ ଉଦ୍ଧାର ପାଇଁ ଆସିଥିବା ପୋଲିସକୁ କାମୁଡ଼ି ଖଣ୍ଡିଆଖାବରା କରିଥିଲେ ଅଭିଯୁକ୍ତ ବାପା। ଅନୁଗୋଳ ବ୍ଲକ ବଡ଼କନ୍ତକୁଳ ପଞ୍ଚାୟତ ନୂଆକ୍ଷେତା ଫରେଷ୍ଟ ଚେକ୍‌ଗେଟ୍ ନିକଟରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଘଟିଥିବା ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଜରପଡ଼ା ଥାନା ତୁବେ ଗ୍ରାମ କୁମ୍ଭାରସାହିର ☞ପୃଷ୍ଠା-୪

# ଦୋମୁହାଁ ଖେଳରେ ବିଜେଡି ଆଗୁଆ

- **ଅନାସ୍ଥା ନୋଟିସ ପାଇଛି, ଗୃହରେ ଆଗତକରିବା ଭଳି ସ୍ୱାଭାବିକ ସ୍ଥିତି ନାହିଁ: ବାଚସ୍ପତି**
- **କଂଗ୍ରେସର ୫ ସଦସ୍ୟଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ**
- **ସାର ପ୍ରସଙ୍ଗରେ ବିଜେଡିର ହୋହଲ୍ଲା, ୯ ମିନିଟ୍ ଚାଲିଲା ଗୃହ କାର୍ଯ୍ୟ**

**ଭୁବନେଶ୍ୱର, ୧୯।୯ (ସୁନିତ୍ ମିଶ୍ର)**

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ଅନ୍ୟମାନଙ୍କ ପକ୍ଷରୁ ଅଣାଯାଇଥିବା ଅନାସ୍ଥା ସମ୍ପର୍କିତ ନୋଟିସ ପାଇଛି। ହେଲେ ଗୃହ ବର୍ତ୍ତମାନ ସ୍ୱାଭାବିକ ସ୍ଥିତିରେ ନାହିଁ। ଯେପର୍ଯ୍ୟନ୍ତ ଗୃହ ସ୍ୱାଭାବିକ ସ୍ଥିତିକୁ ନ ଫେରିଛି ଏହା ପୂର୍ବରୁ ଅନାସ୍ଥା ନୋଟିସ ଗୃହରେ ଆଗତକରିବା ସମ୍ଭବ ନୁହେଁ ବୋଲି ବାଚସ୍ପତି ସୁରମା ପାଢ଼ୀ ସୂଚନା ଦେଇଛନ୍ତି। ଶୁକ୍ରବାର ଦ୍ୱିତୀୟାର୍ଦ୍ଧରେ ବିଧାନସଭା କାର୍ଯ୍ୟ ଅପରାହ୍ନ ୪ଟା ସମୟରେ ଆରମ୍ଭ ହେବା କ୍ଷଣି ବିରୋଧୀ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସାର ପ୍ରସଙ୍ଗ ଉଠାଇ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ବିଜେଡି ସଦସ୍ୟମାନେ ସରକାର ବିରୋଧୀ ନାରାରେ ଗୃହ ଚଲାଇଦେଇ ନ ଥିଲେ। ଏହି ସମୟରେ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ନିଜ ସ୍ଥାନକୁ ଯିବା ପାଇଁ ନିର୍ଦ୍ଦେଶ ଦେବାପରେ ଅନାସ୍ଥା ସମ୍ପର୍କିତ ସୂଚନା ଦେଇ ୪ଟା ୫ମିନିଟ୍‌ରେ ଗୃହ କାର୍ଯ୍ୟକୁ ଶନିବାର ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସେହିପରି ପ୍ରଥମାର୍ଦ୍ଧରେ ମଧ୍ୟ ଗୃହରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ହିଁ ବିରୋଧୀ ବିଜେଡିର ସଦସ୍ୟମାନେ ହାତରେ ପ୍ଲାକାର୍ଡ, ବ୍ୟାନର ଧରି ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା ଏବଂ ସରକାର ବିରୋଧୀ ନାରାରେ ଦେଇ କମ୍ପାଇଥିଲେ। ଫଳରେ ଗୃହ ୪ମିନିଟ୍ ଚାଲିବା ପରେ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ମୁଲତବୀ ଘୋଷଣା କରିଥିଲେ। ଏହିପରି ଦିନକ ଭିତରେ ମୋଟ୍ ୯ ମିନିଟ୍ ପାଇଁ ଗୃହକାର୍ଯ୍ୟ ଚାଲିଥିଲା। ଗୋଟିଏ ପଟେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ ଦେବ ନା ନାହିଁ ସ୍ପଷ୍ଟ କରୁ ନ ଥିବାବେଳେ ଗୃହକୁ ଚଲାଇ ନ ଦେବାକୁ ଉଦ୍ୟମ କରିବାରେ ଲାଗିଛି। ତେଣୁ ଦୋମୁହାଁ ଖେଳରେ ବିଜେଡି ଆଗୁଆ ବୋଲି ତାଙ୍କ ଦଳର ଅନେକ ସଦସ୍ୟ ଏବେ କହିବା ଆରମ୍ଭ କରିଦେଲେଣି ବୋଲି ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ, ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ପ୍ରସଙ୍ଗ, ସାର ସମସ୍ୟା, ବେକାରି ପ୍ରସଙ୍ଗ ଆଦିକୁ ନେଇ ସରକାର ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଗତ କରିଛି। ଯଦି ଗୃହରେ ଅନାସ୍ଥା ନୋଟିସ ଆସେ ତେବେ ଏହା ଉପରେ ବ୍ୟାପକ ଆଲୋଚନା ହେବ। ଏହି ଆଲୋଚନା ସମୟରେ ବିଜେଡି ନିଜର ସାର ସମସ୍ୟା ନେଇ ଗୃହରେ ଯୁକ୍ତି ରଖିପାରେ। ହେଲେ ବିଜେଡି ବର୍ତ୍ତମାନ ସରକାରଙ୍କୁ ଘେରିବା ପରିବର୍ତ୍ତେ କଂଗ୍ରେସଠାରୁ ଶକ୍ତିଶାଳୀ ବୋଲି ପ୍ରମାଣ କରିବାକୁ ପ୍ରତିଯୋଗିତା ଆରମ୍ଭ କରିଦେଇଛି। ବିଜେଡି ଗୃହରେ ହୋହଲ୍ଲାକରି ଗୃହ ଚଲାଇ ଦେବନାହିଁ ବୋଲି ଯେଉଁ ଯୋଜନା କରିଛି ଏଥିରେ ସରକାରୀ ଦଳକୁ ଲାଭ ମିଳିଛି। କାରଣ ବିରୋଧୀଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଚାଲିଲେ ରାଜ୍ୟର ଯେଉଁ ଅନେକ ☞ପୃଷ୍ଠା-୪




### ଆଜିର ସମ୍ପାଦକୀୟ

**ଖବରରେ ଖେଉଡ଼କର**

### ଆଜିର ମନ୍ତବ୍ୟ

"ସଂଘର୍ଷ କିପରି ଆରମ୍ଭ ଓ ତୁରନ୍ତ ଶେଷ କରାଯାଏ, ତାହା ଅନ୍ୟ ଦେଶଗୁଡ଼ିକ ଭାରତଠାରୁ ଶିଖିବା ଉଚିତ।

**-ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ, ବାୟୁସେନା ମୁଖ୍ୟ**




## 'ୟା ଅଲି' ଗାୟକ ଜୁବୀନ ଗର୍ଗଙ୍କ ପରଲୋକ



**ଗୁଆହାଟୀ/ସିଙ୍ଗାପୁର, ୧୯।୯**

ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ବେଳେ ଦୁର୍ଘଟଣା ଘଟି ଆସାମର ପ୍ରସିଦ୍ଧ ଗାୟକ ଜୁବୀନ ଗର୍ଗ (୫୨)ଙ୍କର ମୃତ୍ୟୁ ହୋଇଯାଇଛି। ଶୁକ୍ରବାର ଦୁର୍ଘଟଣା ପରେ ସିଙ୍ଗାପୁର ପୋଲିସ ଦ୍ୱାରା ଜୁବୀନଙ୍କୁ ସମୁଦ୍ରରୁ ବାହାର କରାଯାଇ ନିକଟସ୍ଥ ☞ପୃଷ୍ଠା-୪

# ୪,୭୩୯ କୋଟିର ନିବେଶକୁ ମୋହର

**ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ**

**୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ**

**ଭୁବନେଶ୍ୱର, ୧୯।୯ (ରବିନାରାୟଣ ଜେନା)**

ରାଜ୍ୟ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି। ଶିଳ୍ପ ହିଁ ରାଜ୍ୟର ସମୃଦ୍ଧିରେ ବିଶେଷ ସହାୟକ ହୋଇପାରିବ। ଏହି ଲକ୍ଷ୍ୟ ନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଡବ୍ଲୁସିଏ)ର ୧୪୦ତମ ବୈଠକରେ ୪,୭୩୯ କୋଟି ଟଙ୍କାର ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ବୈଠକରୁ ଜଣାଯାଇଛି।

ଓଡ଼ିଶାର ଗତିଶୀଳ ଶାସନ, ରଣନୈତିକ ଦୃଷ୍ଟିଭଙ୍ଗୀ ଓ ସୁଦୃଢ଼ ନୀତିଗତ ଢାଞ୍ଚା, ବ୍ୟବସାୟ କରିବା ପାଇଁ ସୁବିଧାଜନକ ପରିବେଶକୁ ପ୍ରୋତ୍ସାହିତ କରୁଛି। ଫଳରେ ଓଡ଼ିଶା ଭାରତର ପସନ୍ଦଯୋଗ୍ୟ ନିବେଶ ସ୍ଥଳ ଭାବେ ଦ୍ରୁତ ପ୍ରତୀୟମାନ ହେଉଛି। ଏଥିପାଇଁ ଶୁକ୍ରବାର ୧୩ଟି କ୍ଷେତ୍ରରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି ବୋଲି ବୈଠକରୁ ଜଣାଯାଇଛି। ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ ଅପରେଶନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨ କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିରେ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ☞ପୃଷ୍ଠା-୪

# ଗୁପ୍‌ଚୁପ୍ ପାଇଁ ରାସ୍ତାରେ ଧାରଣା

**ଭଦୋଦରା, ୧୯।୯**



ଗୁଜରାଟର ଭଦୋଦରାର ସୁରସାଗର ଅଞ୍ଚଳରେ ଶୁକ୍ରବାର ଜଣେ ମହିଳା ରାସ୍ତା କଡ଼ରେ ଥିବା ଏକ ଗୁପ୍‌ଚୁପ୍ ଷ୍ଟଲରେ ଗୁପଚୁପ୍ ଖାଉଥିଲେ। ତେବେ ଗୁପଚୁପ୍ ବିକାଳି ଜଣକ ତାଙ୍କୁ ୨୦ ଟଙ୍କାରେ ୬ଟି ବଦଳରେ ମାତ୍ର ୪ଟି ଗୁପଚୁପ୍ ଖାଇବାକୁ ଦେଇଥିଲେ। ଘଟଣାକୁ ନେଇ ଗୁପଚୁପ୍ ବିକାଳିଙ୍କ ସହ ମହିଳାଙ୍କର ଯୁକ୍ତିତର୍କ ହୋଇଥିଲା। ମହିଳାଙ୍କୁ ୪ରୁ ଅଧିକ ଗୁପଚୁପ୍ ଦେବାକୁ ବିକାଳି ଜଣକ ସିଧାସଳଖ ମନା କରିଦେଇଥିଲେ। ଫଳରେ ସେ ରାଗରେ କାନ୍ଦି କାନ୍ଦି ରାସ୍ତାରେ ଧାରଣାରେ ବସିଥିଲେ। ମହିଳା ଜଣକ ରାସ୍ତା ମଝିରେ ଧାରଣା ଦେବା ସହ କାନ୍ଦି କାନ୍ଦି କହିଥିଲେ, ଗୁପ୍‌ଚୁପ୍ ବିକାଳି ଜଣକ ଚାଲାକୀ କରୁଛନ୍ତି। ସେ ଅନ୍ୟ ସମସ୍ତଙ୍କୁ ୨୦ ଟଙ୍କାରେ ୬ଟି ଗୁପଚୁପ୍ ଦେଉଥିବା ବେଳେ ତାଙ୍କୁ ମାତ୍ର ୪ଟି ଗୁପ୍‌ଚୁପ୍ ଦେଇ ଠକିଦେଲେ। ସେ ସବୁବେଳେ ୨୦ ଟଙ୍କାରେ ୬ଟି ଗୁପ୍‌ଚୁପ୍ ଖାଉଥିବାବେଳେ ଏବେ ତାଙ୍କ ସହ ଅନ୍ୟାୟ ହୋଇଥିବା ସେ କହିଥିଲେ। ଗୁପ୍‌ଚୁପ୍ ବିକାଳି ଜଣକ ତାଙ୍କୁ ଆଉ ୨ଟି ଗୁପ୍‌ଚୁପ୍ ଖାଇବାକୁ ଦିଅନ୍ତୁ, ନଚେତ ତାଙ୍କ ଠେଲା ଦୋକାନକୁ ବନ୍ଦ କରାଯାଉ ବୋଲି ସେ ଦାବି କରିଥିଲେ। ମହିଳା ଜଣକ ରାସ୍ତା ମଝିରେ ବସି ଧାରଣା ଦେଉଥିବାରୁ ସେଠାରେ ଟ୍ରାଫିକ୍ ଜାମ୍ ସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତାରେ ଯାଉଥିବା ଲୋକମାନେ ମହିଳାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ।

ଲୋକଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲା। ଅନେକ ସମୟ ଧରି ବୁଝାଶୁଝା କରିବା ପରେ ପୋଲିସ ମହିଳାଙ୍କୁ ଥାନାକୁ ନେଇ ☞ପୃଷ୍ଠା-୪




A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




# ୨୭ରେ ରଙ୍ଗେଇଲୁଣ୍ଡା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୯।୯ (ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାଠାରେ ହେବାକୁ ଥିବା 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ଜଣାପଡିଛି, ପ୍ରଧାନମନ୍ତ୍ରୀ ସେହିଦିନ ପୂର୍ବାହ୍ନ ୧୧ଟାରେ ବ୍ରହ୍ମପୁରଠାରେ ଜାତୀୟ ସ୍ତରୀୟ 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଅନେକ ନୂତନ କାର୍ଯ୍ୟକ୍ରମ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମେତ ଏହାକୁ ସୁଚାରୁଭାବେ ସମ୍ପାଦନ କରିବା, ଏଥିନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଜନସାଧାରଣଙ୍କ ସହଭାଗିତା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଯାତ୍ରାପଥ, ଆଗମନ-ବିଦାୟ ବ୍ୟବସ୍ଥା, ସୁରକ୍ଷା ବଳଙ୍କ ନିୟୋଜନ, ସଭାସ୍ଥଳର ପ୍ରସ୍ତୁତି, ସ୍ୱାସ୍ଥ୍ୟ, ପୋଲିସ, ପାଣି,ବିଦ୍ୟୁତ୍ ଓ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନକରି ସ୍ମରଣୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।




## ଆରିୟା ପ୍ଲାଣ୍ଟ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ବଡ଼ବିଲ, ୧୯।୯(ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ମାତକାମବେଡ଼ାସ୍ଥିତ ଆରିୟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ କାରଖାନାରେ ଜଣେ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ବଲାଣି ଥାନା ଶାନ୍ତି ନଗରର ଆଜାଦ ସାହୁ(୫୪)। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆଜାଦ ସନ୍ଧ୍ୟା ୫ଟାରେ କାରଖାନାର ଇଲେକ୍ଟ୍ରିକାଲ ବିଭାଗରେ ଡ୍ୟୁଟି କରୁଥିବାବେଳେ ଟଳି ପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଆଜାଦଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଦେଖିବାକୁ ଆସିଥିବା ଆଜାଦଙ୍କ ଆତ୍ମୀୟସ୍ୱଜନ ଓ ପରିଚିତ ଲୋକେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ଆସି ନ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବଲାଣି ପୋଲିସ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା।

# ସ୍ତ୍ରୀଙ୍କ ମୁଣ୍ଡ କାଟିଲେ ସ୍ୱାମୀ

## ପରକୀୟା ପ୍ରୀତି ସନ୍ଦେହ

**ଜଳେଶ୍ୱର,୧୯।୯(ନବୀନ ସାହୁ)**

ଚରିତ୍ରରେ ସନ୍ଦେହ, ପାରିବାରିକ କଳହ, ଜମି ବିବାଦ, ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଘରୋଇ ହିଂସା ବଢ଼ିଚାଲିଛି। ବିଶେଷକରି ପରିକୀୟା ପ୍ରୀତିକୁ ନେଇ କେଉଁଠି ସ୍ତ୍ରୀଙ୍କ ଜୀବନ ନେଉଛନ୍ତି ସ୍ୱାମୀ ତ କେଉଁଠି ଏହାର ଓଲଟା ସ୍ଥିତି ଘଟୁଛି। ବାଲେଶ୍ୱର ଜିଲାରେ ଗୋଟିଏ ଦିନରେ ୨ଟି ବଡ଼ ପାରିବାରିକ ହିଂସା ଘଟିଛି। ଗୁରୁବାର ଅପରାହ୍ନରେ ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ସ୍ତ୍ରୀ ପିଙ୍କି ଖାତୁନଙ୍କ ବେକକୁ ସ୍ୱାମୀ ମହମ୍ମଦ ଅମଜାଦ (୫୨) ଛୁରିରେ କାଟି ହତ୍ୟା ଉଦ୍ୟମ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ପିଙ୍କି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସ୍ୱାମୀଙ୍କ କଥାରେ ସ୍ତ୍ରୀ ଅରାଜି ହେବାରୁ ଏଭଳି ଘଟଣା ଘଟିଥିଲା। ସେଭଳି ଆଉ ଏକ ଜଘନ୍ୟ କାଣ୍ଡ ଘଟିଛି ଗୁରୁବାର ରାତିରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳରେ। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀ ସାଜିଥିଲେ ସଇତାନ। ସ୍ତ୍ରୀ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଅସ୍ତ୍ରରେ ହାଣି ତାଙ୍କ ଗଣ୍ଡି ମୁଣ୍ଡ ଅଲଗା କରିଦେଇଛନ୍ତି।


ଜଳେଶ୍ୱର ରାଇବଣିଆ ଅଞ୍ଚଳର ଚାକୁଆପାଳ ଗ୍ରାମରେ ମହିଳାଙ୍କୁ ହତ୍ୟା କରାଯାଇଥିବା ଘରେ ଦେଖଣାହାରିଙ୍କ ଭିଡ଼।

ସୂଚନା ଅନୁସାରେ ରାଇବଣିଆ ଥାନା କାଳିକ ପଞ୍ଚାୟତ ଚାକୁଆପାଳ ଗ୍ରାମର ଚନ୍ଦ୍ରମୋହନ ପାତ୍ର (୫୦)ଙ୍କ ସ୍ତ୍ରୀ ଜୟନ୍ତୀ (୪୦) ତାମିଲନାଡୁରେ ପୁଅ ସହିତ ରହି ଏକ କମ୍ପାନୀରେ କାମ କରୁଥିଲେ। ୪ ଦିନ ପୂର୍ବରୁ ଜୟନ୍ତୀ ଗାଁକୁ ଫେରିଥିଲେ। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ କଳହ ଲାଗିରହିଥିଲା। ଗୁରୁବାର ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବିଳମ୍ବିତ ରାତିରେ ଜୟନ୍ତୀ ଘରେ ଶୋଇଥିବା ଅବସ୍ଥାରେ ସ୍ୱାମୀ ଚନ୍ଦ୍ରମୋହନ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ହତ୍ୟା କରିଥିଲେ। ବିଭତ୍ସ ହତ୍ୟାକାଣ୍ଡ ଘଟାଇ ଶୁକ୍ରବାର ସକାଳେ ଚନ୍ଦ୍ରମୋହନ ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣାସ୍ଥଳରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ରାଇବଣିଆ ଥାନା ଅଧିକାରୀ ଲୋପାମୁଦ୍ରା ପଣ୍ଡା ୩ ଜଣିଆ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ. ୮୪/୨୫) ରୁଜୁ କରି ପୋଲିସ ମୃତଦେହ ଜବତ କରିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ହତ୍ୟାକାଣ୍ଡ ସମ୍ପର୍କରେ ଅଧିକ ପଚରାଉଚରା ଜାରି ରଖିଛି। ଅପରପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅଭିଯୁକ୍ତ ଚନ୍ଦ୍ରମୋହନ ୧୦ ବର୍ଷ ତଳେ ନିଜ ବାପାଙ୍କୁ ହାଣି ହତ୍ୟା ଉଦ୍ୟମ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି।









# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ତ୍ରିନେତ୍ର କଳା କୁଞ୍ଜ, ଚୌଦ୍ୱାର ପକ୍ଷରୁ ୫ମ ପୁରସ୍କାର ଉତ୍ସବ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ୍ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଶାନ୍ତିପୂର୍ଣ୍ଣ ଧର୍ମଘଟ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ଭୟର ୧୨ତମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ମେ’ ଫେୟାର ଲାଗୁନ ଅର୍କିଡ଼ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶା ପକ୍ଷରୁ ବିଧାନସଭା ଗୃହ ଘେରାଉ, ସ୍ଥାନ: ଲୋୟର ପିଏମ୍‌ଜି, ବିଧାନସଭା ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ‘ବିଭାବନା’ର ରାଜ୍ୟସ୍ତରୀୟ ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ପାଠକାର୍ପଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମାସିକ ଆଲୋଚନାଚକ୍ର, ସ୍ଥାନ: କେଦାରଗୌରୀ ମାର୍ଗସ୍ଥିତ ପ୍ରତିଷ୍ଠାନ ପରିସର, ସମୟ: ସନ୍ଧ୍ୟା ୬ଟା।
- ୟୁନିକ୍ରାଫ୍ଟ ୨୦୨୫ (କଳା ପଦର୍ଶନ), ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଆମ୍ବିସନ କ୍ଲବ ପରିସର, ସମୟ: ସକାଳ ୯ଟା।
- ଶିକ୍ଷାବିତ୍ କୁସୁମ କୁମାରୀ ଖଟୁଆଙ୍କ ତୃତୀୟ ଶ୍ରାଦ୍ଧୋତ୍ସବରେ ସ୍ମୃତିଚାରଣ ସଭା, ସ୍ଥାନ: ସିନ୍ଧୁପୁର, ମାହାଙ୍ଗା, ସମୟ: ପୂର୍ବାହ୍ନ ୧୧ଟା।
- ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ନୟାସଡ଼କ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ତୃତୀୟ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ଅଧିବକ୍ତା ପରିଷଦ ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ରାଷ୍ଟ୍ରୀୟ ହିନ୍ଦୀ ଦିବସ ସମାରୋହ, ସ୍ଥାନ: ମିଶନ ଗାର୍ଲସ ହାଇସ୍କୁଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା

## ଭଦ୍ରକ

- ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଗଣିଜାଙ୍ଗ, ବନ୍ତ, ସମୟ: ସକାଳ ୮ଟା।
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃରାଷ୍ଟ୍ରୀୟ ତଟ ସୁରକ୍ଷା ଦିବସ ପାଳନ, ସ୍ଥାନ: ଚୂଡ଼ାମଣି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ଭକ୍ତଙ୍କ ମାନସିକ ମେଳା ଏବଂ ପୂଜା, ସ୍ଥାନ : ମୋଟରାଗଡିଆ, ହାଟଡ଼ିହୀ, ସମୟ : ସକାଳ ୭ ଟା ଏବଂ ସନ୍ଧ୍ୟା ୬ଟା।
- ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ସମ୍ପର୍କିତ ଏକ ଦିବସୀୟ ତାଲିମ ଶିବିର, ସ୍ଥାନ : ହାଟଡ଼ିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ ଯୋଗ ପ୍ରତିଯୋଗିତା କାର୍ଯ୍ୟକ୍ରମ,ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ,ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ପ୍ରଦର୍ଶନ ମେଳା,ସ୍ଥାନ: ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଅନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ, ସ୍ଥାନ: ଗୋପାଳପୁର ବେଳାଭୂମି,ସମୟ: ସକାଳ ୮ଟା।

## ଗଞ୍ଜାମ

- ମହିଳା ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ଛତ୍ରପୁରସ୍ଥିତ ପୁରୁଣା ଏସ୍‌ପି ଅଫିସ,ସମୟ : ସକାଳ ୮ଟା।
- ଅନ୍ତର୍ଜାତୀୟ କୋଷ୍ଟାଲ ସଫେଇ ଦିବସ, ସ୍ଥାନ: ଛତ୍ରପୁର ରଷିକୂଲ୍ୟା ମୁହାଣ, ସମୟ: ସକାଳ ୯ଟା।

## କନ୍ଧମାଳ

- ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ

- ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦଭାବନା ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- ଆନ୍ତର୍ଜାତିକ କୋଷ୍ଟାଲ କ୍ଲିନ ଅପ୍ ଡେ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସକାଳ ୬ଟା।
- ସ୍ୱରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ପାଖ ବେଳାଭୂମି, ପାରାଦୀପ, ସମୟ: ସକାଳ ୭ଟା।
- ପାରାଦୀପ ଟ୍ରକ୍ ମାଲିକସଂଘ ପୂଜା ତୋରଣ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ,ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିକଶିତ ଭାରତ ୨୦୪୭ ଶୀର୍ଷକରେ ଜିଲା ପ୍ରଶାସନ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:କେନ୍ଦ୍ରାପଡା ଟାଉନ ହାଇସ୍କୁଲ, ସମୟ:ସକାଳ ୯ଟା ।
- ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନିକିରାଇ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଏକଦିବସୀୟ ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀ, ସ୍ଥାନ: ଯାଜପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼

- ନାରାୟଣୀଙ୍କ ଷୋଡଶ ପୂଜାର ସପ୍ତମ ଦିବସ, ସ୍ଥାନ:ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ, ସ୍ଥାନ:ଇଟାମାଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ଜବରଦଖଲ ଉଚ୍ଛେଦକୁ ନେଇ ସର୍ଭେ, ସ୍ଥାନ:ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ସେବା ପକ୍ଷର ଏକ ଦିବସୀୟ କର୍ମଶାଳା ସହ ପେଣ୍ଟିଂ ପ୍ରତିଯୋଗିତା, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ଭଲ ବିଦ୍ୟାର୍ଥୀ କିପରି ହେବା କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ ନୀଳମାଧବ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ବିମଳାଙ୍କ ଷୋଡଶ ପୂଜାର ସପ୍ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ଜୋନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଚିତ୍ରାଙ୍କନ କର୍ମଶାଳା, ସ୍ଥାନ: ଆରସିଡି ହାଇସ୍କୁଲ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସ୍ୱାସ୍ଥ୍ୟ ମେଳା, ସ୍ଥାନ: ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଭାଜପାର ରକ୍ତଦାନ ଶିବିର, ସ୍ଥାନ: କାଲିମେଳା ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା ।
- ଜିଲା ପ୍ରଶାସନ ଆୟୋଜନରେ ଜିଲାସ୍ତରୀୟ ଚିତ୍ରକଳା କର୍ମଶାଳା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ବଡବଜାର ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ: ସକାଳ ୯ଟା ।
- ସମ୍ବଲପୁରୀ ଭାଷାରେ ରାବଣ ବଧ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ।
- ସାମ୍ବିଧାନିକ ଅବିଚାର ମଞ୍ଚ ପକ୍ଷରୁ ଅସ୍ପୃଶ୍ୟତା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା ।

## ବଲାଙ୍ଗୀର

- ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ତୁଳସୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା
- ବିଶ୍ୱକର୍ମା ପୂଜା ଉପଲକ୍ଷେ ଅର୍କେଷ୍ଟ୍ରା, ସ୍ଥାନ:ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ, ଠିକାଦାରପଡା ସମୟ: ସନ୍ଧ୍ୟା ୭ଟା

## ରାଉରକେଲା

- କ୍ଷେତ୍ରୀୟ ବନ ବିଭାଗୀୟ କ୍ରୀଡ଼ା ସମ୍ମିଳନୀ, ସ୍ଥାନ: ଆଥ୍‌ଲେଟିକ୍ ଷ୍ଟାଡିୟମ, ବିଶ୍ରା, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚଲୋ ଜିତେ ହେଁ ଚଳଚ୍ଚିତ୍ର ପ୍ରଦର୍ଶନ, ସ୍ଥାନ: ପୁଟୋନ ମଲ୍, ସମୟ: ଅପରାହ୍ନ ୩ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ସ୍ୱଚ୍ଛ ସାଥୀ ଓ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା ଓ ଶ୍ରମଦାନ ତାଲିମ ଶିବିର,ସ୍ଥାନ:କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ,ସମୟ: ସକାଳ ୧୦ଟା।
- ସ୍ୱଚ୍ଛସାଥିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ:କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ଅପରାହ୍ନ ୨ଟା।
- ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ଭବାନୀପୁର ଖେଳପଡିଆ,ସୁନ୍ଦରଗଡ,ସମୟ:ଅପରାହ୍ନ ୩ଟା।

## ବରଗଡ଼

- ସେବା ପକ୍ଷ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶିକ୍ଷଣ ଶିବିର ‘ସମ୍ଭବ’ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସଂଘ ପକ୍ଷରୁ ଜିଲା ଶିକ୍ଷାଅଧିକାରୀଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ସାଧାରଣ ପରେଡ଼ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଯୁକ୍ତ ୨ ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ପୋଲିସ ରିଜର୍ଭ ପଡିଆ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀଯଜ୍ଞ ପାଇଁ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଅଷ୍ଟ ହନୁମାନ ଓ ଅଷ୍ଟବିଷ୍ଣୁଙ୍କୁ ନିମନ୍ତ୍ରଣ କାର୍ଯ୍ୟକ୍ରମ, ସ୍ଥାନ: ସୁରେଶ୍ୱରୀଙ୍କ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ନବାହ୍ନ ପାରାୟଣର ତୃତୀୟ ଦିବସ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନଚକ୍ର, ସ୍ଥାନ: ପିତାମହୁଲ ହାଇସ୍କୁଲ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା
- ତରଭା ଶନି ମନ୍ଦିରଠାରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ରାଜ୍ୟସ୍ତରୀୟ ମାନିକପୁରୀ (ପେନିକା) ସମାଜ ଟଣିଆ ବଂଶର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- କୁଲୁତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଜେଲିନା ଏଣ୍ଟରପ୍ରାଇଜେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏଣ୍ଟରପ୍ରାଇଜେସ କାର୍ଯ୍ୟାଳୟ ତେଲିପଡା ଛକ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଚତୁର୍ଥ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ରବିଙ୍କ ଦୁର୍ବଳତା କାରଣରୁ ପିଲାଙ୍କ ଶିକ୍ଷା ସମ୍ପର୍କୀୟ ସମସ୍ୟା, ଅମୀମାଂସିତ ଆଲୋଚନା ଏବଂ ସମ୍ପର୍କହାନି ହେତୁ ଚିନ୍ତିତ ରହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବନ୍ଧୁଙ୍କ ଗହଣରେ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ବୃଷ** — ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିବା ସହ ନିଜ କାମକୁ ଅବହେଳା କରି ପସ୍ତେଇବେ। ଚତୁର୍ଥଭାବ ପାପଗ୍ରହାକ୍ରାନ୍ତ କାରଣରୁ ନିଜର ଚତୁଃପାର୍ଶ୍ୱରୁ ଚାପର ସମ୍ମୁଖୀନ ହେବେ। ଖର୍ଚ୍ଚ ବୃଦ୍ଧି ଯୋଗୁ ବ୍ୟସ୍ତତା ବଢ଼ିଯାଇପାରେ । ଆନୁଷ୍ଠାନିକ କାର୍ଯ୍ୟକ୍ରମରେ କ୍ରୀଡ଼ା ତଥା ନୃତ୍ୟସଙ୍ଗୀତ ଦ୍ୱାରା ବେଶ୍ ଆଦୃତ ହେବେ।

**ମିଥୁନ** — ଆଜିର ଗ୍ରହସ୍ଥିତି ପ୍ରଭାବରେ ନିର୍ଦ୍ଦିଷ୍ଟ ସମୟରେ କାମ ନ ହୋଇପାରିବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ଋଣଭାରରେ ଅତିଷ୍ଠ ହେବା ସାଙ୍ଗକୁ କରଜଦାତାଙ୍କ ଚାପ ବୃଦ୍ଧି ଦୁଶ୍ଚିନ୍ତାର କାରଣ ହେବ। ସହକର୍ମୀଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଦୂରଯାତ୍ରା ସହ ସବୁ କିଛିର ସମାଧାନ ଆପଣାଛାଏଁ ହୋଇଯିବ ।

**କର୍କଟ** — ଷଷ୍ଠାଧିପ ଷଷ୍ଠ ସ୍ଥାନକୁ ଦୃଷ୍ଟି ଦେଉଥିବା ଯୋଗୁ ପରୋକ୍ଷ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ସମାଲୋଚିତ ହେବେ। ଯାତ୍ରା ସମୟରେ ବିଭିନ୍ନ ସମସ୍ୟାକୁ ଡାକି ଆଣିପାରନ୍ତି। ବନ୍ଧୁଙ୍କ ସହାୟତାରେ ପରିବହନ, ବ୍ୟବସାୟ କ୍ଷେତ୍ରରେ ଉତ୍ତଫଳ ପ୍ରାପ୍ତି ହେବ। ଘରର ବରାଦ ଜିନିଷ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିବାର ସୂଚନା ରହିଛି।

**ସିଂହ** — କର୍ମାଧିପତି ରାଶିରେ ଅବସ୍ଥାନ କରିଥିବାରୁ ନୂତନ କାମର ଯୋଜନା କରି ସଫଳତା ପାଇବେ। ବନ୍ଧୁଙ୍କ ସହ ଆଲୋଚନା,ଖେଳ,ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି। ପରିବାରରେ ସବୁକଥାକୁ ସନ୍ଦେହ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ।

**କନ୍ୟା** — ଗୁରୁକ୍ଷେତ୍ରସ୍ଥ ଶନିଙ୍କ ଯୋଗୁ ଏକ ଭିନ୍ନ ପରିସ୍ଥିତିରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧାରିନେବେ। ପାରିବାରିକ କ୍ଷେତ୍ରରେ ଅତୀତର ବିବାଦୀୟ ଘଟଣାରେ ଚିନ୍ତିତ ରହିବେ। ଆନୁଷ୍ଠାନିକ କାମରେ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର ପ୍ରାପ୍ତି ହେବ।

**ତୁଳା** — ଧନସପ୍ତମାଧିପତି ରାଶିରେ ଅବସ୍ଥାନ କରିଥିବାରୁ ଅର୍ଥସମ୍ବନ୍ଧୀୟ ଟେନ୍‌ସନ ଲାଗିରହିବ। ବିଭିନ୍ନ ଚିନ୍ତା ଉଙ୍କି ମାରିବ ସିନା କାର୍ଯ୍ୟତଃ କିଛିବି କରିପାରିବେ ନାହିଁ। ବ୍ୟୟ ଭାର କ୍ରମଶଃ କମି ଆସିବା ସହ ବ୍ୟବସାୟିକ କ୍ଷେତ୍ର ସନ୍ତୋଷଜନକ ରହିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** — କୋଣଭାବସ୍ଥ ତୃତୀୟାଧିପତିଙ୍କ ଯୋଗୁ ସମ୍ପର୍କୀୟଙ୍କ ଅନୁକୂଳ ମତ ଓ ମନ୍ତବ୍ୟ ମନକୁ ଆମୋଦିତ କରିବ। ପରିଜନଙ୍କ ସହିତ ଦୂରଯାତ୍ରା କରିବା ସକାଶେ ଯୋଜନା କରିପାରନ୍ତି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ଚନ୍ଦ୍ର ଯୁକ୍ତ କେତୁ ପ୍ରଭାବରୁ ଅନ୍ୟମନସ୍କତା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ।

**ଧନୁ** — ଆଜି ଚନ୍ଦ୍ରଙ୍କ ଏକାଦଶସ୍ଥ ଗୁରୁଙ୍କ ଯୋଗୁ କାର୍ଯ୍ୟ ସମ୍ପନ୍ନ କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସକାଳୁ ସକାଳୁ ଯାତ୍ରା, ବନ୍ଧୁ ମିଳନ, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ଆତ୍ମୀୟସ୍ୱଜନଙ୍କ ଦ୍ୱାରା ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ମକର** — ଗ୍ରହମାନଙ୍କ ପ୍ରତିକୂଳ ସ୍ଥିତି ପ୍ରଭାବରୁ ପାରିବାରିକ ସମସ୍ୟା ଉତ୍କଟ ରୂପ ଧାରଣ କରିପାରେ। ସଭାସମିତି, ରାଜନୀତି, ଗବେଷଣା, କଳା, ସାହିତ୍ୟ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଆଜିର ଫେରିବା ବାଟରେ ବନ୍ଧୁଙ୍କ ସହ ସାଧାରଣ ବଚସା ହୋଇପାରେ।

**କୁମ୍ଭ** — କର୍ମକ୍ଷେତ୍ରର କୌଣସି ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ରାହୁଙ୍କ କୁପ୍ରଭାବରୁ ପରିବାରରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରିବା ସହ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ** — ରାଶିରେ ଶନିଙ୍କ ସ୍ଥିତି ଶାରୀରିକ ଏବଂ ମାନସିକ ସ୍ଥିତିକୁ ଶିଥିଳ କରିପାରେ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କାର୍ଯ୍ୟହାନି ଜନିତ ମାନସିକ ଅସ୍ଥିରତା ଲାଗି ରହିବ। ସାମାଜିକ ସ୍ତରରେ ପ୍ରକୃତ ଘଟଣାକୁ ନ ବୁଝି କାମ କଲେ ଅସୁବିଧାରେ ପଡ଼ିବେ। ଅବଶ୍ୟ କର୍ମକ୍ଷେତ୍ର ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ପଦାଧିକାରୀଙ୍କ ଅନୁକମ୍ପା ଲାଭରେ ସହାୟକ ହୋଇପାରିବ।

ଆଜି ସେପ୍ଟେମ୍ବର ୨୦ ତାରିଖ, ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ, ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ସକାଳ ଘ.୦୮।୦୬ ମି. ପର୍ଯ୍ୟନ୍ତ, ମଘା/ସିଂହ, ଚତର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ, ଘ.୧୨।୦୪ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ୦୮।୩୯ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ୪,୭୩୯ କୋଟିର ...

ସେହିପରି ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା.ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ ; ଯଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍କୋ ଆକ୍ଟିଭ ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରେ ୨,୫୦୦ଜଣଙ୍କୁ ନିଯୁକ୍ତି ମିଳିବ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲି. କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଏସ୍.ସି.ଏମ୍. ଗାର୍ମେଣ୍ଟ୍ସ ପ୍ରା.ଲି. କଟକରେ ଏକ ବୃହତ୍ ବୁଣା ପୋଷାକ ୟୁନିଟ୍ ପାଇଁ ୧୫୦ କୋଟି ଟଙ୍କା ନିବେଶ କରି ୪,୦୦୦ନିଯୁକ୍ତି ସୃଷ୍ଟି କରିବ। କାର୍ଲୁ ଟେକ୍ସ ପ୍ରା.ଲି. କଟକରେ ରେଡିମେଡ୍ ପୋଷାକ ୟୁନିଟ୍ ସ୍ଥାପନ ପାଇଁ ୬୦ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୨,୫୦୦ନିଯୁକ୍ତି ସୃଷ୍ଟି ହେବ। ପର୍ଫେକ୍ଟ ଇନ୍‌ଫ୍ରା ଭିଜନ୍ ପ୍ରା.ଲି. ବଲାଙ୍ଗୀରରେ ବସ୍ତ୍ର ଓ ଆନୁଷଙ୍ଗିକ ଉତ୍ପାଦ ୟୁନିଟ୍ ପାଇଁ ୧୧୦.୭୦ କୋଟି ଟଙ୍କା ବିନିଯୋଗ କରି ୧,୦୫୦ ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୱାଭିନୋଭା ପ୍ରା.ଲି. କଟକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୫୭.୫୩ କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଏଥିରେ ୨୧୦ ଜଣ ନିଯୁକ୍ତି ପାଇପାରିବେ। ପିଉ ଫ୍ୟାଶନ ପ୍ରା.ଲି. ଖୋର୍ଦ୍ଧାରେ ପୋଷାକ ୟୁନିଟ୍ ପାଇଁ ୯୬.୯୯ କୋଟି ଟଙ୍କା ନିବେଶ କରି ୩,୭୦୦ଟି ନିଯୁକ୍ତି ଏବଂ ଅଦିତି ଲାଇଫ ଟାଇଲ୍ ପ୍ରା.ଲି. ଖୋର୍ଦ୍ଧାରେ ବୁଣା ବସ୍ତ୍ର ଓ ପୋଷାକ ୟୁନିଟ୍ ପାଇଁ ୨୦୯.୩୬ କୋଟି ଟଙ୍କା ନିବେଶ କରି ୧,୦୮୦ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫-ତାରକା ବିଶିଷ୍ଟ ଆଡ଼ମ୍ବରପୂର୍ଣ୍ଣ ରିସୋର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରେ ୧୫୦ ନିଯୁକ୍ତି ଦେବାକୁ ରହିଥିବାବେଳେ ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା.ଲି. ଖୋର୍ଦ୍ଧାରେ ଭାରି ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ୧୫୦ ଜଣଙ୍କୁ ନିଯୁକ୍ତି ଦେବ।

ସେହିପରି ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲି. ଝାରସୁଗୁଡ଼ାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ଙ୍କୁ ନିଯୁକ୍ତି ଦେବାକୁ ରହିଥିବାବେଳେ ଧାତୁ ଆନୁଷଙ୍ଗିକ କ୍ଷେତ୍ରରେ ମାସ୍କଟ୍ ଇଲେକ୍ଟ୍ରୋମେକ୍ ପ୍ରା.ଲି. ମୟୂରଭଞ୍ଜରେ ୯୭.୭୬ କୋଟି ଟଙ୍କା ବିନିଯୋଗ କରି ୩୫୦ ନିଯୁକ୍ତି ସୃଷ୍ଟି କରିବ । ପୁନଃଚକ୍ରଣ ଅର୍ଥନୀତି(ସର୍କୁଲାର ଇକୋନୋମି) କ୍ଷେତ୍ରରେ ବିଇଆଇଏଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଲି. ଗଞ୍ଜାମରେ ଚିକିତ୍ସା, ସଂରକ୍ଷଣ ଓ ବର୍ଜ୍ୟ ଅପସାରଣ ସୁବିଧା ପାଇଁ ୨୦୦ କେଏଲ୍‌ଡି ଇଟିପି ପାଇଁ ୩୨୦.୭୦ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏହାଦ୍ୱାରା ୧୪୫ ନିଯୁକ୍ତି ସୃଷ୍ଟି ହେବ । ପରିବହନ ଓ ସଞ୍ଚୟ କ୍ଷେତ୍ରରେ ସାଇଜାର୍ ଇଣ୍ଟରପ୍ରାଇଜ୍ ପ୍ରା.ଲି. ଅନୁଗୋଳରେ ଗୋଦାମ ଓ ଲଜିଷ୍ଟିକ୍ସ ପାର୍କ ପାଇଁ ୧୨୭.୮୬ କୋଟି ଟଙ୍କା ନିବେଶ କରି ୩୧୦ ନିଯୁକ୍ତି ସୃଷ୍ଟି କରିବ। ବିଦ୍ୟୁତ୍ ଓ ନବୀକରଣ ଯୋଗ୍ୟ ଉର୍ଜା କ୍ଷେତ୍ରରେ ପ୍ରୋଜିଲ୍ ଗ୍ରୀନ୍ ଏନର୍ଜି ଲି. ସୁବର୍ଣ୍ଣପୁରରେ ୬୯.୫ ମେଗାୱାଟ୍ ସୌର ପାର୍କ ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରି ୩୬୦ ନିଯୁକ୍ତି ସୃଷ୍ଟି, ଶୀତଳ ଭଣ୍ଡାର ଓ କୋଲ୍ଡ ଚେନ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପିପିଡି ଇସ୍ପାତ ପ୍ରା.ଲି. ଗଜପତିରେ ୨୦,୦୦୦ ମେଟ୍ରିକ୍ ଟନ ବିଶିଷ୍ଟ ଶୀତଳ ଭଣ୍ଡାର ୟୁନିଟ୍ ପାଇଁ ୫୧ କୋଟି ଟଙ୍କା ବିନିଯୋଗ ସହ ୧୨୦ଟି ନିଯୁକ୍ତି ସୃଷ୍ଟି, ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେଶିଆଲ୍ଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ୍ ଇଲେକ୍ଟ୍ରୋଡ୍ ପେଷ୍ଟ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

## ୨ ପୁଅଙ୍କୁ ବିଷ ...

କାଳୀଚରଣ ପ୍ରଧାନଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ଏଥିପାଇଁ ସେ ଚିକିତ୍ସିତ ମଧ୍ୟ ହେଉଥିଲେ। ଗାଁରେ ତାଙ୍କର ଏକ ତେଜରାତି ଦୋକାନ ରହିଛି। ଅନେକ ସମୟରେ ସେ ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିଲେ। ଗୁରୁବାର ରାତିରେ କଳହ ସହ ମାରପିଟ କରିଥିଲେ। ଶୁକ୍ରବାର ସକାଳେ ମାରପିଟ କରିବାରୁ ସ୍ତ୍ରୀ ଘର ଛାଡ଼ି କେଉଁଆଡ଼େ ଚାଲି ଯାଇଥିଲେ। ଏହାପରେ ୮ମ ଶ୍ରେଣୀରେ ପଢୁଥିବା ବଡ଼ପୁଅ ଓ ୨ୟ ଶ୍ରେଣୀରେ ପଢୁଥିବା ସାନପୁଅକୁ ସ୍କୁଲ ନେବାକୁ କହି କାଳୀଚରଣ ବାଇକ୍‌ରେ ବସାଇଥିଲେ। ହେଲେ ଗାଁଠାରୁ ପ୍ରାୟ ୨୫ କି.ମି. ଦୂର ନୂଆକ୍ଷେତା ଅଞ୍ଚଳକୁ ନେଇ ବିଷ ପିଆଇ ଦେଇଥିଲେ। ୨ ନାବାଳକଙ୍କ ଚିତ୍କାର ଶୁଣି ନୂଆକ୍ଷେତା ଗାଁର କେତେଜଣ ଯୁବକ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରୁ ଡାକ୍ତର ଉଭୟଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ଅନ୍ୟପକ୍ଷରେ ବିଷ ପିଆଇଥିବା କାଳୀଚରଣଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ବନ୍ତଳା ପୋଲିସକୁ ଖବର ଦେଇଥିଲେ। ବନ୍ତଳା ପୋଲିସ ନୂଆକ୍ଷେତାରେ ପହଞ୍ଚି କାଳୀଚରଣଙ୍କୁ ଗାଡ଼ିରେ ଥାନାକୁ ନେଉଥିବା ବେଳେ ସେ ଗାଡ଼ିର ଡୋର, କାଚ ଆଦି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏଥିସହ ଏଏସ୍‌ଆଇ ନୀଳାଞ୍ଚଳ ବିଶ୍ୱାଳଙ୍କୁ କାମୁଡ଼ି ଦେଇଥିଲେ। ଅନ୍ୟ ୨ ପୋଲିସ କର୍ମଚାରୀଙ୍କୁ ଖଣ୍ଡିଆ ଖାବରା କରିଦେଇଥିଲେ। ଥାନାରେ ପହଞ୍ଚି ସେ ଉତ୍ପାତ କରିବା ସହ ଅଚେତ ହୋଇଯାଇଥିଲେ। ପରେ ପୋଲିସ ତାଙ୍କୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। କାଳୀଚରଣଙ୍କ ପରିବାର ପକ୍ଷରୁ ଜରପଡ଼ା ଥାନାରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କାଳୀଚରଣଙ୍କ ଚିକିତ୍ସା କରୁଥିବା ଡାକ୍ତର ସ୍ନିଗ୍ଧା ସାହୁ କହିଛନ୍ତି, ଅଭିଯୁକ୍ତ ସୁସ୍ଥ ଅଛନ୍ତି। ଅତ୍ୟଧିକ ମଦ୍ୟପାନ କରିଥିବା ଜଣାପଡିଛି। ସେ ଜଣେ ବିକୃତ ମାନସିକଧାରୀ ବ୍ୟକ୍ତି ହୋଇଥାଇପାରନ୍ତି।

## ‘ୟା ଅଲି’ ଗାୟକ...

ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସିଙ୍ଗାପୁର ନର୍ଥ ଇଷ୍ଟ ଫେଷ୍ଟିଭାଲରେ ସଙ୍ଗୀତ ପ୍ରଦର୍ଶନ କରିବା ପାଇଁ ସେ ସେଠାକୁ ଯାଇଥିଲେ। ୧୯୭୨ ନଭେମ୍ବର ୧୮ରେ ଆସାମର ଜୋରହାଟରେ ଜୁବୀନ ଜନ୍ମ ହୋଇଥିଲେ। ଅହମିୟା, ବଙ୍ଗାଳୀ, ହିନ୍ଦୀ ସମେତ ୩୦ରୁ ଅଧିକ ଭାଷାରେ ଗୀତ ଗାଇ ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ। ଆସାମର ରକ୍‌ଷ୍ଟାର ଭାବେ ସେ ପରିଚିତ ଥିଲେ। ୨୦୦୬ରେ ଜୁବୀନ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଅଭିନେତା ଇମ୍ରାନ୍ ହାସମୀଙ୍କ ‘ଗ୍ୟାଙ୍ଗଷ୍ଟର’ ଫିଲ୍ମର ‘ୟା ଅଲି’ ଗୀତ ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଯୁବପିଢ଼ିଙ୍କ ମଧ୍ୟରେ ଏହି ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା ଏବଂ ସାରା ଦେଶରେ ଜୁବୀନ ପ୍ରସିଦ୍ଧି ପାଇଥିଲେ। ଏହାପରେ ମଧ୍ୟ ସେ ଅନେକ ବଲିଉଡ୍ ଫିଲ୍ମର ଗୀତ ଗାଇଛନ୍ତି। ଜୁବୀନଙ୍କ ଅକାଳ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଶୋକ ପ୍ରକଟ କରିଛନ୍ତି।

## ଗୁପ୍‌ଚୁପ୍ ପାଇଁ ...

ଯାଇଥିଲା। ତେବେ ଘଟଣାକୁ ନେଇ ଗୁପ୍‌ଚୁପ୍ ବିକାଳି କହିଛନ୍ତି, ତାଙ୍କ ବିରୋଧରେ ମହିଳା ଜଣକ ମିଥ୍ୟା ଅଭିଯୋଗ ଆଣିଛନ୍ତି। ସେ ତାଙ୍କୁ ଅତିରିକ୍ତ ଗୁପ୍‌ଚୁପ୍ ଖୁଆଇଥିଲେ। ଅନେକ ବର୍ଷ ହେବ ଠେଲା ଗାଡ଼ିରେ ଗୁପ୍‌ଚୁପ୍ ବିକୁଥିଲେ ମଧ୍ୟ ଏପରି ଅନୁଭବ ତାଙ୍କୁ ପ୍ରଥମ ଥର ପାଇଁ ହୋଇଥିବା ସେ କହିଛନ୍ତି।

## ଦୋମୁହାଁ ଖେଳରେ ...

ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି ତାହା ଉପରେ ଚର୍ଚ୍ଚା କି ଆଲୋଚନା ହୋଇପାରିବ ନାହିଁ; ଯାହାକି ପରବର୍ତ୍ତୀ ସମୟରେ ରାଜ୍ୟସ୍ତରୀରେ ବାର୍ତ୍ତା ଯିବ ବିରୋଧୀ ଗୃହ ଚଳାଇ ଦେଲେନାହିଁ। ଏହା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ସରକାରଙ୍କୁ ସାହାଯ୍ୟ କରୁଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେବା ଆରମ୍ଭ ହୋଇଗଲାଣି। ଅନ୍ୟପଟେ ବିଜେଡିର କେତେଜଣ ବରିଷ୍ଠ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉପରୁ ଯାହା ଚୂଡ଼ାନ୍ତ ହୋଇସାରିଛି ତାହାକୁ ବିଜେଡି ବିଧାନସଭାରେ ଲାଗୁକରୁଛି। ରାଜ୍ୟରେ କଂଗ୍ରେସ ଯେଉଁଭଳି ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିଛି ସେଥିରେ ଯଦି ବିଜେଡି ସାମିଲ ହୁଏ ତେବେ ଏହା ସରକାରଙ୍କ ପାଇଁ ଏକ ପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ତେଣୁ କଂଗ୍ରେସ ଉଠାଉଥିବା ପ୍ରସଙ୍ଗକୁ ସମର୍ଥନ ନ ଦେଇ ବିଜେଡି ନିଜ ବାଟରେ ଚାଲିବା ଦ୍ୱାରା ବିରୋଧୀ ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଭିତରେ ଏହି ସ୍ୱଳ୍ପଦିନିଆ ମୌସୁମୀ ଅଧିବେଶନ ଶେଷ ହୋଇଯିବ। ଉପରାଷ୍ଟ୍ରପତି ନିର୍ବାଚନ ସମୟରେ ବିଜେଡି ଯେଉଁଭଳି ଭୋଟ ଦେବାରୁ ବିରତି ରହି ପରୋକ୍ଷରେ ଭାଜପାକୁ ସମର୍ଥନଦେଲା ବୋଲି ଚର୍ଚ୍ଚା ହେଲା ତାହା ରାଜ୍ୟରେ ମଧ୍ୟ ସମାନ ଆଭିମୁଖ୍ୟ ଆପଣାଇଛି। ତେଣୁ ବିଜେଡିର ଏଭଳି ଦୋମୁହାଁ ନୀତି କିଛି ନୂଆ ନୁହେଁ ବୋଲି ଆଲୋଚନା ହେଉଛି।

ଅନ୍ୟପଟେ ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ତାରାପ୍ରସାଦ ବାହିନୀପତି, ସି.ଏସ. ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋସ ଏବଂ ଅଶୋକ ଦାସଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ଅନାସ୍ଥା ଆଣିବା ପୂର୍ବରୁ କଂଗ୍ରେସ ସଦସ୍ୟମାନେ ଏହି ପ୍ରସଙ୍ଗରେ ଗଣମାଧ୍ୟମରେ ଆଲୋଚନା କରିଥିବାରୁ ଏଭଳି ଅନାସ୍ଥା ପ୍ରସ୍ତାବ ଆଣିଥିବା ପଦ୍ମଲୋଚନ ପଣ୍ଡା କହିଛନ୍ତି। ଏହାକୁ ତର୍ଜମାକରି ଗୃହକୁ ଜଣାଇବେ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

GOVERNMENT OF INDIA
MINISTRY OF PORTS, SHIPPING AND WATERWAYS
SAGARMALA




# ସାମୁଦ୍ରିକ କ୍ଷେତ୍ରର ରୂପାନ୍ତରଣ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
ସେବା ହିଁ ସଂକଳ୍ପ, ଭାରତ ପ୍ରଥମ ପ୍ରେରଣା...୭୫ ବର୍ଷ

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ଉତ୍ସବ

## ₹୩୪,୦୦୦ କୋଟି ମୂଲ୍ୟର

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

- ଶ୍ୟାମା ପ୍ରସାଦ ମୁଖର୍ଜୀ ବନ୍ଦର, କୋଲକାତାଠାରେ ନୂଆ କଣ୍ଟେନର ଟର୍ମିନାଲ ଓ ଅନ୍ୟାନ୍ୟ ପ୍ରକଳ୍ପ
- ପାରାଦୀପ ବନ୍ଦରଠାରେ ନୂଆ କଣ୍ଟେନର ବର୍ଥ, କାର୍ଗୋ ହ୍ୟାଣ୍ଡଲିଂ ସୁବିଧା ଓ ଅନ୍ୟାନ୍ୟ ପ୍ରକଳ୍ପ
- କାମାରାଜାର ବନ୍ଦର, ଏନୋରେଠାରେ ଅଗ୍ନି ନିର୍ବାପନ ସୁବିଧା, ଆଧୁନିକ ସଡ଼କ ସଂଯୋଗୀକରଣ ଏବଂ ଅନ୍ୟାନ୍ୟ ପ୍ରକଳ୍ପ
- ଚେନ୍ନାଇ ବନ୍ଦରଠାରେ ତଟ ସୁରକ୍ଷା ପାଇଁ ସୁଦୃଢ଼ ସମୁଦ୍ର-ପ୍ରାଚୀର ଏବଂ ପଥରବନ୍ଧ
- ଦୀନଦୟାଲ ବନ୍ଦର, କାନ୍ଦଲାଠାରେ ଟୁନା ଟେକ୍ରାରେ ବହୁ ଉଦ୍ଦେଶୀୟ କାର୍ଗୋ ବର୍ଥ
- କାର ନିକୋବର ଦ୍ୱୀପରେ ସମୁଦ୍ର-ପ୍ରାଚୀର
- ଦୀନଦୟାଲ ବନ୍ଦର, କାନ୍ଦଲାଠାରେ ସବୁଜ ବାୟୋ-ମିଥାନଲ କାରଖାନା, ତୈଳ ଜେଟି ଓ ଅନ୍ୟାନ୍ୟ ପ୍ରକଳ୍ପ
- ପାଟନାଠାରେ ଜାହାଜ ମରାମତି କାରଖାନା
- ବାରାଣସୀଠାରେ ଜାହାଜ ମରାମତି କାରଖାନା ଏବଂ ଫ୍ରେଟ୍ ଭିଲେଜ୍
- ୭୦ କିମି ଏନ୍‌ଏଚ୍‌ର ଚାରି ଲେନ୍ ପ୍ରକଳ୍ପ
- ସାର୍. ଟି. ହସ୍ପିଟାଲଠାରେ ଆକାଡେମିକ୍ ବ୍ଲକ୍, ଟିଟିଂ ହସ୍ପିଟାଲ ଏବଂ ଏମ୍‌ସିଏଚ୍ ବ୍ଲକ୍
- ଜିଜିଜି ହସ୍ପିଟାଲ, ଜାମନଗରଠାରେ ଓପିଡି, ଏମ୍‌ସିଏଚ୍ ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲ

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

- ଇନ୍ଦିରା ଡକ୍, ମୁମ୍ବାଇ ବନ୍ଦରଠାରେ ମୁମ୍ବାଇ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ (ଏମ୍‌ଆଇସିଟି)
- ଛାରା ବନ୍ଦରଠାରେ ଏଚ୍‌ପିଏଲ୍‌ଏନ୍‌ଜି ରିଗ୍ୟାସିଫିକେଶନ୍ ଟର୍ମିନାଲ ଏବଂ ଗୁଜରାଟ ଆଇଓସିଏଲ୍ ରିଫାଇନେରୀଠାରେ ଆକ୍ରିଲିକ୍ସ ଓ ଓକ୍ସୋ ଆଲକହଲ୍ ପ୍ରକଳ୍ପ
- ସବୁଜ ଶକ୍ତି ନିମନ୍ତେ ୨୮୦ ଏମ୍‌ଡବ୍ଲ୍ୟୁଏସି / ୪୦୦ ଏମ୍‌ଡବ୍ଲ୍ୟୁଡିସି ସୌର ପ୍ରକଳ୍ପ ଏବଂ ଏକ ୬୦୦ ମେଗାୱାଟ୍ ଗ୍ରୀନ୍ ଶୁ' ପଦକ୍ଷେପ
- ଗୁଜରାଟରେ କୃଷକଙ୍କ ପାଇଁ ପିଏମ୍-କୁସୁମ ୪୭୫ ମେଗାୱାଟ୍ କ୍ଷମତାର କମ୍ପୋନେଣ୍ଟ ସି-ଫିଡର୍
- ୪୫ ମେଗାୱାଟ୍ ସରକାରୀ ପତିତ ଜମି ସୌର ପିଭି ପ୍ରକଳ୍ପ, ବଦେଲୀ
- ଧୋରଡୋ ଗ୍ରାମର ୧୦୦% ସୌରଶକ୍ତୀକରଣ

### ଶିଳ୍ପ ଏମ୍‌ଓୟୁ

- ଜାହାଜ ନିର୍ମାଣ ପାଇଁ ସିଏସ୍‌ଏଲ୍ ଓ ଏଚ୍‌ଡି କେଏସ୍‌ଓଇ ମଧ୍ୟରେ ଏମ୍‌ଓୟୁ
- ଭାରତରେ ଭେସେଲ୍ ଜାହାଜନିର୍ମାଣ ପାଇଁ ଏସ୍‌ସିଆଇ ତଥା ଆଇଓସିଏଲ୍, ବିପିସିଏଲ୍ ଓ ଏଚ୍‌ପିସିଏଲ୍ ମଧ୍ୟରେ ଏମ୍‌ଓୟୁ
- ଜାହାଜ ନିର୍ମାଣ ପାରିସ୍ଥିତିକତନ୍ତ୍ର ପାଇଁ ଏମ୍‌ଡିଏଲ୍, ସିଏସ୍‌ଏଲ୍, ଜିଆର୍‌ଏସ୍‌ଇ, ତାମିଲନାଡୁ ସରକାର ଏବଂ ଜିଏମ୍‌ବି ମଧ୍ୟରେ ଏକାଧିକ ଏମ୍‌ଓୟୁ
- ଜାହାଜ ନିର୍ମାଣ ପାରିସ୍ଥିତିକତନ୍ତ୍ରର ବିକାଶ ପାଇଁ ରାଜ୍ୟଗୁଡ଼ିକ ସହ ଏମ୍‌ଓୟୁ: (i) ଆନ୍ଧ୍ରପ୍ରଦେଶ, (ii) ଓଡ଼ିଶା, (iii) ଗୁଜରାଟ, (iv) ମହାରାଷ୍ଟ୍ର, (v) ତାମିଲନାଡୁ

ମାନ୍ୟବର ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

ଶନିବାର, ୨୦ ସେପ୍ଟେମ୍ବର ୨୦୨୫ । ସମୟ: ପୂର୍ବାହ୍ନ ୧୦.୦୦ ଘଟିକା । ସ୍ଥାନ: ଜବାହର ଗ୍ରାଉଣ୍ଡ, ଭାବନଗର, ଗୁଜରାଟ

### ପ୍ରମୁଖ ଲାଭ

- ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି
- ବନ୍ଦର ସଂଯୋଗୀକରଣ ଓ ଦକ୍ଷତା ବୃଦ୍ଧି
- ଜାହାଜ ଚଳାଚଳ ଓ ସ୍ୱଦେଶୀ ଜାହାଜ ନିର୍ମାଣର ବିକାଶ
- ବନ୍ଦର ସୁରକ୍ଷା ଏବଂ ନିରାପତ୍ତାର ସୁଦୃଢ଼ୀକରଣ
- ଜୀବନର ମାନରେ ଉନ୍ନତି
- ସବୁଜ ଶକ୍ତି ଏବଂ ପୋଷଣୀୟ ବିକାଶକୁ ପ୍ରୋତ୍ସାହନ
- ଉତ୍ତମ ସଂଯୋଗୀକରଣ ଓ ପରିବହନ
- ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକର ସୁଦୃଢ଼ୀକରଣ

### ଗରିମାମୟ ଉପସ୍ଥିତି

| ଶ୍ରୀ ସର୍ବାନନ୍ଦ ସୋନୋୱାଲ | ଶ୍ରୀ ମନସୁଖ ମାଣ୍ଡବ୍ୟ | ଶ୍ରୀ ସିଆର୍ ପାଟିଲ | ଶ୍ରୀ ଭୂପେନ୍ଦ୍ରଭାଇ ପଟେଲ | ଶ୍ରୀ ଶାନ୍ତନୁ ଠାକୁର | ଶ୍ରୀମତୀ ନିମୁବେନ ବାମ୍ଭାନିୟା |
|---|---|---|---|---|---|
| କେନ୍ଦ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳଚଳ ଓ ଜଳମାର୍ଗ | କେନ୍ଦ୍ରମନ୍ତ୍ରୀ, ଶ୍ରମ ଓ ସଶକ୍ତୀକରଣ ତଥା ଯୁବ ବ୍ୟାପାର ଓ କ୍ରୀଡ଼ା | କେନ୍ଦ୍ରମନ୍ତ୍ରୀ, ଜଳ ଶକ୍ତି | ମୁଖ୍ୟମନ୍ତ୍ରୀ, ଗୁଜରାଟ | ରାଷ୍ଟ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ | ରାଷ୍ଟ୍ରମନ୍ତ୍ରୀ, ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ |

ShipminIndia | Shipmin_India | Sagarmala Project | Sagarmala.gov.in / shipmin.gov.in | LIVE STREAM ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ

> ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ

# ଖବରରେ ଖେଡ୍‌କର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ୟୁପିଏସ୍‌ସି ଠକେଇଠାରୁ ଆରମ୍ଭକରି ଅପହରଣ ଅଭିଯୋଗ ପର୍ଯ୍ୟନ୍ତ ପୂଜା ଖେଡ୍‌କରଙ୍କ କାହାଣୀ ଏକ ଦୁଃଖସୁଖପୂର୍ଣ୍ଣ ନାଟକ ହୋଇଯାଇଛି। ଠକେଇ କଥା ଜନମାନସରୁ ଅପସରି ଯାଉଥିବାବେଳେ ପୁନର୍ବାର ଏକ ନୂଆ ଘଟଣା ଖବରର ଶିରୋନାମା ହୋଇଛି। ନିକଟରେ ନଭି ମୁମ୍ବାଇର ଏକ ରାସ୍ତାରେ ଗୋଟିଏ ସିମେଣ୍ଟ ମିକ୍ସର ଟ୍ରକର ହେଲ୍‌ପର ନିଖୋଜ ହେବା ଘଟଣା ପୂଜା ଖେଡ୍‌କରଙ୍କୁ ବିବାଦୀୟ କରିଛି। ପୂଜା ଅଟୋମୋବାଇଲ ନାମରେ ପଞ୍ଜୀକୃତ ପୁଣେର ଏକ ବଙ୍ଗଳାରୁ ଅପହୃତ ହେଲପରଙ୍କୁ ଉଦ୍ଧାର କରାଯାଇଥିଲା, ଯାହା ସହ ଖେଡ୍‌କରଙ୍କ ସମ୍ପର୍କ ରହିଥିବା କୁହାଯାଉଛି। ଏହାସହ ତାଙ୍କ ମା’ ପୋଲିସକୁ ଘରେ ପୂରାଇ ଦେଇ ନ ଥିବାରୁ ଘଟଣା ଆହୁରି ଜଟିଳ ହୋଇଯାଇଥିବା ଜଣାପଡ଼ିଛି। ତେବେ ଅପହରଣକାରୀଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ଏକ ଏଫ୍‌ଆଇଆର୍ ଦାୟର କରି ଅପହରଣ ଘଟଣାର ତଦନ୍ତ ଚାଲୁରଖିଛି। ଖେଡ୍‌କର ଏଭଳି ବିବାଦୀୟ ହେବା କିଛି ନୂଆ କଥା ନୁହେଁ। ପୂର୍ବରୁ ସେ ୟୁପିଏସ୍‌ସି ପରୀକ୍ଷାରେ ନକଲି ଓବିସି ଓ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଦେଇ ଆଇଏଏସ ପାଇଁ ପ୍ରୋଭିଜନାଲ ଚୟନ ହେବା ପରେ ତାଙ୍କୁ ବରଖାସ୍ତ କରାଯାଇଥିଲା। ତେବେ ଖେଡ୍‌କର ଅପହରଣ ଯୋଜନା କରିଥିଲେ କି ନାହିଁ ସେ ସମ୍ପର୍କରେ ଏଯାବତ ପ୍ରମାଣ ମିଳିନାହିଁ। ଜଣେ ପବ୍ଲିକ ସର୍ଭିସ ଆଶାୟୀ କିଭଳି ସାର୍ବଜନୀନ ସ୍ତରରେ ବିବାଦୀୟ ହୋଇପାରନ୍ତି ତାହା ଏହି ଅଧ୍ୟାୟରୁ ସ୍ପଷ୍ଟ ହୁଏ। ଏହି ଅପହରଣ ଘଟଣାରେ ପୋଲିସର ପଦକ୍ଷେପ, ସମ୍ପତ୍ତିର ମାଲିକାନା ଏବଂ ରାଜନୈତିକ କିମ୍ବା ସାମାଜିକ ସମ୍ପର୍କକୁ ବିଚାରକୁ ନେଲେ ସାମ୍ନାକୁ ଆସିଥିବା ୟୁପିଏସ୍‌ସି ଠକେଇଠାରୁ ଏହା ଅଧିକ ମନେ ହେଉଛି।

### ଖୋଲା କର୍ତ୍ତବ୍ୟ ଭବନ

ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟର ନୂଆ କର୍ତ୍ତବ୍ୟ ଭବନ-୩କୁ ନେଇ ନିର୍ଦ୍ଦିଷ୍ଟ ବର୍ଗର ବାବୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ( ସିଏସ୍‌ଏସ୍) ଫୋରମ୍‌ର ୧୩,୦୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏବଂ ଗୃହନିର୍ମାଣ ଓ ସହର ବ୍ୟାପାର ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଛନ୍ତି ଯେ, ଅଫିସ୍ ପାଇଁ ନୂଆ ଭବନରେ ଆବଣ୍ଟିତ ସ୍ଥାନ ସରକାରଙ୍କ ୨୦୧୭ ନିୟମକୁ ପାଳନ କରୁନାହିଁ। ଏହି ନିୟମରେ ଡେପୁଟି ସେକ୍ରେଟାରି ଓ ଡାଇରେକ୍ଟର ପାଇଁ ୨୪୦ ବର୍ଗଫୁଟ, ଅଣ୍ଡର୍ ସେକ୍ରେଟାରିଙ୍କ ପାଇଁ ୧୨୦ ବର୍ଗଫୁଟ. ସେକ୍ସନ ଅଫିସରଙ୍କ ପାଇଁ ୬୦ ବର୍ଗଫୁଟ ଏବଂ ଆସିଷ୍ଟାଣ୍ଟ ସେକ୍ସନ ଅଫିସରଙ୍କ ପାଇଁ ୪୦ ବର୍ଗଫୁଟ ସ୍ଥାନ ନିଶ୍ଚିତ କରାଯାଇଛି। କିନ୍ତୁ ଏହା ପରିବର୍ତ୍ତେ ଛୋଟ ଛୋଟ ଭାଗରେ ବିଭକ୍ତ ବିରାଟ ଖୋଲା ହଲ୍‌ରେ ଅଧିକାରୀମାନଙ୍କୁ ଅଧିକ ସଂଖ୍ୟାରେ ବସିବାର ବ୍ୟବସ୍ଥା କରାଯାଇଛି। ଏପରିକି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭଳି ସମ୍ବେଦନଶୀଳ ମନ୍ତ୍ରଣାଳୟଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଭାବେ ସ୍ଥାନ ଦିଆଯାଇନାହିଁ। ସରକାରଙ୍କ ଯୁକ୍ତି ହେଉଛି, ଓପନ୍ ପ୍ଲାନ୍ ଅଫିସ ଆଧୁନିକତା, ନିରନ୍ତରତା ଓ ଦକ୍ଷତାକୁ ପ୍ରତିପାଦିତ କରେ। ବାବୁମାନେ ଯୁକ୍ତି କରନ୍ତି , ସେମାନେ ଶେୟାର ବଜାର ଟିପ୍ସ ଦେବାକୁ ବସୁ ନାହାନ୍ତି, ବରଂ ସେମାନେ ଭିଜିଲାନ୍ସ ବିଷୟ, କୋର୍ଟ କେସ୍ ଏବଂ ଗୋପନୀୟ ଫାଇଲ କାମ କରିବାକୁ ଆସିଛନ୍ତି। ବିଶ୍ୱସ୍ତରୀୟ ଗବେଷଣାଗୁଡ଼ିକ ବାରମ୍ବାର ସ୍ପଷ୍ଟ କରିଛି ଯେ, ଖୋଲା ଅଫିସ ଆକର୍ଷଣୀୟ ଦେଖାଗଲେ ମଧ୍ୟ ତାହା ଉତ୍ପାଦକତା ହ୍ରାସ କରେ, ଏକାଗ୍ରତାରେ ବାଧା ଆଣେ ଏବଂ କୋଳାହଳ ସ୍ଥିତି ସୃଷ୍ଟି କରେ, ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଥାଏ। ତେବେ ସରକାର ନିଜେ ଅଧିକାରୀଙ୍କ ପାଇଁ ସ୍ଥାନ ନିଶ୍ଚିତ କରିଥିବାବେଳେ ଏକ ଆଖିଦୃଶିଆ ପ୍ରୋଜେକ୍ଟରେ କାହିଁକି ତାହାକୁ ଅଣଦେଖା କରିଛନ୍ତି ?

### ଅପାରଦର୍ଶୀ ନୀତି

ଶୀର୍ଷ ପଦବୀରେ ରହୁଥିବା ବାବୁମାନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କେନ୍ଦ୍ର ଗୋଟିଏ ସପ୍ତାହରେ ସମ୍ପୂର୍ଣ୍ଣ ମନା କରୁଥିବାବେଳେ ପର ସପ୍ତାହରେ ଠିକ୍ ଅଛି ଓ ଆଗକୁ ବଢ଼ ବୋଲି କହୁଛି। ଝାଡ଼ଖଣ୍ଡ ଏହାର କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅନୁରାଗ ଗୁପ୍ତାଙ୍କୁ ଏପ୍ରିଲ ୩୦ ପରେ ରଖିବା ପାଇଁ କରିଥିବା ଆବେଦନକୁ କେନ୍ଦ୍ର ଖାରଜ କରିଦେଇଥିଲା। ସେହିଭଳି ଡିଜିପି ପ୍ରଶାନ୍ତ କୁମାରଙ୍କୁ ରଖିବା ଲାଗି ଉତ୍ତରପ୍ରଦେଶର ଅନୁରୋଧକୁ ଅସ୍ୱୀକାର କରିଥିଲା। ଉତ୍ତରପ୍ରଦେଶ ତାହାର ମୁଖ୍ୟଶାସନ ସଚିବ ମନୋଜ କୁମାର ସିଂଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ କରିଥିବା ଆବେଦନକୁ ଡିଓପିଟି ରଦ୍ଦ କରିବା ପରେ ବିହାର ତାହାର ମୁଖ୍ୟ ଶାସନ ସଚିବ ଅମ୍ରିତ ଲାଲ୍ ମୀନାଙ୍କୁ ଅଧିକ ଦିନ ରଖିବାକୁ ଚାହିଁଥିଲେ ବି ମନା କରିଦେଇଥିଲା। କିନ୍ତୁ ପରେ ମଧ୍ୟପ୍ରଦେଶରେ ଅନୁରାଗ ଜୈନଙ୍କୁ ମୁଖ୍ୟ ଶାସନ ସଚିବ ଭାବେ ଆଉ ବର୍ଷେ ଏବଂ ତେଲଙ୍ଗାନାର ମୁଖ୍ୟ ଶାସନ ସଚିବ କେ. ରାମକୃଷ୍ଣ ରାଓଙ୍କ କାର୍ଯ୍ୟକାଳ ୭ମାସ ବୃଦ୍ଧି କରିବା ପାଇଁ ଅନୁମତି ଦିଆଗଲା। ମହାରାଷ୍ଟ୍ରରେ ରାଜେଶ କୁମାରଙ୍କ କାର୍ଯ୍ୟକାଳ ୩ ମାସ ବଢ଼ାଗଲା। ବିଶେଷଜ୍ଞଙ୍କ ମତରେ ଏହା ଏକ ଅପାରଦର୍ଶୀ ନୀତି। କେଉଁ ନିୟମରେ କ’ଣ କରାଯିବ ତାହାର ଠିକ୍ ମାନଦଣ୍ଡ ସରକାର ପ୍ରକାଶ କରୁନାହାନ୍ତି। ପ୍ରକ୍ରିୟା ଓ ପଦାନୁକ୍ରମକୁ ନେଇ ଗର୍ବ କରୁଥିବା ଏକ ବ୍ୟବସ୍ଥାରେ ଭାବନାରେ ଅଚାନକ ପରିବର୍ତ୍ତନ ହେବା ଭଳି ଦେଖାଯାଉଛି। ମୁଖ୍ୟ ଶାସନ ସଚିବ ଏବଂ ଡିଜିପିଙ୍କ ଭଳି ବରିଷ୍ଠ ଅଧିକାରୀମାନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ଜୁଆ ଚକ୍ର ଭଳି ନିୟନ୍ତ୍ରଣ କରାଯାଉଥିବାରୁ ଏହା ଉତ୍ତରାଧିକାର ଯୋଜନାକୁ ବିଗାଡ଼ି ଦେଉଛି ଏବଂ ରାଜ୍ୟ ସରକାରଗୁଡ଼ିକୁ କଠିନ ସ୍ଥିତିରେ ପକାଉଛି। ସତ ହୋଇ ନ ପାରେ, କିନ୍ତୁ କଥା ଉଠୁଛି ଯେ, କେନ୍ଦ୍ର ତା’ ସପକ୍ଷରେ ଥିବା ରାଜ୍ୟ ପାଇଁ କାମ କରୁଛି। ଏହା ମଧ୍ୟ ଏକ ବାର୍ତ୍ତା ଦେଉଛି ଯେ, ପାଗ ଦେଖି ନିୟମର ପରିବର୍ତ୍ତନ କରାଯାଉଛି।

Email: dilipcherian@gmail.com

## su|do|ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | 1 | 8 |
| | 8 | | 7 | | | 3 | | |
| | | 5 | | 6 | | | | |
| | | | 1 | | | | 3 | |
| 3 | | 4 | | 2 | | | | |
| | 2 | | | | | 7 | 6 | |
| | | 7 | | | 5 | 2 | | |
| 8 | | | | | | 9 | | |
| 2 | | | | | 9 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 9 | 2 | 1 | 8 | 3 | 6 | 7 |
| 7 | 8 | 3 | 9 | 6 | 4 | 2 | 5 | 1 |
| 1 | 2 | 6 | 3 | 5 | 7 | 8 | 9 | 4 |
| 8 | 3 | 5 | 7 | 4 | 2 | 6 | 1 | 9 |
| 2 | 6 | 1 | 5 | 8 | 9 | 4 | 7 | 3 |
| 4 | 9 | 7 | 1 | 3 | 6 | 5 | 8 | 2 |
| 6 | 7 | 8 | 4 | 9 | 3 | 1 | 2 | 5 |
| 9 | 5 | 4 | 8 | 2 | 1 | 7 | 3 | 6 |
| 3 | 1 | 2 | 6 | 7 | 5 | 9 | 4 | 8 |

ଗତକାଲିର ଉତ୍ତର

# ଶିକ୍ଷକ ନିର୍ଯାତନା



ଡ. ସୁବାସ ଚନ୍ଦ୍ର ପାତ୍ର

ଛାତ୍ରୀ ନିର୍ଯାତନା ତଥା ଅନ୍ୟାନ୍ୟ କୋଳାହଳ ମଧ୍ୟରେ ଉଚ୍ଚଶିକ୍ଷାରେ ନିୟୋଜିତ ଶିକ୍ଷକମାନଙ୍କର ଉତ୍ପୀଡ଼ନର ସ୍ୱର ସାଧାରଣତଃ ଶୁଣିବାକୁ ମିଳେ ନାହିଁ।ନିଜର ପୁଅଝିଅଙ୍କୁ ମଣିଷ କରିବାକୁ ଯାଇ ମା’ ବାପା ଅବା ଅଭିଭାବକମାନଙ୍କର ଅପ୍ରାସଙ୍ଗିକ ଅଶ୍ରୁପାତ ସମ କଲେଜ ଶିକ୍ଷକମାନଙ୍କର ଦୁର୍ଦ୍ଦଶା।ଏବେ ଦେଖିବା ନିର୍ଯାତନାର ଉତ୍ସ।

ପ୍ରଥମେ ସରକାରୀ କଲେଜ।ଏ କ୍ଷେତ୍ରରେ ଯନ୍ତ୍ରଣାର ବିଶାଳ ଓ ଚିରନ୍ତନ ଉତ୍ସ ସରକାର। ସରକାର ମାନେ ଉତ୍ପୀଡ଼ନର ନିରାକରଣ ବୋଲି ସାଧାରଣରେ ଥିବା ଧାରଣା, ସାଧାରଣତଃ ସରକାରୀ କଲେଜ ସ୍ତରରେ ଦେଖାଯାଏ ନାହିଁ।କାମ କରେଇ ଯଦି ପାରିଶ୍ରମିକ ବା ସମ୍ମାନ ବା ସାମାନ୍ୟ ସୁବିଧା ସୁଯୋଗ ଦିଆ ନ ଯାଏ ତା’ହେଲେ ଏହାକୁ ନିର୍ଯାତନା ଛଡ଼ା ଆଉ କ’ଣ ବା କୁହାଯିବ ? ଦୀର୍ଘ ୨୦ ବର୍ଷ ଧରି ପ୍ରାଧ୍ୟାପକ ପରେ ସେମାନଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଧରେଇ, ମାସେ, ଦୁଇମାସ ନୁହେଁ, ବର୍ଷ ପରେ ବର୍ଷ ଚାବୁକ ଉଞ୍ଚେଇ ଯଦି କାମ କରିବାକୁ ବାଧ୍ୟ କରାଯାଏ, ଏହାକୁ କ’ଣ କୁହାଯିବ ? ଏବେ ଉଚ୍ଚ ନ୍ୟାୟାଳୟ କହିଲେଣି ଭାରପ୍ରାପ୍ତ ଅଧ୍ୟକ୍ଷ ବ୍ୟବସ୍ଥା ଖୁବ୍ ବେଶିରେ ୬ମାସ।ଆଗରୁ ଅଧ୍ୟକ୍ଷମାନଙ୍କ ଦାୟିତ୍ୱ ଓ ତାଙ୍କ ପଦବୀକୁ ସମ୍ମାନ ଦେଇ ସେମାନଙ୍କୁ ଦେୟମୁକ୍ତ ଘର, ଏକ ଆବାସିକ ଅଫିସ, ସାହାଯ୍ୟକାରୀ କର୍ମଚାରୀ ଇତ୍ୟାଦିର ବ୍ୟବସ୍ଥା ଥିଲା।ଏବେ ସେ ସବୁର ଚିହ୍ନବର୍ଣ୍ଣ ନାହିଁ, ଯେହେତୁ ଅଧ୍ୟକ୍ଷ ନିୟମିତ ନୁହନ୍ତି, ଭାରପ୍ରାପ୍ତ ! ସରକାରୀ କଲେଜ, ବିଶେଷତଃ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷମାନେ ପ୍ରଫେସର ଗ୍ରେଡର ଏବଂ ୟୁଜିସି ସ୍କେଲ୍‌ରେ ସେମାନେ ବରିଷ୍ଠ ପ୍ରଶାସନିକ ପାହ୍ୟାର (ସିନିୟର ଆଡମିନିଷ୍ଟ୍ରେଟିଭ ଗ୍ରେଡ) ଅଧିକାରୀ।ତୁଳନାତ୍ମକ ଭାବେ ଦେଖିଲେ ସେମାନେ ଅତିରିକ୍ତ ସଚିବ ପାହ୍ୟାର।ଅଥଚ ଅତିରିକ୍ତ ସଚିବ କେଉଁଠି ନା ଭାରପ୍ରାପ୍ତ ଅଧ୍ୟକ୍ଷ କେଉଁଠି ? ଏଣେ ପୁଣି ସର୍ତ୍ତ, ଭାରପ୍ରାପ୍ତ ହୋଇଥିବାରୁ କ୍ଲାସ ମଧ୍ୟ ନେବାକୁ ବାଧ୍ୟ, ଯାହା ନିୟମିତ ଅଧ୍ୟକ୍ଷ କ୍ଷେତ୍ରରେ ନାହିଁ।ଏହାଠୁ ବଳି ଅତ୍ୟାଚାର ଆଉ କ’ଣ ?

ଅଧ୍ୟକ୍ଷ ପଦବୀର ଆଉ ଏକ ନିର୍ଯାତନା, ଉତ୍ପୀଡ଼ନ କ୍ଷେତ୍ର ଅଛି: ସରକାରୀ କଲେଜର ବର୍ଗୀକରଣ ଓ ଅଧ୍ୟକ୍ଷ ପଦର ଅବମୂଲ୍ୟାୟନ।ଆଗରୁ ରେଭେନ୍ସା, ଖଲ୍ଲିକୋଟ, ଗଙ୍ଗାଧର ମେହେର କଲେଜ (ଏବେ ବିଶ୍ୱବିଦ୍ୟାଳୟ) ଭଳି ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ବାକି ସରକାରୀ କଲେଜଗୁଡ଼ିକ ଗୋଟିଏ ପାହ୍ୟାର ଥିଲା।୯୦ ଦଶକରେ କେତେଜଣ ପ୍ରଶାସକଙ୍କ ଉନ୍ନତ ମସ୍ତିଷ୍କରୁ ଶିକ୍ଷକମାନଙ୍କୁ ନୀଚା ଦେଖେଇବାର ପ୍ରୟାସ ଆରମ୍ଭ ହେଲା ଏବଂ ଲିଡ୍ କଲେଜ ଏବଂ ନନ୍‌ଲିଡ୍ କଲେଜ ନାମରେ ଦୁଇଟି ଶ୍ରେଣୀ ସୃଷ୍ଟିକରି, ଲିଡ୍ କଲେଜର ଅଧ୍ୟକ୍ଷ ପ୍ରଫେସର ପାହ୍ୟାର ଓ ନନ୍‌ଲିଡ କଲେଜର



ଅଧ୍ୟକ୍ଷ ରିଡର ପାହ୍ୟାର ବୋଲି ମୋହର ମରାଗଲା ଏବଂ ଏହି ନନ୍‌ଲିଡ୍‌ରେ ରହିଲେ ରମାଦେବୀ ଓ ଶୈଳବାଳା କଲେଜ (ଏବେ ବିଶ୍ୱବିଦ୍ୟାଳୟ)କୁ ଛାଡ଼ି ବାକି ସବୁ ସରକାରୀ ମହିଳା କଲେଜ ଓ କେତେକ ସହଧ୍ୟାୟୀ ସରକାରୀ କଲେଜ।ଏହାର ଅର୍ଥ କ’ଣ ? ଆନ୍ତଃକଲେଜ ଅଧ୍ୟାପକ ପାହ୍ୟା ସମାନ, ଛାତ୍ରୀଛାତ୍ରମାନେ ସମାନ ଶ୍ରେଣୀର, ମାତ୍ର ଅଧ୍ୟକ୍ଷ ବେଳକୁ ସେ ନିମ୍ନବର୍ଗର ? ଏହା କ’ଣ ମହିଳାମାନଙ୍କୁ ସମ୍ମାନ ଯେହେତୁ ଏହି ବର୍ଗରେ ଚିହ୍ନିତ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ ଅଧିକାଂଶ ମହିଳା ଶିକ୍ଷାନୁଷ୍ଠାନ ? ଏହା କ’ଣ ସମାନତା ? କଲେଜ-କଲେଜ ଭିତରେ ତାରତମ୍ୟ ସୃଷ୍ଟିକରି କିଛିକୁ ଏ-ଗ୍ରେଡ୍, ଆଉ କିଛି ବି-ଗ୍ରେଡ ମାନ୍ୟତା ପ୍ରଦାନ କରି ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠାନମାନଙ୍କୁ ନିର୍ଯାତିତ କରାଯାଉନି କି, ଯେତେବେଳେ ୪୦ ବର୍ଷରୁ ଊର୍ଦ୍ଧ୍ୱ କାଳ ସେମାନେ ସମାନ ବର୍ଗର ହୋଇ କାମ କରି ଆସୁଥିଲେ ? ଓଡ଼ିଶା ପ୍ରଶାସନିକ ସେବାରେ ବ୍ଲକର ଆକାର ଓ ଜନସଂଖ୍ୟାକୁ ନେଇ ଛୋଟ ବିଡିଓ ଓ ବଡ଼ ବିଡିଓ ଅଛନ୍ତି କି?

ତୃତୀୟ ନିର୍ଯାତିତ ଶିକ୍ଷକ ଗୋଷ୍ଠୀ ହେଲେ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକଗଣ।ଅଧ୍ୟକ୍ଷ ଭଳି ସେମାନେ ମଧ୍ୟ ଭାରପ୍ରାପ୍ତ ଅଥଚ ବିଶ୍ୱବିଦ୍ୟାଳୟରେ ତାହା ଏକ ନିୟମିତ ପଦବୀ।ଏକ ସ୍ୱୟଂଶାସିତ ମହାବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ ଷ୍ଟ୍ରିମ୍‌ର ସ୍ନାତକ ତିନିବର୍ଷର ଓ ସ୍ନାତକୋତ୍ତର ଦୁଇବର୍ଷର ଏବଂ ବିଷୟ ହିସାବରେ ପାଖାପାଖି ୩୦ଟିର ଏବଂ ସଂଖ୍ୟା ଦୃଷ୍ଟିରୁ ପାଖାପାଖି ୩୦୦୦ ଛାତ୍ରୀଛାତ୍ରଙ୍କ ପ୍ରଶ୍ନପତ୍ର, ଆଡମିଟ୍ କାର୍ଡ, ମାର୍କସିଟ୍, ପ୍ରୋଭିଜନାଲ ସାର୍ଟିଫିକେଟ୍, ସିଲାବସ ତିଆରି କରେଇବା ; ପୁଣି ଆଭ୍ୟନ୍ତରୀଣ ମୂଲ୍ୟାୟନ ଓ ଅନ୍ତିମ ପରୀକ୍ଷାଫଳ ପ୍ରକାଶ କରିବା ଜଣେ କାର୍ଯ୍ୟରତ ବିଭାଗୀୟ ଅଧ୍ୟାପକଙ୍କ ପାଇଁ କିପରି ସମୀଚୀନ ? ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟର ପ୍ରକାର ପ୍ରାୟ ସମାନ, କେବଳ ଛାତ୍ରୀଛାତ୍ର ସଂଖ୍ୟା ବିଶ୍ୱବିଦ୍ୟାଳୟରେ ବେଶି।ସେଠି ଦୁଇ/ତିନ ଜଣ ନିୟମିତ ପରୀକ୍ଷା ପରିଚାଳନା ଅଧିକାରୀ ଥିଲାବେଳେ ସ୍ୱୟଂଶାସିତ କଲେଜର ଜଣେ ଶିକ୍ଷାଦାନକାରୀ ଅଧ୍ୟାପକଙ୍କୁ ଏକ ‘ଅତିରିକ୍ତ ଦାୟିତ୍ୱ’ର ଟୋପି ପିନ୍ଧେଇବା କ’ଣ ନିର୍ଯାତନା ନୁହେଁ? ସେ ଶିକ୍ଷକ ଜଣକ ପାଠ ପଢ଼େଇବେ କେତେବେଳେ, ଏ ସବୁ କାମ, ଯାହାର ପାଦେପାଦେ ବିପଦ କରିବ କେତେବେଳେ ?

ଚତୁର୍ଥ ନିର୍ଯାତନା କୌଣସି ବର୍ଗର ନୁହେଁ, ବରଂ ଉଚ୍ଚଶିକ୍ଷାରେ ନିୟୋଜିତ ସମସ୍ତ ଶିକ୍ଷକଙ୍କର।ଏହାର କାରଣ ନିର୍ଦ୍ଦେଶକ ପଦବୀରେ ଶିକ୍ଷକ-ଶିକ୍ଷାବିତ୍‌ଙ୍କ ବଦଳରେ ପ୍ରଶାସକ ପ୍ରତିରୋପଣ।ସ୍ୱାଧୀନତା ଆଗରୁ ଶିକ୍ଷା ବିଭାଗର ନିର୍ଦ୍ଦେଶକ, ସରକାରୀ କଲେଜର ଜଣେ ପ୍ରଫେସର ଗ୍ରେଡ୍‌ର ବରିଷ୍ଠ ଅଧ୍ୟକ୍ଷ ହେଉଥିଲେ ଅବା ଜଣେ ବରିଷ୍ଠ ପ୍ରଫେସର ହେଉଥିଲେ।ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପାଠପଢ଼ା, ପରୀକ୍ଷା ପରିଚାଳନା, ଗବେଷଣାର ବିଭିନ୍ନ ଦିଗ, ଯୁବ ମନସ୍ତତ୍ତ୍ୱ, କ୍ୟାମ୍ପସ ଜୀବନ ଭଳି ବହୁତ କ୍ଷେତ୍ରରେ ଅନୁଭୂତି ଥିବା ଦରକାର।ଏହି ବ୍ୟବସ୍ଥା ୧୯୪୭ ପୂର୍ବରୁ ପାଖାପାଖି ୨୦୧୬ ପର୍ଯ୍ୟନ୍ତ ଚାଲୁରହିଲା।ଅଥଚ ବିଗତ ୮/୧୦ ବର୍ଷ ନିର୍ଦ୍ଦେଶକ ପଦବୀ ଜଣେ ପ୍ରଶାସକଙ୍କୁ ଟେକି ଦିଆଯାଇଛି।କଲେଜରେ ମାତ୍ର ୩ବର୍ଷ ବା ୫ବର୍ଷ ପାଠ ପଢ଼ି ସେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ କ’ଣ ଜାଣିଛନ୍ତି ? ସ୍ୱାସ୍ଥ୍ୟ ଓ ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ କ’ଣ ଅଣଡାକ୍ତର ବା ଅଣଇଞ୍ଜିନିୟର ? ଇଞ୍ଜିନିୟରମାନେ ତାଙ୍କ ବିଭାଗରେ ତ ସଚିବ ପାହ୍ୟା ପର୍ଯ୍ୟନ୍ତ ଚାଲିଯାଉଛନ୍ତି।ଦୁଃଖର କଥା ଶିକ୍ଷା ବିଷୟରେ ପୂର୍ଣ୍ଣାଙ୍ଗ ଜ୍ଞାନ ନ ଥିବା ନିର୍ଦ୍ଦେଶକମାନେ କଥା କଥାରେ ଅଧ୍ୟକ୍ଷମାନଙ୍କୁ କହନ୍ତି, ଆପଣଙ୍କୁ ଅଧ୍ୟକ୍ଷ କଲା କିଏ ? ଆଗରୁ ଅଧ୍ୟାପକ ଅବା ଅଧ୍ୟକ୍ଷଜଣକ, ଶିକ୍ଷା ବିଭାଗରୁ ଆସିଥିବା ନିର୍ଦ୍ଦେଶକଙ୍କୁ ଜଣେ ଅଭିଭାବକ ହିସାବରେ ଭେଟୁଥିଲେ, ଯିଏ ସବୁକଥା ସହାନୁଭୂତିର ସହ ଶୁଣୁଥିଲେ।ଏବେ ସବୁକଥାକୁ ସନ୍ଦେହ ଚକ୍ଷୁରେ ଦେଖିବା, ବଡ଼ପଣ ଜାହିର କରିବା ମୁଖ୍ୟକାମ।

କଲେଜରେ ଛାତ୍ର ସଂସଦ ନିର୍ବାଚନ ପ୍ରଚଳନ ଶିକ୍ଷକ ନିର୍ଯାତନାର ଆଉ ଏକ ପ୍ରମୁଖ କ୍ଷେତ୍ର।ଆଗକୁ ଛାତ୍ର ସଂସଦ ନିର୍ବାଚନଟି ଛାତ୍ରୀଛାତ୍ରମାନଙ୍କର ହିଁ ନିର୍ବାଚନ ଥିଲା।ଏବେ ରାଜନୈତିକ ଦଳଗୁଡ଼ିକ ଏହାକୁ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରିବା ସହ ଫଳ ପ୍ରକାଶନ ପରେ କେଉଁ ଦଳ କେତୋଟି କଲେଜ ‘ଦଖଲ’ କଲେ ତାହା ଛାତିପିଟି କହୁଛନ୍ତି।ନିର୍ବାଚନୀ ଅତ୍ୟାଚାର ଚରମ ସୀମାରେ ପହଞ୍ଚେ, ଛାତ୍ର ସଂସଦର ବାର୍ଷିକ ଉତ୍ସବ ଦିନ, ଯେଉଁଦିନ କଲେଜର ଅଧ୍ୟକ୍ଷଙ୍କୁ ମଞ୍ଚ ଉପରେ ବସିବା ପାଇଁ ଜାଗା ଖୋଜିବାକୁ ପଡ଼େ ! ଠିକ୍ ସେହିପରି ସାହାଯ୍ୟପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ୪୪୮/୬୬୨ ଇତ୍ୟାଦି ବିଚିତ୍ର ବର୍ଗୀକରଣ ମାଧ୍ୟମରେ ବିଭକ୍ତ କରି ଶିକ୍ଷକମାନଙ୍କର ଯୌବନ ଲୁଟି ନିଆଯାଉଛି।ଯେଉଁ ଜାତି, ଯେଉଁ ସରକାର ଶିକ୍ଷକମାନଙ୍କୁ ବଞ୍ଚିତ କରି, ଉତ୍ପୀଡ଼ିତ କରି, ଉଦାସୀନତାର ଉଲ୍ଲାସ ଉପଭୋଗ କରେ, ସେ ଜାତିର ଭବିଷ୍ୟତ ବିଷୟରେ ନ କହିବା ଭଲ।

ପୂର୍ବତନ ଅଧ୍ୟକ୍ଷ,
ଜେଲ ରୋଡ, ବାଲେଶ୍ୱର
ମୋ: ୯୪୩୭୩ ୭୬୨୧୯

# ଆଜିର କାମ ଏବେ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ମହାଭାରତ ଯୁଦ୍ଧ ପୂର୍ବରୁ ବିଶ୍ୱାସ କରାଯାଉଥିଲା କୃଷ୍ଣ ଯେଉଁଠାରେ ଧର୍ମ ସେଠାରେ ରହିବ ଏବଂ ବିଜୟ ସୁନିଶ୍ଚିତ। ‘‘ଯତୋ କୃଷ୍ଣ ସ୍ତତୋ ଧର୍ମଃ ଯତୋ ଧର୍ମଃ ସ୍ତତୋ ଜୟଃ।’’ସେ ଉଭୟ ପକ୍ଷଙ୍କୁ ତାଙ୍କର ଚତୁର୍ଭୁଜ ସେନା କିମ୍ବା ତାଙ୍କୁ ବାଛିବା ବିକଳ୍ପ ଦେଇଥିଲେ। ଶ୍ରୀକୃଷ୍ଣଙ୍କ ପକ୍ଷକୁ ନେଇ ଅଭିଯୋଗ କରାଯାଇଥିଲା ଯେ କୃଷ୍ଣ ଯଦି ଅର୍ଜୁନଙ୍କୁ ଅଧର୍ମ ଏବଂ ସମୟର ଗୁରୁତ୍ୱ ବିଷୟରେ ସୂଚନା ଦେଇ ନ ଥାନ୍ତେ ତେବେ କର୍ଣ୍ଣଙ୍କଠାରୁ ଦୁର୍ଯ୍ୟୋଧନ ପର୍ଯ୍ୟନ୍ତ ସମସ୍ତଙ୍କୁ ହତ୍ୟା କରିବା ସମ୍ଭବ ହୋଇ ନ ଥାନ୍ତା। ଏହି କାରଣରୁ ମହାଭାରତ କୂଟନୀତିଜ୍ଞଙ୍କ ପାଇଁ ସ୍ୱର୍ଗ ଏବଂ ସମାଜ ଲାଗି ଅମୂଲ୍ୟ ବାର୍ତ୍ତା ଦିଏ। ଯୁଦ୍ଧ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଆଜିର ତାତ୍ପର୍ଯ୍ୟ ବୁଝାଇ ଯୁଦ୍ଧ ପାଇଁ ପରାମର୍ଶ ଦେଇଥିଲେ।

ସମୟ ପ୍ରକୃତି ଦ୍ୱାରା ପ୍ରଦତ୍ତ ବହୁମୂଲ୍ୟ ଉପହାର, ଯାହା ନିରନ୍ତର ଗତିଶୀଳ ରହିଥାଏ। ଏହାର ଗତି କୌଣସି ପରିସ୍ଥିତି ଦ୍ୱାରା ପ୍ରଭାବିତ ହୁଏ ନାହିଁ। ସମୟର ତିନୋଟି ଦିଗ ଯାହାକୁ ଆମେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ଭାବରେ ଜାଣୁ। ଯଦି ତୁଳନାତ୍ମକ ଦୃଷ୍ଟିକୋଣରୁ ଦେଖାଯାଏ ତେବେ ଏହି ସମସ୍ତ ଦିଗ ମଧ୍ୟରୁ ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଅତୀତ ସ୍ମୃତି ଆକାରରେ ସଞ୍ଚିତ ଏବଂ ଭବିଷ୍ୟତ କଳ୍ପନା ଆକାରରେ ପ୍ରସ୍ଫୁଟିତ ହୁଏ। ଅତୀତ ହେଉ ବା ଭବିଷ୍ୟତ ଉଭୟ ଉପରେ ଆମର ସାମାନ୍ୟତମ ନିୟନ୍ତ୍ରଣ ନାହିଁ। ସମୟର ଯେଉଁ ଦିଗକୁ ଆମେ ଆବଶ୍ୟକତା ଅନୁଯାୟୀ ନିୟନ୍ତ୍ରଣ ଏବଂ ସଜାଡ଼ି ପାରିବା ତାହା ହେଉଛି ବର୍ତ୍ତମାନ। ଏହା ନିଶ୍ଚିତ ଯେ ବର୍ତ୍ତମାନକୁ ସୁନ୍ଦର ଭାବରେ ରଙ୍ଗ କରିବା ଏବଂ ସଜାଇବାରେ ଆମେ ଅତୀତର ସ୍ମୃତି, ଅଭିଜ୍ଞତା ଏବଂ ଭବିଷ୍ୟତ ପାଇଁ ନିର୍ମିତ କଳ୍ପନାର ସାହାଯ୍ୟ ନେଇପାରିବା। ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ ପାଇଁ ଜୀବନ ବହୁତ ଛୋଟ ଯାହାକୁ ଆମେ ସମ୍ପୂର୍ଣ୍ଣ ଖୁସି ଏବଂ ଉତ୍ସାହ ସହିତ ଖୋଲାଖୋଲି ଭାବରେ ବଞ୍ଚିବାକୁ ଚେଷ୍ଟା କରିବା ଉଚିତ। ଅତୀତ ସହିତ ଅନେକ ସକାରାତ୍ମକ ଏବଂ ନକାରାତ୍ମକ ଦିଗ ଜଡ଼ିତ। ଭଲ ଅଭିଜ୍ଞତା ଏବଂ ସ୍ମୃତି ଏହାର ସକାରାତ୍ମକ ଦିଗ। ବିଫଳତା, କଠିନ ସଂଘର୍ଷ ଏବଂ ଦୁଃଖ ଅତୀତର ନକାରାତ୍ମକ ଦିଗ ଗଠନ କରେ। ଏହା ସମ୍ପୂର୍ଣ୍ଣ ଭାବରେ ଆମର ବୁଦ୍ଧିମତ୍ତା ଏବଂ ଜ୍ଞାନ ଉପରେ ନିର୍ଭର କରେ ଯେ ଆମେ ଅତୀତର କେଉଁ ଦିଗକୁ ବ୍ୟବହାର କରି ବର୍ତ୍ତମାନ ସୃଷ୍ଟି କରୁଛନ୍ତି। ଭବିଷ୍ୟତ ସମ୍ପୂର୍ଣ୍ଣ ଭାବରେ ଆମ ନିୟନ୍ତ୍ରଣ ବାହାରେ। ଭବିଷ୍ୟତ ବିଷୟରେ ମନରେ ଆଶାର ଭାବନା ରଖିବା ଏବଂ ଏହା ଯୋଗୁ ବର୍ତ୍ତମାନକୁ ଅଣଦେଖା କରିବା ସମ୍ପୂର୍ଣ୍ଣ ମୂର୍ଖତା। କେବଳ ନିଜ ଲକ୍ଷ୍ୟ ସହିତ ଜଡିତ ଭଲ ଜିନିଷଗୁଡ଼ିକୁ କଳ୍ପନା କରି ଯୋଜନାବଦ୍ଧ ଭାବରେ ବର୍ତ୍ତମାନର ଚିତ୍ରରେ ସେମାନଙ୍କର ରଙ୍ଗ ପୂରଣ କରିପାରିବା। ଯେତେବେଳେ ବର୍ତ୍ତମାନ ଅତୀତରେ ପରିଣତ ହୁଏ ସେତେବେଳେ ଆମେ ଏହାର ପ୍ରକୃତ ସୌନ୍ଦର୍ଯ୍ୟ ଅନୁଭବ କରୁ। ଯେପରି




ବାଲ୍ୟଜୀବନ, ସାଙ୍ଗ ସାଥୀ ବିଦ୍ୟାଳୟ ସମୟ। ଅତୀତ ପାଇଁ ଅନୁତାପ ଏବଂ ଭବିଷ୍ୟତ ପାଇଁ ଚିନ୍ତା ଆମକୁ ଏପରି ଏକ ଘୂର୍ଣ୍ଣିବଳୟରେ ଠେଲି ଦିଏ ଯାହା ଆମ ସ୍ୱପ୍ନ ଏବଂ ଆକାଂକ୍ଷାରୁ ସବୁଦିନ ପାଇଁ ଦୂରେଇ ନେଇଯାଏ। ପରିପୂର୍ଣ୍ଣ ଜୀବନ ଅନୁଭବ କରିବାକୁ ହେଲେ ଅତୀତ ଏବଂ ଭବିଷ୍ୟତ ଉପରେ ଧ୍ୟାନ ନ ଦେଇ ବର୍ତ୍ତମାନର ସୌନ୍ଦର୍ଯ୍ୟକୁ ନିରନ୍ତର ଉପଭୋଗ କରିବା ଉଚିତ। ବର୍ତ୍ତମାନକୁ ଅଣଦେଖା କରିବା କୌଣସି ଦୃଷ୍ଟିକୋଣରୁ ଜ୍ଞାନର ଲକ୍ଷଣ ନୁହେଁ। ବର୍ତ୍ତମାନ ଏବଂ ବାସ୍ତବତା ଉଭୟ ପରସ୍ପରର ସମାର୍ଥକ। ଅତୀତ ବାସ୍ତବତାର କ୍ଷେତ୍ର ପାର ହୋଇ ସମୟ ଗର୍ଭରେ ଲୀନ ହୋଇସାରିଛି। ଭବିଷ୍ୟତ ଏପର୍ଯ୍ୟନ୍ତ ବାସ୍ତବତାରେ ପରିଣତ ହୋଇନାହିଁ। ତେଣୁ ଅତୀତ ଏବଂ ଭବିଷ୍ୟତ ସହିତ ବାନ୍ଧି ହୋଇ ବର୍ତ୍ତମାନର ସୌନ୍ଦର୍ଯ୍ୟକୁ ଭୁଲିଯିବା ଅବିବେକତା ଏବଂ ଅଦୂରଦର୍ଶିତାକୁ ପ୍ରତିଫଳିତ କରେ। ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ କ୍ଷଣସ୍ଥାୟୀ କିନ୍ତୁ ସୁନ୍ଦର ଜୀବନକୁ ପରିପ୍ରକାଶ କରିଥାଏ। ଆବଶ୍ୟକତା କେବଳ ଏହାକୁ ଚିହ୍ନିବା ଏହାର ଆଶ୍ଚର୍ଯ୍ୟଜନକ ସୌନ୍ଦର୍ଯ୍ୟରେ ହଜିଯିବା ଏବଂ ଜୀବନର ସେହି ମୂଲ୍ୟବାନ ମୁହୂର୍ତ୍ତରେ ଲୁଚି ରହିଥିବା ଆନନ୍ଦକୁ ଅନୁଭବ କରିବା। ଅତୀତକୁ ଝୁରିହେବା ଏବଂ ଭବିଷ୍ୟତ ବିଷୟରେ ଚିନ୍ତା କରିବା ନିଶ୍ଚିତ ଭାବରେ ଏହି ଅଭିଜ୍ଞତାରେ ଏକ ବଡ଼ ପ୍ରତିବନ୍ଧକ ହୋଇପାରେ। ଚିନ୍ତା, ଦୁଃଖ ଏବଂ ହତାଶା ଭଳି ଭାବନା ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଆମେ ଅତୀତ ବିଷୟରେ ଅତ୍ୟଧିକ ଚିନ୍ତା କରୁ କିମ୍ବା ଭବିଷ୍ୟତ ବିଷୟରେ ଅଗଣିତ ଭିତ୍ତିହୀନ କଳ୍ପନାରେ ହଜିଯାଉ।

ବର୍ତ୍ତମାନ ଏପରି ଏକ ମୁହୂର୍ତ୍ତ ଯାହାକୁ ଆମର ଆଶା ଅନୁଯାୟୀ ଗଠନ କରିବା ସମ୍ପୂର୍ଣ୍ଣ ଭାବରେ ଆମ ନିୟନ୍ତ୍ରଣରେ। ଭବିଷ୍ୟତ ପାଇଁ ଯୋଜନା କରିବା ଠିକ୍ କିନ୍ତୁ ଏହା ଭାବିବା ମୂର୍ଖତା ଯେ ଭବିଷ୍ୟତ ଆମର ଚିନ୍ତାଧାରା ଅନୁସାରେ ଆକାର ନେବ। ଆନନ୍ଦର ଅନୁଭବ କେବଳ ବର୍ତ୍ତମାନ ଉପରେ ଧ୍ୟାନ ଦେଇ ହାସଲ କରାଯାଇପାରିବ। ଯଦି ଅତୀତ ଏବଂ ଭବିଷ୍ୟତ ସହିତ ଜଡିତ କୌଣସି ପ୍ରକାର ଚିନ୍ତାଧାରାର ହସ୍ତକ୍ଷେପ ନ ଥାଏ ତେବେ ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଶାନ୍ତି ଏବଂ ଖୁସିର ଅଗାଧ ଭଣ୍ଡାର।

ଜୀବନ ହେଉଛି ପ୍ରକୃତି ଦ୍ୱାରା ଦିଆଯାଇଥିବା ଅମୂଲ୍ୟ ଉପହାର ଏଥିପାଇଁ ପ୍ରତିଦିନ ହୃଦୟର ଗଭୀରରୁ ପ୍ରକୃତିକୁ ଧନ୍ୟବାଦ ଦେବା ଉଚିତ। ଅତୀତ ଏବଂ ଭବିଷ୍ୟତ ଚିନ୍ତାରୁ ମୁକ୍ତ ମନ ପ୍ରକୃତିର ନୀରବ ଶବ୍ଦ ଶୁଣିପାରେ। ଏହି ସନ୍ଦର୍ଭରେ ସନ୍ଥ କବୀରଦାସଙ୍କ ଏକ ପ୍ରସିଦ୍ଧ ଦୋହା ପ୍ରାସଙ୍ଗିକ। ‘‘ଯୋ କଲ କରେ ସୋ ଆଜ କର୍, ଆଜ କରେ ସୋ ଅବ’’ କାଲି ଯାହା କରିବାକୁ ଚାହୁଁଛନ୍ତି ଆଜି କରନ୍ତୁ। ଆଜିର କାମ ବର୍ତ୍ତମାନ। ଜୀବନ ଅନିଶ୍ଚିତ ମୁହୂର୍ତ୍ତରେ ବିପର୍ଯ୍ୟୟ ଆସିପାରେ। ତେଣୁ ଯାହା ବି କରିବାକୁ ଅଛି ତୁରନ୍ତ କରିବା ଉଚିତ। ଅନ୍ୟ ଅର୍ଥରେ ବର୍ତ୍ତମାନ ସହିତ ସଂଯୋଗ ଜୀବନକୁ ଠିକ୍ ଏବଂ ଅର୍ଥପୂର୍ଣ୍ଣ ଦିଗ ଦେଇଥାଏ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଏଇ ଭାରତରେ

# ରାଜ୍ୟସ୍ତରୀୟ ସ୍ଲିଙ୍ଗ୍ ଶଟ୍ ପ୍ରତିଯୋଗିତା ୫ରୁ

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

ଓଡ଼ିଶାର ପାରମ୍ପରିକ ସ୍ଲିଙ୍ଗ୍-ଶଟ୍ (ବାଟୁଳି)ର ଦ୍ୱିତୀୟ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅକ୍ଟୋବର ୫ରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ଆୟୋଜକ ସ୍ଲିଙ୍ଗ୍-ଶଟ୍ ଓଡ଼ିଶାର ଅଧିକାରୀମାନେ ପରିଚାଳନା କରିବେ। ଓଡ଼ିଶାର ପାରମ୍ପରିକ ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ ଓଡ଼ିଶା ସ୍ଲିଙ୍ଗ୍-ଶଟ୍ ସଂଘ ପକ୍ଷରୁ କରାଯାଉଥିବା ପ୍ରୟାସର ଏହା ଅଂଶବିଶେଷ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବିଭାଗର ମହିଳା ଓ ପୁରୁଷ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ପରାକାଷ୍ଠା ଦେଖାଇ ପାରିବେ। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ନିକଟରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ଲିଙ୍ଗ୍-ଶଟ୍ ପ୍ରତିଯୋଗିତା ଲାଗି ମନୋନୀତ ହେବେ।

# ପ୍ରଣବ, ଆକାଶ, ଅମନ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

ବିହାରର ବେଗୁସରାଇଠାରେ ଅନୁଷ୍ଠିତ ମଡର୍ନ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ପ୍ରତିଯୋଗିତାର ଟିମ୍ ଇଭେଣ୍ଟରେ ପ୍ରଣବ ଦାସ, ମହମ୍ମଦ ଅମନ ଓ ଆକାଶ ମିର୍ଦ୍ଧାଙ୍କୁ ନେଇ ଗଠିତ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଦଳର କୋଚ୍ ଥିଲେ ମହମ୍ମଦ ଆଜମ। ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାପରେ ଓଡ଼ିଶା ଦଳକୁ ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଦଳର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ 51 Years

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୦/୨୦୨୫ (୧୨+୮=୨୦ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 20/2025 | Page 20 | ₹ 7.00 | SAMBALPUR

୫୧ଶ ଭାଗ ୨୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 296 | ମୂଲ୍ୟ ₹୭/-




**ସଞ୍ଜୁ ସାମସନଙ୍କ ଦୃଢ଼ ବ୍ୟାଟିଂ**

ଓମାନ ବିପକ୍ଷ ଏସିଆ କପ୍ କ୍ରିକେଟ ମ୍ୟାଚରେ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି ଭାରତୀୟ ବ୍ୟାଟର ସଞ୍ଜୁ ସାମସନ।

୦୮

୦୨

**ମନ୍ଦୋଦରୀ ଭୂମିକାରେ ପୁନମ ପାଣ୍ଡେ**

ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳାରେ ଅଭିନେତ୍ରୀ ପୁନମ ପାଣ୍ଡେ ମନ୍ଦୋଦରୀ ଭୂମିକା ନିର୍ବାହ କରିବେ।



# ସାତକୋଶିଆରେ ନିର୍ମାଣ ବନ୍ଦ

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ‘ସମନ୍ୱିତ ପର୍ଯ୍ୟଟନ ବିକାଶ’ ପ୍ରଶାସନିକ ଅନୁମୋଦନ ବାତିଲ

**ଅନୁଗୋଳ ଜିଲାସ୍ଥିତ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ପୁଞ୍ଜିନିବେଶ ପାଇଁ ରାଜ୍ୟକୁ ସ୍ୱତନ୍ତ୍ର ସହାୟତା (ଏସ୍ଏଏସ୍ସିଆଇ) ଯୋଜନା ଅଧୀନରେ ଆରମ୍ଭ ହୋଇଥିବା ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନକୁ ବାତିଲ କରିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ଏହି ପ୍ରକଳ୍ପକୁ ମିଳିଥିବା ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍ଓସି)କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ଥିବାବେଳେ ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ଗତ ଅଗଷ୍ଟ ୬ରେ କେନ୍ଦ୍ର ସରକାର, କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି ଓ ଓଡ଼ିଶା ସରକାରଙ୍କ ସହ ଅନ୍ୟ କର୍ତ୍ତୃପକ୍ଷମାନଙ୍କୁ ନୋଟିସ କରାଯାଇଥିଲା। ଏଥିସହ ବେଆଇନ ନିର୍ମାଣର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ରାଜ୍ୟ ପର୍ଯ୍ୟଟନ ବିଭାଗ ପାଇଁ ଅଡୁଆ ବଢ଼ାଇଥିବାବେଳେ ସେପ୍ଟେମ୍ବର ୧୩ରେ ବିଭାଗ ପକ୍ଷରୁ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ବାତିଲ ନେଇ ଚିଠି କରାଯାଇଛି।**





**ଅନୁଗୋଳ,୧୯।୯(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲାରେ ଥିବା ସାତକୋଶିଆ ଅଭୟାରଣ୍ୟର ବିସ୍ତୃତ ଅଞ୍ଚଳରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ରହିଛି। ଏହି ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ଭିତରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟ ୧୦୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ଅନେକ ମଡେଲ ପ୍ରସ୍ତୁତ କରିଥିଲେ ପର୍ଯ୍ୟଟନ ଓ ବନବିଭାଗ କର୍ତ୍ତୃପକ୍ଷ। ଏପରିକି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଉପରୋକ୍ତ ୪ ଜିଲାର ଜିଲାପାଳ ଏବଂ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଏନ୍ଓସି ପ୍ରଦାନ କରିଥିଲେ। ଏହାପରେ ପ୍ରାୟ ୧୦୦ କୋଟିର ନିର୍ମାଣ କାର୍ଯ୍ୟ ପାଇଁ ଓବିସିସିକୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଏହି ପ୍ରଶାସନିକ ଅନୁମୋଦନ ବାତିଲ କରାଯାଇଥିବା ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ୧୩ ତାରିଖରେ ମ୍ୟାନେଜିଂ ଡାଇରେକ୍ଟର ଓବିସିସିଙ୍କ ନିକଟକୁ ପତ୍ର ଲେଖାଯାଇଛି। ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ଭିତରେ ପ୍ରକଳ୍ପ ନିର୍ମାଣ କରୁଥିବା ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି) ଲିମିଟେଡ୍କୁ ଏହି ଚିଠି (ନଂ. ୧୧୧୩୪) କରାଯାଇ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ବାତିଲ ସମ୍ପର୍କରେ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଇକୋସେନ୍ସିଟିଭ୍ ଜୋନ୍ରେ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ମାମଲା ଦାଏର କରାଯାଇଥିଲା। ଏହାକୁ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ପକ୍ଷ ରଖିବାକୁ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ସଞ୍ଜୟ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିଲେ। ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, ପ୍ରଶାସନିକ ଅନୁମୋଦନ ବାତିଲ ନେଇ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ। ଜିଲା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଚାଲିଥିବା ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନକୁ ବାତିଲ କରାଯାଇଥିବା ନେଇ ଏକ ଚିଠି ଆମ ପାଖକୁ ଆସିଛି। ତେବେ କେଉଁ କାରଣ ପାଇଁ ଏହି ଅନୁମୋଦନ ବାତିଲ କରାଯାଇଛି, ତାହା ସ୍ପଷ୍ଟ ଉଲ୍ଲେଖ କରାଯାଇନାହିଁ। ଅଦାଲତରେ ମାମଲା ହେତୁ ଏହା ବାତିଲ ହୋଇଥାଇପାରେ ବୋଲି ଜିଲା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଜେନା ପ୍ରକାଶ କରିଛନ୍ତି।

# ୧୦୦ ଟଙ୍କା ଲାଞ୍ଚ, ୩୯ ବର୍ଷ ପରେ ଦୋଷମୁକ୍ତ

**ରାୟପୁର,୧୯।୯**

ମାତ୍ର ୧୦୦ ଟଙ୍କା ଲାଞ୍ଚ ନେବା ମାମଲାରେ ଛତିଶଗଡ଼ର ଜଣେ ପୂର୍ବତନ ବିଲିଂ ଆସିଷ୍ଟାଣ୍ଟଙ୍କୁ ୩୯ ବର୍ଷ ଆଇନଗତ ଲଢ଼େଇର ସମ୍ମୁଖୀନ ହେବାକୁ ପଡ଼ିଛି। ଶେଷରେ ଛତିଶଗଡ଼ ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିଛନ୍ତି। ଜଣକ ପାଖରୁ କେବଳ ଟଙ୍କା ଜବତ ହେବା ଘଟଣାରେ ବିନା ପ୍ରମାଣରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଫଳରେ ନ୍ୟାୟ ମିଳିବାରେ ବିଳମ୍ବ ହୋଇପାରେ କିନ୍ତୁ ଏଥିରୁ କଦାପି ବଞ୍ଚିତ କରାଯାଇପାରିବ ନାହିଁ ସିଦ୍ଧାନ୍ତ ପ୍ରତିପାଦିତ ହୋଇଛି।

ଜଗେଶ୍ୱର ପ୍ରସାଦ ଅୱସ୍ତି ମଧ୍ୟପ୍ରଦେଶ ରାଜ୍ୟ ପରିବହନ ନିଗମରେ ପୂର୍ବରୁ ବିଲିଂ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୬ରେ ସେ ଅଶୋକ କୁମାର ବର୍ମା ନାମକ କର୍ମଚାରୀଙ୍କ ବକେୟା ପ୍ରାପ୍ୟର ସମାଧାନ କରିବା ପାଇଁ ୧୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ତତ୍କାଳୀନ ଲୋକାୟୁକ୍ତ ରାସାୟନିକ ମିଶା ନୋଟ ବ୍ୟବହାର କରି ଅୱସ୍ତିଙ୍କୁ ଲାଞ୍ଚ ନେଉଥିବାବେଳେ ଧରିଥିଲେ। ୨୦୦୪ରେ ତଳକୋର୍ଟ ତାଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେଇଥିଲେ। ହାଇକୋର୍ଟ ବିଚାରପତି ବିଭୁଦତ୍ତ ଗୁରୁ ବଳିଷ୍ଠ ପ୍ରମାଣ ନ ଥିବା ଦର୍ଶାଇ ତଳକୋର୍ଟ ରାୟକୁ ଖାରଜ କରିଦେଇଛନ୍ତି। ଅୱସ୍ତି ଲାଞ୍ଚ ଦାବି କରିଥିବାର ପ୍ରମାଣ ପାଇଁ କୌଣସି ନିରପେକ୍ଷ ସାକ୍ଷୀ ନାହାନ୍ତି। ମାମଲାର ସ୍ୟାଡୋ ୱିଟ୍ନେସ୍ ଥିବା ବ୍ୟକ୍ତି ଅୱସ୍ତି ଓ ବର୍ମାଙ୍କ ମଧ୍ୟରେ କଥାବାର୍ତ୍ତା ଶୁଣି ନ ଥିବା କିମ୍ବା ଲାଞ୍ଚ ଗ୍ରହଣ କରିବା ଦେଖି ନ ଥିବା କହିଥିଲେ। ଜବତ ଲାଞ୍ଚ ଗୋଟିଏ ୧୦୦ ଟଙ୍କିଆ ନୋଟ୍ କି ୨ଟି ୫୦ ଟଙ୍କିଆ ନୋଟ୍ ତାହା ମଧ୍ୟ ସ୍ପଷ୍ଟ ହୋଇ ନ ଥିଲା। ଅୱସ୍ତି ଆହୁରି କରିଥିଲେ, ଅଭିଯୋଗ ଆସିବା ସମୟରେ ବିଲ୍ ପାସ୍ କରାଇବା କ୍ଷମତା ତାଙ୍କର ନ ଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଏହି କ୍ଷମତା ମିଳିଥିଲା। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଆବଶ୍ୟକ ପ୍ରମାଣ ଅଭାବ ଦର୍ଶାଇ ହାଇକୋର୍ଟ ଅୱସ୍ତିଙ୍କୁ ଦୋଷମୁକ୍ତ କରିଛନ୍ତି।






**ODISHA: ANGUL :** KHATA NO. 333, PLOT NO. 1068, MOUZA ANGUL TOWN || **BALASORE** : DISTRICT COLLECTORATE, SRO, PS TOWN, MOUZA BAGBRUNDABAN || **BARGARH** : SWASTIKA PLAZA, IN FRONT OF HOTEL SWASTIK, GURUDWARA CHOWK || **BARIPADA** : SWASTIK HOTEL, SAVITRI TOWER, UDALA ROAD | V2 RETAIL LTD., MUGABAI GOLEI || **BHADRAK** : MOUZA MATHASAHI || **BHUBNESHWAR** : MOUZA JAYADEV VIHAR | NEAR AXIS BANK, PATIA | NEAR INDIAN OIL PETROL PUMP | PLOT NO. 254/1165, RASULGARH | PLOT NO. 72, BEHIND PUSHPAK HOTEL, BUDDHA NAGAR, KALPANA SQUARE || **BRAHMAPUR** : CITY MALL, TELEPHONE BHAVAN ROAD | URBAN BANK ROAD, GIRIJA SQUARE || **CUTTACK** : BADAMBADI, BRAJRAJ COMPLEX, PS BADAMBADI | MAHATAB ROAD, OPPOSITE SANGAM HALL, NEAR HP PETROL PUMP, DOLAMUNDAI || **JAJPUR** : MOUZA BHATIA, UNIT NO. 4, JAJPUR ROAD || **JEYPORE** : MAIN ROAD, AUROBINDO NAGAR, PARABEDA, **JEYPORE** || JHARSUGUDA-2 : MANGALAM TOWER, SARBAHAL ROAD || **JHASURGADA :** KALI MANDIR ROAD, NEAR SMART BAZAR || **KEONJHAR** : AT PABITRA DIHA, PO KEONJHAR, PS TOWN || **KHORDA** : NEAR BHARAT PETROL PUMP, NAYAGARH ROAD || **NAYAGARH :** IN FRONT OF SBI MAIN BRANCH, OLD SP OFFICE, MAIN ROAD SINDURIYA || **NIMAPADA** : DOLABEDI, NIMAPADA CHOWK, PO NIMAPADA, PS NIMAPADA || **NUAPADA** : HOTEL ANISH BUILDING, MAHAVIR CHOWK, AMSENA ROAD, OPPOSITE GUPTA CANTEEN, KHARIAR ROAD || **PARADEEP** : PPL CHAK, NEAR BHARAT PETROL PUMP, PARADEEP || **ROURKELA** : MOUZA R.T.U. NO. 36, VILLAGE/PS UDITNAGAR || **SAMBALPUR** : MODIPARA FARM ROAD, NEAR CITY CENTER MALL || **SUNDARGARH** : KISAM GHARBARI-1

**ALSO AVAILABLE AT:** DELHI, BIHAR, HARYANA, JHARKHAND, UTTAR PRADESH, HIMACHAL PRADESH, KARNATAKA, ODISHA, TRIPURA, ANDRA PRADESH, CHATTISGARH KARNATAKA, MAHARASTRA, PUNJAB, RAJASTHAN, ARUNACHAL PRADESH, UTTARAKHAND, ASSAM, MADHYA PRADESH, JAMMU & KASHMIR, TELANGANA, WEST BENGAL & GOA

*TERMS & CONDITIONS APPLY: OFFER VALID TILL STOCKS LAST. PRICES & OFFERS ARE SUBJECT TO CHANGE AND CAN BE WITHDRAWN WITHOUT PRIOR NOTICE. QUANTITY RESTRICTIONS APPLY. PRODUCT PICTURES ARE INDICATIVE OF THE OFFERS ONLY AND MAY NOT MATCH WITH THE ACTUAL PRODUCTS. OFFERS FOR RETAIL CUSTOMERS ONLY. OFFERS MAY VARY AS PER LOCATION. INCASE OF ANY DISPUTE V2 RESERVES THE RIGHT TO TAKE THE FINAL DECISION. ALL MAJOR CREDIT CARDS ARE ACCEPTED.

www.v2retail.com
Follow Us On
support@v2kart.com
+91 8130 907 705

## ଦିଲ୍ଲୀରେ ଆଜି



ଡିୟୁଏସ୍‌ୟୁ ନିର୍ବାଚନରେ ଉପସଭାପତି ନିର୍ବାଚିତ ହୋଇଥିବା ଏନ୍‌ଏସ୍‌ୟୁଓ୍ୱାଇର ରାହୁଲ ଝାଁସଲା ସମର୍ଥକଙ୍କ ଗହଣରେ ବିଜୟୋତ୍ସବ ପାଳନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଡିୟୁଏସ୍‌ୟୁ ନିର୍ବାଚନରେ ଏବିଭିପିର ବାଜିମାତ୍

**ନୂଆଦିଲ୍ଲୀ, ୧୯।୯**

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟ ୟୁନିୟନ (ଡିୟୁଏସ୍‌ୟୁ) ନିର୍ବାଚନରେ ଭାଜପାର ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଜିମାତ କରିଛି। ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ପଦ ଏବିଭିପି ହାତେଇଥିବା ବେଳେ ଉପସଭାପତି ପଦକୁ କଂଗ୍ରେସର ଛାତ୍ର ସଙ୍ଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)କୁ ଯାଇଛି। ସଭାପତି ପଦ ପାଇଁ ଏବିଭିପିର ଆର୍ଯ୍ୟନ ମାନ୍ ଏନ୍‌ଏସ୍‌ୟୁଆଇ ଜୋସ୍‌ଲିନ ନନ୍ଦିତା ଚୌଧୁରୀଙ୍କୁ ପ୍ରାୟ ୧୬ ହଜାର ଭୋଟରେ ହରାଇଛନ୍ତି। ଆର୍ଯ୍ୟନଙ୍କୁ ୨୮,୮୪୧ ଖଣ୍ଡ ଭୋଟ ମିଳିଥିବାବେଳେ ନନ୍ଦିତାଙ୍କୁ ୧୨,୬୪୫ ଭୋଟ ମିଳିଛି। ସମ୍ପାଦକ ପଦରେ ଏବିଭିପିର କୁନାଲ ଚୌଧୁରୀ, ଯୁଗ୍ମ ସମ୍ପାଦକ ପଦରେ ଦୀପିକା ଝା ବିଜୟୀ ହୋଇଛନ୍ତି। ଉପସଭାପତି ପଦରେ ଏନ୍‌ଏସ୍‌ୟୁଆଇର ରାହୁଲ ଝାଁସଲା ବିଜୟୀ ହୋଇଛନ୍ତି। ଦିଲ୍ଲୀର ଏହି ହାଇ ପ୍ରୋଫାଇଲ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ସମୁଦାୟ ୧.୫୩ ଲକ୍ଷ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦,୨୭୨ ଜଣ ମତାଧିକାରକୁ ସାବ୍ୟସ୍ତ କରିଥିଲେ। ଚଳିତ ଥର ସମୁଦାୟ ୩୯.୩୬% ମତଦାନ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବିଭିପିର ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାହୁଲଙ୍କୁ ସହରୀ ମାଓବାଦୀ କହିଲେ ଫଡ଼ନବିସ୍

## ନେତୃତ୍ୱ ବିଫଳତାକୁ ସ୍ୱୀକାର କରନ୍ତୁ ରାହୁଲ: ରିଜିଜୁ

**ନୂଆଦିଲ୍ଲୀ, ୧୯।୯**

କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ସହରୀ ମାଓବାଦୀ' ଭଳି କଥା କହୁଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଶୁକ୍ରବାର ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କୁ ଉପାଡ଼ି ଫିଙ୍ଗିଦେବାକୁ ଜେନ୍ ଜିଙ୍କୁ ଆହ୍ୱାନ ଦେଉଛନ୍ତି। ରାହୁଲ ସମ୍ବିଧାନରେ ବିଶ୍ୱାସ କରନ୍ତି ନାହିଁ। ତାଙ୍କ ଉପଦେଷ୍ଟାମାନଙ୍କ ମାନସିକତା ମଧ୍ୟ ସହରୀ ମାଓବାଦୀଙ୍କ ଭଳି।

ରାହୁଲ ଗୁରୁବାର ସନ୍ଧ୍ୟାରେ ଭୋଟ ଚୋରି ଅଭିଯୋଗକୁ ଦୋହରାଇବା ସହ ଦେଶର ଯୁବ, ଛାତ୍ର, ଜେନ୍ ଜି ସମ୍ବିଧାନର ରକ୍ଷା କରିବେ, ଗଣତନ୍ତ୍ରର ସୁରକ୍ଷା କରିବେ ଓ ଭୋଟ ଚୋରି ରୋକିବେ ବୋଲି କହିଥିଲେ। ରାହୁଲ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବା ପରିବର୍ତ୍ତେ ନିର୍ବାଚନରେ ବାରମ୍ବାର ପରାଜୟ ପାଇଁ ନିଜକୁ ଦାୟୀ କରିବା ଆବଶ୍ୟକ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ରାହୁଲଙ୍କ ଭୋଟ ଚୋରି ଅଭିଯୋଗକୁ ନିର୍ବାଚନ କମିଶନ ମିଥ୍ୟା, ଭିତ୍ତିହୀନ କହି ପ୍ରତ୍ୟାଖ୍ୟାନ କରିଛି। ଉପଯୁକ୍ତ ପ୍ରକ୍ରିୟା ବିନା କୌଣସି ଭୋଟରଙ୍କୁ ବାଦ୍ ଦିଆଯାଇ ନ ଥାଏ ବୋଲି ଇସି କହିଛି।

# ଆସାମ ରାଇଫଲ୍ସ ଟ୍ରକ୍ ଉପରେ ଆକ୍ରମଣ: ୨ ଯବାନ ନିହତ

**ଇମ୍ଫାଲ, ୧୯।୯**

ମଣିପୁର ରାଜଧାନୀ ଇମ୍ଫାଲ ଉପକଣ୍ଠରେ ଶୁକ୍ରବାର ସନ୍ଧ୍ୟାରେ ଆସାମ୍ ରାଇଫଲ୍ସର ଏକ ଟ୍ରକ୍ ଉପରେ ବନ୍ଧୁକଧାରୀମାନେ ଆକ୍ରମଣ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ୨ ଯବାନଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଛନ୍ତି। ଅର୍ଦ୍ଧସାମରିକ ବାହିନୀର ଟ୍ରକ୍ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବାବେଳେ ନମ୍ବୋଲ ସବାଲ ଲେଇକାଇ ଅଞ୍ଚଳରେ ଅଜଣା ବନ୍ଧୁକଧାରୀ ଆକ୍ରମଣ କରିଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୩ ତାରିଖରେ ଏହି ରାସ୍ତା ଦେଇ ମଣିପୁର ଗସ୍ତରେ ଯାଇଥିଲେ। ମଣିପୁର ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିବା ସହ ମୃତ ଯବାନଙ୍କ ପରିବାରକୁ ହୃଦୟଭରା ସମବେଦନା ଜଣାଇଛନ୍ତି। ସେ ଆହତ ଯବାନମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପିଓକେରୁ କେପିକେକୁ ବେସ୍ ହଟାଇଛନ୍ତି ଆତଙ୍କବାଦୀ

**ନୂଆଦିଲ୍ଲୀ, ୧୯।୯**

ଭାରତୀୟ ସେନାର ଅପରେଶନ ସିନ୍ଦୂରରେ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଅନ୍ୟୁନ ୯ଟି ବୃହତ୍ ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା। ଏହା ପରେ ପାକ୍ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନଗୁଡ଼ିକ ସେମାନଙ୍କ ବେସ୍‌କୁ ପିଓକେରୁ ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା (କେପିକେ)କୁ ସ୍ଥାନାନ୍ତର କରିଛନ୍ତି। ଜୈଶ-ଇ-ମହମ୍ମଦ (ଜେଇଏମ୍) ଏବଂ ହିଜବୁଲ୍ ମୁଜାହିଦ୍ଦିନ୍ ଭଳି ଆତଙ୍କବାଦୀ ସଂଗଠନ ଏବେ ନିଜକୁ ଆଫଗାନିସ୍ତାନ ସୀମାବର୍ତ୍ତୀ କେପିକେରେ ଅବସ୍ଥାପିତ କରିଛନ୍ତି।

ପାକିସ୍ତାନ ସରକାରଙ୍କ ପ୍ରତ୍ୟକ୍ଷ ସହାୟତାରେ ଏହା କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। କାରଣ ପୋଲିସ ସୁରକ୍ଷାରେ ଜେଇଏମ୍‌ର ଏକ ସମାବେଶ ହୋଇଥିବାବେଳେ ସେଥିରେ ଜାମିଆତ୍ ଉଲେମା-ଇ-ଇସ୍‌ଲାମ ଭଳି ରାଜନୈତିକ ଧର୍ମୀୟ ସଂଗଠନ ସାମିଲ ହୋଇଥିଲେ।

ଗତ ୧୪ ତାରିଖରେ ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ୍‌ର ପୂର୍ବରୁ କେପିକେର ମନସେହରା ଜିଲାର ଗରହି ହବିବୁଲ୍ଲା ସହରରେ ଜେଇଏମ୍ ଏକ ନିଯୁକ୍ତି ଅଭିଯାନ ଚଳାଇଥିଲା। ଜେଇଏମ୍ ଏବଂ ଜେୟୁଆଇର ମିଳିତ ନେତୃତ୍ୱରେ ଧର୍ମୀୟ ସମାବେଶର ଆୟୋଜନ କରାଯାଇଥିଲା। ରାଲିରେ ମୌଲାନା ମୁଫ୍ତି ମାସୁଦ ଇଲିୟାସ କଶ୍ମୀରୀ ଓରଫ ଅବୁ ମହମ୍ମଦ, ଜେଇଏମ୍‌ର କେପିକେ ଓ କଶ୍ମୀର ପାଇଁ ଥିବା ଅମିର ଉଦ୍‌ବୋଧନ ଦେଇଥିଲେ। କଶ୍ମୀରୀ ତାଙ୍କ ୩୦ ମିନିଟ୍‌ର ଭାଷଣରେ ଓସାମା ବିନ୍ ଲାଡେନ୍‌ଙ୍କୁ 'ଶୋହଦା-ଇ-ଇସ୍‌ଲାମ' ଏବଂ ପ୍ରିନ୍ସ ଅଫ୍ ଆରବ' କହି ଉଚ୍ଚ ପ୍ରଶଂସା କରିଥିଲେ। ଅଲ୍‌କାଏଦା ଲିଗାସି ସହ ଜେଇଏମ୍‌ର ବିଚାରଧାରା ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବୋଲି କହିଥିଲେ। ଜିହାଦିଙ୍କ ପାଇଁ କେପିକେ ଏକ ଆଭ୍ୟନ୍ତରୀଣ ନିରାପଦ ସ୍ଥଳ। ଆଇସି-୮୧୪ ବିମାନ ଅପହରଣ ପରେ ଜେଇଏମ୍‌ର ବାଲାକୋଟ୍ ମୁଖ୍ୟାଳୟ ସ୍ଥାପନ ହୋଇଥିଲା। ତେବେ ଅପରେଶନ ସିନ୍ଦୂର ବେଳେ ଭାରତୀୟ ସେନା ଆକ୍ରମଣରେ ମାସୁଦ୍ ଆଝାର ପରିବାରର ସଦସ୍ୟମାନଙ୍କ ମୃତ୍ୟୁ ଘଟିଥିବା କଶ୍ମୀରୀ ମନେପକାଇ ଦେଇଥିଲେ। ଜେଇଏମ୍ ସଦସ୍ୟମାନଙ୍କ ଶେଷକୃତ୍ୟରେ ସମ୍ମାନ ପ୍ରଦାନ ଓ ସୁରକ୍ଷା ଯୋଗାଇଦେବା ଲାଗି ସେନାମୁଖ୍ୟ ଅସିମ ମୁନିର ବ୍ୟକ୍ତିଗତ ଭାବେ ପାକ୍ ସେନାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି କଶ୍ମୀରୀ କହିଛନ୍ତି।

### ମୁରିଦ୍‌କେରେ ଆତଙ୍କବାଦୀଙ୍କ ମୁଖ୍ୟାଳୟ ଧ୍ୱଂସ ହୋଇଥିଲା

**ଇସ୍‌ଲାମାବାଦ, ୧୯।୯**

**ଜେଇଏମ୍ ପରେ ଲଶ୍କର ମାନିଲା**



ଏଲ୍‌ଇଟି କମାଣ୍ଡର କାସିମ୍

ଭାରତୀୟ ସେନାର ଅପରେଶନ ସିନ୍ଦୂର ବେଳେ ବାହାଓ୍ୱଲପୁର ଆତଙ୍କବାଦୀ ଶିବିର ଧ୍ୱଂସହେବା ସହ ମାସୁଦ୍ ଅଜହରଙ୍କ ପରିବାର ସଦସ୍ୟ ନିହତ ହୋଇଥିଲେ ବୋଲି ଜୈଶ-ଇ-ମହମ୍ମଦ (ଜେଇଏମ୍) କମାଣ୍ଡର ୨ ଦିନ ପୂର୍ବରୁ ସ୍ୱୀକାର କରିଥିଲେ। ଏବେ ଲଶ୍କର-ଇ-ତୋଇବା ମଧ୍ୟ ଅପରେଶନ ସିନ୍ଦୂର ବେଳେ ଏହାର ମୁଖ୍ୟାଳୟ ଥିବା ମୁରଦ୍‌କେର ମର୍କାଜ ତାଇବା ଧ୍ୱଂସ ହୋଇଥିବା ସ୍ୱୀକାର କରିଛି। ସୋସିଆଲ୍ ମିଡିଆରେ ବହୁଳ ପ୍ରସାରିତ ଭିଡିଓରେ ଏଲ୍‌ଇଟି କମାଣ୍ଡର କାସିମ୍ ସ୍ୱୀକାର କରିଛନ୍ତି, ମେ' ୭ ତାରିଖ ଅପରେଶନରେ ମୁରିଦ୍‌କେ ଆତଙ୍କବାଦୀ କ୍ୟାମ୍ପ ଧ୍ୱଂସ ହୋଇଥିଲା। ଏବେ ଏହାକୁ ବଡ଼ କରି ନିର୍ମାଣ କରାଯାଉଛି। ମୁରିଦ୍‌କେ ସହର ପାକିସ୍ତାନ ପଞ୍ଜାବ ପ୍ରଦେଶର ଶେଖୁପୁରାରେ ଅବସ୍ଥିତ।

# ଭାରତୀୟ ଇଞ୍ଜିନିୟରଙ୍କୁ ଗୁଳିକଲା ୟୁଏସ୍ ପୋଲିସ

**ଓ୍ୱାଶିଂଟନ, ୧୯।୯**



ମହମ୍ମଦ ନିଜାମୁଦ୍ଦିନ

ଆମେରିକାର କାଲିଫର୍ନିଆ ରାଜ୍ୟ ସାନ୍ତା କ୍ଲାରାରେ ଗୁରୁବାର ପୋଲିସ ଗୁଳିରେ ଭାରତୀୟ ସଫ୍ଟଓ୍ୱେର ଇଞ୍ଜିନିୟର ମହମ୍ମଦ ନିଜାମୁଦ୍ଦିନ(୨୯)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ତେଲଙ୍ଗାନା ମହବୁବନଗର ଜିଲାରେ। ଏନେଇ ଶୁକ୍ରବାର ନିଜାମୁଦ୍ଦିନଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ରୁମ୍‌ମେଟ୍‌ଙ୍କ ସହ ନିଜାମୁଦ୍ଦିନଙ୍କର ଝଗଡ଼ା ଓ ମାର୍‌ପିଟ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ୨ଟି ଛୁରି ଜବତ କରିଛି। ନିଜାମୁଦ୍ଦିନଙ୍କ ବାପା ମହମ୍ମଦ ହସମୁଦ୍ଦିନ କହିଛନ୍ତି, ଏକ ଛୋଟ କଥାକୁ ନେଇ ରୁମ୍‌ମେଟ୍‌ଙ୍କ ସହ ନିଜାମୁଦ୍ଦିନଙ୍କର ଝଗଡ଼ା ହୋଇଥିଲା। ପୁଅ ମୃତଦେହକୁ ମହବୁବନଗର ଆଣିବା ପାଇଁ ସେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ସାହାଯ୍ୟ ପାଇଁ ସେ ଓ୍ୱାଶିଂଟନ୍ ଏବଂ ସାନ୍ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ ଅଧିକାରୀଙ୍କୁ ଗୁହାରି କରିଛନ୍ତି। ସ୍ଥାନୀୟ ସାନ୍ତା କ୍ଲାରା ପୋଲିସ କହିଛି, ଆଇଜନହାଓ୍ୱର ଡ୍ରାଇଭ୍‌ସ୍ଥିତ ଏକ ଘରେ ଜଣେ ବ୍ୟକ୍ତି ନିଜ ରୁମ୍‌ମେଟ୍‌ଙ୍କୁ ଛୁରିରେ ଆକ୍ରମଣ କରିଥିବା ସୂଚନା ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ସେ ପୋଲିସକୁ ମଧ୍ୟ ଆକ୍ରମଣ ଧମକ ଦେଇଥିଲେ। ଫଳରେ ପୋଲିସ ପକ୍ଷରୁ ତାଙ୍କୁ ଗୁଳି କରାଯାଇଥିଲା। ହସ୍ପିଟାଲ ନେବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ଚାମୋଲିରେ ବର୍ଷାବିପ୍ଳାତ ମୃତ୍ୟୁସଂଖ୍ୟା ୭

**ଡେରାଡୁନ୍, ୧୯।୯**

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ବାଦଲଫଟା ବର୍ଷା ଲାଗିରହିବା ଫଳରେ ବନ୍ୟା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୭ରେ ପହଞ୍ଚିଛି। ଗୁରୁବାର ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଭଗ୍ନାବଶେଷ ତଳୁ ଆଉ ୫ଟି ମୃତଦେହ ମିଳିଛି। ଏନ୍‌ଡିଆର୍‌ଏଫ୍ ସମେତ ଅନ୍ୟ ଉଦ୍ଧାରକାରୀ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ବର୍ଷାବିପ୍ଳାତଜନିତ ଭୂସ୍ଖଳନ ଓ ବନ୍ୟାରେ ଚାମୋଲି ଜିଲା ନନ୍ଦନଗର ଅନ୍ତର୍ଗତ କୁଣ୍ଟାରି ଲାଗାଫଲି, କୁଣ୍ଟାରି ଲାଗାସର୍ପାନି, ସେରା ଏବଂ ଧୁର୍‌ମା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଗୁରୁତର ଆହତମାନଙ୍କୁ ଏମ୍ସ ଋଷିକେଶରେ ଚିକିତ୍ସା କରାଯାଉଥିବାବେଳେ ୯୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି।

# ଗାଜାରେ ଯୁଦ୍ଧବିରତି ପାଇଁ ୟୁଏନ୍‌ଏସ୍‌ସି ପ୍ରସ୍ତାବ ବିରୋଧରେ ଆମେରିକାର ଭିଟୋ

**ଜାତିସଂଘ, ୧୯।୯**

ଗାଜାରେ ତୁରନ୍ତ ଓ ସ୍ଥାୟୀ ଯୁଦ୍ଧବିରତି ଏବଂ ପଣବନ୍ଦୀମାନଙ୍କ ମୁକ୍ତି ପାଇଁ ଗୁରୁବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ଏକ ପ୍ରସ୍ତାବ ବିରୋଧରେ ଆମେରିକା ପୁଣିଥରେ ନିଜର ଭିଟୋ କ୍ଷମତା ପ୍ରୟୋଗ କରିଛି। ହମାସ୍‌କୁ ନିନ୍ଦା କରିବାରେ ଏହି ଉଦ୍ୟମ ଅଧିକ ବଢ଼ି ନ ଥିବା ଆମେରିକା କହିଛି। ଜାତିସଂଘର ସବୁଠୁ କ୍ଷମତାଶାଳୀ ସଂଗଠନର ଅନ୍ୟ ୧୪ ସଦସ୍ୟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ଗାଜାରେ ମାନବୀୟ ସ୍ଥିତି ଆପତ୍ତିଜନକ ବୋଲି ପ୍ରସ୍ତାବରେ କୁହାଯିବା ସହ ଉକ୍ତ ଅଞ୍ଚଳର ୨୧ ଲକ୍ଷ ପାଲେଷ୍ଟିନୀୟଙ୍କୁ ସହାୟତା ପ୍ରଦାନ କ୍ଷେତ୍ରରେ ଇସ୍ରାଏଲ୍ ଲଗାଇଥିବା ସମସ୍ତ କଟକଣା ହଟାଇଦେବାକୁ ଆହ୍ୱାନ ଦିଆଯାଇଥିଲା। ଓ୍ୱାଶିଂଟନ୍‌ର ଭିଟୋ ପ୍ରୟୋଗ ଫଳରେ ଗାଜାରେ ପାଖାପାଖି ୨ ବର୍ଷ ହେଲା ଲାଗି ରହିଥିବା ଯୁଦ୍ଧକୁ ନେଇ ବିଶ୍ୱ ମଞ୍ଚରୁ ଆମେରିକା ଓ ଇସ୍ରାଏଲ୍ ନିଜକୁ ଦୂରେଇରଖିବା ସ୍ପଷ୍ଟ ହୋଇଛି। କିଛିଦିନ ପରେ ଜାତିସଂଘ ସାଧାରଣ ସଭାର ବାର୍ଷିକ ସମ୍ମିଳନୀରେ ଗାଜା ମୁଖ୍ୟ ପ୍ରସଙ୍ଗ ହେବାକୁ ଥିବାବେଳେ ଆମେରିକାର କେତେକ ବୃହତ୍ ସହଯୋଗୀ ପାଲେଷ୍ଟାଇନ୍‌କୁ ସ୍ୱାଧୀନ ରାଷ୍ଟ୍ର ଭାବେ ସ୍ୱୀକୃତି ଦେବା ଆଶା କରାଯାଉଛି।

# ସୁଦାନ ମସ୍‌ଜିଦରେ ଡ୍ରୋନ୍ ଆକ୍ରମଣ: ୪୩ ମୃତ

**କାଇରୋ, ୧୯।୯**

ସୁଦାନର ନର୍ଥ ଡାର୍‌ଫୁର ରାଜ୍ୟ ରାଜଧାନୀ ଏଲ୍ ଫାଶୋରରେ ଥିବା ଏକ ମସ୍‌ଜିଦରେ ଶୁକ୍ରବାର ସକାଳେ ଲୋକେ ନମାଜ ପାଠ କରୁଥିବାବେଳେ ଅର୍ଦ୍ଧସାମରିକ ବାହିନୀ ଡ୍ରୋନ୍ ଆକ୍ରମଣ କରିବାରୁ ୪୩ ଜଣଙ୍କ ମୃତ୍ୟୁ ଘଟିଛି। ରାପିଡ୍ ସୁଦାନିଜ୍ ଫୋର୍ସ (ଆର୍‌ଏସ୍‌ଏଫ୍)ର ଆକ୍ରମଣରେ ବୃଦ୍ଧାବୃଦ୍ଧ ଓ ପିଲାଙ୍କ ସମେତ ନମାଜ ପାଠ କରୁଥିବା ଲୋକେ ପ୍ରାଣ ହରାଇଛନ୍ତି। ନିରୀହ ନାଗରିକଙ୍କ ଉପରେ ଏହା ଜଘନ୍ୟ ଆକ୍ରମଣ ବୋଲି ସେଠାର ଡକ୍ଟର୍ସ ନେଟ୍‌ଓ୍ୱର୍କ କହିଛି। ଆକ୍ରମଣରେ ମସ୍‌ଜିଦ୍‌ର ଏକ ଅଂଶ ଧୂଳିସାତ୍ ହୋଇଥିବାବେଳେ ମୃତଦେହଗୁଡ଼ିକ ବିଛାଡ଼ିହୋଇ ପଡ଼ିଥିଲା।

# ୪୭୪ ଅଣସ୍ୱୀକୃତ ଦଳକୁ ତାଲିକାରୁ ବାଦ୍‌ଦେଲେ ଇସି

**ନୂଆଦିଲ୍ଲୀ, ୧୯।୯ (ପି.ଟି.)**




ଗତ ୬ ବର୍ଷ ମଧ୍ୟରେ ଆଦୌ ନିର୍ବାଚନ ଲଢ଼ି ନ ଥିବା ସମେତ ନିୟମାବଳୀର ଉଲ୍ଲଂଘନ କରିଥିବା ଆଉ ୪୭୪ଟି ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ (ଆର୍‌ୟୁପିପି)କୁ ନିର୍ବାଚନ କମିଶନ (ଇସି) ଶୁକ୍ରବାର ତାଲିକାରୁ ବାଦ୍ ଦେଇଛନ୍ତି। ଗତ ଅଗଷ୍ଟ ୯ରେ ପ୍ରଥମ ପର୍ଯ୍ୟାୟରେ ୩୩୪ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ଦଳଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ଏହିପରି ୨ ପର୍ଯ୍ୟାୟରେ ଇସି ମୋଟ ୮୦୮ଆର୍‌ୟୁପିପିକୁ ତାଲିକାରୁ ବାଦ୍ ଦେଲେଣି। ଏହି ଦଳଗୁଡ଼ିକ ବାଦ୍ ପଡ଼ିବା ପରେ ବର୍ତ୍ତମାନ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ସଂଖ୍ୟା ୨,୦୪୬କୁ ହ୍ରାସ ପାଇଛି। ଏହାକୁ ବାଦ୍ ଦେଇ ୬ଟି ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳ ଓ ୬୭ଟି ରାଜ୍ୟ ଦଳ ରହିଛି।

ଭାରତରେ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏ ଅଧୀନରେ ରାଜନୈତିକ ଦଳଗୁଡ଼ିକ ପଞ୍ଜୀକୃତ ହୋଇଥାନ୍ତି। ଥରେ ପଞ୍ଜୀକୃତ ହୋଇଗଲେ ଦଳଗୁଡ଼ିକୁ ନିର୍ବାଚନୀ ଚିହ୍ନ ଓ ଟିକସ ରିହାତି ଆଦି କେତେକ ସୁବିଧା ମିଳିଥାଏ। ତେବେ ଗାଇଡ୍‌ଲାଇନରେ ସ୍ପଷ୍ଟ କରିଦିଆଯାଇଛି ଯେ ଯଦି କୌଣସି ଦଳ ୬ ବର୍ଷ ପାଇଁ ନିର୍ବାଚନ ଲଢ଼ି ନ ଥିବ, ତାହାକୁ ପଞ୍ଜୀକୃତ ଦଳ ତାଲିକାରୁ ବାଦ୍ ଦିଆଯିବ। ନିୟମାବଳୀ ଉଲ୍ଲଂଘନ କରିଥିବା ଦଳଗୁଡ଼ିକୁ ବାଦ୍ ଦେବା ଲାଗି ନିର୍ବାଚନ କମିଶନ ଜୁନ୍‌ରୁ ଦେଶବ୍ୟାପୀ ଉଦ୍ୟମ ଆରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତରପ୍ରଦେଶରୁ ସର୍ବାଧିକ ୧୨୧ଟି ଦଳ ତାଲିକାରୁ ବାଦ୍ ପଡ଼ିଥିବାବେଳେ ମହାରାଷ୍ଟ୍ରରୁ ୪୪, ତାମିଲନାଡୁରୁ ୪୨, ଦିଲ୍ଲୀରୁ ୪୦, ପଞ୍ଜାବରୁ ୨୧, ମଧ୍ୟପ୍ରଦେଶରୁ ୨୩, ବିହାରରୁ ୧୫, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରୁ ୧୭ଟି ଲେଖାଏ ଏବଂ ଓଡ଼ିଶାରୁ ୭ ଦଳଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି।

## ଫୁରସତ



# ମନ୍ଦୋଦରୀ ଭୂମିକାରେ ପୁନମ ପାଣ୍ଡେ

**ନୂଆଦିଲ୍ଲୀ:** ଅନେକ ସମୟ ଧରି ଅଭିନେତ୍ରୀ ପୁନମ ପାଣ୍ଡେ କୌଣସି ଫିଲ୍ମ କିମ୍ବା ଟିଭି ଶୋ'ରେ ନଜରକୁ ଆସିନାହାନ୍ତି। ତେବେ ତାଙ୍କ ଫ୍ୟାନ୍ସଙ୍କ ପାଇଁ ଏକ ଗୁଡ୍‌ନ୍ୟୁଜ୍ ସାମ୍ନାକୁ ଆସିଛି। ତାଙ୍କୁ ବଡ଼ ପରଦା କିମ୍ବା ଛୋଟ ପରଦାରେ ନୁହେଁ ବରଂ ଆଗାମୀ ଦଶହରାରେ ଆୟୋଜନ ହେବାକୁ ଥିବା ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳାରେ ପୁନମଙ୍କୁ ଦେଖିବାକୁ ମିଳିବ। ଏହି ରାମଲୀଳାରେ ସେ ରାବଣର ସ୍ତ୍ରୀ ମନ୍ଦୋଦରୀଙ୍କ ଭୂମିକା ନିର୍ବାହ କରିବେ। ଅଭିନେତା ଆର୍ଯ୍ୟ ବବ୍ବର ରାବଣ ଭୂମିକା ନିର୍ବାହ କରିବେ ବୋଲି ଜଣାପଡ଼ିଛି। ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳାରେ ଅଭିନୟ କରିବାର ସୁଯୋଗ ମିଳିଥିବାରୁ ପୁନମ ଖୁସି ପ୍ରକାଶ କରିଛନ୍ତି। ତାଙ୍କ ଟିମ୍ ପକ୍ଷରୁ ପୁନମଙ୍କ ଏକ ବିବୃତିକୁ ଜାରି କରାଯାଇଛି ଯେଉଁଥିରେ ସେ କହିଛନ୍ତି, ଲବ-କୁଶ ରାମଲୀଳା କମିଟି ନିକଟରେ କୃତଜ୍ଞ। ରାମଲୀଳା କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଉତ୍ସବ। ଏଥିରେ ଅଭିନୟ କରିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ ବୋଲି ପୁନମ କହିଛନ୍ତି।

**ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳା**

# ହନିମୁନ୍ ପାଇଁ ରିସେପ୍ସନରେ ପାଣ୍ଠି ସଂଗ୍ରହ

**ଲଣ୍ଡନ:** ସାଧାରଣତଃ ବିବାହରେ ସାମିଲ ହୋଇଥିବା ଅତିଥିମାନେ ବର ଏବଂ କନ୍ୟାଙ୍କୁ ବିଭିନ୍ନ ପ୍ରକାର ଉପହାର ଦେଇଥାନ୍ତି। ତେବେ ବ୍ରିଟେନ୍‌ର ଏକ ଦମ୍ପତି ସେମାନଙ୍କ ବିବାହ ରିସେପ୍ସନରେ କୌଣସି ପାରମ୍ପରିକ ଉପହାର ନେବେ ନାହିଁ ବୋଲି ଅତିଥିଙ୍କୁ ବିବାହ କାର୍ଡରେ ଅବଗତ କରାଇଥିଲେ। ଏହା ବଦଳରେ ସେମାନେ ବିବାହ ରିସେପ୍ସନରେ ନିଜ ହନିମୁନ୍ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ନିଜ ରିସେପ୍ସନରେ ଏକ କ୍ୟୁଆର୍ କୋଡ୍ ସ୍କାନର ଲଗାଇଥିଲେ ଯେଉଁଥିରେ ଲେଖା ହୋଇଥିଲା, ଉପହାର ଦେବା ବଦଳରେ ଆମ ହନିମୁନ୍ ପାଣ୍ଠିରେ ଯୋଗଦାନ କରନ୍ତୁ। ଏହିପରି ଭାବେ ନିଜ ବିବାହ ରିସେପ୍ସନରେ ଉକ୍ତ ଦମ୍ପତି ସେମାନଙ୍କ ହନିମୁନ୍ ପାଇଁ ମୋଟ ୧୪୦ ଅତିଥିଙ୍କଠାରୁ ପାଣ୍ଠି ସଂଗ୍ରହ କରିବାରେ ସଫଳ ହୋଇଛନ୍ତି।

ବ୍ରିଟେନ୍‌ର ମିଲ୍‌ଟନ୍ କେନ୍ସ ସହରର ବାସିନ୍ଦା କ୍ରିସ୍ ମାର୍ଟିନ୍ (୩୫) ଏବଂ ତାଶା ହ୍ୱାଇଟ୍ (୩୩) ସେମାନଙ୍କ ବିବାହକୁ ସ୍ମରଣୀୟ କରିବା ପାଇଁ ଏହି ଅନନ୍ୟ ପଦ୍ଧତିକୁ ଆପଣାଇଥିଲେ। ୧୪ ବର୍ଷ ଧରି ରିଲେଶନ୍‌ସିପ୍‌ରେ ରହିବା ପରେ ନିକଟରେ ଉଭୟେ ବିବାହ କରିଥିଲେ। କ୍ରିସ୍ ମର୍ସିଡିଜ୍ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ତାଶା ହେଉଛନ୍ତି ଜଣେ ହେୟାରଡ୍ରେସର। ତାଶା କହିଛନ୍ତି, ସେମାନଙ୍କୁ ପାରମ୍ପରିକ ଉପହାରର ଆବଶ୍ୟକତା ନ ଥିଲା। ଘର ପାଇଁ ଆବଶ୍ୟକ ସମସ୍ତ ଜିନିଷ ସେମାନଙ୍କ ନିକଟରେ ରହିଥିଲା। ତେବେ ଉଭୟେ ହନିମୁନ୍ ପାଇଁ ମେକ୍ସିକୋ ଯିବାକୁ ସ୍ଥିର କରିଥିବାବେଳେ ଏଥିପାଇଁ ପାଣ୍ଠିର ଅଭାବ ଥିଲା। ତେଣୁ ସେମାନେ ନିଜ ବିବାହ ରିସେପ୍ସନରେ କ୍ୟୁଆର୍ କୋଡ୍ ସ୍କାନରକୁ ସ୍ଥାପନ କରିଥିଲେ। ଏହାଦ୍ୱାରା ଅତିଥିମାନେ ସିଧାସଳଖ ଭାବେ କ୍ରିସ୍‌ଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟ୍ୟାପ୍‌କରି ତାଙ୍କ ହନିମୁନ୍ ପାଇଁ ସଂଗ୍ରହ ହେଉଥିବା ପାଣ୍ଠିରେ ଯୋଗଦାନ କରିଥିଲେ। କ୍ରିସ୍ କହିଛନ୍ତି, ହନିମୁନ୍ ପାଣ୍ଠି ସଂଗ୍ରହ ପାଇଁ ଏହି ନିଆରା ଉପାୟକୁ ତାଙ୍କ ବିବାହ ରିସେପ୍ସନକୁ ଆସିଥିବା ଅତିଥିମାନେ ବେଶ୍ ପସନ୍ଦ କରିଥିଲେ। ତେବେ କ୍ୟୁଆର୍ କୋଡ୍ ସ୍କାନରରେ ସେ ହନିମୁନ୍ ପାଇଁ କେତେ ଅର୍ଥ ସଂଗ୍ରହ କରିଛନ୍ତି ସେ ସମ୍ପର୍କରେ କ୍ରିସ୍ ସୂଚନା ଦେଇନାହାନ୍ତି। ସମ୍ପ୍ରତି ଲୋକମାନେ ନିଜ ସହ କମ୍ ନଗଦ ଅର୍ଥ ରଖୁଥିବାରୁ, କ୍ୟୁଆର୍ କୋଡ୍ ସ୍କାନରରେ ପାଣ୍ଠି ସଂଗ୍ରହ ପଦ୍ଧତି ତାଙ୍କୁ ସମ୍ପୂର୍ଣ୍ଣ ଠିକ୍ ମନେହୋଇଥିଲା ବୋଲି କ୍ରିସ୍ କହିଛନ୍ତି।



# ଅଯୋଧ୍ୟା, ବାରାଣସୀ ଗଲେ ୭୭୫ ବରିଷ୍ଠ ନାଗରିକ




ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୀର୍ଥଯାତ୍ରା ଟ୍ରେନ୍‌କୁ ସବୁଜ ପତାକା ଦେଖାଉଛନ୍ତି।

### ଦ୍ୱିତୀୟ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

### ଶୁଭକାମନା ଜଣାଇଲେ ଉପମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, ୧୯।୯(ସ୍ମୃତିରଞ୍ଜନ ମହାଲିକ)

ବ୍ରହ୍ମପୁର ରେଳ ଷ୍ଟେଶନରୁ ଶୁକ୍ରବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ଟ୍ରେନ୍ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାଇଛି। ଏହି ଟ୍ରେନ୍‌କୁ ବ୍ରହ୍ମପୁର ରେଳୱେ ଷ୍ଟେଶନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣାଇଛନ୍ତି। ଉକ୍ତ ଟ୍ରେନ୍‌ରେ ୫ ଜିଲାର ୭୭୫ ବରିଷ୍ଠ ନାଗରିକ ଓ ୨୫ ଏସ୍କର୍ଟ ଯାତ୍ରା କରିଛନ୍ତି। ତୀର୍ଥଯାତ୍ରୀଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ୪୩୮ ଜଣ, ଗଜପତିରୁ ୭୨, ବୌଦ୍ଧରୁ ୫୫, ନୟାଗଡ଼ରୁ ୧୧୯ ଓ କନ୍ଧମାଳରୁ ୯୧ଜଣ ଅଛନ୍ତି। ବ୍ରହ୍ମପୁର ଷ୍ଟେଶନ ପରିସରରେ ସେମାନଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଗଞ୍ଜାମର ବିଭିନ୍ନ ଲୋକକଳା ପ୍ରଦର୍ଶନ କରାଯାଇଥିଲା। ଗୁରୁବାର ରାତିରେ ରେଳ ଷ୍ଟେଶନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ ସମେତ ସମସ୍ତ ବ୍ୟବସ୍ଥା ଜିଲା ପ୍ରଶାସନ ତରଫରୁ କରାଯାଇଥିଲା। ତୀର୍ଥଯାତ୍ରୀମାନେ ପବିତ୍ର ଗଙ୍ଗାଘାଟ, ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି ଓ କାଶୀ ବିଶ୍ୱନାଥ ମନ୍ଦିର ପରିଦର୍ଶନ କରିବେ। ଏହାପରେ ଅଯୋଧ୍ୟାରେ ରାମ ଲାଲାଙ୍କ ସାନ୍ନିଧ୍ୟ ଲାଭ କରି ଫେରିବେ ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରୀଙ୍କ ୫ ରାତି ଓ ୬ ଦିନ ଯାତ୍ରା ସୁଖମୟ କାମନା କରିଥିଲେ। ଏଥିସହ ଯାତ୍ରୀଙ୍କ ସହ ଯାଉଥିବା ଏସ୍କର୍ଟ ଅଧିକାରୀଙ୍କୁ ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଧ୍ୟାନଦେବାକୁ ଅନୁରୋଧ କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ବରିଷ୍ଠ ନାଗରିକମାନଙ୍କୁ ତୀର୍ଥର ଆନନ୍ଦ ଉଠାଇ ମନ ଓ ଶରୀରକୁ ପ୍ରଫୁଲ୍ଲିତ ରଖିବାକୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ରୁଦ୍ର ନାରାୟଣ ଦାସ ଓ ଭାଜପା ଜିଲା ସଭାପତି ସରୋଜ ସାବତ ଉପସ୍ଥିତ ଥିଲେ। ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥି ହାଂସଦା ଧନ୍ୟବାଦ ଦେଇଥିଲେ। ଶେଷରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ବୁଢ଼ୀ ଠାକୁରାଣୀ ମନ୍ଦିର ଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ।

## ନିଶାମୁକ୍ତ ପାଇଁ ୨୧ରେ ବିଶାଳ ଗଣଦୌଡ଼

### ଜର୍ସି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୯(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହେବ। ଏହି ଗଣଦୌଡ଼ର ବାର୍ତ୍ତା ହେଉଛି 'ନିଶାମୁକ୍ତ ଭାରତ'। ଏହି କ୍ରମରେ ଆସନ୍ତା ୨୧ ତାରିଖ ସକାଳ ୭ଟାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଥିପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଜର୍ସି ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକ ମହତ୍ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡ଼ରେ ବିପୁଳ ସଂଖ୍ୟକ ଯୁବଗୋଷ୍ଠୀ, ଛାତ୍ରୀଛାତ୍ର ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ୨୬ରେ ଲଘୁଚାପ

ଭୁବନେଶ୍ୱର, ୧୯।୯(ବନ୍ଦନା ସେଠୀ)

ପାର୍ବଣରେ ବର୍ଷା ହେବ ନାହିଁ ବୋଲି ପୂର୍ବରୁ ପାଣିପାଗ ବିଭାଗ ଆକଳନ କରିଥିଲା। ହେଲେ ଆସନ୍ତା ୨୬ ତାରିଖରେ ବଙ୍ଗୋପସାଗରରେ ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଦୁର୍ଗାପୂଜାରେ ବର୍ଷା ହେବାନେଇ ଆଶଙ୍କା କରାଯାଉଛି। ତେବେ ବର୍ଷା ପରିମାଣ ସଂକ୍ରାନ୍ତରେ କୌଣସି ସ୍ପଷ୍ଟଚିତ୍ର ମିଳି ନ ଥିଲେ ମଧ୍ୟ ଲଘୁଚାପ ଖବର ପାଇବା ପରେ ଦୁର୍ଗାପୂଜା ଆୟୋଜକଙ୍କ ମନରେ ଛନକା ପଶିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଓଡ଼ିଶାରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନାହିଁ। ମୌସୁମୀ ପାଇଁ ଆସନ୍ତା ୪ଦିନ ରାଜ୍ୟରେ କେତେକ ସ୍ଥାନରେ ମେଘୁଆ ପାଗ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଝଟକା ପବନ ବହିବା ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବ। ଶନିବାର ରାଜ୍ୟର ୨୦ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ କରିଛି। ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ବାଲେଶ୍ୱର ଜିଲାର କିଛି ସ୍ଥାନରେ ବର୍ଷା, ପବନ ଓ ବଜ୍ରପାତ ହେବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ୨୧ ଓ ୨୨ ତାରିଖ (ରବିବାର ଓ ସୋମବାର)ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ଜିଲାର କିଛି ସ୍ଥାନରେ ଝଟକାପବନ ବହିବା ସହିତ ବଜ୍ରପାତ ସମ୍ଭାବନା ରହିଛି। ୨୦ରୁ ୨୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପାଇଁ ୟେଲୋ ୱାର୍ନିଂ ଜାରି ହୋଇଥିବାବେଳେ ୨୬ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଫଳରେ ଆଗକୁ ବର୍ଷା ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ପିଲାଙ୍କୁ କାହାଣୀ ମାଧ୍ୟମରେ ପାଠପଢ଼ା ପ୍ରତି ଉତ୍ସାହିତ କରନ୍ତୁ ଅଭିଭାବକ

ଭୁବନେଶ୍ୱର, ୧୯।୯(ସୁଚିସ୍ମିତା ସାହୁ)

### 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ଏହି ଅବସରରେ ମା'ଙ୍କ ପାଇଁ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମା'ମାନଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ଗୁରୁତ୍ୱ ଉପରେ ବୁଝାଯାଇଥିଲା। ଘରେ ଅଭିଭାବକମାନେ ପିଲାଙ୍କୁ କାହାଣୀ ମାଧ୍ୟମରେ ପାଠପଢ଼ା ପ୍ରତି ପ୍ରୋତ୍ସାହନ କରିବାକୁ କୁହାଯାଇଥିଲା। ଏଥିସହ ଶିକ୍ଷାର୍ଥୀମାନଙ୍କ ରିପୋର୍ଟ କାର୍ଡ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦୁଇଦିନ ମୌଳିକ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷାର୍ଥୀମାନେ ଗଣିତ ଖେଳ, ସମସ୍ୟା ସମାଧାନ, ଗପ ଆଧାରିତ ଗଣିତ କାର୍ଡ ବ୍ୟବହାର କରି ଉତ୍ସାହର ସହ ଗଣିତ କରିଥିଲେ। ତୃତୀୟ ଏବଂ ଚତୁର୍ଥ ଦିନ ମୌଳିକ ସାକ୍ଷରତା ଉପରେ ଗୁରୁତ୍ୱ ଦେବା ସହିତ ଶିକ୍ଷାର୍ଥୀମାନେ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ମୌଖିକ ଭାଷା, ଡିକୋଡିଂ, ପଠନ ଓ ଲିଖନ କରିଥିଲେ। 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ପାଇଁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଖେଳ ମାଧ୍ୟମରେ ଗୁଣନ, ଯୋଗ, ବିୟୋଗ ଏବଂ ଅନ୍ୟାନ୍ୟ ଗାଣିତିକ ଧାରଣା ସହଜରେ ବୁଝିପାରୁଛନ୍ତି। କାହାଣୀ ଶବ୍ଦ ଖେଳ, ସେମାନଙ୍କର ଭାଷା ଏବଂ ବୋଧଗମ୍ୟତା ଦକ୍ଷତାକୁ ଉନ୍ନତ କରୁଛି। ପିଲାମାନେ ନିଜ ପାଠପଢ଼ା ପ୍ରତିଅଧିକ ଧ୍ୟାନ ଦେବା ସହ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ୪୬୧୯ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି: ମନ୍ତ୍ରୀ ନିତ୍ୟାନନ୍ଦ

ଭୁବନେଶ୍ୱର, ୧୯।୯(ରବିନାରାୟଣ ଜେନା)

### ସରକାର ଖୋଲିଛନ୍ତି ୪୬ ବିଦ୍ୟାଳୟ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି। ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ୪୬ଟି ବିଦ୍ୟାଳୟକୁ ଖୋଲା ଯାଇଥିବାବେଳେ ଆଉ ୫ଟିକୁ ଖୋଲିବା ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶୁକ୍ରବାର ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୦ରେ ଜାରି ବିଜ୍ଞପ୍ତି ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦହୋଇ ରହିଛି।

ଏଥିମଧ୍ୟରେ ସର୍ବାଧିକ ୩୯୩ଟି ବିଦ୍ୟାଳୟ କଟକ ଜିଲାରେ ରହିଥିବାବେଳେ ଗଞ୍ଜାମରେ ୩୨୬, ମୟୂରଭଞ୍ଜରେ ୩୦୮, ଯାଜପୁରରେ ୨୮୩, କୋରାପୁଟରେ ୨୪୮, ଗଜପତିରେ ୨୪୭, କେନ୍ଦ୍ରାପଡ଼ାରେ ୧୯୫ ବିଦ୍ୟାଳୟ ରହିଛି। ଏହାବାଦ୍ ଅନ୍ୟ ଜିଲାଗୁଡ଼ିକରେ ଅବଶିଷ୍ଟ ବନ୍ଦ ବିଦ୍ୟାଳୟ ରହିଥିବାବେଳେ ପୁରୀରେ କୌଣସି ପ୍ରାଥମିକ ବିଦ୍ୟାଳୟ ଏହି ତାଲିକାରେ ନାହିଁ। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ବନ୍ଦ ହୋଇ ରହିଥିବା ବିଦ୍ୟାଳୟ ମଧ୍ୟରୁ ୪୬ଟିକୁ ସରକାର ଖୋଲିଥିବା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସେଥିମଧ୍ୟରେ ଖୋଲାଯାଇଥିବା ୪୬ଟି ବିଦ୍ୟାଳୟ ମଧ୍ୟରୁ ଢେଙ୍କାନାଳରେ ସର୍ବାଧିକ ୨୨ଟି ଥିବାବେଳେ ଦେବଗଡରେ ୧୦, ବରଗଡରେ ୭, ଯାଜପୁରରେ ୪ ଓ ଖୋର୍ଦ୍ଧାରେ ୩ଟି ବିଦ୍ୟାଳୟ ରହିଛି। ସେହିଭଳି ଆଉ ୫ଟି ବିଦ୍ୟାଳୟକୁ ଖୋଲିବା ପାଇଁ ନବରଙ୍ଗପୁର ଜିଲାରୁ ଆସିଥିବା ପ୍ରସ୍ତାବ ସରକାରଙ୍କ ନିକଟରେ ରହିଛି ବୋଲି ମନ୍ତ୍ରୀ ବିଧାନସଭାକୁ ଜଣାଇଛନ୍ତି।

## ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୯।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ଅର୍ଥାତ୍ ସୋମବାର ବନ୍ଦ ରହିବ। ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରଖାଯିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଖବରକାଗଜ ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି।

# ନିଜ ଜିଲାରେ ନିଯୁକ୍ତି ପାଇବେନି ଅଧିକାରୀ, କର୍ମଚାରୀ

### ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୂଆ ନୀତି

ଭୁବନେଶ୍ୱର, ୧୯।୯(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ କୌଣସି ଅଧିକାରୀ ଓ କର୍ମଚାରୀ(ଶିକ୍ଷକଙ୍କ ବ୍ୟତୀତ)ଙ୍କୁ ନିଜ ଜିଲାରେ ନିଯୁକ୍ତି ମିଳିବ ନାହିଁ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ଯୋଗୁ ସେମାନଙ୍କୁ ନିଜ ଜିଲାରେ ନିଯୁକ୍ତି କିମ୍ବା ବଦଳି କରାଯାଏ, ତେବେ ନିଜ ବ୍ଲକରେ ରହିବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ବିଭାଗ ପକ୍ଷରୁ ଅଧିକାରୀ/କର୍ମଚାରୀଙ୍କ ନିଯୁକ୍ତି ଏବଂ ବଦଳି ନେଇ ନୂଆ ନୀତି ପ୍ରସ୍ତୁତ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁଯାୟୀ, ବାର୍ଷିକ ବଦଳି ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ କରାଯିବ। ଯଦି ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟ କୌଣସି ସମୟରେ ସେମାନଙ୍କୁ ବଦଳି କରାଯାଏ, ତେବେ ସେମାନଙ୍କୁ ଉଚ୍ଚ ପଦାଧିକାରୀଙ୍କଠାରୁ ଅନୁମତି ନେବାକୁ ପଡ଼ିବ ବୋଲି ଶୁକ୍ରବାର ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଭାଗୀୟ କମିଶନର ଓ ସଚିବ ଶାଳିନୀ ପଣ୍ଡିତଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଯେଉଁ କ୍ୟାଡର ଅଧିକାରୀ କିମ୍ବା କର୍ମଚାରୀ (ଜିଲା କ୍ୟାଡରଙ୍କ ସମେତ) ପୂର୍ବରୁ ଯେଉଁ ଜିଲାରେ ନିଯୁକ୍ତି ପାଇଥିବେ ସେମାନେ ଅତିକମ୍‌ରେ ସେଠାରେ ୩ ବର୍ଷ ପର୍ଯ୍ୟନ୍ତ କାମ କରିବେ। କିନ୍ତୁ ଗୋଟିଏ ସ୍ଥାନରେ ୬ ବର୍ଷରୁ ଅଧିକ ରହିପାରିବେ ନାହିଁ। ଯେଉଁ ଅଧିକାରୀମାନେ ନିଜ ଚାକିରି ସମୟର ମୋଟ ୫ ବର୍ଷ (ଛୁଟି ମିଶାଇ) କିମ୍ବା ଅବିଭକ୍ତ କେବିକେ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାରେ ପୂରଣ କରିଥିବେ, ସେମାନେ ଅନ୍ୟ ଜିଲାକୁ ବଦଳି ହୋଇପାରିବେ। ସେହିପରି ଯେଉଁମାନେ ନିଜ ଚାକିରିର ୧୦ ବର୍ଷ ଅନ୍ୟ ଜିଲାରେ ପୂରଣ କରିସାରିଲେଣି, ସେମାନଙ୍କୁ ଅବିଭକ୍ତ କେବିକେ ସହିତ ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାରେ ନିଯୁକ୍ତି ଦିଆଯିବ। ପଦୋନ୍ନତି ପାଉଥିବା ଅଧିକାରୀ ଓ କର୍ମଚାରୀଙ୍କୁ ନୂଆ ଜାଗାକୁ ବଦଳି କରାଯିବ। କାର୍ଯ୍ୟ କରୁଥିବା ସ୍ଥାନରେ ସେମାନଙ୍କୁ ରହିବାକୁ ଅନୁମତି ମିଳିବ ନାହିଁ। ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ସରକାରୀ କର୍ମଚାରୀ ବା ଅଧିକାରୀ ହୋଇଥାନ୍ତି, ତେବେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ନିକଟସ୍ଥ ଅଞ୍ଚଳ କିମ୍ବା ସମାନ ସ୍ଥାନରେ ନିଯୁକ୍ତି ଦିଆଯିବ। ଯେଉଁ ଅଧିକାରୀମାନେ ୨ ବର୍ଷ ଭିତରେ ଅବସର ଗ୍ରହଣ କରିବାକୁ ଚାହିଁବେ, ସେମାନେ ଯେଉଁଠାରେ ଅଛନ୍ତି ସେଠାରେ ରହିପାରିବେ ନଚେତ ସେମାନଙ୍କୁ ନିଜ ଜିଲାକୁ ବଦଳି କରାଯାଇପାରିବ। କମିଟି ମାଧ୍ୟମରେ ବଦଳି ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ବିଭାଗ ନିଷ୍ପତ୍ତି ନେଇଛି। କମିଟିର ମୁଖ୍ୟ ଦାୟିତ୍ୱରେ ସ୍ୱତନ୍ତ୍ର ବା ଅତିରିକ୍ତ ସଚିବସ୍ତରର ଅଧିକାରୀ ରହିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।






**ସୁସ୍ଥ ନାରୀ ସଶକ୍ତ ପରିବାର ମେଗା ସ୍ୱାସ୍ଥ୍ୟ ଶିବିର**

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଶାସ୍ତ୍ରୀନଗରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶୁକ୍ରବାର ସୁସ୍ଥ ନାରୀ ସଶକ୍ତ ପରିବାର ପାଇଁ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଦିବ୍ୟ କିଶୋର ପତି, ଡ଼ା. ନମିତା ମିଶ୍ର, ଏପିଏମ୍ ରାମାନୁଜ ପଣ୍ଡା, ପିଏଚ୍‌ଏମ୍ ପ୍ରଦୀପ ନାଗ ଯୋଗଦାନ କରିଥିଲେ। ଶିବିରରେ ଶିଶୁ ବିଶେଷଜ୍ଞ ଡ଼ା. ସରୋଜ ତିଆଡ଼ି, ଚର୍ମ ବିଶେଷଜ୍ଞ ଡ଼ା ତୁଷାର ରଞ୍ଜନ ଠାକୁର, ଡ଼ା ଉଷାରାଣୀ ଦାସ, ଚକ୍ଷୁ ବିଶେଷଜ୍ଞ, ଡ଼ା. ନିହାର ରଞ୍ଜନ ବହିଦାର, ଡ଼ା ଗୀତା ପାଢ଼ୀ ଯୋଗଦାନ କରି ୨୫୦ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଏହି ଶିବିରକୁ ନ୍ୟାଶନାଲ ପିସ ୟୁନିୟନ ପକ୍ଷରୁ ଆୟୋଜନ କରାଯାଇଥିଲା। ରବି ରଞ୍ଜନ ପୂଜାରୀ ଓ ସତ୍ୟ ରଞ୍ଜନ ମିଶ୍ର ଶିବିର ପରିଚାଳନା କରିଥିଲେ।



## ସଂକ୍ଷେପରେ

### ୧୪୦୪ ୟୁନିଟ ରକ୍ତସଂଗ୍ରହ

ଟିଟିଲାଗଡ଼,୧୯।୯(ଶରତ ମିଶ୍ର)

ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ଆହ୍ୱାନ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଗ୍ରାମର ପୁରୁଷ, ମହିଳା ଓ ସ୍ୱେଚ୍ଛାସେବୀ ସାମିଲ ହେବା ସହ ରକ୍ତଦାନ କରିଥିଲେ। ଶିବିରରେ ୧୪୦୪ ୟୁନିଟ ରକ୍ତସଂଗ୍ରହ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରକ୍ତ ସଂଗ୍ରହ ପାଇଁ ଟିଟିଲାଗଡ଼ ସମେତ ବଲାଙ୍ଗୀର, ଭବାନୀପାଟଣା, ନୂଆପଡା, ସୋନପୁର ତଥା ପଦ୍ମପୁରରୁ ସ୍ୱତନ୍ତ୍ର ଦଳ ଏଠାକୁ ଆସିଥିବା ବେଳେ ୧୦୦ଟି ଶଯ୍ୟାର ବ୍ୟବସ୍ଥା କରାଯାଇଥିଲା । ଟିଟିଲାଗଡ଼ ବିଧାୟକ ଜୈନ, ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ, ପୌରାଧକ୍ଷା ମମତା ଜୈନ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକ, ଟିଟିଲାଗଡ଼ ରେଡ଼କ୍ରସ ରକ୍ତ ଭଣ୍ଡାର ଅଧିକାରୀ ଡା. ଓମକାର ହୋତା, ଏସଡିପିଓ ଯଶୋବନ୍ତ ପ୍ରଧାନୀ, ଆଇଆଇସି କଲ୍ୟାଣୀ ବେହେରାଙ୍କ ଉପସ୍ଥିତ ଥିଲେ ।

ଚିରାଗ ଜୈନଙ୍କ ସମେତ ବରିଷ୍ଠ ଭାଜପା ନେତା ସର୍ବେଶ୍ୱର ମହାପାତ୍ର, ଷ୍ଟିଫେନ ରାୟମନ, ସିଲକି ଜୈନ, ବେଲଗାଁର ସତ୍ୟ ରଣା, ବଙ୍ଗୋମୁଣ୍ଡାର ଦିନମଣୀ ରଣା, ଲାଲଦେବ ଗୁପ୍ତା, ମୁକେଶ ଗୁପ୍ତା ,ଅଙ୍କୁର ଅଗ୍ରୱାଲ, ଲାୟନ୍ସ କ୍ଲବ ପୂର୍ବତନ ସମ୍ପାଦକ ମହମ୍ମଦ ଆବାସ ଖାନ, କାଞ୍ଚନ ମହାରଣା, ପିଙ୍କୁ ସାହୁ, ଉମେଶ ଅଗ୍ରୱାଲ, କୁରୁପତି ସାହୁ ପ୍ରମୁଖ ରକ୍ତଦାନ କରିଥିଲେ । ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ବରିଷ୍ଠ ଆଇନଜୀବୀ କମ୍ବୁପାଣି ପାଢ଼ୀ, ଟିକେଲାଲ ବେହେରା, ପ୍ରଦୀପ ସାହୁ, ପୂର୍ବତନ ଲାୟନ୍ସ କ୍ଲବ ସଭାପତି ଲିଙ୍ଗରାଜ ସାହୁ, ଡମ୍ବରୁଧର କର୍ମୀ, ରକ୍ତଭଣ୍ଡାର ବିଶେଷଜ୍ଞ ଗଜେନ୍ଦ୍ରନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବେଲପଡ଼ାରେ ଜମି କେଲେଙ୍କାରୀ

**ପଞ୍ଚାୟତ ସମିତି ମହାବିଦ୍ୟାଳୟର ୧୧ ଡିସିମିଲ ଜମି ହଡ଼ପ**

ବେଲପଡା,୧୯।୯(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକରେ ଜମି କେଲେଙ୍କାରି ପଦାକୁ ଆସିଛି। ଏପରି କି ସରକାରୀ ଅନୁଷ୍ଠାନର ୧୧ ଡେସିମିଲ ଜମି ହଡ଼ପ ହୋଇଥିବା ନେଇ ସଂଘାତିକ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଖାତା ନମ୍ବର ୪୭୬/୫୧୨ ଓ ପ୍ଲଟ ନମ୍ବର ୧୭୨ ରେ ସମୁଦାୟ ୨ ଏକର ୧୦ ଡେସିମିଲ ଆଟ ମାମୁଲି ରହିଥିଲା। ବର୍ତ୍ତମାନ ସେହି ଖାତାରେ ୧ ଏକର ୯୯ ଡେସିମିଲ ଜମି ଥିବା ଭୂଲେଖ ତଥ୍ୟରୁ ଜଣାପଡିଛି। କାରଣ ସେହି ପ୍ଲଟରୁ ୧୧ ଡିସିମିଲ ଜମି କେହି ବ୍ୟକ୍ତି ହଡ଼ପ କରି ନେଇଥିବା ମହାବିଦ୍ୟାଳୟର ଅଧକ୍ଷ ସୁରେଶ ଚନ୍ଦ୍ର ମେହେର ଅଭିଯୋଗ କରିଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ମେହେର ଏ ସମ୍ପର୍କରେ ତହସିଲ ଅଫିସରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାଇଛନ୍ତି। ଏନେଇ ବେଲପଡା ତହସିଲଦାର ଭାବେ ନିକଟରେ ଯୋଗ ଦେଇଥିବା ଅଭିଷେକ କିଷାନଙ୍କୁ ପଚାରିବାରେ ଏଭଳି ଅଭିଯୋଗ ମୋ ପାଖକୁ ଆସିନାହିଁ। ଯଦି ଅଭିଯୋଗ ଆସେ ଘଟଣାର ତଦନ୍ତ କରାଯିବ ଓ ଘଟଣାର ସତ୍ୟାସତ୍ୟ ଜଣାପଡିଲେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ୧୧ ଡିସିମିଲ ହଡ଼ପ ଜମିକୁ ପୁଣି କଲେଜକୁ ପୁନର୍ବାର ଫେରସ୍ତ ହେବ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ ଯେ, ୧୯୮୦ ମସିହାରେ ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଆରମ୍ଭ ହୋଇଥିଲା। ସେତେବେଳେ ଉକ୍ତ କଲେଜକୁ ବେଲପଡାର ୪ ଭାଇ ପ୍ରେମାନନ୍ଦ ମେହେର, ଜଗନ୍ନାଥ ମେହେର, ବଳରାମ ମେହେର ଓ ଶମ୍ଭୁ ପ୍ରସାଦ ମେହେର ସ୍ଥାନୀୟ ନବୋଦୟ ବିଦ୍ୟାଳୟ ପଛପଟେ ଥିବା ସେମାନଙ୍କର ଏକଜିମାଲି ପାର୍ଚ୍ଚା ୨୭୪ ଖାତାରୁ ବେଲପଡା କଲେଜକୁ ୨ ଏକର ୧୦ ଡିସିମିଲ ଜମି ଦାନ କରିଥିଲେ। ଦାନରେ ମିଳିଥିବା ଜମିକୁ ଗତ ୧୯୮୨ ମସିହାରେ ୨ ଏକର ୧୦ ଡେସିମିଲ କଲେଜ ନାମରେ କାଗଜପତ୍ର ସହ ପାର୍ଚ୍ଚାପଚ୍ଚା ହୋଇଥିଲା। ଏହାସତ୍ତ୍ୱେ କଲେଜର ଏହି ଜମିରୁ ୧୧ ଡେସିମିଲ ପାର୍ଚ୍ଚାପଚ୍ଚାରୁ କେହି ବ୍ୟକ୍ତି ଚଞ୍ଚକତା କରି ହଡ଼ପ କରି ନେଇଛନ୍ତି। ତେବେ ଗତ କିଛି ମାସ ତଳେ କଲେଜ କର୍ତ୍ତୃପକ୍ଷ ଭୂଲେଖ ଅନ୍‌ଲାଇନରୁ ଜମି ହଡ଼ପ ହୋଇଛି ବୋଲି ଜାଣିବାକୁ ପାଇଥିଲେ। ପରେ ଏ ନେଇ ତହସିଲ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ କୌଣସି ତଦନ୍ତ କରାଯାଇନାହିଁ। ଯାହାବି ହେଉନା କାହିଁକି, ଗୋଟିଏ ଜମିର ପାର୍ଚ୍ଚାପଚ୍ଚା ଥାଇ ଅନ୍ୟ କେହି ଜମି ହଡ଼ପ କରିନେବା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ତହସିଲ କର୍ମଚାରୀଙ୍କ ସଂପୃକ୍ତି ନିଶ୍ଚିତ ରହିଥିବ ବୋଲି ସନ୍ଦେହ ହେଉଛି। ଏହାର ତଦନ୍ତ କରି ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ କଲେଜର ଅଧକ୍ଷ ମେହେର ଦାବି କରିଛନ୍ତି।

# ସୁଭଦ୍ରା ଯୋଜନାର ବର୍ଷେ ପୂର୍ତ୍ତିରେ କେକ୍ କାଟିଲେ ମହିଳା

ଖପ୍ରାଖୋଲ,୧୯।୯(ଅଭୟ ତ୍ରିପାଠୀ)

ସ୍ଥାନୀୟ ମିଶନ ଶକ୍ତି ସଭାଗୃହଠାରେ ସୁଭଦ୍ରା ଯୋଜନାର ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ସିଡିପିଓ ବାସନ୍ତୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସୁଭଦ୍ରା ଜିଲା ସଂଯୋଜିକା ଶିବାନୀ ଠାକୁର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ଉମାକାନ୍ତ ପ୍ରଧାନ ଯୋଗଦେଇ ସୁଭଦ୍ରା ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ମହିଳାମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ପ୍ରଦାନ କରୁଥିବା ବେଳେ ପାଞ୍ଚ ବର୍ଷରେ ମହିଳାଙ୍କ ଜୀବନ ଧାରଣର ମାନର ବିକାଶ ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରିବେ। ଏହି ଯୋଜନାରେ ଅନେକ ମହିଳା ବିଭିନ୍ନ ଛୋଟ ବ୍ୟବସାୟ କରି ଆତ୍ମ ନିର୍ଭରଶୀଳ ହୋଇଥିବା ଏହି ଅବସରରେ ଅତିଥିମାନେ ପ୍ରକାଶ କରିଥିଲେ। ପରେ ବର୍ଷ ପୂର୍ତ୍ତି ପାଇଁ ଏକ କେକ୍ କାଟିବା ସହିତ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଡିଏସ କାର୍ଯ୍ୟାଳୟ ସେକ୍ସନ ଅଧିକାରୀ ମହେଶ୍ୱର ବର୍ଗଡ଼ି, ସୁପରଭାଇଜର ପ୍ରମିଳା ପଣ୍ଡା, ସନ୍ତୁଳା କୁମ୍ଭାର, ରାସେଶ୍ୱରୀ ବେଷ୍ଟକାର, ଅଭିରାମ ରଣା, ମୋହନ ମେହେର,ସୁଭଦ୍ରା ହେଲ୍ପ ଡେସ୍କର ସୁନିତା ପଣ୍ଡା, ସୁଚିସ୍ମିତା ସାହୁ, ବାସନ୍ତୀ ମୁଣ୍ଡାଙ୍କ ସମେତ ସୁଭଦ୍ରା ହିତାଧିକାରୀ ଉପସ୍ଥିତ ଥିଲେ। ସୁଶୀଲ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜୀ ପ୍ରତିଯୋଗିତା



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

କଣ୍ଟାବାଞ୍ଜି,୧୯।୯(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବୁରୋମାଲ ଗ୍ରାମସ୍ଥିତ ପିଏମଶ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ନେତା ଶିବାଜୀ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତୁରେକେଲା ବିଇଓ ଗୌତମ ପଟେଲ, ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ଼, ପ୍ରଧାନ ଶିକ୍ଷକ ବିଭୁଦତ୍ତ ସାହୁ, ଶିକ୍ଷୟିତ୍ରୀ ଅନିତା ତ୍ରିପାଠୀ, ଅଶୋକ ତରିଆ, ତୀରନ୍ଦାଜ ଜିଲା ପର୍ଯ୍ୟବେକ୍ଷକ ବୁଦ୍ଧଦେବ ନାୟକ,ସୁରଦାସ ବାଗ, ଦୀପକ ଦାସ ଯାଦବ, ରଶ୍ମିରଞ୍ଜନ ପୁଟେଲ, ପରିଚାଳନା କମିଟି ସଭାପତି ବାସନ୍ତୀ ବନଛୋର, ଶୁଭେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିଲେ। ଅତିଥିମାନେ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଉତ୍ତମ ଖେଳ ପ୍ରଦର୍ଶନ କରିବା ସହ ଜିଲା ତଥା ରାଜ୍ୟସ୍ତରରେ ସଫଳ ହେବାପାଇଁ ଆହ୍ୱାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଞ୍ଜୟ ଗାନ୍ଧୀ, ପ୍ରଧାନଶିକ୍ଷକ ବିଭୁଦତ୍ତ ସାହୁ, ମୁରିବାହାଲ ଓଷ୍ଟା ସଭାପତି ବିନୋଦ ମହାପାତ୍ର, ଜିଲା ତୀରନ୍ଦାଜ ପର୍ଯ୍ୟବେକ୍ଷକ ବୁଦ୍ଧଦେବ ନାୟକ, ତୁରେକେଲା ବ୍ଲକ କ୍ରୀଡ଼ା ସମ୍ପାଦକ ଶୁଭେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ବାରିକ, ରାଜେନ୍ଦ୍ର ସେଠ, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ଡିଙ୍ଗର ମାଝୀ, ରାଜେନ୍ଦ୍ର ଧରୁଆ, ମନୋଜ ମହାପାତ୍ର, ଉପେନ୍ଦ୍ର ଚନ୍ଦନ, ବିନୟ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା

ଲୋଇସିଂହା,୧୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କାର୍ଯ୍ୟ କରୁଥିବା ସେବିକା ସରୋଜିନୀ ଷାଣ୍ଢଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ପ୍ରଧାନ ଆଚାର୍ଯ୍ୟ ଶିବପ୍ରସାଦ ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ପରିଚାଳନା କମିଟି ସଭାପତି ବଂଶୀଧର କାଲସାଏ, ଉପସଭାପତି ମୁକୁନ୍ଦ ନାରାୟଣ ସିଂଦେଓ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଏବଂ ଛାତ୍ରୀଛାତ୍ରଙ୍କ ପ୍ରତି ସେବିକାଙ୍କ ଅବଦାନକୁ ଅତିଥି, ଛାତ୍ରୀଛାତ୍ର ଓ ବିଦ୍ୟାଳୟର ଗୁରୁମା ଗୁରୁଜୀ ପ୍ରଶଂସା କରିଥିଲେ । ଏହି ଅବସରରେ ସେବିକା ଷାଣ୍ଢଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ସରକାରୀ ମହିଳା ମହାବିଦ୍ୟାଳୟରେ ଯାନ୍ତ୍ରିକ କର୍ମଶାଳା


କର୍ମଶାଳାରେ ଯୋଗ ଦେଇଥିବା ଅତିଥି ଆଲୋଚକଙ୍କ ସହ ବିଭାଗୀୟ ଅଧ୍ୟାପକ।

ବଲାଙ୍ଗୀର,୧୯।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ପତ୍ରକାରିତା ଏବଂ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଗୁରୁବାର ଦିନିକିଆ ଯାନ୍ତ୍ରିକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଶାଳା କାର୍ଯ୍ୟ ମୁଖ୍ୟ ଭାବେ ହିନ୍ଦୀ ସିନେମାର ଫଟୋଚିତ୍ର ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଯୋଗଦାନ କରିଥିଲେ। ସେ ବିଗତ କୋଡ଼ିଏ ବର୍ଷର ତାଙ୍କ ଅଭିଜ୍ଞତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଅଧ୍ୟାପକ ସୋଲୋମନ କୁମାର କ୍ୟାମେରା ଉପକରଣର ବ୍ୟବହାରିକ ଜ୍ଞାନ ଉପରେ ତଥ୍ୟ ରଖିଥିଲେ। ପତ୍ରକାରିତା ଓ ଗଣଯୋଗାଯୋଗରେ ଯାନ୍ତ୍ରିକ ବ୍ୟବହାରର ଗୁରୁତ୍ୱ ଉପରେ ବକ୍ତାମାନେ କହିଥିଲେ। କର୍ମଶାଳାରେ ପ୍ରାଧ୍ୟାପକ ସଦାଶିବ ମଲ୍ଲିକ, ବିଭାଗୀୟ ମୁଖ୍ୟ ରାଜେଶ କୁମାର କର୍ଣ୍ଣ, ଅଧ୍ୟାପକ ସନାତନ ବାରିକ ଓ ସିଦ୍ଧାର୍ଥ ଦାସ ଯୋଗଦାନ କରିଥିଲେ।

# ଅବସରପ୍ରାପ୍ତ ଟ୍ରେଜେରି ଅଫିସର ପୂର୍ଣ୍ଣଚନ୍ଦ୍ର ବାବୁଙ୍କ ପରଲୋକ

ବଲାଙ୍ଗୀର,୧୯।୯(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ତେଲିଗୋଠପଡାର ଅବସରପ୍ରାପ୍ତ ଟ୍ରେଜେରୀ ଅଫିସର ପୂର୍ଣ୍ଣଚନ୍ଦ୍ର ବାବୁ (୮୭)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତିଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ସହରର ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଓ ପ୍ରଫେସର ମଧୁସୂଦନ ପତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ବିଭୂତିପଡା ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ଦେବାଶିଷ ବାବୁ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବାବୁଙ୍କ ସ୍ତ୍ରୀ ଯଶୋବନ୍ତୀ, ପୁଅ ଦେବାଶିଷ, ବୋହୂ ସାଗରିକା, ନାତିନାତୁଣୀ, ଚାରି ଝିଅ ଓ ଜ୍ୱାଇଁ ଅଛନ୍ତି।

# ଦେଓଗାଁ ଡିଗ୍ରୀ କଲେଜରେ ଜାତୀୟ ସେବା ଶିବିର

ଦେଓଗାଁ,୧୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଜାତୀୟ ସେବା ଶିବିର ଉଦ୍‌ଘାଟନୀ ଅବସରରେ ଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି ।

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ୭ ଦିନ ଧରି ହେବାକୁ ଥିବା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କଲେଜର ସଂସ୍କୃତ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର ପରିଚାଳକ ଆଶିଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବନୀକରଣ, କଲେଜ ପରିସର ପରିଚ୍ଛନ୍ନତା, ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ପ୍ରତିରୋଧ, ସାମାଜିକ ସୁରକ୍ଷା, ସଚେତନତା ଆଦି କାର୍ଯ୍ୟ ହାତକୁ ନିଆଯାଇଥିବା ସୂଚନା ଦିଆଯାଇଛି। ଶିବିରରେ ମୋଟ ୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତ। ଅଧ୍ୟାପକ ସନାତନ ନାଗ, ଅଣଶିକ୍ଷକ କର୍ମଚାରୀ ଶିଶିର ପୁରୋହିତ, ଅନନ୍ତ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

# ତୋଷାଳି ବିଦ୍ୟାମନ୍ଦିର: ଏଆଇ ସମ୍ପନ୍ନ କମ୍ପ୍ୟୁଟର ଲାବ୍ ଉଦ୍‌ଘାଟିତ

ଗୁଡଭେଲା,୧୯।୯(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରାସ୍ଥିତ ତୋଷାଳି ବିଦ୍ୟାମନ୍ଦିରରେ ବିଶ୍ୱକର୍ମା ପୂଜା ଦିନ ନୂତନ ଅତ୍ୟାଧୁନିକ (କୃତ୍ରିମ ବୁଦ୍ଧିମତ୍ତା) କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଏଆଇ ସମ୍ପନ୍ନ କମ୍ପ୍ୟୁଟର ଲ୍ୟାବ୍‌ରେ ସ୍ମାର୍ଟ ଇଣ୍ଟର୍ ଆକ୍ଟିଭ ବୋର୍ଡ, ଡିଜିଟାଲ ଲର୍ଣ୍ଣିଂ ସଫ୍ଟୱେୟାର ସହିତ ଉତ୍କୃଷ୍ଟ ପ୍ରଶିକ୍ଷଣ ବ୍ୟବସ୍ଥା ରହିଛି। ଏଥିରେ ଛାତ୍ରୀଛାତ୍ରମାନେ କୃତ୍ରିମ ବୁଦ୍ଧି, ଡିଜିଟାଲ ନବୀନତା ତଥା ପୁସ୍ତକ ସମ୍ବନ୍ଧୀୟ ଆଧୁନିକ ଜ୍ଞାନ ଅଧ୍ୟୟନ କରିପାରିବେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ମାଗଣାରେ ଏହାର ଲାଭ ଉଠାଇ ପାରିବେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ହେମନ୍ତ କୁମାର ସାହୁ ପୂଜାର୍ଚ୍ଚନା କରିଥିବା ବେଳେ ପୂର୍ବତନ ସିଆରସିସି ଶ୍ୟାମ ସୁନ୍ଦର ପ୍ରଧାନ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ବର୍ତ୍ତମାନ ଯୁଗରେ କମ୍ପ୍ୟୁଟର ଓ ଏଆଇର ଉପଯୋଗିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କମ୍ପ୍ୟୁଟର ପ୍ରଶିକ୍ଷିକା ନିବେଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଠୋରରେ ୨୫ତମ ବିଶ୍ୱକର୍ମା ପୂଜନୋତ୍ସବ

ଲାଠୋର,୧୯।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅସ୍ଥାୟୀ ବସଷ୍ଟାଣ୍ଡ ନିକଟରେ ସ୍ଥାପିତ ବିଶ୍ୱକର୍ମା ମନ୍ଦିର ପରିସରରେ ଡ୍ରାଇଭର ୟୁନିୟନ ସଭାପତି ଅନ୍ତର୍ଯ୍ୟାମୀ ସେଠଙ୍କ ତତ୍ତ୍ୱାବଧାନରେ ୨୫ ତମ ବିଶ୍ୱକର୍ମା ପୂଜନୋତ୍ସବ ପାଳିତ ହୋଇଯାଇଛି । ପୂଜକ ଗୁଣଗ୍ରାହୀ ପଣ୍ଡା ପୂଜା କରିଥିବା ବେଳେ ପ୍ରେମଲତା ସେଠ ଓ ବିନୋଦ ସେଠ କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ୩ ଦିନ ଧରି ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସମ୍ପାଦକ ସୀମାଞ୍ଚଳ ସାହୁ, ଶଶୀ ନାଗ, ଗୁପ୍ତେଶ୍ୱର ବେହେରା, ବିଦ୍ୟାଧର ଧରୁଆ, ଲଳିତ ନାଗ, ସନ୍ତୋଷ ପାତ୍ର, ଭୁଜ ବାଗଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଠାକୁରଙ୍କ ଭସାଣି କରାଯାଇଛି।

# ପୋଷଣ ଓ ସୁସ୍ଥ କୃଷି ସମ୍ପର୍କିତ କର୍ମଶାଳା

ଦେଓଗାଁ,୧୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ସଦର ବ୍ଲକ ନୁନିଆଡ଼ିପା ଗାଁରେ ଗୁରୁବାର ଅପରାହ୍ନରେ ମହାଶକ୍ତି ଫାଉଣ୍ଡେସନ ତରଫରୁ ପୋଷଣ ଓ ସୁସ୍ଥ କୃଷି ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାଶକ୍ତି ଫାଉଣ୍ଡେସନର କ୍ଲଷ୍ଟର କୋଡିନେଟର ବୃନ୍ଦାବନ କ୍ଷେତୀଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ କୁପୋଷଣର ବିଭିନ୍ନ ଦିଗ ତଥା ପୁଷ୍ଟିକର ଖାଦ୍ୟ ବିଷୟରେ ଅବଗତ କରିଥିଲେ। ଏଥିସହ ଜଳବାୟୁ ପରିବର୍ତ୍ତନର ବିଭିନ୍ନ କାରଣ ଓ ଜୈବିକ ପଦ୍ଧତିରେ ସୁସ୍ଥ କୃଷି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଶା ମା'ଗେହ୍ଲେଇ ମହାନନ୍ଦ, ସିଆରପି କୁମୋଦିନୀ ପାତ୍ର, ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପଦାର୍ଥ ପାତ୍ର ଓ ସମ୍ପାଦକ ମହେନ୍ଦ୍ର ପାତ୍ରଙ୍କ ସମେତ ଗାଁର ୪୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ

ଟିଟିଲାଗଡ,୧୯।୮(ଶରତ ମିଶ୍ର)

କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଉଦ୍ୟାନ କୃଷି ବିଭାଗ ସହାୟତାରେ ଜାଡେନ ଏଫ.ପି.ଓ ଏବଂ ଆଶା ଅନୁଷ୍ଠାନ ଦ୍ୱାରା ବୁଧବାର ଏକ୍ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ ଅବସରରେ ଟିଟିଲାଗଡର ବିଭିନ୍ନ ସ୍ଥାନରେ ୨୦୦୦ ବୃକ୍ଷରୋପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଟିଟିଲାଗଡର ସମସ୍ତ ପଞ୍ଚାୟତରେ କରାଯାଇଥିଲା। ଏହି କର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପ ଜିଲାପାଳ ପଦ୍ମନାଭ ସାମନ୍ତରାୟ, ଉଦ୍ୟାନ କୃଷି ବିଭାଗର ସହଯୋଗୀ ଉଦ୍ୟାନ ନିର୍ଦ୍ଦେଶିକା ଶ୍ରୀୟା ଶାଶ୍ୱତୀ, ଜାଡେନ ଏଫପିଓର ଚେୟାରମ୍ୟାନ ମଧୁସ୍ମିତା ପଟ୍ଟନାୟକ, କୃଷକ ଉନ୍ନୟନର ନିର୍ଦ୍ଦେଶକ ଗୁପ୍ତେଶ୍ୱର ମାଝୀ, ଆଶା ସଂସ୍ଥାର ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ, ଏମ.ବି.କେ, ସି.ଆର୍.ପି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଉପଜିଲାପାଳ ସମସ୍ତଙ୍କୁ ଗଛର ବିଭିନ୍ନ ପ୍ରକାର ଉପକାରିତା ବିଷୟରେ ବୁଝାଇବା ସହ ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଆଶାକର୍ମୀ ଏବଂ ଜାଡେନ ଏଫପିଓର ବିନୟ ମହାପାତ୍ର, ପ୍ରବୀର ପ୍ରଧାନ, ସରୋଜ ସାହୁ, ଗୁଲପ ନାୟକ , ଏ. ବାଗ, ରଘୁ ପ୍ରଧାନ ଓ ଦୁଷ୍ମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଯୋଗିତା

**ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ**

କଣ୍ଟାବାଞ୍ଜି,୧୯।୯(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ମୁକୁନ୍ଦି ଲାଲ ଅଗ୍ରୱାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷାକୁ ନେଇ ବନୀକରଣ କେତେ ଯୁକ୍ତିଯୁକ୍ତ ଏହା ଉପରେ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ରଚନା ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ଗୋଟିଏ ଗୋଟିଏ ଚାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷା ରଞ୍ଜିତା ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରାମେଶ୍ୱରୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ସେହିପରି ସ୍ଥାନୀୟ କେ.ଭି. ମହାବିଦ୍ୟାଳୟରେ ମଧ୍ୟ ଏକ୍ ପେଡ୍ ମା' କେ ନାମ ଅବସରରେ ମେଗା ବନୀକରଣ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ.ପଦ୍ମଲୋଚନ ବର୍ମାଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ,କର୍ମଚାରୀ ଛାତ୍ରୀଛାତ୍ର ମହାବିଦ୍ୟାଳୟ ପରିସରରେ ଥିବା ପଡିଆରେ ବନୀକରଣ କରିଥିଲେ।



ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କ ଗହଣରେ ଅଧ୍ୟାପିକା ଅଧ୍ୟାପକ।

# ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ

ବଲାଙ୍ଗୀର,୧୯।୯(ବୀରେନ୍ଦ୍ର କୁମାର ଝାଙ୍କର)


ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ପଥରଚେପାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ତର୍କ ପ୍ରତିଯୋଗିତା କନିଷ୍ଠ ବିଭାଗରେ ନିର୍ଲିପ୍ତା ଦର୍ଜ, ଶ୍ରେୟା ମହାଣା, ଅଭିଜ୍ଞାନ ପ୍ରଧାନ, ବରିଷ୍ଠ ବିଭାଗରେ ପିଏସ ପ୍ରଜ୍ଞା ସାହୁ, ସଙ୍କେତ ସ୍ୱରୂପ ପାଢ଼ୀ, ଶତରୂପା ପାଣିଗ୍ରାହୀ ପୁରସ୍କୃତ ହୋଇଥିଲେ। ପ୍ରବନ୍ଧ ଲିଖନ ପ୍ରତିଯୋଗିତା କନିଷ୍ଠ ବିଭାଗରେ ଶ୍ରେୟାଂଶ ଅଗସ୍ତି, ଟି. ଭାଗ୍ୟଶ୍ରୀ ସୁନା, ସୁଶ୍ରୀ ପ୍ରଜ୍ଞା ଥପା, ବରିଷ୍ଠ ବିଭାଗରେ ସୁଗତ ନନ୍ଦ, ଅନ୍ୱେଷା ହୋତା, ଅଂଶୁମାନ ମିଶ୍ର ପୁରସ୍କୃତ ହୋଇଥିଲେ। ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା କନିଷ୍ଠ ବିଭାଗରେ ଆଦ୍ୟାଶା ଅବନ୍ତିକା ମେହେର, ଶ୍ରୁତି ସମୃଦ୍ଧି ମିଶ୍ର, ସ୍ତୁତି ପୁରୋହିତ ଏବଂ ବରିଷ୍ଠ ବିଭାଗରେ ଆଦ୍ୟା ପାଢ଼ୀ, ଜ୍ୟୋତିର୍ମୟୀ ବେହେରା, ପ୍ରେରଣା ଦଳବେହେରା, ବକ୍ତୃତା ପ୍ରତିଯୋଗିତା କନିଷ୍ଠ ବିଭାଗରେ ସ୍ୱସ୍ତି ଅମୃତା ମହାନ୍ତି, ଶ୍ରୀତୁଜା ମିଶ୍ର, ଶ୍ରୁତି ସମ୍ପୂର୍ଣ୍ଣା ସାହୁ ପୁରସ୍କୃତ ହୋଇଥିଲେ। ବରିଷ୍ଠ ବିଭାଗରେ ସଙ୍କେତ ସ୍ୱରୂପ ପାଢ଼ୀ, ଅନିକେତ ତ୍ରିପାଠୀ ଓ ପିଏସ ପ୍ରଜ୍ଞା, ପ୍ରଜ୍ଞା ପରିମିତା ଷଡ଼ଙ୍ଗୀ ପୁରସ୍କୃତ ହୋଇଥିଲେ। ସଙ୍ଗୀତ ପ୍ରତିଯୋଗିତା କନିଷ୍ଠ ବିଭାଗରେ ଆରାଧ୍ୟା ଖୋରା, ଶ୍ରେୟାଂଶୀ ଝାଙ୍କର, ଶୁଭ୍ରବର୍ଣ୍ଣ ହୋତା ଏବଂ ବରିଷ୍ଠ ବିଭାଗରେ ରୋଶନି ଛତ୍ରିଆ, ଭବେଶ କୁମାର ଦାଶ, ସୁହାନୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଲୋକନୃତ୍ୟ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଆଦ୍ୟାଶା ଅବନ୍ତିକା ମେହେର, ସାଗୁନ ସାହୁ, ଆଦ୍ୟାଶା ପାତ୍ର ଏବଂ ବରିଷ୍ଠ ବିଭାଗରେ ଜ୍ୟୋତିର୍ମୟୀ ବେହେରା, ଶେଫାଳି ନନ୍ଦ, ପୁନମ ପଧାନ ପୁରସ୍କୃତ ହୋଇଥିଲେ। ଇରା କୁମାରୀ ସେଠ ଓ ଦବ୍ୟାଂଶୀ ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାରେ ପିଏସ ପ୍ରଜ୍ଞା ଓ ସଙ୍କେତ ସ୍ୱରୂପ ପାଢ଼ୀ ବକ୍ତବ୍ୟ ରଖିଥିଲେ। ସମାଜ ବିଜ୍ଞାନ ଶିକ୍ଷକ ଦେବେଶ କୁମାର ମେହେର ଗ୍ରାମୀଣ ଛାତ୍ରୀଛାତ୍ରମାନଙ୍କୁ ନିଜର ପ୍ରତିଭା ଦେଖାଇବାର ସୁଯୋଗ ଏବଂ ସେମାନଙ୍କ କ୍ଷମତା ଓ ସାମର୍ଥ୍ୟ ବୃଦ୍ଧି ଉପରେ କହିଥିଲେ। ବିଦ୍ୟାଳୟ ଅଧକ୍ଷ ଝାଙ୍କର ଛାତ୍ରୀଛାତ୍ରଙ୍କୁ ଭଲମନ୍ଦର ପ୍ରଭେଦ କ'ଣ ବୁଝିବା ଏବଂ ଦାୟିତ୍ୱବାନ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ସଙ୍ଗୀତ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୨୧ କେଜି ଗଞ୍ଜେଇ ସହ ବ୍ରାଉନସୁଗାର ଜବତ: ୩ ଅଭିଯୁକ୍ତ ଗିରଫ

ବୌଦ୍ଧ,୧୯।୯( ଅଜିତ କୁମାର ବାରିକ)

ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ଚଢାଉ କରାଯାଇ ୨୧ କେଜି ଗଞ୍ଜେଇ ସହ ୯ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଅଛି । ଏନେଇ ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାସ ଶୁକ୍ରବାର ଦିନ ଥାନା ପରିସରରେ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି । ସୂଚନା ମୁତାବକ, ଗତ ଗୁରୁବାର ଦିନ ଅଭିଯୁକ୍ତମାନେ ଆଦର୍ଶ ବିଦ୍ୟାଳୟ ନିକଟରେ ଏକ ଜରି ବ୍ୟାଗରେ ଗଞ୍ଜେଇ ଚାଲାଣ କରିବା ବେଳେ ବୌଦ୍ଧ ପୋଲିସ ପକ୍ଷରୁ ଚଢାଉ କରାଯାଇ ଉପରୋକ୍ତ ସାମଗ୍ରୀ ଜବତ କରାଯାଇଥିଲା । ଏହି ଘଟଣାରେ ପୋଲିସ ବୌଦ୍ଧର ବନ୍ଧିତ ଭବସାଗର, ମୁକେଶ ପ୍ରଧାନ ଓରଫ ମୁନା ଓ ଗଗୁରା ବାହାଦୁର ଓରଫ ଗୋବରାଙ୍କୁ ଗିରଫ କରିଛି। ଏନେଇ ବୌଦ୍ଧ ଥାନାରେ ନଂ ୩୭୮/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଶୁକ୍ରବାର ଦିନ କୋର୍ଟ ଚାଲାଣ କରାଯାଇଛି । ଏହାସହ ଅପରେଶନ ପ୍ରହାରରେ ବୌଦ୍ଧ ଥାନା ପକ୍ଷରୁ ଚଢାଉ କରାଯାଇ ୧ କୁଇଣ୍ଟାଲ ୩୨ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଦାସ ସୂଚନା ଦେଇଥିଲେ।

# ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ବୃଦ୍ଧା ମୃତ

ଡୁଙ୍ଗୁରିପାଲି, ୧୯।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଟୁନିଆଁମୁଣ୍ଡା ଗ୍ରାମରେ ୨ପରିବାର ମଧ୍ୟରେ ସାମାନ୍ୟ ବଚସାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟୁନିଆଁମୁଣ୍ଡା ଗ୍ରାମର ସାବିତ୍ରୀ ଯୁଆଡ଼ି(୭୫)। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ଜଣ ହେଲେ ଟୁନିଆଁମୁଣ୍ଡା ଗ୍ରାମର ଗେଡି ଯୁଆଡ଼ି ଓ ପ୍ରହ୍ଲାଦ ଯୁଆଡ଼ି। ଘଟଣା ଅନୁଯାୟୀ, ଗୁରୁବାର ଟୁନିଆଁମୁଣ୍ଡା ଗ୍ରାମର ସାବିତ୍ରୀ ଘର ବାଡ଼ିପଟେ ସକାଳ ୯ଟାରେ ଦାନ୍ତ ଘସୁଥିବାବେଳେ ଏକ କୁକୁଡ଼ା ପାଖକୁ ଆସିବାରୁ ଟେକାମାରି ତାକୁ ଘଉଡ଼ାଇ ଥିଲେ। ଏହା ଦେଖି ତାଙ୍କ ଘରପାଖର ରିମା ଯୁଆଡ଼ି, ଗେଡି ଯୁଆଡ଼ି ଓ କୁନି ଯୁଆଡ଼ି ଉତ୍ତେଜିତ ହୋଇ ବୃଦ୍ଧାଙ୍କ ସହିତ ଝଗଡା କରିଥିଲେ। ବୃଦ୍ଧା ସାବିତ୍ରୀଙ୍କ ପୁଅ ନିର୍ମଳ ଯୁଆଡ଼ିଙ୍କ ସ୍ତ୍ରୀ ଉର୍ବଶୀ ଝଗଡା ସ୍ଥଳକୁ ଯାଇ ଶାଶୁଙ୍କୁ ଝଗଡା ନ ହେବା କହି ଘରକୁ ଆଣିଥିଲେ। ପରେ ଅପରାହ୍ନ ପ୍ରାୟ ୨ଟା ୩୦ରେ ନିର୍ମଳ ଯୁଆଡ଼ି ଘରେ ଥିବା ଜାଣି ଗେଡି ଯୁଆଡ଼ି ଓ ପ୍ରହ୍ଲାଦ ଯୁଆଡ଼ି ଉଭୟେ ଆସିଥିଲେ। ନିର୍ମଳଙ୍କୁ ମାରପିଟ କରିବା ଉଦ୍ଦେଶ୍ୟରେ ଘରକୁ ଆସିବା ଦେଖି ସାବିତ୍ରୀ ଭିତରପଟୁ ଘର କବାଟ ବନ୍ଦ କରିଥିଲେ। ଏହି ସମୟରେ ଗେଡି ଯୁଆଡ଼ି ଓ ପ୍ରହ୍ଲାଦ ଯୁଆଡ଼ି ଉଭୟେ ଜୋରଜବରଦସ୍ତ କବାଟକୁ ଠେଲି ଦେଇଥିଲେ। ଫଳରେ ନିର୍ମଳଙ୍କ ମା' ସାବିତ୍ରୀ ଭିତରେ ଛିଟିକି ପଡି ତଳେ ଅଚେତ ହୋଇପଡିଯାଇଥିଲେ। ତୁରନ୍ତ ନିର୍ମଳ ଓ ତାଙ୍କ ସ୍ତ୍ରୀ ଏକ ଗାଡି ଯୋଗେ ମା'ଙ୍କୁ ଅଚେତ ଅବସ୍ଥାରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସାବିତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ନିର୍ମଳ ଡୁଙ୍ଗୁରିପାଲି ଥାନାରେ ଗୁରୁବାର ରାତି ୮ଟାରେ ଗେଡି ଯୁଆଡ଼ି, ପ୍ରହ୍ଲାଦ ଯୁଆଡ଼ି ଓ ଅନ୍ୟ ୨ଜଣଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାତିରେ ଡୁଙ୍ଗୁରିପାଲି ପୋଲିସ ଗେଡି ଓ ପ୍ରହ୍ଲାଦଙ୍କୁ ତାଙ୍କ ଘରୁ ଆଣି ଥାନାରେ ଅଟକ ରଖିଥିଲା। ଶୁକ୍ରବାର ସାବିତ୍ରୀଙ୍କ ମୃତଦେହ ଜବତ କରି ବିନିକାରୁ ବ୍ୟବଚ୍ଛେଦ କରି ଆଣି ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଶୁକ୍ରବାର ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ ଟୁନିଆଁମୁଣ୍ଡାଗ୍ରାମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୂର୍ବରୁ ଜମିଜମା ମାମଲା ନେଇ ଉଭୟ ପରିବାର ମଧ୍ୟରେ କଳହ ଥିବା ପୋଲିସ କହିଛି। ପୋଲିସ ଏକ ମାମଲା (ନଂ. ୧୬୭/୨୦୨୫) ରୁଜୁ କରିଛି। ଟୁନିଆଁମୁଣ୍ଡା ଗ୍ରାମର ଗେଡି ଓ ପ୍ରହ୍ଲାଦଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଗିରଫ କରାଯାଇ ଡୁଙ୍ଗୁରିପାଲି ଗ୍ରାମ ନ୍ୟାୟାଳୟ ଜେଏମ୍ଏଫସି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ସୋନପୁର ଜେଲ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ରୋଜାଲିନି ପଟେଲ କହିଛନ୍ତି।

**୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ**



ଗିରଫ ୨ ଅଭିଯୁକ୍ତ ।

# ୧ ସ୍ୱର୍ଣ୍ଣ, ୨ କାଂଶ୍ୟ ପଦକ ହାସଲ

## ରାଜ୍ୟସ୍ତରୀୟ ବକ୍ସିଂରେ ସୁବର୍ଣ୍ଣପୁର ଖେଳାଳିଙ୍କ କୃତିତ୍ୱ



ପଦକ ହାସଲ କରିଥିବା ୩ କ୍ରୀଡାବିତ।

ଅମରପାଲି,୧୯।୯(ପୀତାମ୍ବର ସାହୁ

-ସୁବର୍ଣ୍ଣପୁର ଜିଲାର ବକ୍ସିଂ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ମିଳିଛି ସଫଳତା। ଉକ୍ତ ପ୍ରତିଯୋଗିତାରେ ଜଣେ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୨ଜଣ ପ୍ରତିଯୋଗୀ କାଂଶ୍ୟ ପଦକ ହାସଲ କରି ସୁବର୍ଣ୍ଣପୁର ଜିଲା ପାଇଁ ଗୌରବ ଆଣିଛନ୍ତି। ସୂଚନା ଅନୁସାରେ ପୁରୀସ୍ଥିତ ଜିଲା ହାଇସ୍କୁଲରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବକ୍ସିଂ ପ୍ରତିଯୋଗିତା ଚଳିତ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲାର ୩ଜଣ ବାଳିକା ବକ୍ସିଂ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ୩ ଜଣ ଖେଳାଳିଙ୍କ ମଧ୍ୟରୁ ଝରଣା ନାୟକଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ଆଶାରାଣୀ ଧଳ ଓ ନିବେଦିତା ବେହେରାଙ୍କୁ କାଂଶ୍ୟ ପଦକ ମିଳିଛି । ଆସନ୍ତା ମାସ ଶେଷ ସପ୍ତାହରେ ଅରୁଣାଚଳ ପ୍ରଦେଶରେ ହେବାକୁ ଥିବା ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ ଝରଣା ନାୟକ। ଝରଣା ନାୟକ ଏବେ କମିରା ବାପୁଜୀ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେହିପରି ନିବେଦିତା ବେହେରା ବଡ଼କିରାସିରା ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିବାବେଳେ ଆଶାରାଣୀ ଧଳ ଯୁବରାଜପୁର ସରକାରୀ ୟୁପି ସ୍କୁଲରେ ସପ୍ତମ ଶ୍ରେଣୀର ପଢୁଛନ୍ତି। ଜିଲାର ଏହି ୩ କ୍ରୀଡାବିତଙ୍କ ସଫଳତାରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ଏହି କ୍ରୀଡାବିତଙ୍କ ସଫଳତାରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରିଣୀ ମୀନାରାଣୀ ମଣ୍ଡଳ, ଶାରୀରିକ ନିରୀକ୍ଷକ ଜତିକାନ୍ତ ଭୋଇ, ବୀରମହାରାଜପୁର ବ୍ଲକ କ୍ରୀଡା ଶିକ୍ଷକ ସମ୍ପାଦକ ରଞ୍ଜିତ ପଧାନ, ବକ୍ସିଂ କୋଚ ରାଜେଶ କୁମାର ମେଣ୍ଡୁଲି ଏବଂ ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପିତ



ଶିଶୁ ମହୋତ୍ସବ ଅବସରରେ କୃତୀ ପ୍ରତିଯୋଗୀମାନେ ।

ହରଭଙ୍ଗା,୧୯।୯ ( ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଥିବା ଶିଶୁଯତ୍ନ ଅନୁଷ୍ଠାନ ରାମକୃଷ୍ଣ ବାଳାଶ୍ରମଠାରେ ଶୁକ୍ରବାର ଦିନ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ଶିଶୁ ମାନେ ଅନୁଶାସନ ଓ ପରମ୍ପରାକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାସହ ପାଠ ପଢିବା ପାଇଁ ଅର୍ଥ ବାଧକ ନୁହେଁ , ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ସରକାର ସବୁବେଳେ ତତ୍ପର ବୋଲି କହିଥିଲେ । ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ତଥା ଚିହ୍ନଟିକରଣ କରି ଜିଲା , ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ କରିବା ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଶିଶୁ ମଙ୍ଗଳ ଅଧକ୍ଷ ଦାମୋଦର ସାହୁ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଶିଶୁ ଅନୁଷ୍ଠାନର ୭୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ ।

# କୋଷାଗାରରୁ ବାହାରିଲା ଅଳଙ୍କାର

ସୋନପୁର, ୧୯।୯(ମୃତ୍ୟୁଞ୍ଜୟ ଶତପଥୀ)

ଆସୁଛି ପାର୍ବଣ। ଜଗତଜନନୀ ମା ଦୁର୍ଗା କରିବେ ଧରାବତରଣ। ଏଥିପାଇଁ ମା' ସୁରେଶ୍ୱରୀଙ୍କ ଶକ୍ତିପୀଠ ଚଳଚଞ୍ଚଳ ହୋଇଉଠିଛି। ରବିବାର ଆଶ୍ୱିନ ଅମାବାସ୍ୟା। ଅଷ୍ଟଚଣ୍ଡୀଙ୍କ ପୀଠ ସୁବର୍ଣ୍ଣପୁର ସହରରେ ପ୍ରସିଦ୍ଧ ବଳିଯାତ୍ରା ଆରମ୍ଭ ହେବ। ଅମାବାସ୍ୟାଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ମା' ସୁରେଶ୍ୱରୀ, ଖମ୍ବେଶ୍ୱରୀ ଓ ବୁଢାରଜା ପୀଠରେ ବଳି ଅନୁଷ୍ଠିତ ହେବ। ଦହି ଦହନାରେ ମହକିବ ତନ୍ତ୍ରପୀଠ ସୁବର୍ଣ୍ଣପୁର। ମା'ଙ୍କ ଆଗମନ ପାଇଁ ଚାରିଆଡେ ପ୍ରସ୍ତୁତି ଲାଗିଲାଣି। ସେହିପରି ନବଦିନାତ୍ମକ ଦୁର୍ଗୋତ୍ସବ ଓ ଚଣ୍ଡୀଯଜ୍ଞ ପାଇଁ କୋଷାଗାରରୁ ଶୁକ୍ରବାର ମା' ସୁରେଶ୍ୱରୀ, ଖମ୍ବେଶ୍ୱରୀ ଓ ସମଲେଶ୍ୱରୀଙ୍କ ଅଳଙ୍କାର ବାହାର କରାଯାଇଛି। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟରୂପା ରଥ, ସୋନପୁର ତହସିଲଦାର ଜି.ରଶ୍ମିରେଖା, ଦେବୋତ୍ତର ବିଭାଗର ପରିଚାଳକ ଆଲୋକ ରଞ୍ଜନ ମହାପାତ୍ର, ସଞ୍ଜିବ୍ ମଲ୍ଲିକ ଓ କର୍ମଚାରୀଙ୍କ ସମେତ ସଦସ୍ୟ ସୁକାନ୍ତ କୁମାର ସାହୁ, ଦୀପକ କୁମାର ମହାପାତ୍ର ଓ ଶେଷଦେବ ମେହେରଙ୍କ ସମେତ ମନ୍ଦିର ପୂଜକ ଅଜିତ ଥନାପତି, ଅଚ୍ୟୁତ ପୂଜାହାରୀ, ଅମରେଶ ଥନାପତି, ମାନସ ଥନାପତି, ସତ୍ୟବାଦୀ ଥନାପତି ଓ ସୁବାସ ନେଗୀ ଏହି ଅବସରରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଶୁକ୍ରବାରଠାରୁ ବିଶ୍ୱର କଲ୍ୟାଣ ଏବଂ ସୁବର୍ଣ୍ଣପୁର ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ଜଗତଜନନୀ ମା' ସୁରେଶ୍ୱରୀଙ୍କ ଶକ୍ତିପୀଠରେ ଚଣ୍ଡୀଯଜ୍ଞ ଆରମ୍ଭ ହୋଇଛି। ଦେବୋତ୍ତର କମିଟି ଓ ମା'ସୁରେଶ୍ୱରୀ ଯଜ୍ଞ କମିଟି ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ଧାର୍ମିକ କାର୍ଯ୍ୟକ୍ରମ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ମା'ଙ୍କ ବେଶ, ମଙ୍ଗଳ ଆରତୀ, ଷୋଡଷ ଉପଚାର ପୂଜା ସହିତ ସନ୍ଧିପୂଜା, କୁମାରୀ ପୂଜା ଓ ଅପରାଜିତା ପୂଜା ଆଦି ଅନୁଷ୍ଠିତ ହେବ। ଏଥିପାଇଁ ଶୁଭସ୍ତମ୍ଭ ସ୍ଥାପନ ସହ ଅଙ୍କୁରରୋପଣ କାର୍ଯ୍ୟ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି।



କୋଷାଗାରରୁ ବାହାର କରାଯାଇଥିବା ଦେବୀଙ୍କ ଅଳଙ୍କାର।

# ଭୁବନେଶ୍ୱରରେ ହେବ ଭାଜପାର ମିଶ୍ରଣ ପର୍ବ

## ବୌଦ୍ଧ ଜିଲାର ବହୁ ବିଜେଡି ନେତା ଓ କର୍ମୀ ଧରିବେ ପଦ୍ମ

ବୌଦ୍ଧ,୧୯।୯( ଅଜିତ କୁମାର ବାରିକ)

ଭୁବନେଶ୍ୱରସ୍ଥିତ ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ମିଶ୍ରଣ ପର୍ବରେ ବୌଦ୍ଧ ଜିଲାର ପ୍ରାୟ ଦୁଇ ଶହ ବିଭିନ୍ନ ଦଳର ନେତା ଓ କର୍ମୀ ପଦ୍ମଫୁଲ ଧରିବାର କାର୍ଯ୍ୟକ୍ରମ ରହିଥିବା ନେଇ ଜଣାପଡ଼ିଛି । ଏପରି କି ବିଜେଡିର ବହୁ ନେତା ମିଶିବାର ରହିଛି । ଭୁବନେଶ୍ୱରରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହେବା ଖବର ପ୍ରଚାରିତ ହେବା ମାତ୍ରେ ଜିଲାରେ ରାଜନୈତିକ ବାତାବରଣ ଉଷ୍ମ ହୋଇଉଠିଛି । କେଉଁ ଦଳର କେଉଁ ନେତା ଓ କର୍ମୀ ମିଶ୍ରଣ ପର୍ବରେ ଯୋଗଦେବେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

ଗତ ୨୦୨୪ ସାଧାରଣ ନିର୍ବାଚନ ପରେ ବୌଦ୍ଧ ଜିଲାର ଦୁଇ ବିଧାନସଭା ଆସନରୁ ପ୍ରଥମ ଥର ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ବିଜେଡି ହାରିବା ପରେ ଏବେ ବିଭିନ୍ନ ଦଳର ନେତା ଓ କର୍ମୀ ଭାଜପା ମୁହାଁ ହୋଇଛନ୍ତି । ହେଲେ ପ୍ରଥମ କରି ଏତେ ସଂଖ୍ୟାରେ କର୍ମୀ ଓ ନେତା ଭାଜପାରେ ମିଶିବାକୁ ଯାଉଛନ୍ତି । ବିଭିନ୍ନ ଦଳର ଆଗଧାଡିର ନେତାଙ୍କ ନାମ ରହିଥିବା ଚର୍ଚ୍ଚା ହେଉଛି । ଶୁକ୍ରବାର ରାତିରୁ ନେତା ଓ କର୍ମୀମାନେ ଭୁବନେଶ୍ୱର ଅଭିମୁଖେ ବାହାରି ସାରିଥିବା ଜଣାପଡିଛି । ମିଶ୍ରଣ ପର୍ବକୁ ନେଇ ଜିଲା ଭାଜପା ଶିବିର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି । ଦଳ ଛାଡୁଥିବା ନେତା ଓ କର୍ମୀଙ୍କୁ ନେଇ ବିରୋଧୀ ଦଳ ଶିବିରରେ ଭିନ୍ନ ଭିନ୍ନ ଆଲୋଚନା ଜୋର ଧରିଛି ।



ଶାଳପାଲି ମହାଦେବ ମନ୍ଦିରଠାରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# କୃଷକ ଓ ମହିଳା କୃଷିଜୀବୀଙ୍କୁ ନେଇ କୃଷିଭିତ୍ତିକ ତାଲିମ ଶିବିର

ବୀରମହାରାଜପୁର,୧୯।୯(ଯୁଗଳ କିଶୋର ମିଶ୍ର)-ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ କୃଷି ଓ କୃଷକ ବିକାଶ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଚମ୍ପାମାଲ ଗ୍ରାମପଞ୍ଚାୟତ ସରପଞ୍ଚ ମହେନ୍ଦ୍ର ଜଗଦଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃଷକମାନଙ୍କୁ ତାଲିମ ଗ୍ରହଣ କରି ଉତ୍ତମ ଜ୍ଞାନ ଆହରଣ କରି କାର୍ଯ୍ୟରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଅଗ୍ରଣୀ ଚାଷୀ କିଶୋର ହୋତାଙ୍କ ଉଦ୍ୟମ କ୍ରମେ ସୁବର୍ଣ୍ଣପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସତ୍ୟବ୍ରତ ମଙ୍ଗରାଜ, ଲୋପାମୁଦ୍ରା ରାୟ, ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତ ରାଏ, ବୈଜ୍ଞାନିକ ସୁପ୍ରଭା ସେଠୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହିଳା ମିଶନ ଶକ୍ତିର ଏମବିକେ ବୀଣାପାଣି ହୋତା, ଚମ୍ପେଶ୍ୱରୀ ଗ୍ରୁପର ସଭାପତି ଧରିତ୍ରୀ ମହାରଣା, ରୋଜିନା ମହାରଣା, ଅନ୍ନପୂର୍ଣ୍ଣା ମହାରଣା, ବରିଷ୍ଠ ଚାଷୀ ବେଣୁଧର ନାଏକ, ମନୁ ଗୁହୁରିଆ, ଅନନ୍ତ ପୁରୋହିତ, ଶ୍ୟାମ ସୁନ୍ଦର ହୋତା, ବିଶ୍ୱନାଥ ଥନାପତିଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ।

# ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ବିନିକା, ୧୯।୯ (ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧିନସ୍ଥ ଶାଳପାଲି ମହାଦେବ ମନ୍ଦିର ପ୍ରାଙ୍ଗଣରେ ଭାଜପା ବିନିକା ଶାଖା ଓ ତ୍ରିଲୋଚନ ନେତ୍ର ଚିକିତ୍ସାଳୟ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ସେବାପକ୍ଷ ଅବସରରେ ଶୁକ୍ରବାର ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାଜପା ଜିଲା ସଭାପତି ବିଜୟ ମହାକୁଡ଼, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ବେଣୁଧର ଦାସ, ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର, ମଣ୍ଡଳ ସଭାପତି ଉଦ୍ଧବ ମହାକୁର, ପୂର୍ବତନ ବ୍ଲକ ସଭାପତି ଉମେଶ ଚନ୍ଦ୍ର ନାଇକ, ବରିଷ୍ଠ ନେତା ଅଶୋକ କର୍ମୀ,ସତ୍ୟନାରାୟଣ ପଧାନ,ବଳିଷ୍ଠ ମହାକୁର, ପରମେଶ୍ୱର ଭୋଇ, ରଞ୍ଜିତ ପଣ୍ଡା, ବାଟ ବସ୍ତିଆ, ଦିପେଶ କଳତା, ମିଥୁନ ଝାଙ୍କର, ମଧୁ ଖେତି, ଉଦ୍ଧବ କର୍ମୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୧୨୨ ଜଣ ରୋଗୀ ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ଗ୍ରାମବାସୀ ଓ ଭାଜପା କର୍ମୀ ସହଯୋଗ କରିଥିଲେ।

# ଅଭିଯୋଗର ତଦନ୍ତ କରିବାକୁ ଯାଇଥିବା ପୋଲିସକୁ ଆକ୍ରମଣ

## ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ

ବୀରମହାରାଜପୁର,୧୯।୯(ଯୁଗଳ କିଶୋର ମିଶ୍ର)-ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଧର୍ମଶାଳା ଫାଣ୍ଡି ଅନ୍ତର୍ଗତ ପଳାସ ଗ୍ରାମର ବୃନ୍ଦାବନ ପ୍ରଧାନ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗରେ ସେ ଦର୍ଶାଇଥିଲେ, ଏକ ପୁରୁଣା ମାମଲାକୁ ନେଇ ଗ୍ରାମର ଶରତ ଭୋଇ (୫୦) ଓ ଶ୍ରବଣ ଭୋଇ(୪୦)ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିଲେ। ବୃନ୍ଦାବନଙ୍କ ଲିଖିତ ଅଭିଯୋଗ କ୍ରମେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୨୦୧/୨୦୨୫) ରୁଜୁ ହୋଇଛି। ତଦନ୍ତ ପାଇଁ ଧର୍ମଶାଳା ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥ, କନଷ୍ଟେବଳ ପୃଥିରାଜ କଅର ଓ ଶୁଶାନ୍ତ ପ୍ରଧାନ ପଳାସ ଗ୍ରାମକୁ ଗୁରୁବାର ରାତି ୮ଟାରେ ଯାଇଥିଲେ। କିନ୍ତୁ ତଦନ୍ତକାରୀ ପୋଲିସ ଅଧିକାରୀଙ୍କୁ ଅଭିଯୁକ୍ତମାନେ ବାଡି, କୁରାଢି ଓ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରି ପୋଲିସ ବାଇକ୍ ମଧ ଭାଙ୍ଗି ଦେଇଥିଲେ। ଫଳରେ ଫାଣ୍ଡି ଅଧିକାରୀ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରୁ ପଳାଇ ଆସିଥିଲେ। ପରେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ପଳାସ ଗ୍ରାମକୁ ଫୋର୍ସ ସହିତ ଯାଇଥିଲେ। ଏହି ଘଟଣାକୁ ନେଇ ଧର୍ମଶାଳା ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥଙ୍କ ଅଭିଯୋଗ କ୍ରମେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ. ୨୦୨/୨୦୨୫) ରୁଜୁ ହୋଇଛି। ଏସଆଇ ଅବିନାଶ ପଧାନ ବିଭିନ୍ନ ଧାରାରେ ଶରତ ଭୋଇ, ଶରତଙ୍କ ସ୍ତ୍ରୀ ସୁବର୍ଣ୍ଣ ଭୋଇ, ଶରତଙ୍କ ପୁଅ ରାକେଶ, ଅକ୍ଷୟ ବରଗିଙ୍କୁ ବିଭିନ୍ନ ସ୍ଥାନରୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିଲେ। କୋର୍ଟରେ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ନାମଞ୍ଜୁର କରିଦେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶ୍ରବଣ ଭୋଇ ଫେରାର ହୋଇଯାଇଛନ୍ତି।

# ଜିଲାସ୍ତରୀୟ ଖୋଖୋ, କବାଡି ଚାମ୍ପିୟନଶିପ ଉଦ୍‌ଘାଟିତ

ସୋନପୁର,୧୯।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଡୁଙ୍ଗୁରିପାଲି ସ୍ଥିତ ପିଏମଶ୍ରୀ କୁଶଳେଶ୍ୱର୍ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସୁବର୍ଣ୍ଣପୁର ଜିଲାସ୍ତରୀୟ ୧୪ବର୍ଷ ଓ ୧୭ବର୍ଷରୁ କମ ବାଳିକା ଏବଂ ବାଳକ ବିଭାଗରେ ଖୋ-ଖୋ, କବାଡିପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ୧୪ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ୬ଟି ବ୍ଲକରୁ ଆସିଥିବା ଖେଳାଳି ମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁଲାଲ ସାହୁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ଭୋଇ ଓ ସରପଞ୍ଚ ବିନ୍ଦୁ କୁମ୍ଭକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ସଞ୍ଜୀବ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଚାମ୍ପିୟନଶିପରେ ବିଜ୍ଞାନ ଶିକ୍ଷକ ଚକାନୟନ ମେହେର ଅତିଥି ପରିଚୟ ଏବଂ ପ୍ରଧାନ ଶିକ୍ଷକ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଖେଳ ସଂକ୍ରାନ୍ତୀୟ ରିପୋର୍ଟ ପ୍ରଦାନ କରିଥିଲେ। ଶେଷରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛାତ୍ରୀଛାତ୍ରଙ୍କୁ କ୍ରୀଡାର ମହତ୍ତ୍ୱ ଓ ଉପଯୋଗିତା ଉପରେ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ନନ୍ଦିନୀ ମାହାଣା, ଚୌଧୁରୀ ବିଭାର ଓ ସଞ୍ଜୟ କୁମାର ପଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଜୟନାରାୟଣ ମିଶ୍ର, ପ୍ରହ୍ଲାଦ ନାୟକ, ଅନନ୍ତରାମ ମେଣ୍ଡେଲି, କହ୍ନେଇ ଚରଣ ପଧାନ, ସନ୍ଧ୍ୟାରାନୀ ଖେତି, ପଦ୍ମିନୀ ସାହୁ, ହରିଚନ୍ଦ୍ର ସାହୁ ଓ ଯଶୋବନ୍ତ ପଟେଲ ଖେଳ ପରିଚାଳନା କରିଥିଲେ। ଏଥିରେ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଏକାଦଶ ବର୍ଗେଇ, ସ୍ନେହଲତା ଖେତୀ, ବସନ୍ତ ଭୁଏ, ପୁଷ୍ପାଞ୍ଜଳି ନାୟକ, ଆଦିତ୍ୟ କିଶୋର ପାଢ଼ୀ, ମାନସୀ ରାଣୀ, ସଂଯୁକ୍ତା ଗାଇଗରିଆ, ନିହାରିକା ମିଶ୍ର, ବାଳମୁକୁନ୍ଦ ସେଠି, ଚମାର ବାଘ, ମଧୁମିତା ପଧାନ ଓ ବୀର କର୍ଣ୍ଣ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

## ସେବା ପର୍ବ ଉପଲକ୍ଷେ ଅନୁଷ୍ଠିତ ହେବ ଚିତ୍ରାଙ୍କନ ପ୍ରତିଯୋଗିତା

**ସୁନ୍ଦରଗଡ଼,୧୯।୯(ଜୟ ନାରାୟଣ ମେଣ୍ଡୁଲି):** ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳିତ ହେଉଛି ସେବା ପର୍ବ। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାରା ରାଜ୍ୟରେ ଦିନିକିଆ କର୍ମଶାଳା ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଚିତ୍ରାଙ୍କନ ପ୍ରତିଯୋଗିତାର ବିଷୟବସ୍ତୁ ହେଉଛି 'ବିକଶିତ ଭାରତ-୨୦୪୭' । ୩ଟି ବିଭାଗ ବା ସ୍ତରରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଦ୍ୟାଳୟ ସ୍ତରୀୟ (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ), ମହାବିଦ୍ୟାଳୟ ସ୍ତରୀୟ (ଯୁକ୍ତ୩ରୁ ତଦୂର୍ଦ୍ଧ) ଏବଂ ବୃତ୍ତିଗତ ବା ଯୁବ ଚିତ୍ରକାର। ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ଚିତ୍ରାଙ୍କନଗୁଡ଼ିକ ଚଳିତ ୨୫ ସେପ୍ଟେମ୍ବରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶନ କରାଯିବ ଏବଂ ବିଚାରକଙ୍କ ଦ୍ୱାରା ଏହି ଚିତ୍ରାଙ୍କନ ଗୁଡ଼ିକର ମୂଲ୍ୟାଙ୍କନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲାରେ ଚଳିତ ସେପ୍ଟେମ୍ବର ୨୧ ତାରିଖ ସକାଳ ୯ ଘଟିକାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ମହାବିଦ୍ୟାଳୟ ସ୍ତରୀୟ ଏବଂ ବୃତ୍ତିଗତ/ଯୁବ ଚିତ୍ରକାରଙ୍କ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ। ଏଥିରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଭାଗ ନେବାକୁ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ନାହିଁ ପାର୍କିଂ ବ୍ୟବସ୍ଥା, ରାସ୍ତାରେ ଛିଡ଼ା ହେଉଛି ଟ୍ରକ୍

**କୋଇଡା ଖଣି ଅଞ୍ଚଳ**

- ଟ୍ରାଫିକ୍ ଜାମ୍ ଯୋଗୁ ଲୋକେ ହଇରାଣ
- ବିନା ଦୋଷରେ ଫାଇନ ଗଣୁଛନ୍ତି ଟ୍ରକ ମାଲିକ
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

**ଟେନ୍ସା,୧୯।୯(ସମୀର କୁମାର ପାଢ଼ୀ)**



ଟ୍ରକ୍ ଜାମ୍ ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ଅଞ୍ଚଳରେ ରାସ୍ତା ଜାମ୍ ହେବା ନିତିଦିନିଆ ଘଟଣା। ପ୍ରତ୍ୟେକ ଦିନ ରାସ୍ତା ଜାମ୍ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏହାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ପୋଲିସ, ଆର୍‌ଟିଓ କର୍ତ୍ତୃପକ୍ଷ ଟ୍ରକ୍ ଉପରେ ଦୋଷ ଲଦି ଫାଇନ କାଟି ବସି ପଡୁଛନ୍ତି।

କୋଇଡ଼ା ଖଣି ଅଞ୍ଚଳରେ ଏବେ ୨୦ରୁ ଉର୍ଦ୍ଧ୍ୱ ଖଣି ଚାଲୁଛି। ହେଲେ ସ୍ଥାନୀୟ ଲୋକଙ୍କୁ ଖଣିରେ ନିଯୁକ୍ତି ନାହିଁ। ଏହି ଅଞ୍ଚଳର ବେକାର ଯୁବକମାନେ ଟ୍ରକ କରି ଖଣିରୁ ମାଲ ପରିବହନ କରି ନିଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ଲୁହାପଥର, ଲୁହାଗୁଣ୍ଡ ବୃଦ୍ଧି ଯୋଗୁ ଏବେ ବାହାର ଅଞ୍ଚଳର ହଜାର ହଜାର ଟ୍ରକ୍ ଏହି ଅଞ୍ଚଳରୁ ମାଲ ପରିବହନ କରୁଛନ୍ତି। ହେଲେ ଖଣିରେ ପାର୍କିଂ ବ୍ୟବସ୍ଥା ନାହିଁ। ଅଧିକ ଗାଡ଼ି ପାଇଁ ୫୨୦ଜାତୀୟ ରାଜପଥ ରେଙ୍ଗାଲବେଡ଼ାଠାରୁ କୁଶୁମୁଣ୍ଡି, କୋଇଡାଠାରୁ ୫୨୦ଜାତୀୟ ରାଜପଥ, କୋଇଡାଠାରୁ ଟେନ୍ସା ରାସ୍ତାରେ ଟ୍ରକ ଗୁଡିକ ଲମ୍ବା ଲାଇନ ଲଗାଉ ଥିବାରୁ ରାସ୍ତା ସବୁବେଳେ ଜାମ୍ ରହୁଛି। ଅଧିକାଂଶ ସମୟରେ ୮ରୁ ୧୦ ଘଣ୍ଟା ଧରି ରାସ୍ତା ଜାମ୍ ରହୁଛି। ଆମ୍ବୁଲାନ୍ସଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ, ୪ଚକିଆ ଯାନ ଫସି ରହୁଛି। ଏଥିରେ ଟ୍ରକ ମାଲିକଙ୍କ କୌଣସି ଦୋଷ ନ ଥାଇ ମଧ୍ୟ ଫାଇନ ଦେବାକୁ ପଡୁଛି। ଏପରି କି ଦିନକୁ ୨ ଥର ଗୋଟିଏ ଟ୍ରକ ରାସ୍ତା ଜାମ୍ କରୁଛି ବୋଲି ଫାଇନ ଦେବାକୁ ପଡୁଛି। ହଜାର କି ଦୁଇ ହଜାର ନୁହେଁ, ୨୫୦୦ ଟଙ୍କାରୁ ନେଇ ୧୦ରୁ ୧୫ ହଜାର ପର୍ଯ୍ୟନ୍ତ ଦେଉଛନ୍ତି ଫାଇନ। ଏଭଳି ସ୍ଥଳେ ଟ୍ରକ ମାଲିକମାନେ ଗାଡ଼ି କିସ୍ତି ଶୁଝିବା ଦୂରର କଥା, ନିଜ ପରିବାର ମଧ୍ୟ ଚଳାଇପାରୁ ନାହାନ୍ତି। ଆତ୍ମହତ୍ୟା ଛଡ଼ା ଆଉ ଉପାୟ କିଛି ନାହିଁ ବୋଲି କୋଇଡା, ଟେନ୍ସା, ମାଲଦା, ଗଣୁଆ, ପାଟାମୁଣ୍ଡା, କାଲଟା, କମଣ୍ଡ, ସାନ ଇନ୍ଦୁପୁର ଅଞ୍ଚଳର ଶହ ଶହ ଗାଡ଼ି ମାଲିକ ଅଭିଯୋଗ କରିଛନ୍ତି। ପ୍ରଶାସନ, ପୋଲିସ, ଆରଟିଓ ବିଭାଗ ପ୍ରଥମେ କୋଇଡା ଖଣି ଅଞ୍ଚଳରେ ଚାଲୁଥିବା ଖଣି ମାଲିକଙ୍କୁ ପ୍ରଶ୍ନ କରିବା ଉଚିତ ଯେ ସେମାନଙ୍କ ଖଣିରୁ ଦିନକୁ, ମାସକୁ, ବର୍ଷକୁ କେତେ ଲୁହାପଥର ଓ ଲୁହାଗୁଣ୍ଡ ପରିବହନ ହେଉଛି। ସେହି ହିସାବରେ ଟ୍ରକ ମଗାଇବା କଥା। ଖଣି ମାଲିକମାନେ ଖଣି ଲିଜ ନେବା ବେଳେ ଖଣିରୁ ଲୁହାପଥର, ଲୁହାଗୁଣ୍ଡ ପରିବହନ ନିମନ୍ତେ ଆସୁଥିବା ଟ୍ରକ ରଖିବା ପାଇଁ ପାର୍କିଂ ବ୍ୟବସ୍ଥା କରିବା ପାଇଁ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କୌଣସି ଖଣି ମାଲିକ ଟ୍ରକ ରଖିବା ପାଇଁ ପାର୍କିଂ ବ୍ୟବସ୍ଥା କରିନାହାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପ୍ରତ୍ୟେକ ଖଣି ମାଲିକ ନିଜ ନିଜ ଖଣିରେ ପାର୍କିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ କରନ୍ତୁ ବୋଲି ଟ୍ରକ ମାଲିକମାନେ ଦାବି କରିଛନ୍ତି ।

ଏନେଇ କୋଇଡା ଆଇଆଇସି ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରୁ, ଯେଉଁ ଟ୍ରକ ଓଭର ଟେକ୍ କିମ୍ବା ଡବଲ ଲାଇନ କରୁଛନ୍ତି ସେହି ଟ୍ରକ୍‌କୁ ଆମେ ଫାଇନ ଓ ବ୍ଲାକ ଲିଷ୍ଟ କରୁଛୁ। ହେଲେ କୌଣସି ଫରକ ପଡୁନି। ଏହାର ଖୁବଶୀଘ୍ର ସମାଧାନ ହେବ ବୋଲି ଆଇଆଇସି ପତି ପ୍ରକାଶ କରିଥିଲେ।

ସେହିପରି ରାଉରକେଲା ଆରଟିଓ ବିଭୁରଞ୍ଜନ ସାମନ୍ତସିଂହାରଙ୍କୁ ପଚାରିବାରୁ, ଖଣି କର୍ତ୍ତୃପକ୍ଷ ପାର୍କିଂ ବ୍ୟବସ୍ଥା ବୁଝିବା କଥା। ଏହା ଆମର କାମ ନୁହେଁ । ଯେଉଁ ଗାଡ଼ି ଓଭରଟେକ କରୁଛି, ଲାଇନ କାଟି ଡବଲ ଲାଇନ କରୁଛି ଆମେ ତାଙ୍କଠାରୁ ଫାଇନ କାଟୁଛୁ। ଯେଉଁମାନେ ଲାଇନ କରି ଛିଡ଼ା ହେଉଛନ୍ତି ସେମାନଙ୍କଠାରୁ ଫାଇନ କଟାଯାଉ ନାହିଁ ବୋଲି ସାମନ୍ତସିଂହାର ପ୍ରକାଶ କରିଥିଲେ ।

## ବିଶ୍ରା ସହରକୁ ସଫା କରିବାକୁ ଗୁରୁତ୍ୱ

**ବନ୍ଧମୁଣ୍ଡା,୧୯।୯(ସୁବ୍ରତ ଦେ)**

ବିଶ୍ରା ସହରକୁ ଆବର୍ଜନା ମୁକ୍ତ କରିବା ପାଇଁ ଶୁକ୍ରବାର ବିଶ୍ରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ରା ସରପଞ୍ଚ ସୁରଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଜଗନ୍ନାଥ ହନୁମାନ,ଏବିଡିଓ ବାସନ୍ତୀ ମାଝୀ ଏବଂ ପଞ୍ଚାୟତ ଅଧିକାରୀ ମିନର୍ଭା ତରାଇ ଉପସ୍ଥିତ ଥିଲେ। ଏହି ବୈଠକରେ ବହୁ ସଂଖ୍ୟକ ୱାର୍ଡ ମେମ୍ବର, ସାମାଜିକ କର୍ମୀ ଏବଂ ବିଶ୍ରା ଆହ୍ୱାନ କମିଟିର ସଦସ୍ୟମାନେ ଉପସ୍ଥିତ ରହି ସହରର ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଅନେକ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଡିଓ କହିଥିଲେ ଯେ, ବିଶ୍ରାର ରାସ୍ତା, ରାସ୍ତା କଡ଼ ଏବଂ ଡ୍ରେନରେ ଜମା ହୋଇଥିବା ପ୍ଲାଷ୍ଟିକ ଏବଂ ଅଳିଆକୁ ସଫା କରିବା ଅତ୍ୟନ୍ତ ଜରୁରୀ। ସ୍ଥାନୀୟ ଲୋକେ ଡ୍ରେନ ଗୁଡ଼ିକୁ ସଫା କରିବା ଏବଂ ଘରୋଇ ଅଳିଆ ନିୟମିତ ସଂଗ୍ରହ କରିବାକୁ ଦାବି କରିଥିଲେ। ବିଶ୍ରା ଆହ୍ୱାନ କମିଟିର ସଦସ୍ୟମାନେ କହିଥିଲେ ଯେ, ସହରକୁ ସଫା ରଖିବା ପାଇଁ ସମସ୍ତ ନାଗରିକଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ ରହିଛି। ଆବଶ୍ୟକ ହେଲେ ସହରକୁ ସଫା ରଖିବା ପାଇଁ ନିର୍ଦ୍ଦିଷ୍ଟ ଆର୍ଥିକ ଅବଦାନ ମଧ୍ୟ ଯୋଗାଇବାକୁ ପଡ଼ିବ। ବିଡିଓ ଉପସ୍ଥିତ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଖୁବ ଶୀଘ୍ର ସରକାରୀ ଗାଡ଼ି ସାହାଯ୍ୟରେ ସହରର ରାସ୍ତା ଏବଂ ବିଭିନ୍ନ ଅଞ୍ଚଳରୁ ଅଳିଆ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ସରପଞ୍ଚ ସୁରଜ ନାୟକ କହିଛନ୍ତି ଯେ, ବିଶ୍ରାକୁ ପରିଷ୍କାର ରଖିବା ପାଇଁ ସେ ବିଶେଷ ପଦକ୍ଷେପ ନେବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରିବେ। ଏହି ବୈଠକରେ ଅନୀତା ପୂର୍ତ୍ତି, ବିମଳା ଶର୍ମା, ଚାନ୍ଦନୀ ମୁଣ୍ଡା, ପ୍ରଦୀପ ରାଉତରାୟ, ବାବଲୁ ସାହା, ଆୟୁଷ ଶର୍ମା, ଓମପ୍ରକାଶ ଅଗ୍ରୱାଲ, ବିନୁ ମୁନ୍ଦଡ଼ା, ରାଜେଶ ଲୋହରିୱାଲ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଙ୍କେତ ବଜରଙ୍ଗ ଦଳ ସୁନ୍ଦରଗଡ଼ ଜିଲା ସଂଯୋଜକ

**ସୁନ୍ଦରଗଡ,୧୯।୯(ଜୟ ନାରାୟଣ ମେଣ୍ଡୁଲି)**



ସଙ୍କେତ ଗୁରୁ ବଜରଙ୍ଗ ଦଳ ସୁନ୍ଦରଗଡ ଜିଲା ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଓଡ଼ିଶା ପଶ୍ଚିମ ପ୍ରାନ୍ତର ବୈଠକ ସମ୍ବଲପୁର ସ୍ଥିତ ମାରୱାଡ଼ି ଧର୍ମଶାଳା ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ସୌମ୍ୟ ରଞ୍ଜନ ମିଶ୍ର, ସହ ସଂଯୋଜକ ଅଶୋକ ବାରିକଙ୍କ ନେତୃତ୍ୱରେ ବଜରଙ୍ଗ ଦଳର ସୁନ୍ଦରଗଡ ଜିଲା ସଂଯୋଜକ ଭାବେ ସଂଙ୍କେତଙ୍କୁ ଦାୟିତ୍ୱ ଦିଆଯାଇଛି। ସୁନ୍ଦରଗଡ ଜିଲାର ଗୋରକ୍ଷା ପ୍ରମୁଖ ଭାବେ ନିଖିଳ ଲେହେରି ମନୋନୀତ ହୋଇଛନ୍ତି। ଏଥିସହିତ ସୁନ୍ଦରଗଡ ନଗର ପ୍ରଖଣ୍ଡ ପାଇଁ ନୂତନ କମିଟି ମଧ୍ୟ ଗଠନ କରାଯିବା ସହ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏଥିରେ ନଗର ସଂଯୋଜକ ଭାବେ ରୋଷନ ରକ୍ସା, ନଗର ମିଳନ କେନ୍ଦ୍ର ପ୍ରମୁଖ ଭାବେ ଶୁଭମ ପଟେଲ, ସହ ମିଳନ କେନ୍ଦ୍ର ପ୍ରମୁଖ ଭାବେ ସୌରଭ ସାହୁ, ନଗର ସୁରକ୍ଷା ପ୍ରମୁଖ ଭିକି ତାଣ୍ଡିଆ, ନଗର ସହ ସୁରକ୍ଷା ପ୍ରମୁଖ ଭାବେ ଭାରତ ପ୍ରସାଦଙ୍କୁ ଦାୟିତ୍ୱ ଦିଆଯାଇଥିବା ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା ଘୋଷଣା କରିଛନ୍ତି।



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

## ସରକାରୀ କଲେଜରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୯।୯(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ କୁମାର ନାଏକ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ୨୦୦୦ରୁ ଛାତ୍ରୀଛାତ୍ର, ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଭାଗନେଇ ମହାବିଦ୍ୟାଳୟ, ଛାତ୍ରାବାସ, ଛାତ୍ରୀ ନିବାସ ଓ ସରକାରୀ ବାସଭବନପରିସରରେବିଭିନ୍ନଚାରାରୋପଣ କରିଥିଲେ। ପରେ ମହାବିଦ୍ୟାଳୟର ଏନସିସି,ଏନଏସଏସ ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ୨୦୦୦ ଚାରାରୋପଣ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଦନ୍ତାହାତୀ ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

**ଦେବଗଡ଼,୧୯।୯(ଶଶାଙ୍କ ଶେଖର ଝାଙ୍କର):** ରିଆମାଳ ବନାଞ୍ଚଳ ପଳସମା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚିରଗୁଣିକୁଦର ଖସଡ଼ା ଜଙ୍ଗଲରେ ଦନ୍ତାହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଶୁକ୍ରବାର ଚିରଗୁଣିକୁଦର ଗ୍ରାମର ଯାଦବ କିଷାନ(୪୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖ ସକାଳେ ଖସଡ଼ା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ପଡ଼ିଥିଲା। ଖବରପାଇ ପଳସମା ଫରେଷ୍ଟର ହେମନ୍ତ ବରିହା, ଦେବଗଡ଼ ବନଖଣ୍ଡ ଅଧିକାରୀ ରଶ୍ମୀ ଜୀ, ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀ, ଅରୁଣ କୁମାର ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ, ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ତଦନ୍ତବେଳେ ବିଦ୍ୟୁତ୍ ଆଘାତରେ ହାତୀଟିର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ଫସଲ ନଷ୍ଟ ଏବଂ ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀଙ୍କ ଦ୍ୱାରା ଉକ୍ତ ଗ୍ରାମର ବିଭିନ୍ନ ସ୍ଥାନରେ ସୌରଚାଳିତ ସ୍ୱଳ୍ପ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ସମ୍ପନ୍ନ ତାରବାଡ଼ ଖଞ୍ଜାଯାଇଥିଲା। ମାତ୍ର ଉକ୍ତଦିନ ସୌର ଚାଳିତ ମେଶିନ ଅଚଳ ଥିବାରୁ ଯାଦବ କିଷାନଙ୍କ ସମେତ ଉକ୍ତ ଗ୍ରାମର ଏକାଧିକ ଜନସାଧାରଣ ସେଠାରେ ଖଞ୍ଜାଯାଇଥିବା ତାରବାଡ଼ରେ ସିଧାସଳଖ ଭାବେ ବିଦ୍ୟୁତ୍ କରେଣ୍ଟ ସଂଯୋଗ କରିଥିଲେ। ଦନ୍ତାହାତୀଟି ଉକ୍ତ ତାରବାଡ଼ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡିବା ପରେ ବନ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଯାଦବଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ସେନେଇ ତଦନ୍ତ ଜାରି ରହିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଆଇଟିଆଇରେ ବିଶ୍ୱକର୍ମା ଭସାଣି ଉତ୍ସବ

**ବଡ଼ଗାଁ,୧୯।୯(ଅଶୋକ ଷଡଙ୍ଗୀ)**



ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇଟିଆଇ ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହୋଇଥିବା ବିଶ୍ୱକର୍ମା ପୂଜା ଭସାଣୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ଆଇଟିଆଇ, ବିଜୁଳି ବିଭାଗ କାର୍ଯ୍ୟାଳୟ, ଟେମ୍ପୋ, ଟ୍ୟାକ୍ସି ଷ୍ଟାଣ୍ଡରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ଅବସରରେ ବଡ଼ଗାଁ ଆଇଟିଆଇ ପରିସରରେ ପ୍ରଥମେ ରକ୍ତଦାନ ଶିବିର, ପରେ ବ୍ଲକର ୧୫ ଗ୍ରାମ ପଞ୍ଚାୟତର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିନରେ ଡାକ୍ତରଖାନାରେ ଫଳ ବିତରଣ, ସ୍କାଉଟ ଗାଇଡ଼ର ଶପଥ ପାଠ ଉତ୍ସବ, ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଗୁରୁବାର ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ରାତିରେ ଅର୍କେଷ୍ଟ୍ରା ଆୟୋଜିତ ହୋଇଥିଲା। ବଡ଼ଗାଁ ଆଇଟିଆଇର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠାନର ଚେୟାରମେନ ଡ. ଅରୁଣ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହିସବୁ କାର୍ଯ୍ୟକ୍ରମରେ ବରିଷ୍ଠ ଲାୟନ୍ସ କାର୍ଯ୍ୟକର୍ତ୍ତା ସୂର୍ଯ୍ୟମଣୀ ପାତ୍ର, ଇନ୍ଦ୍ରମଣି ନାଏକ, ସରୋଜ ପାତ୍ର, ଘରୋଇ ଆଇଟିଆଇ ସଂଘର ସଦସ୍ୟ ସ୍ୱାଧିନ ନାଏକ, ରୁପେଶ ଗୀରି, ଦିଲିପ ମହାଭୋଇ,ଏସ ପାଢ଼ି, ବଡ଼ଗାଁ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା, ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ, ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ,ଏସଆଇ ଖଗପତି ବିଶାଳ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ଭସାଣି ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର ମାନେ ଶୋଭାଯାତ୍ରାରେ ବଡ଼ଗାଁ ପରିକ୍ରମା କରିଥିଲେ। ଭସାଣି ସହିତ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନାରେ ପୂଜା କମିଟି ସଭାପତି ସୌରଭ ପଣ୍ଡା, ପ୍ରିନ୍ସପାଲ ସାଗରିକା ନାଏକ, ଭାଇସ ପ୍ରିନ୍ସପାଲ ଶୁଶିଲ ନାଏକ, ଦିବ୍ୟ ଲୋଚନ ପୃଷେଟ, ସତ୍ୟେନ୍ଦ୍ର ବେହେରା, ସରିତା କମାର, ତ୍ରୁରତୀ ବଡାଇକ, ମମତା ବଡପଣ୍ଡାଙ୍କ ସହିତ କର୍ମଚାରୀମାନେ ସହଯୋଗ କରିଥିଲେ।

## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ପାଇଁ ନିଷ୍ପତ୍ତି

**ସୁନ୍ଦରଗଡ଼,୧୯।୯ (ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା ପାଇଁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ନିଷ୍ପତ୍ତି ହୋଇଛି। ଏନେଇ କୁଳସଚିବ ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପତ୍ର ସଂଖ୍ୟା ୪୩୪୦/ତା୧୯/୯/୨୦୨୫ରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ,ୟୁଜିସି ପତ୍ର ସଂଖ୍ୟା ନମ୍ବର ଏଫ-୨-୧୦/୨୦୨୩(ଏସି-ପଲିସି)ତା ୨୧/୮/୨୦୨୫ ଅନୁସାରେ ସିଣ୍ଡିକେଟ ତାର ୧୨/୯/୨୦୨୫ ତାରିଖ ବୈଠକରେ ସୁନ୍ଦରଗଡ କଲେଜକୁ ୫ବର୍ଷ ପାଇଁ ୨୦୨୫-୨୬ରୁ ୨୦୨୯-୨୦୩୦ ଶିକ୍ଷା ବର୍ଷ ପର୍ଯ୍ୟନ୍ତ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ୟୁଜିସି ଗାଇଡ ଲାଇନ ଅନୁସରଣ କରିବା ସହିତ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଯେ କୌଣସି ନିଷ୍ପତ୍ତି ଓ ସର୍କୁଲାରକୁ ମଧ୍ୟ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟରେ ଓଜୋନ ଦିବସ ପାଳିତ

**କୁତ୍ରା,୧୯।୯(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ସ୍ଥିତ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଡ. ବିଭୀଷଣ ବାରିକ, କଟଙ୍ଗ ସରପଞ୍ଚ ପୁଷ୍ପା କେରକେଟା, ସମିତି ସଭ୍ୟା ସୁନୀତି ଧନୁଆର, ବିଦ୍ୟାଳୟ ପରିଚାଳନା ସଭାପତି ଲିଲିମା କିସପଟା ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଜଣା ଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ମହେନ୍ଦ୍ର ସିଂ ପରିଚାଳନା କରିଥିବା ବେଳେ ମମତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ୨ ଗଞ୍ଜେଇ ଚାଲାଣକାରୀ ଗିରଫ

**ସୁନ୍ଦରଗଡ଼,୧୯।୯(ଜୟ ନାରାୟଣ ମେଣ୍ଡୁଲି)** ସୁନ୍ଦରଗଡ଼ ସଦର ଥାନା ପୋଲିସ ଶୁକ୍ରବାର ୨ ଗଞ୍ଜେଇ ଚୋରାଚାଲାଣ କାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭କେଜି ୫୦ଗ୍ରାମ ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ମାନେ ହେଲେ ଅନୁଗୁଳ ଜିଲା କିଶୋର ନଗର ଶମ୍ଭୁନାଥ ନାୟକ(୪୫) ଓ ସୁନ୍ଦରଗଡ ସଦରଥାନା ବନ୍ଧପାଲି ର ପ୍ରମୋଦ କୁମାର ତ୍ରିପାଠୀ(୬୩)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮୦ହଜାର ହେବ ବୋଲି ଜଣାପଡିଛି। ଏନେଇ ସଦର ଏସଡିପିଓ ନିର୍ମଳ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ସେମାନଙ୍କ ନିକଟରୁ ନଗଦ୧୬୫୦ଟଙ୍କା, ଗୋଟିଏ ଇଲେକ୍ଟ୍ରିକ ସ୍କୁଟି(ଓଡ-୧୬ଏମ - ୩୬୬୫)ଓ ୩ଟି ମୋବାଇଲ ଫୋନ ଜବତ କରିଛି। ୨ ଅଭିଯୁକ୍ତ ସ୍କୁଟି ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ସଦରଥାନା ପୋଲିସ ସୂଚନା ପାଇଥିଲା। ଏକ ସ୍ୱତନ୍ତ୍ର ଟିମ ସ୍ଥାନୀୟ ସିଆବାହାଲ ଛକରେ ସ୍କୁଟିକୁ ଅଟକାଇ ଯାଞ୍ଚ ବେଳେ ଏକ ବ୍ୟାଗରେ ଏହି ଗଞ୍ଜେଇ ଥିବା ଜଣାପଡିଥିଲା। ସ୍ୱତନ୍ତ୍ର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ଏହି ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲା। ସଦର ଥାନାରେ କେସ୍ ନଂ. ୩୩୪/୨୫ରେ ମାମଲା ରୁଜୁ ହୋଇଥିବା ସଦର ଏସଡିପିଓ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଦରଥାନା ଆଇଆଇସି ସୁସ୍ମିତା ଦେବତା ଉପସ୍ଥିତ ଥିଲେ।

## ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ସୁନ୍ଦରଗଡ,୧୯।୯ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲାରେ ବେକାରୀ ସମସ୍ୟା ବୃଦ୍ଧି ସାଙ୍ଗକୁ ଦାଦନ ସମସ୍ୟାରେ ଜର୍ଜରିତ ଯୁବଗୋଷ୍ଠୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ଦାବିନେଇ ଅଖିଳ ଭାରତ ଯୁବ ସଂଘ,ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଜିଲାର ଖଣି ଓ ଶିଳ୍ପାନୁଷ୍ଠାନ ଗୁଡିକରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ନିଯୁକ୍ତି ମେଳାର ଆୟୋଜନ, ଜିଲା ଖଣିଜ ପାଣ୍ଠିର ଠିକ ବିନିଯୋଗକରି ଗ୍ଲୋବାଲ ଟେଣ୍ଡରକୁ ବନ୍ଦ କରିବା, ଖଣି ଓ ଶିଳ୍ପଭିତ୍ତିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ଚୁକ୍ତିଭିତ୍ତିକ(ଆଉଟସୋର୍ସିଂ)ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ଶିକ୍ଷାନୁଷ୍ଠାନ ଗୁଡିକରେ ଖାଲି ପଡିଥିବା ସମସ୍ତ ପଦବୀ ପୂରଣ କରିବା, ଜିଲାରେ ନିଶାକାରବାରକୁ ବନ୍ଦ କରି କ୍ରୀଡା କ୍ଷେତ୍ରରେ ପ୍ରୋତ୍ସାହନ ଦେବା ଆଦି ୭ଦଫା ଦାବି ସମ୍ବଳିତ ଏକ ଦାବି ପତ୍ର ଜିଲାପାଳ ଡା.ଶୁଭଙ୍କର ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ଦାବି ଗୁଡିକ ପୂରଣ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ନ ପାଇଲେ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଜିଲାବ୍ୟାପୀ ଗଣତାନ୍ତ୍ରିକ ପଦ୍ଧତିରେ ଜନ ଆନ୍ଦୋଳନର ଡାକରା ଦେବ ବୋଲି ଚେତାବନୀ ଦେଇଛନ୍ତି। ଅଖିଳ ଭାରତ ଯୁବ ସଂଘର ସୁନ୍ଦରଗଡ ଜିଲା ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ,ରମେଶ ଜୟ ପୁରିଆ,କାର୍ଯ୍ୟକାରୀ ସଭ୍ୟ ପ୍ରଦୀପ ମହାନ୍ଦିଆ ପ୍ରମୁଖ ଜିଲାପାଳଙ୍କୁ ଏହି ଦାବିପତ୍ରପ୍ରଦାନବେଳେଉପସ୍ଥିତଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବଢୁଛି ଗୋଚାଲାଣ, ରୋକିପାରୁନି ପୋଲିସ

■ନୂଆ ତରିକା ଆପଣାଉଛନ୍ତି ଗୋଚାଲାଣକାରୀ
■କାର୍‌ରେ ଚାଲାଣ ହେଉଛି ଗୋରୁ

ଝାରସୁଗୁଡ଼ା,୧୯।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ବେଆଇନ ଗୋଚାଲାଣ ବୃଦ୍ଧି ପାଉଛି। ପ୍ରତିଦିନ ଝାରସୁଗୁଡ଼ା ଜିଲା ବିଭିନ୍ନ ସ୍ଥାନରୁ ବହୁସଂଖ୍ୟକ ଗୋରୁ ଏବଂ ଗୋମାଂସକୁ ଗାଡ଼ି ଯୋଗେ ଛତିଶଗଡ଼ ରାଜ୍ୟର ରାୟଗଡ଼ ଅଞ୍ଚଳକୁ ଚୋରାଚାଲାଣ ହେଉଥିବା ଜଣାପଡ଼ିଛି। ହେଲେ ଏହାକୁ ସମ୍ପୂର୍ଣ୍ଣ ରୋକିବାରେ ପୋଲିସ ପ୍ରଶାସନ ବିଫଳ ହେଉଛି। ଏହାକୁ ନେଇ ଜିଲାବାସୀଙ୍କ ସମେତ ବୁଦ୍ଧିଜୀବୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଗୋସୁରକ୍ଷାକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରାଯାଇ ବେଆଇନ ଗୋଚାଲାଣ ରୋକିବା ସହ ଗୋଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲାରେ କିଛିଦିନ ହେବ ଗୋଚାଲାଣକାରୀ ସକ୍ରିୟ ହୋଇପଡ଼ିଛନ୍ତି। ପୋଲିସକୁ ଚକ୍‌ମା ଦେବା ପାଇଁ ସେମାନେ ନୂଆ ତରିକା ଆପଣାଉଛନ୍ତି। କଣ୍ଟେନର, ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ୍‌ରେ ଗୋଚାଲାଣ କଲେ ପୋଲିସ ଧରିବା ଆଶଙ୍କାରେ ସେମାନେ ସ୍କର୍ପିଓ, ଆର୍ଟିଗା ଓ ବୋଲେରୋ ଭଳି ଗାଡ଼ି ବ୍ୟବହାର କରୁଛନ୍ତି ଏହି ଗାଡ଼ିଗୁଡ଼ିକର ମଝି ଓ ପଛ ସିଟ୍ ଖୋଲିଦେବା ପରେ ଗୋରୁଙ୍କୁ ଅତି ଅମାନୁଷିକ ଭାବେ ବାନ୍ଧି ଭିତରେ ଭର୍ତ୍ତି କରି ଚାଲାଣ କରାଯାଉଛି। ରାତି ପ୍ରାୟ ୧ଟାରୁ ୩ଟା ମଧ୍ୟରେ ୪୯ ନମ୍ବର ଜାତୀୟ ରାଜପଥ ଦେଇ ଏକାଧିକ ଗାଡ଼ିରେ ଗୋଚାଲାଣ କରାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୋଚାଲାଣକାରୀମାନେ ପୋଲିସ କିମ୍ବା ଟୋଲ୍‌ଗେଟ୍ ଯାଞ୍ଚକୁ ଖାତିର ନ କରୁନାହାନ୍ତି। କାରଣ ସେମାନେ ଗୋଚାଲାଣବେଳେ ଗାଡ଼ିରେ ବନ୍ଧୁକ, ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ର ରଖୁଛନ୍ତି। ମାରଣାସ୍ତ୍ର ଧରି ଦ୍ରୁତଗତିରେ ଗାଡ଼ି ଚଳାଇ ଫେରାର ହେଉଥିବା ଏହି ଗୋଚାଲାଣକାରୀଙ୍କୁ ରୋକିବା ନିମନ୍ତେ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଅପରପକ୍ଷେ ଗୋଚାଲାଣବେଳେ ଦ୍ରୁତ ଗାଡ଼ିଚାଳନା ଯୋଗୁ ଜୀବନହାନି ଘଟୁଥିବା ନଜିର ରହିଛି। ଗତ ୧୧ ତାରିଖରେ ୪୯ ନମ୍ବର ଜାତୀୟ ରାଜପଥର ଲଖନପୁର ବ୍ଲକ ଅଧୀନ ଗୋବିନ୍ଦପୁର ଟୋଲ୍‌ଗେଟ୍ ନିକଟରେ ଗୋଚାଲାଣରେ ବ୍ୟବହୃତ ଏକ ସ୍କର୍ପିଓ ଧକ୍କାରେ ଜଣେ ଟୋଲ୍‌ଗେଟ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାର କିଛିଦିନ ପୂର୍ବରୁ ଉକ୍ତ ଟୋଲ୍‌ଗେଟ୍ ନିକଟରେ ଗୋମାଫିଆମାନେ ଫାୟାରିଂ କରିଥିଲେ। ଗତ ୧୦ ତାରିଖରେ ଲଖନପୁର ବ୍ଲକ ଅଧୀନ ଠକଠକିପଡ଼ାରେ ଗୋହତ୍ୟା କରାଯାଇ ଏହାର ମାଂସ ବିକ୍ରି କରାଯାଉଥିଲା। ବେଲପାହାଡ଼ ଅଞ୍ଚଳର ବଜରଙ୍ଗ ଦଳ କର୍ମୀମାନେ ସେଠାରେ ପହଞ୍ଚି ଗୋହତ୍ୟାକାରୀଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ସେହିପରି ଜୁନ୍ ୨୭ରେ ସମ୍ବଲପୁର ପଟରୁ ଆସିଥିବା ଗୋମାଂସ ଝାରସୁଗୁଡ଼ା ସହର ସୁନାରୀମୁଣ୍ଡା ଅଞ୍ଚଳରେ ବିକ୍ରି ହେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଲଖନପୁର ଅଞ୍ଚଳର ତଳାନନ ସା କହିଛନ୍ତି, ଝାରସୁଗୁଡ଼ା ଜିଲାରୁ ବହୁ ସଂଖ୍ୟକ ଗୋରୁ ଓ ଗୋମାଂସ ରାୟଗଡ଼ ଅଞ୍ଚଳକୁ ଚାଲାଣ ହେଉଛି। କିଛିମାତ୍ରାରେ ପୋଲିସ ଗୋରୁଗାଡ଼ି ଜବତ କରୁଥିବାବେଳେ ବେଆଇନ ଗୋଚାଲାଣ ରୋକିବାରେ ସମ୍ପୂର୍ଣ୍ଣ ମାତ୍ରାରେ ସଫଳ ହୋଇପାରୁନାହିଁ। ସେହିପରି ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ସୁମିତ୍ ଶୁକ୍ଲା କହିଛନ୍ତି, ବେଆଇନ ଗୋଚାଲାଣ ରୋକିବା ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖିଛୁ। ସାରା ଜିଲାରେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟଙ୍କୁ ଏନେଇ ସତର୍କ ରହିବାକୁ କୁହାଯାଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ କଠୋର ନିୟମ ଲାଗୁ କରିବା ପାଇଁ ନିବେଦନ କରିବୁ ବୋଲି ସେ କହିଛନ୍ତି। ସେହିପରି ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି, ଆମେ ଏ ନେଇ ସତର୍କ ଅଛୁ। ଏଭଳି ଖବର ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ। ଏନେଇ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି, ଏବିଷୟରେ ନିରୀକ୍ଷଣ କରି ଗୋଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


କାର ଭିତରେ ବେଆଇନ ଭାବେ ଗୋଚାଲାଣ କରାଯାଉଛି।

## ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା

କୋଲାବିରା,୧୯।୯(ଚିନ୍ମୟ କୁମାର ବହିଦାର)

କୋଲାବିରା ବ୍ଲକ ଅଧୀନ ରଘୁନାଥପାଲି ବିଦ୍ୟୁତ୍ ସେକ୍ସନ ଅଫିସରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ପୂଜାରେ ଲାଇନ୍‌ମ୍ୟାନ୍ ରୂପେଶ ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏସ୍‌ଡିଓ ଆଲୋକ ରଞ୍ଜନ ସିଂ, ଜେଇ କମଳ ଲୋଚନ ପାତ୍ର, ସୁନୀତ୍ କୁମାର ମେହେର, ସୁପରଭାଇଜର କିଶୋର ପୁହାଣ, ଲାଇନ୍‌ମ୍ୟାନ ଉତ୍ତମ ନାଏକ, ମଙ୍ଗଲୁ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନିଆଁଲିଭା କୌଶଳ ଶିଖିଲେ ଛାତ୍ରୀଛାତ୍ର


ଅଗ୍ନିଶମ କର୍ମଚାରୀ ନିଆଁଲିଭା କୌଶଳ ଶିଖାଉଛନ୍ତି।

ବେଲପାହାଡ଼,୧୯।୯(ସୁବାସ ପ୍ରଧାନ)

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ବେଲପାହାଡ଼ସ୍ଥିତ ଛର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇବ୍ ଥର୍ମାଲ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ପ୍ରଭାକର ପ୍ରଧାନ ଯୋଗଦେଇ ଅଗ୍ନିକାଣ୍ଡ ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଅଗ୍ନିକାଣ୍ଡ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଛାତ୍ରୀଛାତ୍ର ନିଜକୁ କିପରି ରକ୍ଷା କରିବେ ସେ ସମ୍ପର୍କରେ ଉପସ୍ଥିତ ଅଗ୍ନିଶମ କର୍ମଚାରୀ ପ୍ରଶିକ୍ଷଣ ଦେଇଥିଲେ। ଆସ ଆମେ ନିରାପଦ ରହିବା ବିଷୟରେ କାର୍ଯ୍ୟକ୍ରମରେ ଅବଗତ କରାଯାଇଥିଲା। ଏଥିରେ ୱାର୍ଡ ସଭ୍ୟା ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣିମା ସାହୁ ଯୋଗଦେଇଥିଲେ। ଶିକ୍ଷକ ତରୁଣ କୁମାର ରାଉତ ଶିଶୁ ସୁରକ୍ଷା ଦାୟିତ୍ୱରେ ଥିବାବେଳେ ବାସନ୍ତୀ ବାଗ, ପ୍ରଣତି ଦେହୁରୀ ଧନ୍ୟବାଦ ଦେଇଥିଲେ। ସଚ୍ଚିଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ପ୍ରାୟ ୬୫ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଦନ୍ତାହାତୀ ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

ଦେବଗଡ଼,୧୯।୯(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବନାଞ୍ଚଳ ପଳସମା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚିରଗୁଣିକୁଦର ଖସଡ଼ା ଜଙ୍ଗଲରେ ଦନ୍ତାହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଶୁକ୍ରବାର ଚିରଗୁଣିକୁଦର ଗ୍ରାମର ଯାଦବ କିଷାନ(୪୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖ ସକାଳେ ଖସଡ଼ା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ପଡ଼ିଥିଲା। ଖବରପାଇ ପଳସମା ଫରେଷ୍ଟର ହେମନ୍ତ ବରିହା, ଦେବଗଡ଼ ବନଖଣ୍ଡ ଅଧିକାରୀ ରଶ୍ମୀ ଜୀ, ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀ, ଅରୁଣ କୁମାର ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ, ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ତଦନ୍ତବେଳେ ବିଦ୍ୟୁତ୍ ଆଘାତରେ ହାତୀଟିର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ଫସଲ ନଷ୍ଟ ଏବଂ ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀଙ୍କ ଦ୍ୱାରା ଉକ୍ତ ଗ୍ରାମର ବିଭିନ୍ନ ସ୍ଥାନରେ ସୌରଚାଳିତ ସ୍ୱଳ୍ପ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ସମ୍ପନ୍ନ ତାରବାଡ଼ ଖଞ୍ଜାଯାଇଥିଲା। ମାତ୍ର ଉକ୍ତଦିନ ସୌର ଚାଳିତ ମେଶିନ ଅଚଳ ଥିବାରୁ ଯାଦବ କିଷାନଙ୍କ ସମେତ ଉକ୍ତ ଗ୍ରାମର ଏକାଧିକ ଜନସାଧାରଣ ସେଠାରେ ଖଞ୍ଜାଯାଇଥିବା ତାରବାଡ଼ରେ ସିଧାସଳଖ ଭାବେ ବିଦ୍ୟୁତ୍ କରେଣ୍ଟ ସଂଯୋଗ କରିଥିଲେ। ଦନ୍ତାହାତୀଟି ଉକ୍ତ ତାରବାଡ଼ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡିବା ପରେ ବନ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଯାଦବଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ସେନେଇ ତଦନ୍ତ ଜାରି ରହିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଶିବିରରେ ତାଲିମ ନେଲେ ୪୨ ଶିକ୍ଷୟିତ୍ରୀ, ଶିକ୍ଷକ



ଶିବିରରେ ତାଲିମ ନେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

ଦେବଗଡ଼,୧୯।୯(ଶଶାଙ୍କ ଶେଖର ଝାଙ୍କର)

ସମଗ୍ର ଶିକ୍ଷା ଦେବଗଡ଼ ନିର୍ଦ୍ଦେଶକ୍ରମେ ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଷ୍ଠା-ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କିତ ୫ ଦିନିଆ ତାଲିମ ଶିବିର ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତିଲେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଜିଲା ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ରହି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ଏହିଶିବିରରେ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ସାଧାରଣ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସମାନ ଶିକ୍ଷଣ ଅନୁଭୂତି ଯୋଗାଇଦେବା, ସାର୍ବଜନୀନ ଶିକ୍ଷଣ ଢାଞ୍ଚା କୌଶଳ ଅବଲମ୍ବନ ପୂର୍ବକ ବିବିଧତା ପୂର୍ଣ୍ଣ ଅନ୍ତର୍ନିବେଶୀ ଶ୍ରେଣୀକକ୍ଷର ସୁପରିଚାଳନା କରିବା, ଅନ୍ତର୍ନିବେଶୀ ଶ୍ରେଣୀକକ୍ଷରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା, ପ୍ରଶସ୍ତ ଆପ୍ ଦିବ୍ୟାଙ୍ଗ ପିଲାଙ୍କ ଚିହ୍ନଟ ପ୍ରକ୍ରିୟାରେ ସୁଗମତା ଆଣିବା, ବିଭିନ୍ନ ପରୀକ୍ଷାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ମିଳୁଥିବା ସୁବିଧା ସୁଯୋଗ, କ୍ରୀଡ଼ା, ଶାରୀରିକ ଶିକ୍ଷା, ଯୋଗ ଇତ୍ୟାଦି କ୍ଷେତ୍ରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହାଭାଗିତାକୁ ସୁନିଶ୍ଚିତ କରିବା ଉପରେ ତାଲିମ ଦିଆଯାଇଥିଲା। ସାଧନକର୍ମୀ ଭାବେ ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ, ଭେନସ କୁମାର ପ୍ରଧାନ, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ଶିକ୍ଷକ ଫକୀର ମୋହନ ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ସମଗ୍ର ଶିକ୍ଷା ଜିଲା ଯୋଜନା ସଂଯୋଜକ ତପନ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଜିଲା ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ ଉପସ୍ଥିତ ରହି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମନୋବଳ ବୃଦ୍ଧି କରିବାରେ ସହାୟକ ହେବା ସହ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପ୍ରଭାଶୁଣି ସିଆର୍‌ସିସି ଅଶୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ପୌରାଞ୍ଚଳ, ଟାଇଁସର, ପ୍ରଭାଶୁଣି ଓ ପାଳକୁଦର କ୍ଲଷ୍ଟରରୁ ମୋଟ ୪୨ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଝାରସୁଗୁଡ଼ା,୧୯।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୁରୁଣାବସ୍ତି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ କମିଟି ଓ ଲାୟନ୍ସ କ୍ଲବ୍‌ର ମିଳିତ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଶୁକ୍ରବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦନ୍ତ ଚିକିତ୍ସକ ପି.କେ. ପଣ୍ଡା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ରୀନା ନାଏକ, ଚକ୍ଷୁ ବିଶେଷଜ୍ଞ ଅରୁଣ ପ୍ରସାଦ ଭୁଇନା ଓ କର୍ଣ୍ଣ, ଗଳା ନାକ ବିଶେଷଜ୍ଞ ଶଙ୍କର ପ୍ରସାଦ ପଣ୍ଡା ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଅଶୋକ କୁମାର ମହାପାତ୍ର, ଲାୟନ୍ସ କ୍ଲବ୍ ସଭାପତି ପ୍ରମୋଦ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୧୨୯ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଜୟ କୁମାର ଦାସ, ହେମନ୍ତ ତ୍ରିପାଠୀ, ସୁରେନ୍ଦ୍ର ପଣ୍ଡା, ନରେନ୍ଦ୍ର ପଣ୍ଡା, ପ୍ରଶାନ୍ତ ମହାରଣା, କିଶୋର ମହାନ୍ତି, ମନୋରଞ୍ଜନ ମହାପାତ୍ର, ଲାୟନ୍ସ କ୍ଲବ୍‌ର ସୁଧୀର ମହାପାତ୍ର, ସଚିତା ନନ୍ଦ ପାତ୍ର, ସରୋଜ କୁମାର ପଣ୍ଡା, ରାଜେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ ହେପାଜତରେ ଥିବା ହାଇୱାରୁ ଯନ୍ତ୍ରାଂଶ ଚୋରି ଘଟଣା: ଆଉ ଜଣେ ଗିରଫ

ଦେବଗଡ଼,୧୯।୯(ଶଶାଙ୍କ ଶେଖର ଝାଙ୍କର)

ପୋଲିସ ହେପାଜତରେ ଥିବା ଦୁର୍ଘଟଣାଗ୍ରସ୍ତ ହାଇୱାରୁ ଯନ୍ତ୍ରାଂଶ ଚୋରି କରିବା ଘଟଣାରେ କୁଣ୍ଢେଇଗୋଳା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗାଡିଆପାଲ ଗ୍ରାମର ଅଭିମନ୍ୟୁ ନାଏକ(୩୫)।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୪ ତାରିଖରେ ସମ୍ବଲପୁର ଜିଲା ରେଢାଖୋଲ ଥାନା ବନ୍ଧୁପାଲି ଗ୍ରାମର ମହେନ୍ଦ୍ର ପ୍ରଧାନଙ୍କ ହାଇୱା ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ବୁଢାପାଳ ପଟୁ ଆସୁଥିବାବେଳେ ଏକ ମାଲ୍ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସହିତ ଧକ୍କା ହୋଇଥିଲା। କୁଣ୍ଢେଇଗୋଳା ପୋଲିସ ଉଭୟ ଗାଡିର କାଗଜପତ୍ର ଯାଞ୍ଚ କରିବା ପରେ ହାଇୱା ଚାଳକଙ୍କୁ ଜାମିନରେ ଛାଡିଥିଲା। ତେବେ ଗତ ଜୁଲାଇ ୨୭ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରୁ ୨୮ ତାରିଖ ରାତି ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜବତ ହୋଇଥିବା ତାଙ୍କର ଦୁର୍ଘଟଣାଗ୍ରସ୍ତ ହାଇୱାଟି ବୁଢାପାଳର ଏକ ଟାୟାର ଦୋକାନ ସମ୍ମୁଖରେ ରହିଥିବା ମହେନ୍ଦ୍ର ଜାଣିଥିଲେ। ଅନ୍ୟପକ୍ଷରେ ଜୁଲାଇ ୨୯ ତାରିଖ ସକାଳ ୬ଟାରେ ଉକ୍ତ ହାଇୱା କୁଣ୍ଢେଇଗୋଳା ଥାନା ସମ୍ମୁଖରେ ରହିଥିବା ସେ ଜାଣିବାକୁ ପାଇଥିଲେ। ଦୁର୍ଘଟଣା ସମୟରେ ହାଇୱାର ସମ୍ମୁଖ ଭାଗ ଯେତିକି କ୍ଷତିଗ୍ରସ୍ତ ହୋଇଥିଲା ସମ୍ପ୍ରତି ତା'ଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଏବଂ ହାଇୱାର ୧୩ଟି ଟାୟାର ସମେତ ପ୍ରାୟ ୧୧ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ମହେନ୍ଦ୍ର ଅଗଷ୍ଟ ୫ରେ କୁଣ୍ଢେଇଗୋଳା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୬୪/୨୫) ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାରେ କୁଣ୍ଢେଇଗୋଳା ଥାନା ଏସ୍‌ଆଇ ସନାତନ ମହାରଣାଙ୍କ ଦାୟିତ୍ୱହୀନତା ଏବଂ ଚୋରି ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ରହିଥିବା ବିଭାଗୀୟ ତଦନ୍ତରୁ ଜଣାପଡିଥିଲା। ଫଳରେ ଏସ୍‌ପି ଅନୀଲ କୁମାର ମିଶ୍ର ଏକମାସ ପୂର୍ବେ ଏସ୍‌ଆଇ ମହାରଣାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ।

## ଚାରାରୋପଣ, ସ୍ୱଚ୍ଛତା ଅଭିଯାନ

ବେଲପାହାଡ଼,୧୯।୯(ସୁବାସ ପ୍ରଧାନ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ବେଲପାହାଡ଼ ଭାଜପା ମଣ୍ଡଳ ପକ୍ଷରୁ ଶୁକ୍ରବାର ବେଲପାହାଡ଼ ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିସରରେ ଚାରାରୋପଣ ଓ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡାକ୍ତର ପବିତାଞ୍ଜଳି ସାହୁ, ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ବବନ ସିଂ, ହମିଦ ମହାପାତ୍ର, ଭାଜପାର ବରିଷ୍ଠ କର୍ମକର୍ତ୍ତା ପ୍ରମୋଦ ସେନାପତି, ସଞ୍ଜୟ ସିଂ, ତପନକାନ୍ତ ଜେନା, ରମେଶ ଜୟସ୍ୱାଲ, ମୋନାଲିସା ମୋଦକ, ରାଜକୁମାର ଅଗ୍ରୱାଲ, ପ୍ରବୀର ଆଇଚ, ସ୍ନିଗ୍ଧା ପାଲ, ବୀରକିଶୋର ଠାକୁରଙ୍କ ସମେତ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ, ପୌର କର୍ମଚାରୀ ଓ ବୁଦ୍ଧିଜୀବୀ ସାମିଲ ରହିଥିଲେ।

## ନିର୍ଭୁଲ ଖବର ପରିବେଷଣକୁ ଗୁରୁତ୍ୱ

ଝାରସୁଗୁଡ଼ା,୧୯।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରେସ୍‌କ୍ଲବ୍ ପକ୍ଷରୁ ବିଟିଏମ୍‌ସ୍ଥିତ ଏକ ହୋଟେଲରେ ଶୁକ୍ରବାର ପୂର୍ବାହ୍ନରେ ଖବରଦାତାଙ୍କ ପାଇଁ ଏକ ଅନୁଶୀଳନ କାର୍ଯ୍ୟକ୍ରମ କ'ଣ ଖବର ? ଆୟୋଜିତ ହୋଇଥିଲା। ଜିଲା ଖବରଦାତା ସଂଘ ସଭାପତି ପ୍ରଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ କୁନାଲ ମୋତିରାମ ଚୌହାନ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଛତିଶଗଡ଼ର ବରିଷ୍ଠ ଖବରଦାତା ପ୍ରକାଶ ହୋତା ଯୋଗଦେଇଥିଲେ। ଜିଲାପାଳ ଏବଂ ଏସ୍‌ପି କହିଥିଲେ, ଏଭଳି କାର୍ଯ୍ୟକ୍ରମ ଖବରଦାତାଙ୍କ ମନୋବଳ ବୃଦ୍ଧି ସହ ଜ୍ଞାନବର୍ଦ୍ଧନ କରିବ। ସେହିପରି ବରିଷ୍ଠ ଖବରଦାତା ହୋତା କହିଛନ୍ତି, ଖବରଦାତା କାର୍ଯ୍ୟ କରିବା ସମୟରେ ନିର୍ଭୁଲ ଖବର ପରିବେଷଣକୁ ଗୁରୁତ୍ୱ ଦିଅନ୍ତୁ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ତାପସ ରାୟ ଚୌଧୁରୀ, ହୀରାଲାଲ ଲୋକଚନ୍ଦାନିଙ୍କ ସହ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଜିଲାର ଅନେକ ଖବରଦାତା ଉପସ୍ଥିତ ଥିଲେ। ଜିଲା ପ୍ରେସ୍‌କ୍ଲବ୍ ସମ୍ପାଦକ ଭରତ ପାତ୍ର ଅତିଥି ପରିଚୟ ଓ ଉପଦେଷ୍ଟା ପ୍ୟାରେଲାଲ ଶ୍ରୀବାସ୍ତବ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କେତେଜଣ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ପ୍ରେସ୍‌କ୍ଲବ୍ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

## ପଦଯାତ୍ରାରେ ଶିକ୍ଷା ସଚେତନତା

ଦେବଗଡ଼,୧୯।୯(ଶଶାଙ୍କ ଶେଖର ଝାଙ୍କର)

**ଆସ ସ୍କୁଲ ଯିବା, ଶିକ୍ଷା ସଚେତନତା ପଦଯାତ୍ରା**

ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଆସ ସ୍କୁଲ ଯିବା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ତିଲେଇବଣି ବ୍ଲକ ଅଧୀନ ଲଇମୁରାସ୍ଥିତ ପିଏମ୍‌ଶ୍ରୀ ଜନତା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ମୂଳରୁ ନାମ ଲେଖାଇ ନ ଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଜିଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ସମଗ୍ର ଶିକ୍ଷା ଜିଲା ଯୋଜନା ସଂଯୋଜକ ତପନ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିଲି ସୁଶାନ୍ତ ହେମ୍ବ୍ରମ, ଜିଲା ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି କ୍ଷମାସାଗର ନାଏକ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପରିଚାଳନା ସମିତିର ସଦସ୍ୟା, ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଶିକ୍ଷା ସଚେତନତା ସ୍ଲୋଗାନ ଦେବା ସହ ହାତରେ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ୧୪ରୁ ୧୮ ବର୍ଷ ପିଲାମାନଙ୍କର ଓଡ଼ିଶା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଅତିଥିମାନେ ପରାମର୍ଶ ଦେବା ସହ ଶିକ୍ଷା ସଚେତନତା ଲିଫ୍‌ଲେଟ୍ ବଣ୍ଟନ କରିଥିଲେ। ପଦଯାତ୍ରାରେ ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ, ବିପିନ ବିହାରୀ ଅଡା, ନୀଳାମ୍ବର କଲୋ, ରାଜେଶ କୁମାର ନାଏକ, ବ୍ରହ୍ମାନନ୍ଦ ଛତ୍ରିଆ, ବିରଞ୍ଚି ନାରାୟଣ ନାଏକ, ସୁରଜ ଏକା, ଜୋହାନ ଲାକ୍ରା, ବିପ୍ଳବ ନାଏକ, ରାଧେକୃଷ୍ଣ ପଟେଲ, ଦେବେନ୍ଦ୍ର ନାଏକ, ନଟବର କିଷାନ ପ୍ରମୁଖ ସାମିଲ ହୋଇଥିଲେ।


ପଦଯାତ୍ରାରେ ସାମିଲ ହୋଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଜଙ୍ଗଲ ଜମିର ପଟ୍ଟା ପାଇଁ ଦାବିପତ୍ର

ନର୍ଲା (ସନ୍ତୋଷ ପାତ୍ର): ରାଜ୍ୟ ସରକାର ୨୦୦୬-୦୭ରେ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ପଟ୍ଟା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ ମଧ୍ୟ ନର୍ଲା ବ୍ଲକ ଅଞ୍ଚଳରେ ରହୁଥିବା ଆଦିବାସୀଙ୍କୁ ଏହି ସୁବିଧା ମିଳିପାରି ନାହିଁ। ଏହାର ନେଇ ଗରୁବାର ସିପିଆଇଏମ୍ଏଲ୍ର ଜିଲା ସାଧାରଣ ସମ୍ପାଦକ କେଶବ ପଧାନ ଓ ସହସମ୍ପାଦକ ଦୟାସାଗର ନାଏକଙ୍କ ନେତୃତ୍ୱରେ ୧୦୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ବ୍ଲକକୁ ଆସି ସେମାନେ ରହୁଥିବା ଜାଗାର ପଟ୍ଟା ଓ ଆବାସ ଯୋଜନାରେ ଘର ପ୍ରଦାନ ପାଇଁ ବିଡିଓ ବିପିନ ବିହାରୀ ଦୀପଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ।

# ଭବାନୀପାଟଣା ସହରରେ ବଢୁଛି ଜବରଦଖଲ

- ଜମି ମାଫିଆ ମାଡି ବସିଛନ୍ତି ସରକାରୀ ଜମି
- ସରକାରୀ କୋଠା ପାଇଁ ଜମି ମିଳୁନି, ଅନୁଦାନ ଫେରିଯାଉଛି

ଭବାନୀପାଟଣା, ୧୯।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ମୁଖ୍ୟାଳୟ ଭବାନୀପାଟଣା ସହରରେ ଦିନକୁ ଦିନକୁ ଜବରଦଖଲ ବଢ଼ିବାରେ ଲାଗିଛି। ବିଶେଷ କରି ଜମି ମାଫିଆମାନେ ବହୁ ସରକାରୀ ଜମି ମାଡ଼ିବସିଛନ୍ତି। ବିଭିନ୍ନ ସ୍ଥାନରେ ସରକାରୀ ଜମି ଜବରଦଖଲ ହୋଇଥିବା ବେଳେ ସରକାରୀ ଅଫିସ କୋଠା ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇପାରୁ ନାହିଁ। ଫଳରେ ସରକାରୀ ଅନୁଦାନ ଫେରିଯାଉଥିବା ଜଣାଯାଇଛି।

ପ୍ରକାଶ ଯେ, ଭବାନୀପାଟଣା ସହରରେ ସମୁଦାୟ ୩୭୯୦.୩୦୭ ଏକର ଜମି ରହିଛି। ସେଥିମଧ୍ୟରୁ ୭୬୪,୦୩୯ ଏକର ସରକାରୀ। ଭବାନୀପାଟଣା ନଜୁଲରେ ସରକାରୀ ଜମି ୩୬୯.୭୭୯ ଏକର ରହିଛି। ବେସରକାରୀ ମୋଟ ୮୨୪.୯୨୬ ଏକର ରହିଛି। ଅର୍କାବାହାଲିପଡାରେ ସରକାରୀ ଜମି ୧୨୩.୦୨୩, ବେସରକାରୀ ଜମି ୨୯୮.୦୯୨ ମୋଟ ୪୨୨.୦୧୫ ଏକର ରହିଛି। ସୀତାବୋରଡିପଡ଼ାରେ ସରକାରୀ ଜମି ୪୫.୪୧, ବେସରକାରୀ ୨୪୦.୦୪୩ ମୋଟ ୨୮୫,୦୮୪ ଏକର ରହିଛି। ପୁରୁଣାପଡାରେ ସରକାରୀ ୫୬,୯୨, ବେସରକାରୀ ଜମି ୬୩୮,୦୩୮ ମୋଟ ୬୯୫.୦୨୬ ଏକର ରହିଛି। ନକଟିଗୁଡ଼ାରେ ସରକାରୀ ୫୨.୨୫ଏକର, ବେସରକାରୀ ୨୦୧.୦୯୫ ମୋଟ ୨୫୩.୧୧୦ ଏକର ଜମି ରହିଛି। ଭବାନୀପାଟଣା ସହରରେ ସରକାରୀ ଜମି ୧୧୬.୦୪୫ ଏକର, ବେସରକାରୀ ୧୧୯୧.୦୧୩ ଏପରି ମୋଟ ୧୩୦୭.୦୫୮ ଏକର ଜମି ରହିଛି। ସେଥିମଧ୍ୟରୁ ଜଳଚର, ଦେବୋତ୍ତର, ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାଂଶ ଜମି ଜବରଦଖଲକାରୀଙ୍କ କବ୍ଜାରେ ରହିଛି। ଜବରଦଖଲ ଯୋଗୁ ରାସ୍ତା ଦୁଇପାର୍ଶ୍ୱରେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଛି। ଘୋଡ଼ାଘାଟ ଛକଠାରୁ ଷ୍ଟାଚ୍ୟୁ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୬କୁ ମଧ୍ୟ ଲୋକେ ଜବରଦଖଲ କରିଥିବାରୁ ରାସ୍ତା ସଂକୀର୍ଣ୍ଣ ହେବାରେ ଲାଗିଛି। କଳାହାଣ୍ଡି ଜିଲାରେ ନାଟ୍ୟ ମଣ୍ଡପ ପାଇଁ ପ୍ରାୟ ୪୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। କିନ୍ତୁ ଜାଗା ଚିହ୍ନଟ ହୋଇ ହସ୍ତାନ୍ତର ହେବାରେ ବିଳମ୍ବ ଯୋଗୁ ଅନୁଦାନ ଫେରିଯାଇଛି। ସହର ଭିତରେ ଜବରଦଖଲ ଯୋଗୁ ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ରାଇସିଂପୁରଠାରେ ନିର୍ମାଣ କରାଯାଇଛି। ବର୍ତ୍ତମାନ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ପୌରପାଳିକା ପର୍ଯ୍ୟନ୍ତ ରାଜାରାଜୁଡା ଅମଳର କୋଠାରେ ଅଫିସ ଚାଲିଛି। ଏହିସବୁ ଅଫିସ କୋଠା ନିର୍ମାଣ ପାଇଁ ସହର ଭିତରେ ଜାଗା ନ ମିଳିବା ଉଦ୍‌ବେଗର କାରଣ ହୋଇଛି। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଭବାନୀପାଟଣା ସହର।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଯୁବକ ଗିରଫ

ଖଡ଼ିଆଲ,୧୯।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଅବକାରୀ ବିଭାଗ ଶୁକ୍ରବାର ବରଗାଁ ଛକଠାରେ ଚଢ଼ାଉ କରି ୧୦କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉତ୍ତରପ୍ରଦେଶର ଅଭିଷେକ ସିଂ (୨୧)। ଅଭିଷେକ ଏକ ପ୍ଲାଷ୍ଟିକ ବସ୍ତାରେ ଗଞ୍ଜେଇ ରଖି ବରଗାଁ ଛକରେ ରାୟପୁର ବସ୍‌କୁ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଖଡ଼ିଆଳ ଅବକାରୀ ଓଆଇସି ଅଲେଖ ପୁଟେଲଙ୍କ ନେତୃତ୍ୱରେ ଚଢ଼ାଉ କରି ଯୁବକଙ୍କୁ ଧରିଥିଲେ। ଏଏସ୍ଆଇ ଅମରନାଥ ବିଶୋଇ, କନ୍‌ଷ୍ଟେବଲ ଗିରେନ୍ଦ୍ର କଟା ଚଢାଉରେ ସାମିଲ ହୋଇଥିଲେ।

### ତିନିଚକିଆ ସାଇକେଲ ପାଇ ଖୁସି ବ୍ୟକ୍ତ କଲେ ମନୁ

କେସିଙ୍ଗା,୧୯।୯(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗାଠାରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପରଲସିଙ୍ଗା ଗ୍ରାମର ଭିନ୍ନକ୍ଷମ ମନୁ ମାଝି(୪୯) ଏକ ତିନିଚକିଆ ସାଇକେଲ ପାଇବା ପାଇଁ ଆବେଦନ କରିଥିଲେ। କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁ ଭିନ୍ନକ୍ଷମ ମନୁଙ୍କୁ ଦେଖି ଏକ ତିନିଚକିଆ ସାଇକେଲ ପ୍ରଦାନ କରିଥିଲେ। ଏହାକୁ ପାଇବା ପରେ ମନୁ ଖୁସି ବ୍ୟକ୍ତ କରିବା ସହ ବିଡ଼ିଓଙ୍କୁ ଧନ୍ୟବାଦ ଜଣାଇଥିଲେ। ବ୍ୟବସାୟୀ ମନୁ ୨୦୧୨ରେ ପରଲସିଙ୍ଗା ଗ୍ରାମରୁ କାଣ୍ଟେଲ ରୋଡ଼ ରେଳ ଷ୍ଟେଶନକୁ ଯାଇ ପାସେଞ୍ଜର ଟ୍ରେନ୍ ଚଢୁଥିବା ବେଳେ ଗୋଡ଼ ଖସିଯିବାରୁ ତାଙ୍କର ବାମଗୋଡ଼ ଛିଣ୍ଡି ଯାଇଛି। ଏହା ପରଠାରୁ ସେ ବହୁ କଷ୍ଟରେ ଜୀବନ ବିତାଉଥିଲେ। ଏ ସଂକ୍ରାନ୍ତରେ ବିଡ଼ିଓ ସ୍ୱାଇଁଙ୍କୁ ପଚାରିବାରୁ ପ୍ରକୃତରେ ଜଣେ ଗରିବ ଭିନ୍ନକ୍ଷମଙ୍କୁ ସାହାଯ୍ୟ କରିବା ପ୍ରଶାସନର କାମ ବୋଲି ପ୍ରକାଶ କରିଥିଲେ।

### କ୍ଷେମ ଶିକ୍ଷା ପାଇଁ ପ୍ରଶିକ୍ଷଣ ଶିବିର
#### ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟରେ ଦକ୍ଷ କରିବା ଲକ୍ଷ୍ୟ

ଭବାନୀପାଟଣା,୧୯।୯(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ପୋଲିସ ହାଇସ୍କୁଲରେ ଶୁକ୍ରବାର କ୍ଷେମ ଶିକ୍ଷା ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ,ଗଣିତ ଓ ଇଂରାଜୀ ବିଷୟରେ ଦକ୍ଷ କରିବା ଲକ୍ଷ୍ୟ ନେଇ ରାଜ୍ୟର ଅନ୍ୟତମ ବେସରକାରୀ ଅନୁଷ୍ଠାନ ଓଡିଶା ରାଇଜିଂ ଫାଉଣ୍ଡେଶନ ପ୍ରଚେଷ୍ଟା ଜାରି ରଖିବା ସହ କଳାହାଣ୍ଡି ଶିକ୍ଷା ବିଭାଗ ଉଦ୍ୟମରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ପବିତ୍ର ମୋହନ ସାହୁ, ଜିଲା ବିଜ୍ଞାନ ସୁପରଭାଇଜର ଦୁଷ୍ମନ୍ତ ଶେଖର ପାଢୀ, ଜିଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଡିଇଓ କାର୍ଯ୍ୟାଳୟର ସେକେଣ୍ଡାରୀ ବିଦ୍ୟାଳୟ ଇନ୍‌ଚାର୍ଯ୍ୟ ବିରେନ୍ଦ୍ର କୁମାର ଆଚାର୍ଯ୍ୟ, ଫାଉଣ୍ଡେସନ ପକ୍ଷରୁ କଳାହାଣ୍ଡି ପୋଗ୍ରାମ ଲିଡର୍ ପ୍ରଜ୍ଞା ପୂର୍ବାଶା ତ୍ରିପାଠୀ ଉପସ୍ଥିତ ଥିଲେ। ଶିକ୍ଷା କାର୍ଯ୍ୟାଳୟର ଅଧିକାରୀମାନେ କ୍ଷେମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କଳାହାଣ୍ଡି ଜିଲାର ୧୩ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଯଥା ଡିଆରଜି ମେମ୍ବର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀରେ ପାଠ ପଢାଉଥିବା ଶିକ୍ଷକଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ଅଧିକାରୀ କହିଥିଲେ।


ନୂତନ ବ୍ଲକ ଦାବି ନେଇ ବୁଦ୍ଧିଜୀବୀମାନେ ଏକତ୍ରିତ ହୋଇଛନ୍ତି।

# ମଦନପୁରକୁ ବ୍ଲକ ଘୋଷଣା ଦାବି ଜୋର ଧରିଲା

## ଦାବି ପୂରଣ ନ ହେବା ଯାଏ ଜାରି ରହିବ ସଂଗ୍ରାମ

ମଦନପୁର/ଭବାନୀପାଟଣା,୧୯।୯ (ଜଗଦୀଶ ପ୍ରସାଦ ରଣା/ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ମଦନପୁର ଧବଳେଶ୍ୱର ପୀଠ ନିକଟ କଲ୍ୟାଣ ମଣ୍ଡପଠାରେ ମଦନପୁର ପଞ୍ଚାୟତ ସମିତି ସଂଗ୍ରାମ କମିଟିର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଂଯୋଜକ ସୁଦର୍ଶନ ପାଢ଼ୀଙ୍କ ସଭାପତିତ୍ୱରେ କର୍ଲାମୁଣ୍ଡା ବ୍ଲକର ୨ ଓ ଏମ୍. ରାମପୁର ବ୍ଲକର ୯ ଏପରି ମୋଟ ୧୧ ପଞ୍ଚାୟତର ପ୍ରତିନିଧି, ବୁଦ୍ଧିଜୀବୀ, ଆଇନଜୀବୀ, ବରିଷ୍ଠ ନାଗରିକ, ଚାଷୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟବସାୟୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ମଦନପୁରକୁ ନୂତନ ବ୍ଲକ କରାଯିବା ନିମନ୍ତେ ଏହି ବୈଠକ ହୋଇଥିଲା। ଏଥିରେ ଓଡିଶା ସରକାରଙ୍କ ନିୟମ ଅନୁସାରେ ଜନସଂଖ୍ୟା, ଭୌଗୋଳିକ ସ୍ଥିତି, ସରକାରୀ ଜାଗା ଭଳି ସମସ୍ତ ସର୍ତ୍ତ ପୂରଣ କରୁଥିବାରୁ ଏବଂ ୧୧ ପଞ୍ଚାୟତର ମଧ୍ୟସ୍ଥଳ ହୋଇଥିବାରୁ ମଦନପୁରକୁ ବ୍ଲକ ଘୋଷଣା କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହାସହିତ ଆଗାମୀ ଦିନରେ କାର୍ଯ୍ୟଖସଡ଼ା, ଗ୍ରାମ୍ୟ କମିଟି ଗଠନ ପାଇଁ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମ ଆବାହକ ହରି ମହାନନ୍ଦ ପରିଚାଳନା କରିଥିବାବେଳେ ବିଭିନ୍ନ ପଞ୍ଚାୟତରୁ ଭୀମସେନ ସାହୁ, ଜୟରାମ ମହାନନ୍ଦ, ବିଶ୍ୱମ୍ଭର ରଣା, ସୁନନ୍ଦ ପଧାନ, ସହଦେବ ପାଢ଼ୀ, ଜନ୍ମେଜୟ ରଣା, ଗଙ୍ଗାଧର ରଣା, ବିକ୍ରମ ପଧାନ ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ମଦନପୁରକୁ ନୂତନ ବ୍ଲକ ଘୋଷଣା ନ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଝଙ୍କଡ଼ ପାଇକ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡ଼ା,୧୯।୯(ମକାରୁ ବେମାଲ)


ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡ଼ା ଜିଲା କୋମନା ବ୍ଲକ୍ ବୃନ୍ଦିକୋମନା ପଞ୍ଚାୟତ ଜଲମକଟା ଝଙ୍କଡ଼ ପାଇକ ସମାଜ ଭବନଠାରେ ଶୁକ୍ରବାର ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମାଜର ଇଷ୍ଟଦେବୀ ମା' ଶାରଳାଙ୍କୁ ପୂଜାର୍ଚ୍ଚନା କରି ସମାଜର ପତାକା ଉତ୍ତୋଳନ କରାଯାଇଥିଲା। ପରେ ସମାଜ ସଭାପତି ଗଜିନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଫାଲ୍‌ଗୁନୀ ରାଉତ, ଧନୀରାମ ନାଏକ, ବିବେକାନନ୍ଦ ନାୟକ, ଚେତୁରାମ ପ୍ରଧାନୀ, ଓକିଲ ପ୍ରଧାନୀ, ବୀର କିଶୋର ରାଉତ, ଚଞ୍ଚଳ ନାୟକ, କାହ୍ନୁ ନାୟକ, ଅଭିରାମ ରାଉତ, ବିରଞ୍ଚି ରାଉତ, ମୁରଲିଧର ନାୟକ, ଭାଗ୍ୟବନ୍ତ ନାୟକ, ଜୟନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପାଇକ ସମାଜର ଆବାଳ ବୃଦ୍ଧବନିତା ଏକାଠି ହୋଇ ଇଷ୍ଟଦେବୀଙ୍କୁ ନୂଆଁ ଧାନର ଚୁଡ଼ା ଭୋଗ ଲଗାଇ ନବାନ୍ନ ଭକ୍ଷଣ କରିଥିଲେ। ଏହାପରେ ପରସ୍ପର ମଧ୍ୟରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି, ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ନିଟ୍ ପରୀକ୍ଷାରେ ସାଗରିକା ନାଏକ, ବିଜ୍ଞାନ ଟପ୍ପର ସାଇରଶ୍ମି ନାଏକ ଓ ଜିଲା ଟପ୍ପର ସ୍ୱରୂପ ରାଉତଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇଥିଲା। ଚୂଡାବେଶ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଚିତମନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ଲାଞ୍ଜିଗଡ଼,୧୯।୯ (ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଏବଂ ସାମଗ୍ରୀକ ସଶକ୍ତୀକରଣ ଉପରେ ପର୍ଯ୍ୟବସିତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଫିସର ଡା. ବିବେକ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଣସଂକ୍ରାମକ, ରକ୍ତହୀନତା, ଯକ୍ଷ୍ମା, ସିକିଲସେଲ ଓ ଥାଲାସେମିଆ ଆଦି ରୋଗର ଚିହ୍ନଟ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଋତୁସ୍ରାବ ଜନିତ ପରିଚ୍ଛନ୍ନତା ଏବଂ ଖାଦ୍ୟରେ ତେଲ, ଚିନି କମ କରିବା ଉପରେ ସଚେତନ କରାଯାଇଥିଲା। ଆସନ୍ତା ୨ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନରେ ବହୁ ସଂଖ୍ୟାରେ ମହିଳା ଓ ବାଳିକା ଯୋଗଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବେନଗାଁ ସରପଞ୍ଚ ପୁରାଣା ମାଝୀ ଓ ସମ୍ମାନିତ ଅତିଥି ଭାବେ ସେବାଜଗତ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ। ଚକ୍ଷୁ ବିଭାଗ ଡାକ୍ତର ଯୁଧିଷ୍ଠିର ପାତ୍ର, ଦନ୍ତ ବିଶେଷଜ୍ଞ ଡା. ମନୀଷା ମିଶ୍ର ଓ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକାରୀ କୃଷ୍ଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ଖଡ଼ିଆଲ,୧୯।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ମହିଳା ଡିଗ୍ରୀ କଲେଜରେ ଶୁକ୍ରବାର ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଆୟୁଷ ଡାକ୍ତର ଅନ୍ନଦା ଶଙ୍କର ଦାସ ଯୋଗଦେଇ ମହିଳା ସୁସ୍ଥ ହେଲେ ପରିବାର ସଶକ୍ତ ହୋଇଥାଏ। ତେଣୁ ଖଡ଼ିଆଳ ବ୍ଲକ୍‌ର ଗ୍ରାମାଞ୍ଚଳରେ ମହିଳାଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତଙ୍କ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ଜାତୀୟ ସେବା ଯୋଜନା ଶିବିରାର୍ଥୀଙ୍କ ସିକଲସେଲ୍ ପରୀକ୍ଷା କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଜଗନ୍ନାଥ ସେବା ସମିତି


ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ସମିତି କର୍ମକର୍ତ୍ତା।

## ଧର୍ମଗଡ଼କୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି

ଧର୍ମଗଡ, ୧୯।୯ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ନେତୃତ୍ୱରେ ଜଗନ୍ନାଥ ସେବା ସମିତିର ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧର୍ମଗଡକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ପ୍ରଦାନ ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ସରକାରଙ୍କ ନୂତନ ଜିଲା ଘୋଷଣା କରିବାର କୌଣସି ଯୋଜନା ନାହିଁ ବୋଲି କହିଥିଲେ। ତଥାପି ସମିତି କର୍ମକର୍ତ୍ତା ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାକୁ ଦାବି କରିଥିଲେ। ଏହାସହ ଧର୍ମଗଡ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ପଦବୀ ଶୀଘ୍ର ପୂରଣ କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ, ଏହି ଡାକ୍ତରଖାନାରେ ମୋଟ ୪୯ ଜଣ ଡାକ୍ତର ରହିବା ସ୍ଥାନରେ ଅଛନ୍ତି ମାତ୍ର ୧୩ ଜଣ। ବିଶେଷଜ୍ଞ ପଦବୀ ଖାଲି ପଡିଥିବାରୁ ରୋଗୀମାନେ ବାଧ୍ୟହୋଇ ରାୟପୁର ଓ ବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହଲିଙ୍ଗଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଲିଙ୍ଗରାଜ ବେହେରା, ନବୀନ ଅଗ୍ରୱାଲ ପ୍ରମୁଖ ଉପସ୍ଥିଥିଲେ।

# ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ନୃତ୍ୟ ପରିବେଷଣ କରୁଛନ୍ତି ବିଦ୍ୟାର୍ଥୀମାନେ।

ଖଡ଼ିଆଲ,୧୯।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ତହସିଲଦାର ନରସିଂହ ଗଡବା ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା କମିଟି ସଦସ୍ୟ ତପନ ଦାଶ ଯୋଗ ଦେଇଥିଲେ। ଶୁଭଦୀପ ବିଶ୍ୱାସ ସଭା ପରିଚାଳନା କରିଥିବା ବେଳେ ଶେଫାଳୀ ଧନ୍ୟବାଦ ଦେଇଥିଲେ। ବହୁ ପୁରାତନ ଛାତ୍ର ଯୋଗଦେଇ ବିଦ୍ୟାଳୟ ଜୀବନର ଅନୁଭୂତି ବାଣ୍ଟିଥିଲେ। ଶେଷରେ ବିଦ୍ୟାର୍ଥୀଙ୍କ ଦ୍ୱାରା ରାଜସ୍ଥାନୀ ଘୁମାର ନୃତ୍ୟ ପରିବେଷିତ ହୋଇଥିଲା।

# ସେବା ସପ୍ତାହରେ ଭାଜପାର ରକ୍ତଦାନ ଶିବିର


ଦଳୀୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଉଛି।

ପଲମ/ରୂପ୍ରାରୋଡ,୧୯।୯ (ଭିକାରି ଗଉଡ଼/ସଞ୍ଜୀବ ଦାଶ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ କଳାହାଣ୍ଡି ଜିଲା ନର୍ଲା ଡାକ୍ତରଖାନାରେ ଭାଜପା ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଭାଜପା ଜିଲା ଉପସଭାପତି ଅନିରୁଦ୍ଧ ପଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ନର୍ଲା ନିର୍ବାଚନମଣ୍ଡଳୀ ସଂଯୋଜକ ମନ୍ମୟ ଚାନ୍ଦ, ସରୋଜ ବୁଧିଆ, ପ୍ରତାପ ବାଗ, ଆଶୁତୋଷ ପାଢ଼ୀ, ରୂପେଶ ଜୈନ, ଦଶରଥ ସାହୁ, ଅଜିତ ନାଏକ, ଗୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଦଳୀୟ କର୍ମୀଙ୍କ ସମେତ ବହୁ ଜନସାଧାରଣ ରକ୍ତଦାନ କରିଥିଲେ। ଟେକ୍ନିସିଆନ ଅଜିତ କୁମାର ନାଏକ, କୃଷ୍ଣଚନ୍ଦ୍ର ସାହୁ, ସଞ୍ଜୀବ ମହାଖୁଡ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ

## ଅଂଶଗ୍ରହଣ କରୁଛନ୍ତି ୧୦ ଜିଲାର ୫୪୩ ପ୍ରତିଯୋଗୀ

ଭବାନୀପାଟଣା,୧୯।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡିଆରେ ଶୁକ୍ରବାର ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ-୨୦୨୫ ଉଦ୍‌ଘାଟିତ ହୋଇଛି। କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର ବିଶ୍ନୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ ଜୋଷୀ ଯୋଗଦେଇଥିଲେ। କର୍ମଚାରୀମାନେ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିଲେ ଜଙ୍ଗଲ, ବନ୍ୟଜୀବ ଓ ପରିବେଶ ସୁରକ୍ଷିତ ରହିବ ବୋଲି ଉତ୍ତର ବନଖଣ୍ଡ ଅଧିକାରୀ ବିଶ୍ନୋଇ ପ୍ରକାଶ କରିଥିଲେ। ଏହି କ୍ରୀଡ଼ା ମହୋତ୍ସବରେ ରାଜ୍ୟର ୧୦ ଜିଲାର ୨୯ଟି ବନବିଭାଗ କାର୍ଯ୍ୟାଳୟରୁ ୫୪୩ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନରେ ଟ୍ରାକ, ଫିଲ୍ଡ ଓ ଇଣ୍ଡୋର୍ ଇଭେଣ୍ଟରେ ରୋମାଞ୍ଚକ ପ୍ରତିଯୋଗିତା ହୋଇଥିଲା। ସେହିପରି ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସରେ ଉତ୍ସାହର ସହିତ ଅଂଶଗ୍ରହଣ କାରୀ ପ୍ରଦର୍ଶନ କରିଥିଲେ। ଶନିବାର ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।



ଉଦଘାଟନୀ ସମାରୋହରେ ଅତିଥିଗଣ।

# ଧାନ ଫସଲ ନଷ୍ଟ କଲେ ହାତୀପଲ

ଲାଞ୍ଜିଗଡ଼,୧୯।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନଖଣ୍ଡ ଗୋଇପଟା ଗାଁରେ ଗୁରୁବାର ରାତିରେ ହାତୀପଲ ଧାନ ଫସଲ ନଷ୍ଟ କରିଛନ୍ତି। ସୂଚନା ମୁତାବକ ଲାଞ୍ଜିଗଡ଼ ପଞ୍ଚାୟତ ଗୋଇପଟା ଗାଁର ଚାଷୀ ଅଚ୍ୟୁତ ମାଝୀ ରାହୁଲ ଝିମିରି ଜଙ୍ଗଲ ନିକଟ ଜମିରେ ଧାନ ଚାଷ କରିଥିଲେ। କିନ୍ତୁ ଗତ ରାତିରେ ନିକଟ ଜଙ୍ଗଲରୁ ପ୍ରାୟ ୨୮ରୁ ଉର୍ଦ୍ଧ୍ୱ ବଣୁଆ ହାତୀ ଆସି ତାଙ୍କ ଧାନ ଫସଲକୁ ସମ୍ପୂର୍ଣ୍ଣ ମାଡି ଚକଟି ନଷ୍ଟ କରିଦେଇଛନ୍ତି। ଅଚ୍ୟୁତ ବହୁ କଷ୍ଟରେ ଧାର ଉଧାର କରି ତାର ୧ ଏକର ୬୦ଡ଼େସିମିଲ ଜମିରେ ଧାନ ଚାଷ କରିଥିଲେ। ବର୍ତ୍ତମାନ ହାତୀ ନଷ୍ଟ କରିବା ପରେ ସେ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ମୂଷାନାଳ ଜଙ୍ଗଲଠାରେ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଘଟଣାସ୍ଥଳରେ ଲାଞ୍ଜିଗଡ ବନ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ବନପାଳ ଧରାଣୀଧର ପଣ୍ଡାଙ୍କୁ ପଚାରିବାରୁ ଅଚ୍ୟୁତଙ୍କ ଧାନ ଫସଲ ହାତୀ ମାଡି ନଷ୍ଟ କରିଛନ୍ତି। କ୍ଷୟକ୍ଷତି ହୋଇଥିବା ଜମିର କାଗଜପତ୍ର ନେଇ ଅନ୍‌ଲାଇନ କରିବାକୁ କହିଛୁ। ଅନ୍‌ଲାଇନ କଲେ ସରକାର ପକ୍ଷରୁ ଯାହା ଅନୁଦାନ ଅଛି ମିଳିବ ବୋଲି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଗତ ୭ ତାରିଖ ରାତିରେ ମୂଷାନାଳ ବନ ବିଭାଗ ଅଧୀନରେ ଥିବା ବେନଗାଁ ପଞ୍ଚାୟତର ଢୋଡ଼ୱାଲୀ ଗାଁରେ ୨୨ ଟିକିଆ ହାତୀପଲ ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇବା ସହ ଆସବାବପତ୍ର ନଷ୍ଟ କରିଥିଲେ। ସେହିପରି ଗତ ୧୩ ତାରିଖରେ ହାତୀପଲ ବେନଗାଁ ପଞ୍ଚାୟତର ଘୋଡାପୋଖରୀ ଗାଁରେ ଧନୁର୍ଜୟ ହରିଜନଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇ ନଷ୍ଟ କରିଥିଲେ।


ଧାନ ଫସଲ ମାଡ଼ି ନଷ୍ଟ କରିଛନ୍ତି ହାତୀ।

## ସଂକ୍ଷେପରେ

### କେନାଲରୁ ମହିଳାଙ୍କ ମୃତଦେହ ଜବତ

ଭେଡେନ, ୧୯।୯(ହୃଷୀକେଶ ଖମାରୀ): ବରଗଡ଼ ଜିଲା ଭେଡେନ ଥାନା ପୋଲିସ ଶୁକ୍ରବାର ରେଙ୍ଗାଲିକ୍ୟାମ୍ପ-ପପଙ୍ଗା କେନାଲର ଖାଉପାଲି ବ୍ରିଜ୍ ନିକଟରେ ଭାସୁଥିବା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଛି। ମୃତା ମହିଳା ହେଲେ ଛତିଶଗଡ଼ ରାଜ୍ୟ ସାରଙ୍ଗଗଡ଼ ଜିଲା କେଡ଼ାର ଥାନା ଅନ୍ତର୍ଗତ ଭାକୁଡା ଗ୍ରାମର ଦିବ୍ୟକାନ୍ତି କୁମ୍ଭାର(୪୦)। ସୂଚନା ଅନୁଯାୟୀ, ଦିବ୍ୟକାନ୍ତି ଗତ ୬ମାସ ପୂର୍ବରୁ ସ୍ୱାମୀ ଧନିରାମଙ୍କ ସହିତ ଅତାବିରାକୁ କାମ କରିବାକୁ ଆସିଥିଲେ। ରେଙ୍ଗାଲିକ୍ୟାମ୍ପରେ ରହି ଏକ ଫ୍ୟାକ୍ଟ୍ରିରେ ସେମାନେ କାମ କରୁଥିଲେ। ଗୁରୁବାର ଅପରାହ୍ନରେ ଦିବ୍ୟକାନ୍ତି କେନାଲକୁ ଗାଧୋଇବା ପାଇଁ ଯାଇ ଆଉ ଫେରି ନ ଥିଲେ। ଖୋଜାଖୋଜି ସତ୍ତ୍ୱେ ନ ମିଳିବାରୁ ପରିବାର ଲୋକେ ଅତାବିରା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳ ପ୍ରାୟ ୭ଟାରେ ତାଙ୍କ ମୃତଦେହ କେନାଲର ଭେଡେନ ଥାନା ଖାଉପାଲି ବ୍ରିଜ ନିକଟରେ ଭାସୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଭେଡେନ ପୋଲିସ ତଦନ୍ତ ଚଳାଇଛି।

# କ୍ୟାନ୍‌ସର ହସ୍ପିଟାଲ ଅଚଳ, ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ବରଗଡ଼, ୧୯।୯(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ନୂଆ ସରକାର ଆସିବାର ଦେଢବର୍ଷ ନ ପୂରୁଣୁ ବରଗଡ଼ କ୍ୟାନ୍‌ସର ହସ୍ପିଟାଲରେ ତାଲା ଝୁଲୁଛି। ଖୋଦ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏହି ଜିଲାର ପ୍ରଭାରୀ ଦାୟିତ୍ୱରେ ଥିବାବେଳେ ଜିଲାର ଏଭଳି ସ୍ୱାସ୍ଥ୍ୟ ସମସ୍ୟା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ୟୁନାଇଟେଡ ଫୋରମ୍ ଫର୍ କ୍ୟାନ୍‌ସର ହସ୍ପିଟାଲ ଏଟ୍ ବରଗଡ଼ର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଉକ୍ତ ହସ୍ପିଟାଲକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ଜଣାଇଛନ୍ତି। ଦାବିପତ୍ର ଗ୍ରହଣ ସହିତ ଫୋରମର ପ୍ରତିନିଧିଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ବରଗଡ଼ କ୍ୟାନ୍‌ସର ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବରଗଡ଼ର ଫାଇଟର୍ସ ଗ୍ରୁପ୍ ସମେତ ବିଭିନ୍ନ ଅନୁଷ୍ଠାନ ତଥା ୟୁନାଇଟେଡ ଫୋରମ୍ ଫର୍ କ୍ୟାନ୍‌ସର ହସ୍ପିଟାଲ ଏଟ୍ ବରଗଡର ଦାବିକୁ ସମ୍ମାନ ଜଣାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ରେ କ୍ୟାନ୍‌ସର ହସ୍ପିଟାଲ ସ୍ଥାପନ କରିଥିଲେ। ୨୦୨୧ ଶେଷଭାଗକୁ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାସହିତ ହସ୍ପିଟାଲ ପାଇଁ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲା ଏବଂ ୨୦୨୪



ମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।



ବରଗଡ଼ କ୍ୟାନ୍‌ସର ହସ୍ପିଟାଲ।

ଜାନୁଆରୀ ମାସରେ ଏହା ଲୋକାର୍ପିତ ହୋଇଥିଲା। ସେତେବେଳେ ୩ଜଣ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତି ଦିଆଯାଇ କ୍ୟାନ୍‌ସର ହସ୍ପିଟାଲ ଆଂଶିକ କାର୍ଯ୍ୟକ୍ଷମ କରାଯାଇଥିଲା। ମାତ୍ର ଏଠାରେ କାର୍ଯ୍ୟରତ ଡାକ୍ତରମାନେ ଉଚ୍ଚଶିକ୍ଷା ପାଇଁ ବାହାରକୁ ଯାଇଥିବା ଯୋଗୁ କ୍ୟାନ୍‌ସର ହସ୍ପିଟାଲ ଗତ କିଛିଦିନ ତଳୁ ଅଚଳ ହୋଇପଡ଼ିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ତେଜି ଉଠିଛି।

ଏହି କ୍ରମରେ ୟୁନାଇଟେଡ ଫୋରମ୍ ଫର୍ କ୍ୟାନ୍‌ସର ହସ୍ପିଟାଲ ଏଟ୍ ବରଗଡ଼ର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇ ଦାବି ଜଣାଇଥିଲେ। ବିଧାନସଭା ପରିସରସ୍ଥିତ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମାଝୀ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ବରଗଡ଼ କ୍ୟାନ୍‌ସର ହସ୍ପିଟାଲ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବୋଲି ୟୁନାଇଟେଡ ଫୋରମ୍ ଫର୍ କ୍ୟାନ୍‌ସର ହସ୍ପିଟାଲ ଏଟ୍ ବରଗଡ଼ ପକ୍ଷରୁ ସୂଚନା ଦିଆଯାଇଛି। ସରକାର ବରଗଡ଼ କ୍ୟାନ୍‌ସର ହସ୍ପିଟାଲର ପରିଚାଳନାର ସମସ୍ତ ସମ୍ଭାବନା ଉପରେ ଆଲୋଚନା କରିସାରିଛନ୍ତି। ଏହାର କାର୍ଯ୍ୟକ୍ଷମ ଓ ସୁପରିଚାଳନା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରୁଛନ୍ତି ଏବଂ ତୁରନ୍ତ ଏହା କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ବୋଲା ଫୋରମର ସଦସ୍ୟମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ଫୋରମ୍ ପକ୍ଷରୁ ବରଗଡ଼ କ୍ୟାନସର ହସ୍ପିଟାଲରେ କେମୋଥେରାପି ସମ୍ପୂର୍ଣ୍ଣ ବନ୍ଦ ଥିବା ଏବଂ କେମୋଥେରାପି ସକାଶେ ବ୍ୟବହୃତ ହେଉଥିବା ହେମାଟିନିକ ଟାବଲେଟକୁ ରାଜ୍ୟ ମେଡିକାଲ କର୍ପୋରେଶନ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍) କଟକ ଦ୍ୱାରା ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ଜରିଆରେ ଯୋଗାଇ ଦିଆଯାଉଥିବାରୁ ପର୍ଯ୍ୟାପ୍ତ ପରିମାଣରେ ମିଳୁନାହିଁ। ତେଣୁ ଏହାକୁ କର୍ପୋରେଶନ ସିଧାସଳଖ ବରଗଡ଼ କ୍ୟାନ୍‌ସର ହସ୍ପିଟାଲକୁ ଯୋଗାଇ ଦେଉ ବୋଲି ଫୋରମ୍ ପ୍ରତିନିଧିମାନେ ଦାବି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ସେ ଦିଗରେ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡତିଆ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ପରେ ଫୋରମର ପ୍ରତିନିଧିଦଳ ସ୍ୱତନ୍ତ୍ର ଭାବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ ଏବଂ ବରଗଡ଼ କ୍ୟାନ୍‌ସର ହସପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ କେମୋଥେରାପି ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ହେମାଟିନିକ ବଟିକା ବରଗଡକୁ ସିଧାସଳଖ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ ନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଡା. ମହାଲିଙ୍ଗ ଏହା ଉପରେ ତୁରନ୍ତ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ। ଏହି ପ୍ରତିନିଧି ଦଳରେ ଫୋରମର ଆବାହକ ପ୍ରଦୀପ ଦେବତା, ମୁଖ୍ୟ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ସଂଯୋଜକ ରବି ପଣ୍ଡା, ପ୍ରତାପ ନାୟକ, ଦୀପକ ରଥ, ଭରତ ସାହୁ, ଗୋପାଳ ଶର୍ମା ଓ ଦୀପେଶ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

### ବରପାଲି ମୁଖ୍ୟ ଡାକଘରୁ ଚୋରି

ବରପାଲି, ୧୯।୯(ଚିତ୍ତରଞ୍ଜନ ସାହୁ): ବରଗଡ଼ ଜିଲା ବରପାଲିର ମୁଖ୍ୟ ଡାକଘରୁ ଗୁରୁବାର ବିଳମ୍ବିତ ରାତିରେ ୭୨ ହଜାର ଟଙ୍କା ଚୋରି ହୋଇଛି। ବରପାଲି ଥାନା ଅଧିକାରୀ ଜୟରଶ୍ମି ସେଠୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ବଲାଙ୍ଗୀର ସାଇଣ୍ଟିଫିକ୍ ଦଳ ମଧ ପହଞ୍ଚି ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ବରପାଲି କଲେଜ ନିକଟରେ ଥିବା ମୁଖ୍ୟ ଡାକଘରେ ଦୁର୍ବୃତ୍ତ ପଶି ଲକର୍ ଭାଙ୍ଗି ନଗଦ ୭୨ ହଜାର ଟଙ୍କା ନେଇଯାଇଛନ୍ତି। ଘଟଣା ବିଷୟରେ ପୋଷ୍ଟ ମାଷ୍ଟର ଅଶୋକ ପାତ୍ର ବରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ସପ୍ତାହ

ପଦ୍ମପୁର, ୧୯।୯(ପ୍ରଦୀପ୍ତ ଦାଶ): ରାଜବୋଡାସମ୍ବର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ସପ୍ତାହ ଆୟୋଜିତ ହୋଇଯାଇଛି । ପ୍ରଥମ ଦିନ ସଂଖ୍ୟାଜ୍ଞାନ ସମ୍ବନ୍ଧରେ ଧାରଣା, ଏହାପରେ ଗଳ୍ପ କଥନ ଓ ଚିତ୍ର ଅଙ୍କନ କାର୍ଯ୍ୟକ୍ରମ ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିପୁଣ ସପ୍ତାହ ଆୟୋଜିତ ହୋଇଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଶିଶୁ ବାଟିକା ଓ ପ୍ରଥମ, ଦିତୀୟ, ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ର ଙ୍କୁ ନେଇ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ସଦସ୍ୟ ସହଯୋଗ କରିଥିଲେ।

## ଶାରଦୀୟ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ଅତାବିରା, ୧୯।୯(ଯୁଧିଷ୍ଠିର ମହାପାତ୍ର)

ଶାରଦୀୟ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳା ସହ କିଭଳି ସମାପନ କରାଯିବ ସେନେଇ ପୋଲିସ ଓ ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ଶାନ୍ତି କମିଟି ବୈଠକ ଶୁକ୍ରବାର ରାତି ୮ ଟାରେ ବରଗଡ ଜିଲା ଅତାବିରା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତାବିରା ଥାନା ଅଧୀନ ଅତାବିରା ମାର୍କେଟ, ଅତାବିରା ମନ୍ଦିର ଦୁର୍ଗାପୂଜା ଓ ଗୋଡ଼ଭଗା ଦୁର୍ଗାପୂଜା କମିଟି ସଦସ୍ୟଙ୍କ ସହ ବରଗଡ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣ, ଏସଆଇ ଶିବ ପ୍ରସାଦ ନାଥ ଆଲୋଚନା କରିଥିଲେ। ଶାନ୍ତି ଶୃଙ୍ଖଳାକୁ ଅଗ୍ରାଧିକାର ଦେଇ କିଭଳି ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଭାଷାଣି କାର୍ଯ୍ୟକ୍ରମ ସମାପନ କରାଯାଇ ପାରିବ ସେଥିପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ପୂଜା କମିଟିର ଅଭିନାଷ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ, ସୁରେଶ ଦାଶ, ରାମକୃଷ୍ଣ ଅଗ୍ରୱାଲ, କୁଳମଣି ପ୍ରଧାନ, ଦେବବ୍ରତ ରଥ, ଆଦିତ୍ୟ କୌଶିକ, ରାଜେଶ ପ୍ରଧାନ, ସତ୍ୟ ନାରାୟଣ ମିଶ୍ର, ସୁଶାନ୍ତ ଅଗ୍ରୱାଲ, ଅଶ୍ୱିନୀ ମେହେର ପ୍ରମୁଖ ପୋଲିସ ପ୍ରଶାସନ ପାଖରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

## ସମସ୍ତ ଚାଷୀଙ୍କୁ ଧାନ ବିକ୍ରି କରିବାର ସୁଯୋଗ ଦିଆଯାଉ

### ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ

ଅତାବିରା, ୧୯।୯(ଯୁଧିଷ୍ଠିର ମହାପାତ୍ର )

ଧାନ ବିକ୍ରି ପାଇଁ ସରକାର ନାନା ପ୍ରକାର ନୀତିନିୟମ ଆଣୁଛନ୍ତି। ତଳସ୍ତରରେ ଚାଷୀ କିଭଳି ହଇରାଣ ହେଉଛନ୍ତି ତାହା ନା ସରକାର ନା ପ୍ରଶାସନ ଦୃଷ୍ଟି ଦେଉଛନ୍ତି। ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣରେ ନାନା ବିଧ ନିୟମ ପାଇଁ ଅନେକ ଚାଷୀ ପଞ୍ଜିକରଣ କରିପାରିନାହାନ୍ତି। ଏଥିପାଇଁ ଚାଷୀଙ୍କୁ ବଂଶାବଳୀ ମଗାଯାଉଛି ବୋଲି ଶୁକ୍ରବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅଭିଯୋଗ କରିଛି । ଏ ନେଇ ଏକ ସ୍ମାରକ ପତ୍ରରେ ସମସ୍ତ ଚାଷୀଙ୍କୁ ହଇରାଣ ହରକତ ନ କରି କିଭଳି ଧାନ ବିକ୍ରି କରିପାରିବେ ସେନେଇ ଅତାବିରା ତହସିଲଦାର କେ. ରିଚୀ କୁମାରଙ୍କୁ ପ୍ରଦାନ କରାଯାଇଛି । ଏଥିରେ ବ୍ୟତିକ୍ରମ ହେଲେ ସଙ୍ଗଠନ ଏକ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ସ୍ମାରକ ପତ୍ରରେ ଉଲ୍ଲେଖ କରିଛନ୍ତି । ସଙ୍ଗଠନର ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଓ ଚାଷୀ ଯୋଗ ଦେଇ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ ।



ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।

## ଅତାବିରାରେ ନିପୁଣ ସପ୍ତାହ କାର୍ଯ୍ୟକ୍ରମ

ଅତାବିରା, ୧୯।୯(ଯୁଧିଷ୍ଠିର ମହାପାତ୍ର )

ନିପୁଣ ସପ୍ତାହ କାର୍ଯ୍ୟକ୍ରମର ଶୁକ୍ରବାର ପଞ୍ଚମ ଦିନରେ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ପ୍ରାଥମିକ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ପିଲାଙ୍କୁ ନିପୁଣ ସପ୍ତାହର ରିପୋର୍ଟ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର କାଣ୍ଡପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ରିପୋର୍ଟ କାର୍ଡ ବଣ୍ଟନ ଦିବସରେ ଯୋଗଦାନ କରି ପ୍ରାରମ୍ଭିକ ସ୍ତରର ପିଲାଙ୍କ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟରେ ସହଯୋଗ କରିବାକୁ ଶିକ୍ଷକ, ଅଭିଭାବକ, ଗୋଷ୍ଠୀ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବୁଗବୁଗା କ୍ଲଷ୍ଟର ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଞ୍ଜିପାଲିରେ ସିଆରସିସି ନନ୍ଦିଘୋଷ ଭୁଏ ଉପସ୍ଥିତ ରହି ପିଲାଙ୍କୁ ତଥା ଅଭିଭାବକଙ୍କୁ ରିପୋର୍ଟ କାର୍ଡ ବଣ୍ଟନ କରି ଶୈକ୍ଷିକ ଆଲୋଚନା କରିଥିଲେ।

## ଥାନାରେ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ

ପଦ୍ମପୁର, ୧୯।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ୍‌ପେଡ୍‌ମା କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ ସମେତ ବୋଡେନ, ଜଗଦଳପୁର, ଗାଇସିଲଟ, ଝାରବନ୍ଧ, ପାଇକମାଳ,ମେଲଛାମୁଣ୍ଡା ଆଦି ଥାନା ଗୁଡିକରେ ଚାରା ରୋପଣ କରାଯାଇ ପରିବେଶ ସୁରକ୍ଷା ପାଇଁ ପୋଲିସ କର୍ମଚାରୀ ସଂକଳ୍ପ ନେଇଥିଲେ ।




ପଦ୍ମପୁର ପୋଲିସ ପକ୍ଷରୁ ଚାରା ରୋପଣ କରାଯାଉଛି।

## ସୁପ୍ରିୟା ସ୍ମାରକୀ ଫୁଟ୍‌ବଲ: ଅମସ୍ତୁଲା ଦଳ, ନାଗେନପାଲି ବିଜୟୀ

ବରଗଡ଼, ୧୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲା ଆନ୍ତଃ କ୍ଲବ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଅମସ୍ତୁଲା ଦଳ ଓ ନାଗେନପାଲି ଦଳ ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଛନ୍ତି। ଅମସ୍ତୁଲା ଦଳ ଓ ଘନାମାଲ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଅମସ୍ତୁଲା ଦଳ ୫ – ୩ ଗୋଲରେ ବିଜୟୀ ହୋଇଥିଲା। ଖେଳଟି ନିର୍ଦ୍ଧାରିତ ସମୟରେ ୦-୦ ଗୋଲରେ ରହିବାରୁ ଟାଇବ୍ରେକର ଆଶ୍ରୟ ନିଆଯାଇଥିଲା। ଏଥିରେ ଅମାସ୍ତୁଲା ଦଳ ୫-୩ ଗୋଲରେ ବିଜୟୀ ହୋଇଥିଲା। ଅନିଲ ବାଗ ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସନ୍ତୋଷ ପଟେଲ, ଅନୁରୋଧ ପଧାନ ସହଯୋଗ କରିଥିଲେ। ଅନିଲ ସାହୁ ଚତୁର୍ଥ ରେଫାରି ଥିଲେ। ଦ୍ୱିତୀୟ ମ୍ୟାଚ୍ ନାଗେନପାଲି ଓ ବି. ଆର୍. ଆମ୍ବେଡ଼କର କ୍ଲବ, ବିଶିପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଗେନପାଲି ଦଳ ୧– ୦ ଗୋଲରେ ମ୍ୟାଚ୍ ଜିତିଥିଲା। ନାଗେନପାଲି ଦଳ ପକ୍ଷରୁ ବିପୁଲ ବାରିକ ଏକମାତ୍ର ଗୋଲ ଦେଇଥିଲେ। ଅଶ୍ୱିନୀ ମେହେର ଖେଳ ପରିଚାଳନା କରିଥିବା ବେଳେ ଦିପେଶ ପ୍ରଧାନ, ରାଜେନ୍ଦ୍ର ଭୁଏ ଲାଇନରେ ସହଯୋଗ କରିଥିଲେ। ଶୁଭମ ପ୍ରଧାନ ଚତୁର୍ଥ ରେଫରି ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଅଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ନାଗେନପାଲି ଦଳର ବିପୁଲ ବାରିକଙ୍କୁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, କୋଷାଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କ୍ରିକେଟ ସମ୍ପାଦକ ପୁରସ୍କୃତ କରିଥିଲେ। ସେହିପରି ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ବର୍ଷା ଯୋଗୁ ଖେଳ ହୋଇ ନ ଥିବା ପ୍ରଥମ ମ୍ୟାଚ୍ ଶୁକ୍ରବାର କୁସନପୁରି ଓ ଢୁମ୍ବେରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖେଳର ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ଆଶ୍ରୟ ନିଆଯାଇଥିଲା। ଢୁମ୍ବେରପାଲି ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ଶୁଭମ୍ ପାତ୍ର ଖେଳ ପରିଚାଳନା କରିଥିବା ବେଳେ ବଷ୍ଟି ପ୍ରଧାନ, ସୁନିଲ ବାଗ ଲାଇନରେ ସହଯୋଗ କରିଥିଲେ। ସତ୍ୟ ତରିଆ ଚତୁର୍ଥ ରେଫରି ଥିଲେ। ଶନିବାର ପ୍ରଥମ ମ୍ୟାଚ୍ ଜମୁର୍ଡା ଓ ଯୁଲଟ ଏବଂ ଦ୍ୱିତୀୟ ମ୍ୟାଚ୍ ବରଗଡ଼ ବ୍ଲୁ ଡାଇମଣ୍ଡ ଓ ମରହାପାଲି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଏମ୍‌ପିଙ୍କ ଦାବିର ଉତ୍ତର ରଖିଲେ କେନ୍ଦ୍ରମନ୍ତ୍ରୀ



କେନ୍ଦ୍ରମନ୍ତ୍ରୀଙ୍କୁ ବରଗଡ଼ ଏମ୍‌ପି ପ୍ରଦାନ କରିଥିବା ଦାବିପତ୍ର।

ବରଗଡ, ୧୯।୯(ପ୍ରେମାନନ୍ଦ ଖମାରୀ)

ବଲାଙ୍ଗୀର-ପାଟଣାଗଡ-ହରିଶଙ୍କର-ନୃସିଂହନାଥ-ପାଇକମାଳ-ନୂଆପଡ଼ାକୁ ଜାତୀୟ ରାଜପଥ ଅନ୍ତର୍ଭୁକ୍ତ କରିବା ପାଇଁ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ବିଭାଗ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରେ ଦାବି କରିଥିଲେ। କେନ୍ଦ୍ରମନ୍ତ୍ରୀ ଗଡକରୀ ଏହି ଦାବିର ଉତ୍ତର ରଖିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ତାଙ୍କ ପତ୍ରରେ ଲେଖିଛନ୍ତି, ବିଭିନ୍ନ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦାବିକୁ ତର୍ଜମା କରି କେନ୍ଦ୍ର ସରକାର ନୂତନ ଜାତୀୟ ରାଜପଥ ନିର୍ମାଣ କିମ୍ବା ରାଜ୍ୟ ରାଜପଥକୁ ଜାତୀୟ ରାଜପଥରେ ବିକଶିତ କରିଥାନ୍ତି। ଏଥିପାଇଁ କେତେକ ନୀତି ନିୟମ ମଧ ରହିଛି। ଏମ୍‌ପି ପୁରୋହିତଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ସେ ଏହାର ତର୍ଜମା କରି ଯଥାର୍ଥ ପଦକ୍ଷେପ ଗ୍ରହଣ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଗଡକରୀ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ।

### ସଡ଼କ ଦୁର୍ଘଟଣା, ବାଇକ୍ ଚାଳକ ମୃତ

ବରଗଡ଼, ୧୯।୯ (ପ୍ରେମାନନ୍ଦ ଖମାରୀ): ବରଗଡ଼ ସହର ଗାନ୍ଧୀ ଛକ ନିକଟରେ ଶୁକ୍ରବାର ସକାଳେ ଏକ ଘରୋଇ ବସ୍ ଓ ବାଇକ ମଧ୍ୟରେ ଧକ୍କା ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ଗ୍ରାମର ଅଞ୍ଜନ ମହାନନ୍ଦ(୩୨)। ସେ ବରଗଡ଼ ସହରର ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ପାଖରେ କାମ କରୁଥିଲେ। ସେ ବରଗଡ଼ ସହରକୁ ବାଇକ୍‌ରେ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଗତବର୍ଷ ସେ ବିବାହ କରିଥିଲେ। ଗତ ସପ୍ତାହକ ତଳେ ତଳେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ୍ ମୃତଦେହ ବ୍ୟବଚ୍ଛେଦ କରାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

## ଢୁମ୍ବେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ପାଇକମାଳ, ୧୯।୯(ବଢ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଢୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ସଭାପତିତ୍ୱରେ ଶୁକ୍ରବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଇକମାଳ ବିଇଓ ଅଦନ ସୁନା ଓ ସମ୍ମାନିତ ଅତିଥି ଭାବରେ ହରିଦ୍ୱାର ଶାନ୍ତିକୁଞ୍ଜ, ପ୍ରତିନିଧି ପ୍ରମୁଖ କୁମାର ଭୋଇ, ବିନୋଦ ମେହେର ଯୋଗ ଦେଇଥିଲେ। ଏଥିରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ବାବୁଲାଲ ଧରୁଆ, ସୁଦାମ କନ୍ଧେର, ସୌତମ ଛତର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ଡେଜଲିଂ ଦନ୍ତା ଧନ୍ୟବାଦ ଦେଇଥିଲେ।



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବରଗଡ଼ରେ ସାର ସଙ୍କଟ, ଆନ୍ଦୋଳନ ଦାନା ବାନ୍ଧୁଛି

ବରଗଡ଼, ୧୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଖରିଫ୍ ଚାଷ ପାଇଁ ସାର ସଙ୍କଟକୁ ନେଇ ଅସନ୍ତୋଷ ତେଜି ଉଠିଛି। ତେବେ ଜିଲାକୁ ପର୍ଯ୍ୟାପ୍ତ ପରିମାଣରେ ସାର ଆସିଥିବା ନେଇ ସରକାର କହୁଥିବାବେଳେ ସେହି ସାର କେଉଁଠି ରହିଛି, ତାକୁ ନେଇ ଏବେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପଡୋଶୀ ରାଜ୍ୟକୁ ତାହା ଚାଲାଣ ହୋଇଥିବା ନେଇ ଅଭିଯୋଗ ହେଉଛି। କଳାବଜାର ପାଇଁ କେତେକ ବ୍ୟବସାୟୀ ଗଚ୍ଛିତ ରଖିଥିବା ନେଇ ମଧ ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ସାର ସଙ୍କଟ ନେଇ ଜିଲାରେ ଚାଷୀଙ୍କ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଛି। ଶୁକ୍ରବାର ଭାରତୀୟ କିଷାନ ସଂଘ ପକ୍ଷରୁ ବରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀ ଲୋଚନ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ଚାଷୀମାନଙ୍କୁ ଆବଶ୍ୟକ ମୁତାବକ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ସାର ଯୋଗାଇ ଦିଆ ନ ଗଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛି।

ଗତବର୍ଷ ଖରିଫରେ ୩୩୦୦୦ ମେଟ୍ରିକ ଟନ୍ ୟୁରିଆ ସାର ଆସିଥିଲା। ଏଥର ତାହା ୪୨୦୦୦ ମେଟ୍ରିକ ଟନକୁ ବୃଦ୍ଧି ପାଇଛି। କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁ ସାର ଅଭାବରେ ଚାଷୀ ହନ୍ତସନ୍ତ ହେଉଛନ୍ତି। କଳାବଜାରରେ ସାର କିଣିବାକୁ ଚାଷୀଙ୍କୁ ବାଧ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଜୈବିକ ଚାଷ କେବଳ ପ୍ରଚାର ପ୍ରସାରରେ ସୀମିତ ରହିଛି। ଶୃଙ୍ଖଳିତ ଓ ବ୍ୟବସ୍ଥିତ ସାର ଯୋଗାଣରେ ପ୍ରଶାସନର ଭୂମିକା ସନ୍ଦେହ ଘେରରେ ରହିଛି ବୋଲି ସଂଘ ଅଭିଯୋଗ କରିଛି। ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ସଂଘର ଜିଲା ସଭାପତି ପିତାମ୍ବର ସାହୁ, ରାଜ୍ୟ ମହିଳା ପ୍ରମୁଖ ସଂଘମିତ୍ରା ପଟେଲ, ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ, ଭୂପାଳ ବିଶି, ରବୀନ୍ଦ୍ର ବିଶି, ଆଶୁତୋଷ ଆଚାର୍ଯ୍ୟ, ପଞ୍ଚାନନ ଦଳପତି, ସତ୍ୟଜିତ ପଣ୍ଡା, ମୁକେଶ କେଡ଼ିଆ, ଭିକାରି ଚରଣ ଖମାରୀ, ସଞ୍ଜୟ ବାରିକ, ହୀରାଲାଲ ସା, ପଦ୍ମନ ମାଝୀ, କେନ୍ଦ୍ରୀୟ ସଦସ୍ୟ କେଦାର ମିଶ୍ର, ଜିଲା ସଙ୍ଗଠନ ସମ୍ପାଦକ କିଶୋର ଦେବତା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ମୁଖ୍ୟ ଜିଲା କୃଷି ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

## ମଦ ଦୋକାନ କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

**ରାଉରକେଲା,୧୯।୯(ସଙ୍ଗୀତା ଜେନା):** ସେକ୍ଟର-୧୫ ଥାନା ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ଦୋକାନରେ ପଶି ୩ ଜଣ ଦୁର୍ବୃତ୍ତ ଜୋରଜବରଦସ୍ତ ମଦ ମାଗିବା ଓ ନ ଦେବାରୁ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଏତଲାକୁ ଆଧାର କରି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୧୮ ରାଜକିଶୋର ରାୟ(୩୪)। ଏ ନେଇ ପୋଲିସ ଏକ ମାମଲା (ନଂ.୯୪/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି। ଉକ୍ତ ମଦଦୋକାନରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଝାଡଖଣ୍ଡ ରାଞ୍ଚି ନିବାସୀ ପଙ୍କଜ ସାହୁଙ୍କ ଏତଲା ଅନୁଯାୟୀ, ଗତ ଅଗଷ୍ଟ ୧୯ ତାରିଖ ରାତିରେ ଦୋକାନ ବନ୍ଦ ହେବା ପରେ ୩ ଜଣ ଦୁର୍ବୃତ୍ତ ଏକ କାର (ନଂ.ଓଡି୧୪ଡ଼ବ୍ଲ୍ୟୁ/୮୬୨୬) ଯୋଗେ ଆସି କର୍ମଚାରୀଙ୍କୁ ମଦ ମାଗିଥିଲେ। ଦୋକାନ କର୍ମଚାରୀ ମନା କରିବାରୁ ସେମାନେ ଆକ୍ରମଣ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଜଣଙ୍କୁ ଗିରଫ କରିଛି।

# ବୋନସ ଦାବିରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା,୧୯।୯(ସଙ୍ଗୀତା ଜେନା)

ସମସ୍ତ ଇସ୍ପାତ ଉଦ୍ୟୋଗ ତଥା ଖଣି ଅଞ୍ଚଳରେ ଶ୍ରମିକମାନଙ୍କୁ ବୋନସ୍ ପ୍ରଦାନ ଦାବିରେ ସିଆଇଟିୟୁ ପକ୍ଷରୁ ବିଶ୍ରା ଛକରେ ଶୁକ୍ରବାର ସକାଳ ସାଢ଼େ ୭ଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁର ସାଧାରଣ ସମ୍ପାଦକ ବସନ୍ତ ନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ଏଥିରେ ମୁଖ୍ୟତଃ ଶ୍ରମିକ ସ୍ୱାର୍ଥ ବିରୋଧୀ ବୋନସ ଫର୍ମୁଲା ପ୍ରତ୍ୟାହାର ତଥା ମୂଳ ଫର୍ମୁଲା ୪୦ ହଜାର ୫ଶହ ଟଙ୍କାରୁ ଊର୍ଦ୍ଧ୍ୱ ବୋନସ, ଠିକା ଶ୍ରମିକଙ୍କୁ ୨୦ ପ୍ରତିଶତ ବୋନସ୍ ଓ ଏକ୍ସଗ୍ରାସିଆ, ୩୯ ମାସର ଏରିଅର ପ୍ରଦାନ ସହ ତୁରନ୍ତ ଏନ୍‌ଜେସିଏସ୍ ଚୁକ୍ତିନାମା ଦାବି ହୋଇଥିଲା। ବି. ପି. ମହାପାତ୍ର, ଜୀବନ ବରିହା, ଲକ୍ଷ୍ମୀଧର ନାୟକ, ଯଜ୍ଞେଶ୍ୱର ସାହୁ, ପ୍ରଦୋଷ ପରିଡା, ଜେ. କେ. ସାହୁ, ଅରୁ ଦାସ, ସଂଗ୍ରାମ ସାମଲ ପ୍ରମୁଖ ବକ୍ତବ୍ୟ ରଖି ତୁରନ୍ତ ପୂଜା ପୂର୍ବରୁ ବୋନସ ଚୁକ୍ତିନାମା ପାଇଁ ଦାବି କରିଥିଲେ। ୨୦୨୨ରେ ମିଳିତ ପ୍ରୟାସରେ ସମସ୍ତ ଶ୍ରମିକଙ୍କୁ ୪୦ହଜାର ୫ଶହ ଟଙ୍କା ବୋନସ ମିଳିଥିଲା। ୨୦୨୩ ଫେବୃଆରୀ ୮ରେ ସେଲ୍ କର୍ତ୍ତୃପକ୍ଷ ତ୍ରୁଟିପୂର୍ଣ୍ଣ



ବିଶ୍ରା ଛକରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ବୋନସ ଫର୍ମୁଲା ୫ବର୍ଷ ପର୍ଯ୍ୟନ୍ତ ପ୍ରସ୍ତାବ ଦେଇଥିଲେ। ସିଆଇଟିୟୁର ବିରୋଧ ସତ୍ତ୍ୱେ ୨୦୨୩ ଓ ୨୦୨୪ରେ ୨୦୨୨ ବୋନସ୍‌ର ପ୍ରାୟ ଅଧା ବିନା ଆଲୋଚନା ଓ ସ୍ୱାକ୍ଷରରେ ସିଧାସଳଖ ବ୍ୟାଙ୍କ ଦ୍ୱାରା ଶ୍ରମିକଙ୍କୁ ପ୍ରଦାନ କରାଗଲା। ଚଳିତ ବର୍ଷ ବର୍ଷ ଏହି ଶ୍ରମିକ ବିରୋଧୀ ଫର୍ମୁଲା ହିସାବରେ ୨୮ ହଜାର ୭ ଶହ ଟଙ୍କା ହେବ। ତୁରନ୍ତ ତ୍ରୁଟିପୂର୍ଣ୍ଣ ବୋନସ ଚୁକ୍ତିନାମା ପ୍ରତ୍ୟାହାର ସହ ବେସ୍ ପ୍ରାଇସ୍ ସର୍ବନିମ୍ନ ୪୦ ହଜାର ୫ଶହ ଟଙ୍କା କରାଯାଉ। କାରଣ ଉଭୟ ଉତ୍ପାଦନ ଓ ଉତ୍ପାଦକତା ମାନରେ ବ୍ୟାପକ ଉନ୍ନତି ସହ ଉତ୍ପାଦନ ଓ ବିକ୍ରୟ ଯୋଗ୍ୟ ଇସ୍ପାତ ଉତ୍ପାଦନରେ ବୃଦ୍ଧି ସହ ପ୍ରଚୁର ଲାଭ ହେଉଛି। ଏହାସହ ସମ୍ମାନଜନକ ବୋନସ ଓ ଏନ୍‌ଜେସିଏସ୍ ଚୁକ୍ତିନାମା ପାଇଁ ସମସ୍ତ ଶ୍ରମିକ ସଙ୍ଗଠନ ଓ ଶ୍ରମିକ ମିଳିତ ଆନ୍ଦୋଳନ କରିପାରିଲେ ସେଲ୍ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବାଧ୍ୟ ହେବେ ବୋଲି ସିଆଇଟିୟୁ କର୍ମକର୍ତ୍ତା ନିଜ ନିଜ ବକ୍ତବ୍ୟରେ କହିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ସଞ୍ଜୟ ନାୟକ, ବିଶ୍ୱଜିତ ମାଝୀ, ସଚିନ ରାୟ, ପ୍ରଭାତ ମହାନ୍ତି, ପିତାମ୍ବର ବେହେରା, ସେକ୍ ରହେମାନ, ବିନୟ ବେହୁରିଆ, ତ୍ରିଲୋଚନ ପାତ୍ର, ବିଶ୍ୱଜିତ୍ ରାଉତରାୟ, ରଫିକ୍ ମହମ୍ମଦ୍, ବସନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ଷୋଭ ପରେ ସିଆଇଟିୟୁର ଏକ ପ୍ରତିନିଧି ମଣ୍ଡଳୀ ସେଲ୍ କର୍ତ୍ତୃପକ୍ଷଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ରାଉରକେଲା କଲେଜରେ ବୃକ୍ଷରୋପଣ

ରାଉରକେଲା,୧୯।୯(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ଗତ ବୁଧବାର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ୍‌ର ତତ୍ତ୍ୱାବଧାନ ଏବଂ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ମାର୍ଗଦର୍ଶନରେ ବୃକ୍ଷରୋପଣ ମହାଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ରେଡ୍‌କ୍ରସ୍ ସଂଯୋଜକ ମନୋଜ କୁମାର ଦଳେଇ, ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର କରୁଣାକର ପାଟ୍ଟଶାଣୀ, ରଶ୍ମିପ୍ରଭା ମଥାନ, ରଞ୍ଜିତ ପ୍ରଧାନ, ବନ୍ଦନା ସୋରେନଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ୨୫୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ରଶ୍ମି ରଞ୍ଜନ ରାଉତ, ଦୀପାଳୀ ପ୍ରଧାନ, ଦିଲ୍ଲୀପ କୁମାର ମୁଦୁଲି, ନୀଳମାଧବ ନାୟକ, ଇପ୍ସିତା ପଣ୍ଡା, ସ୍ୱାତିସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୌସୁମୀ ଦାସ, ସନ୍ତୋଷ ରଜାକ, ସୌମ୍ୟରଞ୍ଜନ ପ୍ରଧାନ, ସୁଶାନ୍ତ ପଟେଲ, ସିଦ୍ଧାର୍ଥ ସାହୁ, ଗୀତାଞ୍ଜଳି ପାଣିଗ୍ରାହୀ, ଅଜୟ କୁମାର ଯାଦବ, ରୋହିତ ବେବର୍ତ୍ତା, ଜଗନ ମହାନ୍ତି, ଲକ୍ଷ୍ମୀ ସାହୁ, ପୂଜା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅଧ୍ୟାପକ ତରଣୀ ନାୟକ, ଅନୁପ ଏକ୍କା, ଅଜିତ ବେକ, ଭାରତୀ ବରୱା ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକ।

## ବିଶ୍ୱକର୍ମାଙ୍କ ବିସର୍ଜନ ଶୋଭାଯାତ୍ରା

ରାଉରକେଲା,୧୯।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ବିଭିନ୍ନ ପ୍ରତିଷ୍ଠାନରେ ବିଶ୍ୱକର୍ମା ପୂଜା ଶେଷ ହେବା ପରେ ଶୁକ୍ରବାର ବିସର୍ଜନ ଶୋଭାଯାତ୍ରା କରାଯାଇଥିଲା। ପାରମ୍ପରିକ ବାଦ୍ୟ ସହିତ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ସହରର ମୁଖ୍ୟ ରାସ୍ତା ସମେତ ଶିଳ୍ପାଞ୍ଚଳରୁ ଶୋଭାଯାତ୍ରା ବାହାରି ପାନପୋଷ ବାଲୁଘାଟର କୃତ୍ରିମ ପୁଷ୍କରିଣୀରେ ବିଶ୍ୱକର୍ମାଙ୍କ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଅନ୍ୟପକ୍ଷେ ବାଲୁଘାଟ କୃତ୍ରିମ ପୁଷ୍କରିଣୀରେ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଉପଲବ୍ଧ କରାଯାଇଥିଲା। ସେହିପରି, ଇସ୍ପାତ ଅଞ୍ଚଳର ବିଭିନ୍ନ ସେକ୍ଟର ଅଞ୍ଚଳର ବିଶ୍ୱକର୍ମା ମୂର୍ତ୍ତିଗୁଡ଼ିକ ସେକ୍ଟର-୧୬ ଶଙ୍ଖ ନଦୀର ବାଲିଘାଟରେ ବିସର୍ଜନ କରାଯାଇଥିଲା।



କ୍ରୀଡ଼ା ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# କ୍ଷେତ୍ରୀୟ ବନ ବିଭାଗୀୟ କ୍ରୀଡ଼ା ସମ୍ମିଳନୀ

ରାଉରକେଲା,୧୯।୯(ବିପ୍ଳବ ରଞ୍ଜନ ଦାଶ)

**୨୮ ବନ ମଣ୍ଡଳର ୩୭୦ କର୍ମଚାରୀଙ୍କ ଅଂଶଗ୍ରହଣ**

ରାଉରକେଲା ଆଥଲେଟିକ ଷ୍ଟାଡିୟମରେ ଶୁକ୍ରବାର କ୍ଷେତ୍ରୀୟ ବନ ବିଭାଗ କ୍ରୀଡ଼ା ସମ୍ମିଳନୀ-୨୦୨୫ ଉଦ୍‌ଘାଟିତ ହୋଇଛି। ଏଥିରେ ସମ୍ବଲପୁର ଆର୍‌ସିସିଏଫ୍ ଟି. ଅଶୋକ କୁମାର ମୁଖ୍ୟଅତିଥି, ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ କେ. ଉମା ମହେଶ୍ୱର ରାଓ ଏବଂ ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ପାଣିଗ୍ରାହୀ ବରେଣ୍ୟ ଅତିଥି, ସମ୍ବଲପୁର କେନ୍ଦୁଲିଫ୍ ମଣ୍ଡଳ ସିସିଏଫ୍ ସୁଦର୍ଶନ ବେହେରା ଏବଂ ଆର୍‌ସିସିଏଫ ପି. ରାମାସ୍ୱାମୀ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ୨୮ଟି ବନ ମଣ୍ଡଳ ଅଧୀନ ବିଭିନ୍ନ ବନାଞ୍ଚଳର ୩୭୦ କର୍ମଚାରୀ ଭାଗ ନେଇଥିଲେ। ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ସୁଇମିଂ, ହକି ଏବଂ କ୍ରିକେଟ ଆଦି ୩୦ରୁ ଊର୍ଦ୍ଧ୍ୱ କ୍ରୀଡ଼ା ଇଭେଣ୍ଟ ହୋଇଥିଲା। ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆର୍‌ସିସିଏଫ୍ କୁମାର ତାଙ୍କ ବକ୍ତବ୍ୟରେ କହିଲେ, ବଣ ଜଙ୍ଗଲର ସୁରକ୍ଷା ପାଇଁ ଜାଗ୍ରତ ପ୍ରହରୀ ହେବାକୁ ହେଲେ ଆମ ସମସ୍ତଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ସଶକ୍ତ ହେବାକୁ ହେବ। ବନ ସୁରକ୍ଷା ପାଇଁ ଆମ ସଭିଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡିବ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବନ ସୁରକ୍ଷା ଓ ଏହାର ଅଭିବୃଦ୍ଧି ପାଇଁ ଏକ ବୃହତ ଅଭିଯାନ ଆଗେଇ ଆଗେଇ ଚାଲିଛି। ଜଙ୍ଗଲ ସୁରକ୍ଷା ସମ୍ବନ୍ଧୀୟ ସାମ୍ବିଧାନିକ ଆଇନ ମଧ୍ୟ କଡାକଡା ହୋଇଛି। ଏଣୁ ବନ ତଥା ଏଥିରେ ରହୁଥିବା ଜୀବଜନ୍ତୁଙ୍କ ସୁରକ୍ଷା ଏବଂ ମାନବୀୟ ଧନଜୀବନ ସୁରକ୍ଷା ବଲବତ୍ତର ରଖିବା ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। ଏସବୁ କାର୍ଯ୍ୟ ତୁଲାଇବା ପାଇଁ ବନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଶାରୀରିକ ସ୍ତରରେ ଫିଟ୍ ରହିବା ନିତାନ୍ତ ଆବଶ୍ୟକ ବୋଲି କୁମାର କହିଥିଲେ। ସେହିପରି କ୍ରୀଡ଼ା ଦ୍ୱାରା ମଣିଷ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ରହିଥାଏ। ବଣ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ଏ ସମ୍ବନ୍ଧୀୟ ସାମ୍ବିଧାନିକ ଆଇନ ବିଷୟରେ ଏନ୍‌ଆଇଟି ନିର୍ଦ୍ଦେଶକ ରାଓ କହିଲେ ଆଲୋକପାତ କରିଥିଲେ। ରାଉରକେଲା ବନଖଣ୍ଡ ଅଧିକାରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ ଲକ୍ଷ ଟଙ୍କାର ଚୋରି ମୋବାଇଲ ଜବତ

ରାଉରକେଲା,୧୯।୯(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାରେ ଚୋରି ହୋଇଥିବା ବିପୁଳ ପରିମାଣର ମୋବାଇଲ ଫୋନ୍ ଜବତ ହୋଇଛି। ଗତ ଦେଢ଼ବର୍ଷରେ ପ୍ରାୟ ୧୮ଟି ଥାନା ଅଞ୍ଚଳରେ ଏପରି ୮୨ଟି ମୋବାଇଲ ଫୋନ୍ ଚୋରି ଏତଲା ହୋଇଥିଲା। ଏଗୁଡ଼ିକ ଜବତ କରିବା ପରେ ପୋଲିସ ପକ୍ଷରୁ ସେଗୁଡ଼ିକ ସ୍ୱତ୍ତ୍ୱାଧିକାରୀଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଏ ନେଇ ଅପରାହ୍ନ ୧ଟାରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରି କହିଥିଲେ, ବିଭିନ୍ନ ସମୟରେ ଲୋକମାନଙ୍କର ମୋବାଇଲ ଫୋନ୍ ହଜି ଯାଇଥିବା କିମ୍ବା ଚୋରି ହୋଇଯାଇଥାଏ। ସେଗୁଡ଼ିକ ସାଇବର ଓ ଅନ୍ୟ ଥାନା ସହଯୋଗରେ ପ୍ରାୟ ୨ ସପ୍ତାହ ମଧ୍ୟରେ ଏହା ଠାବ କରାଯାଇଛି। ତେବେ ବନ୍ଦମୁଣ୍ଡା ଥାନାରେ ୪, ବିଶ୍ରାରେ ୧, ବ୍ରାହ୍ମଣୀତରଙ୍ଗରେ ୫ ଛେଣ୍ଡରୁ ୧, ସାଇବରରେ ୧୦, ଝିରପାଣିରେ ୨, କେ. ବଲାଙ୍ଗରେ ୧, କୋଇଡାରେ ୧, ଲହୁଣୀପଡ଼ାରେ ୧, ଲାଠିକଟାରେ ୩, ପ୍ଲାଣ୍ଟସାଇଟ୍‌ରେ ୯ଟି, ରଘୁନାଥପାଲୀରେ ୩ଟି, ସେକ୍ଟର-୧୫ରେ ୩ଟି, ସେକ୍ଟର-୩ରେ ୧୪ଟି, ସେକ୍ଟର-୭ରେ ୧୪ଟି, ଟାଙ୍ଗରପାଲୀରେ ୫ଟି, ସେକ୍ଟର-୧୯ରେ ୧, ଉଦିତନଗରରେ ୪ଟି ଏପରି ମାମଲା ରୁଜୁ ହୋଇଥିଲା। ଠାବ ହୋଇଥିବା ମୋବାଇଲଗୁଡ଼ିକର ମୂଲ୍ୟ ପ୍ରାୟ ୧୫ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।


ବିଭିନ୍ନ ଥାନା ଅଞ୍ଚଳରୁ ଜବତ ହୋଇଥିବା ମୋବାଇଲ ଫୋନ୍।

## ଆଇଜିଏଚ୍‌ରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ

ରାଉରକେଲା,୧୯।୯(ବିପ୍ଳବ ରଞ୍ଜନ ଦାଶ)

ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ପାଳନ ଅବସରରେ ଆର୍‌ଏସ୍‌ପି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦେଶବ୍ୟାପୀ ପାଳନ କରାଯାଉଥିବା ଏହି ୧୬ ଦିନିଆଁ କାର୍ଯ୍ୟକ୍ରମ ଗତ ୧୭ତାରିଖରେ ଆଇଜିଏଚ୍‌ରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ସଚେତନତା କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଥିଲା। ଗତ ୧୮ତାରିଖରେ ଆର୍‌ଏସ୍‌ପି ସେବିକା ତାଲିମ ପ୍ରତିଷ୍ଠାନ (ଏନଟିଆଇ)ରେ କିଶୋରୀ ସ୍ୱାସ୍ଥ୍ୟ ଉପରେ ଏକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ଡକ୍ଟର ପ୍ରତିଭା ଷଡଙ୍ଗୀ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ଅତିରିକ୍ତ ସିଏମ୍‌ଓ ତଥା ଏନ୍‌ଟିଆଇ ଇନ୍‌ଚାର୍ଜ ଡକ୍ଟର ସୋନିଆ ଯୋଶୀ, ଅତିରିକ୍ତ ସିଏମ୍‌ଓ(ଶିଶୁ ରୋଗ) ଡକ୍ଟର ଅର୍ଚ୍ଚନା ବେହେରା, ଓ ଏଣ୍ଡ ଜି ବିଭାଗର ଅତିରିକ୍ତ ସିଏମ୍‌ଓ ଡକ୍ଟର ମଧୁମିତା ସାହୁ, ପରାମର୍ଶଦାତା ଡକ୍ଟର ଦିବ୍ୟା କୁଅରଦାର, ଏନ୍‌ଟିଆଇ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତ୍ ପ୍ରଭା ଗୋଠଙ୍କ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଏନ୍‌ଟିଆଇର ପ୍ରାୟ ୧୫୦ଜଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହି ଅବସରରେ ଡକ୍ଟର ଆଚାର୍ଯ୍ୟ ଏକ ସୁସ୍ଥ ଓ ସଶକ୍ତ ସମାଜର ମୂଳଦୁଆ ଗଠନ କରିବା ଦିଗରେ କିଶୋରୀ ସ୍ୱାସ୍ଥ୍ୟ, ପୁଷ୍ଟିସାର ଏବଂ ମାନସିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସମ୍ବଳମାନେ ଶାରୀରିକ ଏବଂ ମାନସିକ ସୁସ୍ଥତା ସମେତ କିଶୋରୀ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହାସହ ଜଡିତ ଅନ୍ଧବିଶ୍ୱାସ ଏବଂ କୁପ୍ରଥାର ଦୂରୀକରଣ ପାଇଁ ଗୁରୁତ୍ୱାରୋପ କରିଥିଲେ। ପରବର୍ତ୍ତୀ ଦିବସରେ ଏନ୍‌ଟିଆଇରେ ସନ୍ତୁଳିତ ଖାଦ୍ୟ ଉପରେ ଅନ୍ୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଛାତ୍ରୀଛାତ୍ର ଭାଗ ନେଇ ପୋଷ୍ଟର ଏବଂ ପ୍ରଦର୍ଶନୀ ମାଧ୍ୟମରେ ସନ୍ତୁଳିତ ଖାଦ୍ୟର ଜରୁରୀ ଦିଗ ଗୁଡିକ ଉପରେ ସଚେତନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପୁଷ୍ଟିହୀନତା ଉପରେ ଏକ ନାଟକ ପରିବେଷଣ କରାଯାଇଥିଲା। ଏହି ଅଧିବେଶନରେ ଜୀବନଶୈଳୀ ପରିବର୍ତ୍ତନ ଏବଂ ସୁସ୍ଥ ଓ ସକ୍ରିୟ ଜୀବନଯାପନ ଉପରେ ଆଲୋକପାତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଏବଂ ଅନ୍ୟମାନେ।

## ଟିମ୍ବରକଲୋନିକୁ ପାଇପ୍ ଜଳଯୋଗାଣ ବନ୍ଦ

**ନଳକୂଅ ଗୋଳିଆ ପାଣି ସଂଗ୍ରହ କରୁଛନ୍ତି ବସ୍ତିବାସୀ**

ରାଉରକେଲା,୧୯।୯(ଦିନେଶ ମିଶ୍ର)

ରାଉରକେଲା ୱାର୍ଡ ନମ୍ବର-୧୩ ଟିମ୍ବର କଲୋନି ଅଞ୍ଚଳର ଲୋକେ ସପ୍ତାହେ ହେଲାଣି ପାଣି ପାଇଁ ହଇରାଣ ହେଉଛନ୍ତି। ଲୋକେ ସ୍ଥାନୀୟ ୱାଟ୍‌କୋ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହେଲେଣି। ତଥାପି କୌଣସି ସୁଫଳ ମିଳିନାହିଁ।

ରାଉରକେଲା ଟିମ୍ବର କଲୋନିସ୍ଥିତ ବୈଷ୍ଣୋଦେବୀ ମନ୍ଦିର ବସ୍ତିରେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ବସ୍ତିକୁ ୨୦୧୮ରେ ଅମୃତ ଯୋଜନାରେ ପିଏଚ୍‌ଡି ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ଫଳରେ ଲୋକେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦୁଇବେଳା ପାଇପ୍ ଜଳ ପାଉଥିଲେ। ତେବେ ଏହାକୁ ୱାଟ୍‌କୋ ବିଭାଗ ହାତକୁ ନେବା ପରେ ବୈଷ୍ଣୋଦେବୀ ମନ୍ଦିର ନିକଟରେ ଏକ ନୂତନ ପାଣଟାଙ୍କି ତିଆରି କରାଗଲା। ଏହି ଟାଙ୍କିରୁ ବସ୍ତିବାସୀଙ୍କୁ ଠିକ୍ ସମୟରେ ପାଣି ଯୋଗାଣ ହେଉଥିବାବେଳେ ଗତ ୧୨ ତାରିଖରୁ ଲୋକେ ପାଣି ପାଉନାହାନ୍ତି। ଫଳରେ ବସ୍ତିବାସୀ ଗୋଟିଏ ନଳକୂପ ଉପରେ ନିର୍ଭର କରି ଚଳୁଛନ୍ତି। ଦୁର୍ଗାପୁର ପାହାଡ ତଳେ ଥିବା ଏହି ନଳକୂପରୁ ଗୋଳିଆ ପାଣି ବାହାରୁଥିବା ଯୋଗୁ ପାନୀୟ ଉପଯୋଗୀ ହେଉନାହିଁ। ଏ ନେଇ ୱାଟ୍‌କୋ ବିଭାଗର କନିଷ୍ଠ ଯନ୍ତ୍ରୀ ତୁଷାର ମେହେରଙ୍କୁ ପଚାରିବାରୁ ସେ କହିଥିଲେ, ଟିମ୍ବର କଲୋନିସ୍ଥିତ ବୈଷ୍ଣୋଦେବୀ ମନ୍ଦିର ପରିସରରେ ପାନୀୟ ଜଳ ସମସ୍ୟାକୁ ନେଇ ଆମ ପାଖରେ ଅଭିଯୋଗ ରହିଛି। ଉକ୍ତ ଅଞ୍ଚଳକୁ ଯାଇଥିବା ମୁଖ୍ୟ ପାଣି ପାଇପ୍ ମରାମତି କାର୍ଯ୍ୟ ଜାରି ରହିଛି। ଆସନ୍ତା ୨ ଦିନ ଭିତରେ ସମସ୍ୟାର ସମାଧାନ ହୋଇଯିବା ପରେ ବସ୍ତିବାସୀ ପୂର୍ବ ପରି ପାଣି ପାଇବେ ବୋଲି ମେହେର କହିଥିଲେ।


ପାଣି ପାଇଁ ଲୋକେ ଧାଡ଼ି ଲଗାଇ ଛିଡା ହୋଇଛନ୍ତି।

# ଶୋଭାପାଇବ ଭିଏନା ଅଷ୍ଟ୍ରିଆ ହଫ୍‌ବର୍ଗ ପ୍ୟାଲେସ୍


କୁଇନ ଏଲିଜାବେଥ୍ ପ୍ୟାଲେସ ପ୍ରତିକୃତି।

ରାଉରକେଲା,୧୯।୯(ସଙ୍ଗୀତା ଜେନା)

**ଇସ୍ପାତ ସହର ସେକ୍ଟର-୮ ଦୁର୍ଗାପୂଜା**

ଶାରଦୀୟ ଦୁର୍ଗାପୂଜାରେ ରାଉରକେଲାର ବିଭିନ୍ନ ମଣ୍ଡପରେ ପ୍ରତ୍ୟେକ ବର୍ଷ କିଛି ନୂତନ ଥିମ୍‌ରେ ତୋରଣ, ପୂଜା ଆୟୋଜନ ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଆସୁଛି। ଏହି କ୍ରମରେ ଚଳିତ ବର୍ଷ ସେକ୍ଟର-୮ ମଣ୍ଡପରେ ଭିଏନା ଅଷ୍ଟ୍ରିଆ ହଫ୍‌ବର୍ଗ ପ୍ୟାଲେସ୍ ଆକୃତିର ତୋରଣ ସ୍ଥାନ ପାଇବାକୁ ଯାଉଛି। ୬୨ବର୍ଷରେ ପଦାର୍ପଣ କରିଥିବା ଉକ୍ତ ପୂଜାରେ ଅଷ୍ଟ୍ରିଆର ସ୍ଥାପତ୍ୟ ଏବଂ ଓଡ଼ିଆ ଲୋକଙ୍କ ଆଧ୍ୟାତ୍ମିକ ଭାବକୁ ମିଶ୍ରଣ କରିବାକୁ ପ୍ରୟାସ କରାଯାଉଛି।



**ଧରାବତରଣ କରିବେ ମା'**

୧୯ ଲକ୍ଷ ଟଙ୍କା ବଜେଟ୍‌ରେ ପୂଜା ଆୟୋଜନ ହେଉଛି। ୯୫ଫୁଟ୍ ଉଚ୍ଚତା ଓ ୧୭୦ ଫୁଟ୍ ଚଉଡା ବିଶିଷ୍ଟ ତୋରଣ ନିର୍ମାଣ କରାଯାଉଛି। ଏଥିରେ ପ୍ରାୟ ୫ ହଜାର ବାଉଁଶ ଖଣ୍ଡ ଓ ୧ହଜାର ସିଫ୍ଟ ବଟମ ବ୍ୟବହୃତ ହେଉଛି। ଉକ୍ତ ଭବ୍ୟତୋରଣରେ ମା'ଙ୍କ ୨୦ ଫୁଟ୍‌ର କ୍ଲାସିକାଲ୍ ମୂର୍ତ୍ତି ଶୋଭାପାଇବ। ଯାଜପୁରର ମୂର୍ତ୍ତିକାର ଭରତ ଘଡେଇ ଏବର୍ଷ ମୂର୍ତ୍ତି ନିର୍ମାଣ କରୁଛନ୍ତି। ସେହିପରି ପୂଜାର ଗାରିମା ବଜାୟ ରଖିବା ପାଇଁ ଶାନ୍ତିଶୃଙ୍ଖଳା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବ। ସେହିପରି ମଣ୍ଡପରେ ସିସିଟିଭି, ଅଗ୍ନି ନିର୍ବାପନ ବ୍ୟବସ୍ଥା କରାଯାଉଛି। କମିଟିର କୋଷାଧ୍ୟକ୍ଷ ପ୍ରବୀର ସ୍ୱାଇଁ, ଉପସଭାପତି ଘନଶ୍ୟାମ ନାୟକ, ବସନ୍ତ ପଟ୍ଟନାୟକ, ଅମିତ ବିଶୋୟୀ, ଉମାକାନ୍ତ ମଲ୍ଲିକ, ଅଭିଜିତ ବେହେରା, କାର୍ଯ୍ୟକାରୀ ସଭାପତି ସମୀର ଜେନା, କାର୍ତ୍ତିକ ସାହୁ, ପ୍ରକାଶ ବେହେରା, ଆଶିଷ ମହାନ୍ତି, ବିନୋଦ ପ୍ରଧାନ, ବିଶ୍ୱଜିତ ମହାନ୍ତି, ମହେନ୍ଦ୍ର କୁମାର, ଦୁର୍ଗା ପ୍ରସନ୍ନ ପଟ୍ଟନାୟକ, ସତୀଶ ପଟ୍ଟନାୟକଙ୍କ ସମେତ ଶତାଧିକ କର୍ମୀ ପୂଜା ସୁପରିଚାଳନା କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

**ଏମାନେ ଯାହା କୁହନ୍ତି...**



"ଦୁର୍ଗାପୂଜା ସମୟରେ ଆମ କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ସହରକୁ କିଛି ନୂଆ ଭେଟି ଦିଆଯାଇଥାଏ। ଚଳିତ ବର୍ଷ ଅଷ୍ଟ୍ରିଆର ଏହି ପ୍ୟାଲେସକୁ ଚୟନ କରାଯାଇଥିଲା। ଯାହାକୁ ଚଳିତ ବର୍ଷ କରାଯାଉଛି। ପୂଜା ମଣ୍ଡପ ପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହାବ୍ୟତୀତ ମୀନାବଜାର ଓ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। କେନ୍ଦ୍ରୀୟ ପୂଜା କମିଟିର ନିର୍ଦ୍ଧାରିତ ନିୟମ ଅନୁସାରେ ପୂଜା ଅନୁପାଳନ କରାଯିବ।

**-ଅନନ୍ତ ଜେନା, ସଭାପତି**



"ପୂଜା ସୁପରିଚାଳନା ପାଇଁ କମିଟି ସଦସ୍ୟମାନେ ସହଯୋଗ କରିବେ। ୨୦୨୪ରେ ସୁନ୍ଦର ମୂର୍ତ୍ତି ବର୍ଗରେ ଆମ ମଣ୍ଡପର ମୂର୍ତ୍ତି ଚୟନ ହୋଇଥିଲା। ଏଥରକ ପ୍ରତିଯୋଗିତାରେ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ ଆମ ଟିମ୍ କାମ କରୁଛି। ଭକ୍ତଙ୍କ ପାଇଁ ପ୍ରସାଦସେବନ ସମେତ ସୁରକ୍ଷା, ଶାନ୍ତିଶୃଙ୍ଖଳା ବ୍ୟବସ୍ଥା କରାଯାଉଛି। ଚଳିତବର୍ଷ ଆମ ତୋରଣ ରାଉରକେଲାରେ କୀର୍ତ୍ତିମାନ ସୃଷ୍ଟି କରିବ ବୋଲି ଆଶା କରୁଛୁ।

**-ସନ୍ତୋଷ ବିରାଟ, ସାଧାରଣ ସମ୍ପାଦକ**

# ଡିଆର୍ଏମ୍ କାର୍ଯ୍ୟାଳୟ ଆଗରେ ରେଳ ଶ୍ରମିକ ସଂଘର ଧାରଣା

ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)



ସମ୍ବଲପୁର ଡିଆର୍ଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଇଷ୍ଟକୋଷ୍ଟ ରେଳ କର୍ମଚାରୀ ସଂଘର ଧାରଣା।

■ କେନ୍ଦ୍ର ରେଳବୋର୍ଡ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
■ ୮ମ ବେତନ କମିଶନ ବିଜ୍ଞପ୍ତି ପ୍ରକାଶନ ବିଳମ୍ବର ପ୍ରତିବାଦ

ଅଷ୍ଟମ ବେତନ କମିଶନ ଲାଗୁ ପାଇଁ ରେଳବାଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶନରେ ବିଳମ୍ବର ପ୍ରତାବାଦରେ ଇଷ୍ଟକୋଷ୍ଟ ରେଳ ଶ୍ରମିକ ସଂଘ ପକ୍ଷରୁ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ(ଡିଆର୍ଏମ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟର ଅଧ୍ୟକ୍ଷ ତଥା ସିଇଓ ଶତିଷ କୁମାରଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ଡିଆର୍ଏମ୍ ସୁବାଷ ଚନ୍ଦ୍ର ଚୌଧୁରୀଙ୍କୁ ଏକ ୨୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ମଣ୍ଡଳ ସଂଯୋଜକ ଅରବିନ୍ଦ ମହାନ୍ତିଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସଦସ୍ୟ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଏକ ଘଣ୍ଟା ପାଇଁ ପ୍ରତିକାତ୍ମକ ଧାରଣାରେ ସାମିଲ ହୋଇଥିଲେ।

ସଂଯୋଜକ ମହାନ୍ତି କହିଛନ୍ତି, ଆସନ୍ତା ୨୦୨୬ ଜାନୁଆରୀ ୧ରୁ ଲାଗୁ ହେବାକୁ ଥିବା ଅଷ୍ଟମ ବେତନ କମିଶନ ଲାଗୁ ପାଇଁ ରେଳବାଇ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରକାର ତତ୍ପରତା ପ୍ରକାଶ ପାଇନାହିଁ। ଏପରିକି ଏଥିପାଇଁ ଆବଶ୍ୟକ ବିଜ୍ଞାପ୍ତି ପ୍ରକାଶନ ବା ଏଥିପାଇଁ ଏପର୍ଯ୍ୟନ୍ତ କୌଣସି କମିଟି ଗଠନ କରାଯାଇ ନାହିଁ। ଫଳରେ ଆଗକୁ ବେତନ କମିଶନ ଲାଗୁ ନେଇ ଅନିଶ୍ଚିତତା ଦେଖା ଦେଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସର୍ବ ଭାରତୀୟ ସ୍ତରରେ ନିଖିଳ ଭାରତ ରେଳ କର୍ମଚାରୀ ସଂଘର ଡାକରାରେ ସମସ୍ତ ରେଳବାଇର ଜୋନାଲ ଓ ଡିଭିଜନାଲ ମୁଖ୍ୟାଳୟରେ ଧାରଣ ଦିଆଯାଇଛି। ଏହି କ୍ରମରେ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ରେଳ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଅଷ୍ଟମ ବେତନ ଲାଗୁ ପାଇଁ ରେଳବାଇ ପକ୍ଷରୁ ତୁରନ୍ତ ଏକ କମିଟି ଗଠନ ସହିତ ଗ୍ୟାଜଟ୍ ବିଜ୍ଞପ୍ତି ପ୍ରକାଶନ ଓ ଏଥିପାଇଁ ଲାଗୁ ହେବାକୁ ଥିବା ସର୍ତ୍ତାବଳୀ ପ୍ରସ୍ତୁତ ପାଇଁ ବିଭିନ୍ନ ରେଳବାଇ ସ୍ୱୀକୃତ ସଙ୍ଗଠନର ପରାମର୍ଶ ନେବାକୁ ଦାବି କରାଯାଇଛି। ଏହାବ୍ୟତୀତ ଯୋଗ୍ୟ କର୍ମଚାରୀଙ୍କ ତୁରନ୍ତ ପଦୋନ୍ନତି, ଟିକେଟ୍ ନୀରିକ୍ଷଣ କର୍ମଚାରୀକୁ ଅଯଥା ଚାପଗ୍ରସ୍ତ ନ କରିବା, ବିଭିନ୍ନ ଭତ୍ତା ଓ ବୋନସ ପ୍ରଦାନ, ରାତ୍ରିକାଳୀନ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭତ୍ତାର ବ୍ୟବସ୍ଥା, କର୍ମଚାରୀଙ୍କ ପାଇଁ ଉତ୍ତମ ପ୍ରତୀକ୍ଷାଗାରର ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ଏହା ସହିତ ଅନ୍ୟାନ୍ୟ ସମସ୍ୟା ପ୍ରତି ରେଳ ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ ଜନିତ ଉକ୍ତ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ରେଳ ବୋର୍ଡ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ବୋଲି ସଂଯୋଜକ ମହାନ୍ତି କହିଛନ୍ତି।

# ରାଜ୍ୟ ସରକାରଙ୍କ ନୀତିକୁ ନେଇ ପଶ୍ଚିମ ଓଡ଼ିଶାବାସୀ କ୍ଷୁବ୍ଧ

ସମ୍ବଲପୁର,୧୯।୯(ଭବାନୀ ଶଙ୍କର ଭୋଇ)

**ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରସଙ୍ଗ**

ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଶୁକ୍ରବାର ବିଧାନସଭାର ମୌସୁମୀ ଅଧିବେଶନରେ ଦ୍ୱିତୀୟ ଥର ପାଇଁ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ତଥା ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନ ଥିବା କହିଛନ୍ତି। ଭାଜପା ନିର୍ବାଚନ ସମୟରେ ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା କଥା କହି ପଶ୍ଚିମ ଓଡ଼ିଶାବାସୀଙ୍କ ସମର୍ଥନ ହାସିଲ କରିବାକୁ ଚେଷ୍ଟା କରିଥିବା ବେଳେ ସରକାରକୁ ଆସିବା ପରେ ଭାଜପାର ମନୋଭାବକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ସମ୍ବଲପୁରୀ ଭାଷା ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ୨କୋଟି ରୁ ଊର୍ଦ୍ଧ୍ୱ ଜନସାଧାରଣ ବ୍ୟବହାର କରୁଛନ୍ତି। ଏପରିକି ସମ୍ବଲପୁରୀ ଭାଷାରେ ଏକ ସମୃଦ୍ଧ ସାହିତ୍ୟ ରହିଛି। ତଥାପି ରାଜ୍ୟ ସରକାର ସମ୍ବଲପୁରୀ ଭାଷାକୁ ହତାଦର କରି ସରକାରୀ ସ୍ୱିକୃତି ଦେବାକୁ ମନା କରିବା ପଶ୍ଚିମ ଓଡିଶାବାସୀଙ୍କ ମନରେ ଆଘାତ ଦେଇଥିବା ସ୍ଥାନୀୟ ଲୋକେ ଏବଂ ରାଜନୈତିକ ଦଳର ନେତାମାନେ ମତ ଦେଇଛନ୍ତି।

## ସେମାନେ କହନ୍ତି...

"ପଶ୍ଚିମାଞ୍ଚଳ ବାସୀଙ୍କ ଭାବାବେଗ ପ୍ରତି ସରକାର ବାରମ୍ବାର କୁଠାରଘାତ କରୁଛନ୍ତି। ସମ୍ବଲପୁରୀ ଭାଷାର ସମୃଦ୍ଧ ଇତିହାସ ଏବଂ ପରମ୍ପରାକୁ ସରକାର ଜାଣିଶୁଣି ଚାପି ଦେବାର ପ୍ରୟାସ କରୁଛନ୍ତି। ଯାହା ଆଗାମୀ ଦିନରେ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ। ସରକାରୀ ଦଳର ଆଭିମୁଖ୍ୟକୁ ଆମେ ନିନ୍ଦା କରୁଛୁ।

**ରାମନୁଜ ପଣ୍ଡା, ସଭାପତି ହୀରାଖଣ୍ଡ ସାମ୍ମୁଖ୍ୟ**

"ଗୋଟିଏ ପଟେ କେନ୍ଦ୍ର ସରକାର ସମ୍ବଲପୁରୀ ଭାଷାର ସାହିତ୍ୟିକ ମାନଙ୍କୁ ପଦ୍ମଶ୍ରୀ ପ୍ରଦାନ କରୁଛନ୍ତି। ଅନ୍ୟପକ୍ଷରେ ସମ୍ବଲପୁରୀ ଭଳି ଏକ ସମୃଦ୍ଧ ଭାଷାକୁ ନିଜ ରାଜ୍ୟର ସରକାର ସ୍ୱୀକାର କରିବା ପାଇଁ ରାଜି ନୁହନ୍ତି। ଏଥିରୁ ସରକାରଙ୍କ ସମ୍ବଲପୁରୀ ଭାଷା ବ୍ୟବହାର କରୁଥିବା ଲୋକଙ୍କ ପ୍ରତି ଉଦାସୀନତା ମନୋଭାବ ପ୍ରମାଣିତ ହୋଇଛି।

**ମୁକ୍ତକଣ୍ଠ ପ୍ରଧାନ, ଗବେଷକ ତଥା ଲେଖକ**

"ରାଜ୍ୟ ସରକାର ବାରମ୍ବାର ପଶ୍ଚିମ ଓଡିଶାର ଭାବାବେଗ ସହ ଖେଳ ଖେଳୁଛନ୍ତି। ସରକାର ବୁଝିବା ଦରକାର ଯେ, ସମ୍ବଲପୁରୀ କେବଳ ଆମର ଭାଷା ନୁହେଁ, ଏହା ଆମର ପରିଚୟ ଏବଂ ସମ୍ମାନ ଅଟେ। ଯଦି ସରକାର ଏହି ଦିଗରେ ସଜାଗ ନ ରୁହନ୍ତି ତେବେ ଆମ ସ୍ୱାଭିମାନ, ଆମର ସମ୍ମାନ ପାଇଁ ଲଢ଼ିବା ପାଇଁ ପ୍ରସ୍ତୁତ ଅଛୁ।

**ଇଂ ରୋହିତ ପୂଜାରୀ, ସମ୍ବଲପୁର ଜିଲା ବିଜେଡି ସଭାପତି**

"ପୂର୍ବ ସରକାର ଅମଳରେ କେନ୍ଦ୍ରକୁ ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ଚିଠି ଲେଖା ହୋଇସାରିଥିବା ବେଳେ ବର୍ତ୍ତମାନ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ନିମନ୍ତେ ପ୍ରସ୍ତାବ ନ ଥିବା କହିବା ହାସ୍ୟାସ୍ପଦ। ଏହାର ଅର୍ଥ ରାଜ୍ୟ ସରକାର ସମ୍ବଲପୁରୀ ଭାଷାଭାଷୀ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଆଗାମୀ ଦିନରେ ଲୋକେ ଉଚିତ ଜବାବ ଦେବେ।

**ଦୁର୍ଗା ପାଢୀ, ଜିଲା କଂଗ୍ରେସ ସମିତି ସଂଯୋଜକ।**

# ବୁର୍ଲା ଏନ୍ଏସି କଲେଜରେ ଆଲୋଚନାଚକ୍ର




ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)

ବୁର୍ଲା ଏନ୍ଏସି କଲେଜ ଶିକ୍ଷା ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପରିସରରେ ଅଧକ୍ଷା ସୁବନ୍ଦିତା ମିଶ୍ରଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ 'ଶିକ୍ଷାୟତନରେ ନୀତି, ନୈତିକତା, ବିଷ୍ପତ୍ତି ଓ ଆଦର୍ଶର ଅତୀତ-ବର୍ତ୍ତମାନ' ଶୀର୍ଷକ ଏକ ଦିନିଆ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ସିରାଜ୍ ଉଲ୍ ହକ୍, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ. ଯୁବରାଜ ଖମାରୀ ଓ ସମ୍ମାନିତ ଅତିଥି ଭାବେ ଧମା ମହାବିଦ୍ୟାଳୟର ଅଧାପକ ପ୍ରମୋଦ ଦେହୁରୀ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଖମାରୀ ନିଜ ବକ୍ତବ୍ୟରେ ଶିକ୍ଷାୟତନରେ ସଫଳତା ନୀତି, ନୈତିକତା ଓ ଆଦର୍ଶ ଜନିତ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି କହିଥିଲେ। ପ୍ରାରମ୍ଭରେ ଶିକ୍ଷା ବିଭାଗ ମୁଖ୍ୟ ରଜନୀମାନ୍ତ ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଅଧାପକ ମନୋଜ ହରିପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅସବସରରେ ନବାଗତ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ଭାଗରେ ଶିକ୍ଷା ବିଭାଗ ଦ୍ୱିତୀୟ ଓ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆର୍ଡିସି, ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଫେରାଦ

ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)

■ ଜଙ୍ଗଲ ଜମିକୁ ସୁରକ୍ଷା ଦାବି
■ ୩୦ ଦିନ ମଧରେ ଜମିପଟ୍ଟା ରଦ୍ଦ ଦାବି
■ ଅନ୍ୟଥା ଆନ୍ଦୋଳନ ଚେତାବନୀ

ଜମନକେରା ବ୍ଲକ ଅନ୍ତର୍ଗତ ବାମରା ରେଞ୍ଜ ଅଧିଷ୍ଠ ବନମାଳ ଓ ବାଙ୍କଟାଲ ଗ୍ରାମ ମଝିରେ ଥିବା ପ୍ରାୟ ୩୦ ଏକର ଜଙ୍ଗଲ ଜମିକୁ ଜଙ୍ଗଲ ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ସୁରକ୍ଷା ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ। ଏହା ସହିତ ଜଣେ ବ୍ୟକ୍ତି ଏହି ଜଙ୍ଗଲ ମଧରେ ଥିବା ପ୍ରାୟ ୬ ଏକର ଜମିକୁ ନିଜର ଦର୍ଶାଇ ତାଙ୍କ ନାମରେ ପଟ୍ଟା ରହିଥିବା ଦାବି କରୁଛନ୍ତି। ତେଣୁ ଉକ୍ତ ପଟ୍ଟାକୁ ତୁରନ୍ତ ରଦ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଶୁକ୍ରବାର ବନମାଳ ଓ ବାଙ୍ଗଟାଲ ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍ଡିସି) ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଉକ୍ତ ଜଙ୍ଗଲ ଜମିର ସୁରକ୍ଷା ସହିତ ଉକ୍ତ ବ୍ୟକ୍ତିଙ୍କ ପଟ୍ଟାକୁ ତୁରନ୍ତ ରଦ୍ଦ କରିବାକୁ ଦାବି କରିଛନ୍ତି। ଗ୍ରାମବାସୀ ପ୍ରଥମେ ଆରଡିସି କାର୍ଯ୍ୟାଳୟରେ ଆର୍ଡିସିଙ୍କ ଅନୁପସ୍ଥିତିରେ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାବାଦ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଏନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଏହାର ଉପଯୁକ୍ତ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇ ବିଗତ ଦୀର୍ଘ ୭୩ ବର୍ଷ ଧରି ବନମାଳ ଓ ବାଙ୍କଟାଲ ସହିତ ନିକଟସ୍ଥ ୫ଟି ଗ୍ରାମରେ ବସବାସ କରୁଥିବା ଦୁଇ ପୀଢ଼ି ପରିବାର ଉକ୍ତ ଅଞ୍ଚଳରେ ଥିବା ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛନ୍ତି। ଏପରିକି ଗ୍ରାମରେ ଏକ କମିଟି ଗଠନ କରି ବିଶେଷ କରି କାଠଚୋରମାନଙ୍କ କବଳରୁ ଉକ୍ତ ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛନ୍ତି। ଏହାସହିତ ଜଙ୍ଗଲ ବିଭାଗ ପକ୍ଷରୁ ଜାରି ସଚେତନତା ନିମୟକୁ ଅନୁପାଳନ ପୂର୍ବକ ଜଙ୍ଗଲକୁ କେବଳ ସୁରକ୍ଷା ନହେଁ ବରଂ ଗ୍ରାମବାସୀ ଏହାର ଉପଯୁକ୍ତ ରକ୍ଷଣା ବେକ୍ଷଣ ମଧ କରୁଛନ୍ତି। ଫଳରେ ନିକଟସ୍ଥ ଗ୍ରାମର ଅଧିବାସୀ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ବ୍ୟାପକ ଭାବେ ଉପକୃତ ହେଉଛନ୍ତି। ମାତ୍ର ଉକ୍ତ ବ୍ୟକ୍ତି ଏହି ଜମିକୁ ଚିହ୍ନଟ କରିବା ସହ ଏଥିରେ ଥିବା ୬ ଶହରୁ ଅଧିକ ମୂଲ୍ୟବାନ ଗଛ କାଟିବାକୁ ପ୍ରସ୍ତୁତି କରୁଥିଲେ। ଯାହାକୁ ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରିଛନ୍ତି। ଏହାକୁ ନେଇ ପୂର୍ବରୁ ବାମରା ବନଖଣ୍ଡ ଅଧିକାରୀ, କୁଚିଣ୍ଡା ଅଇଟିଡିଏ ଓ କୁଚିଣ୍ଡା ଉପଜିଲାପାଳଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରି ଗ୍ରାମବାସୀଙ୍କ ପକ୍ଷରୁ ଅନୁରୂପ ଦାବି କରାଯାଇଛି। ଏହାବାଦ ଶୁକ୍ରବାର ପୁନର୍ବାର ଆର୍ଡିସି ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ସେମାନେ କହିଛନ୍ତି ଯେ, ସମ୍ପୃକ୍ତ ଜମି ପଟ୍ଟା ୩୦ ଦିନ ମଧ୍ୟରେ ନାକଚ କରାଯାଉ। ଅନ୍ୟଥା ଦୁର୍ବାର ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ତେବେ କେଉଁ ନିୟମ ବଳରେ ଦୀର୍ଘ ୭୩ ବର୍ଷ ଧରି ଗ୍ରାମବାସୀଙ୍କ ଦ୍ୱାରା ସୁରକ୍ଷିତ ରଖା ଯାଇଥିବା ସଂରକ୍ଷିତ ଜଙ୍ଗଲ ମଧରେ ଉକ୍ତ ବ୍ୟକ୍ତିଙ୍କ ଦାବି ଅନୁସାରେ ତାଙ୍କୁ ଜଙ୍ଗଲ ଜମିରେ ପଟ୍ଟା ମିଳିଲା ତାହା ବର୍ତ୍ତମାନ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନ୍ମଥ ଓରାମ, ଦେବନ୍ଦ୍ର ଓରାମ, ଜିତେନ୍ଦ୍ର ଭୋଇ, କିଶୋର ଭୋଇ, କୁଲୁଣ୍ଡି ସମିତ ସଭ୍ୟ ମାଳିତୀ ଓରାମ, ବନମାଳ ଗ୍ରାମର ପୂର୍ବତନ ସରପଞ୍ଚ ବାସନ୍ତୀ ମିର୍ଦ୍ଧା ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

# ପ୍ରଫେସର ଦୁର୍ଗା ପ୍ରସାଦ ନାୟକଙ୍କ ସ୍ମାରକୀ ବକ୍ତୃତାମାଳା

ସମ୍ବଲପୁର,୧୯।୯(ବି.ଶଙ୍କର)

ଭାରତୀୟ ଚିନ୍ତନ ଓ ପରମ୍ପରା ସାମ୍ୟବାଦର ଆଦର୍ଶ ଉପରେ ପର୍ଯ୍ୟବେସିତ। ବସୁଧୈବ କୁଟୁମ୍ବକମ ଯାହାର ଆଧାର ତାକୁ ନବଚିନ୍ତା, ନବଚେତନାର ଆବଶ୍ୟକତା ନାହିଁ ବୋଲି ମତ ପ୍ରକାଶ ପାଇଛି। ସୈରିନ୍ଦ୍ରୀ ନାୟକ ମେମୋରିଆଲ ଟ୍ରଷ୍ଟ ଆୟୋଜିତ ପ୍ରଫେସର ଦୁର୍ଗା ପ୍ରସାଦ ନାୟକଙ୍କ ଶ୍ରାଦ୍ଧବାର୍ଷିକୀରେ ଶୁକ୍ରବାର ସାମ୍ବାଦିକ ଭବନଠାରେ ସ୍ମାରକୀ ବକ୍ତୃତାମାଳା ହୋଇଥିଲା। ଅଧ୍ୟାପକ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଯେଉଁ ସାହିତ୍ୟ ସାଧାରଣ ଲୋକଙ୍କର କଥା କୁହେ ନାହିଁ, ତାହା ସାହିତ୍ୟର ଧାରା ଧରେ ନାହିଁ। ଅଥବା ଆଦୃତି ଲାଭ କରେ ନାହିଁ। ସାମ୍ୟବାଦୀ ଚିନ୍ତାଧାରାର ପ୍ରଭାବରେ ସାହିତ୍ୟର ଯେଉଁ ଧାରା ଆରମ୍ଭ ହେଲା ତାହା ଶୋଷିତ, ଉପେକ୍ଷିତ, ଲାଞ୍ଛିତ ଲୋକଙ୍କ କଥା କହିଥିଲା। ଶୋଷଣକାରୀ ବିରୁଦ୍ଧରେ ମୁଣ୍ଡ ଟେକିବାର ଅବସର ଆଣିଥିଲା। ଫକୀର ମୋହନ ସେନାପତିଙ୍କ ରଚନାବଳୀ ଏହାର ଆଦ୍ୟ ଦୃଷ୍ଟାନ୍ତ ଅଟେ। ସାମ୍ୟବାଦ ଭାରତର ପରମ୍ପରା ଠାରୁ ଭିନ୍ନ ନୁହେଁ। ପରାଧିନ ଭାରତର ସମୟ କାଳକୁ ବାଦ ଦେଲେ ବିଶ୍ୱ ଭାତୃତ୍ୱ ଭାରତର ଚରିତ୍ର ଓ ପରମ୍ପରା ଅଟେ। ଟ୍ରଷ୍ଟର ସଭାପତି ଡ. ନିରୂପମା ବଡ଼ପଣ୍ଡା ସ୍ୱାଧିନତା ସଂଗ୍ରାମ ସହିତ ବିଭିନ୍ନ କ୍ଷେତ୍ରରେ ଦୁର୍ଗା ପ୍ରସାଦ ନାୟକଙ୍କ ବହୁମୁଖି ଅବଦାନ ବାବଦରେ ଆଲୋଚନା କରିଥିଲେ। ଶ୍ରମିକ ନେତା ଗୋକୁଳ ମେହେର ଶ୍ରମିକ କଲ୍ୟାଣ ଓ ନ୍ୟାୟ ପ୍ରାପ୍ତି ଦିଗରେ ଦୁର୍ଗା ପ୍ରସାଦ ନାୟକଙ୍କ ଯୋଗଦାନ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ ରବିନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ସହିତ ଶ୍ରମିକ କଲ୍ୟାଣ ପାଇଁ ଦୁର୍ଗା ପ୍ରସାଦ ନାୟକଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।

# ୧୦ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ, ୧୦୦୦ ଛାତ୍ରୀଛାତ୍ର ଉପକୃତ

ଭୁବନେଶ୍ୱର,୧୯।୯(ଅନୁରାଧା ମହାରଣା)

**ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ବିଦ୍ୟା**

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଗୁଣାତ୍ମକ ଶିକ୍ଷାକୁ ଆଗକୁ ବଢାଇବା ପାଇଁ ପ୍ରୟାସ କରାଯାଉଛି। ଝାରସୁଗୁଡା ଜିଲାର କୁରାଲୋଇ ଅଞ୍ଚଳର ୧୦ଟି ସରକାରୀ ସ୍କୁଲର ୧୦ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଗଣିତ, ବିଜ୍ଞାନ ଏବଂ ଇଂଲିଶ ଆଦି ବିଷୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ୧୦୦୦ରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଆଶା କରାଯାଉଛି। ଝୈରକୁନି ହାଇସ୍କୁଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ, ନୂତନ ଭାବରେ ନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁରାଲୋଇର ସରପଞ୍ଚ ସନାତନ ନାଏକ ଯୋଗଦେଇଥିଲେ। ଏପ୍ରିଲ୨୦୨୫ରେ ଘୋଘରପାଲି ଏବଂ ଯାମକାନିର ୨୦ଟି ସ୍କୁଲରେ ୨୨ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବାପରେ ଏହି କାର୍ଯ୍ୟକ୍ରମ ଏବେ କୁରାଲୋଇ ଅଞ୍ଚଳର ବିସ୍ତାରିତ ହେଉଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଶିକ୍ଷା ହେଉଛି ସାମାଜିକ ପ୍ରଗତି ପାଇଁ ମୂଳଦୁଆ, ଏବଂ ବେଦାନ୍ତରେ, ଆମେ ଏହାକୁ ଯଥା ସମ୍ଭବ ସମର୍ଥନ କରିବାକୁ ପ୍ରତିବଦ୍ଧ।

# ଭାଜପାର ସେବାପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର


ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

କୁଚିଣ୍ଡା,୧୯।୯(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାରରେ ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଇଁ ସେବାପକ୍ଷ ପାଳନ ଅବସରରେ କୁଚିଣ୍ଡା ଭାଜପା ନଗର ମଣ୍ଡଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୋଟ ୧୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ଭାଜପା ସମ୍ବଲପୁର ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲ, ବିବେକ ରାୟ, ଅମିତ ପ୍ରତାପ ସିଂ,ବାବୁଲୁ ଖଣ୍ଡା, ଚିତ୍ତରଞ୍ଜନ ଭୋଇ, କୁଞ୍ଜଲତା ନାଏକ, ସଙ୍ଗିତା ଦାଶ, ଜୟନ୍ତ ବାଘଙ୍କ ସମେତ ବହୁସଂଖ୍ୟକ କର୍ମୀ ଓ ରକ୍ତଦାତା ସାମିଲ ହୋଇଥିଲେ। କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନାର ରକ୍ତଭଣ୍ଡାର ଟେକ୍ନିସିଆନ ପ୍ରମୋଦ ପଟେଲ, ମାନସ କୁମାର ମହଲା, ଶ୍ରୀଧର ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ଏମ୍ସିଏଲ୍ ଇଲେକ୍ଟ୍ରିକାଲ ସବ୍ଷ୍ଟେଶନରେ ବିଶ୍ୱକର୍ମା ପୂଜା

ସମ୍ବଲପୁର,୧୯।୯(ବି.ଶଙ୍କର)

ସମ୍ବଲପୁର ମହାନଗର ଅନ୍ତର୍ଗତ ବୁର୍ଲା ସ୍ଥିତ ମହାନଦୀ କୋଇଲା କମ୍ପାନୀର ଆନନ୍ଦ ବିହାର ସବଷ୍ଟେସନରେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ଏନେଇ ଶୁକ୍ରବାର ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ଡି. ତରୁଣ ସାଇ କର୍ତ୍ତା ଭାବରେ ଯୋଗ ଦେଇଥିଲେ। ମହା ପ୍ରବନ୍ଧକ (ଇ ଆଣ୍ଡ ଏମ୍)ଗୋବର୍ଦ୍ଧନ ମହାପାତ୍ର ଓ ଦୁଃଶାସନ ସେଠୀ, ମହାପ୍ରବନ୍ଧକ (ସିଭିଲ) ଜ୍ୟୋତିର୍ମୟୀ ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜେନା ଷ୍ଟେସନ ଇନଚାର୍ଜ ଖଗେଶ୍ୱର ଜେନା, ରାମ ପଣ୍ଡା, ଦୁର୍ଗା ପ୍ରସାଦ ତ୍ରିପାଠୀ, ମୋହନ ସାହୁ, ଏମ ଖାନ, ପ୍ରଶାନ୍ତ ସୁନା, ସତ୍ୟ ନାରାୟଣ ଦଳେଇ ଏବଂ ଅନ୍ୟ କର୍ମଚାରୀମାନେ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ।


ମହାନଦୀ କୋଇଲା କମ୍ପାନୀର ଆନନ୍ଦ ବିହାର ସବଷ୍ଟେସନରେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା।

# ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର

ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)


ଗାଇ ବଳାତ୍କାର ଓ ହତ୍ୟା ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ପାଇଁ ସେବା କୁଞ୍ଜ ସଙ୍ଗଠନର କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଭାଲୁପାଲିରେ ଏକ ଗାଇକୁ ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ଦାବି କରିଛି ସାମାଜିକ ସଙ୍ଗଠନ 'ସେବା କୁଞ୍ଜ ସଙ୍ଗଠନ'। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମଧାହ୍ନରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତକରି ସଙ୍ଗଠନ ପକ୍ଷରୁ ଏସମ୍ପର୍କିତ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ସଙ୍ଗଠନ ପକ୍ଷରୁ କୁହାଯାଇଛି, ଅଭିଯୁକ୍ତ ଜଣକ ପାସବିକତାର ସମସ୍ତ ସୀମା ପାରିକରି ଏଭଳି ଏକ ଘୃଣ୍ୟ କାର୍ଯ୍ୟକୁ ରୂପ ଦେଇଛନ୍ତି। ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ତେବେ ଯଥାଶୀଘ୍ର ପ୍ରାଣୀ ସମ୍ପଦ ପ୍ରତି ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଏହି ମାମଲାକୁ ଏକ ଫାଷ୍ଟ-ଟ୍ରାକ୍ କୋର୍ଟରେ ବିଚାର କରିବା, ଅଭିଯୁକ୍ତଙ୍କୁ କଠୋରତମ ଦଣ୍ଡବିଧାନ କରିବା, ଅପରାଧର ଗୁରୁତ୍ୱ ଓ ସାମାଜିକ ପ୍ରଭାବକୁ ଦୃଷ୍ଟିରେ ରଖି, କୌଣସି ପରିସ୍ଥିତିରେ ଅଭିଯୁକ୍ତଙ୍କୁ ଜାମିନ ନ କରିବା, ନ୍ୟାୟ ପ୍ରଦାନରେ ଜନସାଧାରଣଙ୍କ ବିଶ୍ୱାସକୁ ଅତୁଟ ରଖିବା ନିତିରେ ନିୟମିତ ଭାବେ ମାମଲାର ଅଗ୍ରଗତିକୁ ସାର୍ବଜନୀନ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା, ବିପିନ ବିହାରୀ ପଣ୍ଡା, ହେମାନନ୍ଦ ଦେହୁରୀ, ଆଦି ନନ୍ଦ, ସୋମଦତ୍ତ ଦାଶ, ସୁମିତ କୁମାର ସାହୁ, ବିପ୍ଳବ ମହାନନ୍ଦ, ଶିବ ରାଉତ, ସନ୍ତୋଷ ମେହେର, କରଣ ମେହେର, ଅସୀମ କୁମାର ପାଢ଼ୀ ପ୍ରମୁଖଙ୍କ ସହିତ ଅନ୍ୟ ସଦସ୍ୟମାନେ ଜିଲାପାଳଙ୍କୁ ସାକ୍ଷାତକରି ଦାବପତ୍ର ପ୍ରଦାନ କରିଥିଲେ।

**ଗାଇକୁ ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ**

ସୂଚନାଯୋଗ୍ୟ, ଗାଇ ବଳାତ୍କାର ଓ ହତ୍ୟା ଘଟଣାରେ ଅଇଁଠାପାଲି ଥାନା ପୋଲିସ ଅଭିଯୁକ୍ତ କୁଚିଣ୍ଡା ଥାନା ଅନ୍ତର୍ଗତ ଠାକୁର ନିକିତିମାଲ ଗ୍ରାମର ମୂଳ ବାସିନ୍ଦା ଓ ବର୍ତ୍ତମାନ ଭାଲୁପାଲିରେ ରହି ଏଠାରେ ଟ୍ରାକ୍ଟର ଚାଳକ ଭାବେ କାର୍ଯ୍ୟ କରୁଥିବା ସୁନୀଲ ନାଗ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭାଲୁପାଲିର ଜଣେ ବ୍ୟକ୍ତିଙ୍କ ଗୃହର ଲୁହା ଗେଟ୍‌ରେ ଗାଇକୁ ବାନ୍ଧି ବଳାତ୍କାର କରିବାରୁ ଶ୍ୱାସ ରୁଦ୍ଧ ହୋଇ ଗାଇର ମୃତ୍ୟୁ ଘଟିଥିଲା। ଗୃହ ମାଲିକଙ୍କ ଅଭିଯୋଗ କ୍ରମେ ଅଇଁଠାପାଲି ଥାନାରେ ପୋଲିସ ଏକ ମାମଲା (ନଂ.୩୧୨/୨୦୨୫) ରୁଜୁ କରିଥିଲା।

# ୧୨ ଘଣ୍ଟିଆ କଣ୍ଟାମାଳ ବନ୍ଦ

କଣ୍ଟାମାଳ/ଘଣ୍ଟାପଡା/ଖୁଣ୍ଟିଗୋରା/ପଲସାଗୋରା,୧୯।୯(ଆଦିତେଶ୍ୱର ମିଶ୍ର/ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ/ଅଶ୍ୱିନୀ ନନ୍ଦ)



ବନ୍ଦ ପାଳନରେ ସାମିଲ କଣ୍ଟାମାଳ ସଚେତନ ନାଗରିକ ମଞ୍ଚ ସଦସ୍ୟ ଓ ଅନ୍ୟମାନେ ।

- କଣ୍ଟାମାଳକୁ ଏନଏସି, ଉପଖଣ୍ଡ ଘୋଷଣା ଦାବି
- ଅଫିସ ଦୋକାନ ବଜାର ବନ୍ଦ, ଯାତାୟାତ ବାଧାପ୍ରାପ୍ତ

ବୌଦ୍ଧ ଜିଲା କଣ୍ଟାମାଳକୁ ସବ୍‌ଡ଼ିଭିଜନ,ଏନଏସି ଘୋଷଣା ସହ ଏକ ସବ୍‌ଜେଲ ପ୍ରତିଷ୍ଠା ଦାବିରେ କଣ୍ଟାମାଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ଦିଆଯାଇଥିବା ୧୨ଘଣ୍ଟିଆ କଣ୍ଟାମାଳ ବନ୍ଦ ସଫଳ ହୋଇଛି। ଶୁକ୍ରବାର ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଛି। ସକାଳୁ କଣ୍ଟାମାଳ ଓକିଲ ସଂଘ ସଭାପତି ଦୁତିଆ ଚରଣ ସାହୁଙ୍କ ନେତୃତ୍ୱରେ ସଚେତନ ନାଗରିକ ମଞ୍ଚ ସଦସ୍ୟ,ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ବଣିକ ସଂଘ ଓ ସ୍ଥାନୀୟ ଜନସାଧାରଣ ପିକେଟିଂ କରି କଣ୍ଟାମାଳ ଅଞ୍ଚଳର ସମସ୍ତ ଦୋକାନ, ବଜାର, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ବନ୍ଦ ଯୋଗୁ ବହୁ ଯାନବାହାନ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଏପରିକି କଣ୍ଟାମାଳ ସାପ୍ତାହିକ ହାଟ ମଧ ବନ୍ଦ ରହିଥିଲା। କଣ୍ଟାମାଳ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ସୂଚନା ଅନୁସାରେ, ବୌଦ୍ଧ ଜିଲାର ସର୍ବାଧିକ ୨୪ ଗୋଟି ପଞ୍ଚାୟତ ଓ ଅଧିକ ଲୋକସଂଖ୍ୟା ଥିବା କଣ୍ଟାମାଳ ବ୍ଲକକୁ ଉପଖଣ୍ଡ ଓ ଏନଏସି ମାନ୍ୟତା ସହ ଏକ ଉପ କାରଗାର ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। କଣ୍ଟାମାଳ ଉପରେ ପଡୋଶୀ ସୁବର୍ଣ୍ଣପୁର, କନ୍ଧମାଳ, କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ଲୋକେ ସ୍ୱାସ୍ଥ୍ୟ, ବ୍ୟବସାୟ ଆଦି ପାଇଁ ନିର୍ଭର କରିଥାନ୍ତି। ନୂତନ ଏନଏସି ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି କଣ୍ଟାମାଳ ଓକିଲ ସଂଘ ଓ ଜନସାଧାରଣ ବିଭିନ୍ନ ସମୟରେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରି ଆସିଛନ୍ତି। ରାଜ୍ୟରେ ନୂଆ ଏନଏସି ପାଇଁ ଗତ ଅଗଷ୍ଟ ୩୧ରେ ନୋଟିସ ପ୍ରକାଶ ପାଇଥିଲା। ଏଥିରେ ୧୦ ଜିଲାରେ ୧୬ ଏନଏସି ଓ ୩ ଜିଲାରେ ୭ଟି ଏନଏସିକୁ ମ୍ୟୁନିସିପାଲିଟି ଗଠନ ହେବା ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ବିଜ୍ଞପ୍ତିରେ ବୌଦ୍ଧ ଜିଲାର କଣ୍ଟାମାଳର ନାମ ନ ଥିଲା । ଯାହାକୁ ନେଇ କଣ୍ଟାମାଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। କଣ୍ଟାମାଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗତ ୪ ତାରିଖରେ ପ୍ରଦାନ କରାଯାଇଥିଲା। ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଏହି ପରିପ୍ରେକ୍ଷୀରେ ହୋଇଥିବା ବନ୍ଦ ପାଳନ ଅବସରରେ କଣ୍ଟାମାଳ ଗିରିଗୋବର୍ଦ୍ଧନ ମନ୍ଦିରରୁ ଏକ ସଚେତନତା ବାଇକ୍ ରାଲି ବାହାରି ମଲ୍ଲିକୁଦ ପର୍ଯ୍ୟନ୍ତ ଯାଇଥିଲା। ତେବେ ଅତ୍ୟାବଶ୍ୟକ ଜରୁରୀ ସେବା ଓ ପରୀକ୍ଷା କେନ୍ଦ୍ର ଥିବା ସ୍କୁଲ ଖୋଲା ରହିଥିଲା । ବନ୍ଦ ପାଳନରେ କଣ୍ଟାମାଳ ସଚେତନ ନାଗରିକ ମଞ୍ଚ ସହ ଓକିଲ ସଂଘ, ବଣିକ ସଂଘ, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସାମ୍ବାଦିକ ସଂଘ ସମେତ ଅଞ୍ଚଳର ସଚେତନ ନାଗରିକ, ବିଭିନ୍ନ ସଂଗଠନର ସଦସ୍ୟ ଏବଂ ଦଳମତ ନିର୍ବିଶେଷରେ କଣ୍ଟାମାଳର ସମସ୍ତ ରାଜନୈତିକ ଦଳର ବ୍ୟକ୍ତି ବିଶେଷ ସାମିଲ ଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବା ସହ କଣ୍ଟାମାଳକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦିଆଯାଇଛି ।

## ୨୧ରେ ମା' ସମଲେଇଙ୍କ ଧବଳମୁଖି ବେଶ ଦର୍ଶନ

ସମ୍ବଲପୁର,୧୯।୯(ବି.ଶଙ୍କର)


ମା' ସମଲେଶ୍ୱରୀ ।

ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟ ପବିତ୍ର ମହାଳୟା ତିଥିରେ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ପୂଜକମାନଙ୍କର ମିଳିତ ନିଷ୍ପତି କ୍ରମେ ଚଳିତବର୍ଷ ସମଲେଶ୍ୱରୀଙ୍କ ଧବଳମୁଖୀ ଦର୍ଶନ ସମୟ ନିର୍ଘଣ୍ଟ ଶୁକ୍ରବାର ସ୍ଥିର କରାଯାଇଛି। ଏହି କ୍ରମରେ ଚଳିତମାସ ୨୧ ତାରିଖ ମହାଳୟା ତିଥିରେ ପ୍ରାତଃ ୪ଟା୩୦ ମିନିଟରେ ସମଲେଇଙ୍କଠାରେ ମଙ୍ଗଳ ଆଳତି ନୀତି ହେବ। ଏହାପରେ ପ୍ରାତଃ ୫ଟାରୁ ଭକ୍ତମାନଙ୍କ ଦର୍ଶନ ସକାଶେ ଦ୍ୱାର ଉନ୍ମୋକ୍ତ କରାଯିବ। ଅନ୍ନ ଭୋଗ ସକାଶେ ପୂର୍ବାହ୍ନ ୧୧ଟା୪୫ ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ। ପହଡ ନୀତି ପରେ ପୁଣି ଦର୍ଶନ ଆରମ୍ଭ ହେବ। ସନ୍ଧ୍ୟା ୭ଟା ୪୫ରେ ମହାଆଳତି, ରାତ୍ରି ୧୦ଟା ୩୦ରେ ସମଲେଇଙ୍କ ପହଡ ନୀତି ହେବ। ସେହିପରି ଚଳିତ ମାସ ରବିବାର ୨୧ ରୁ ୨୩ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୫ ପର୍ଯ୍ୟନ୍ତ ସମଲେଇଙ୍କ ଧବଳମୁଖି ବେଶ ଭକ୍ତମାନେ ଦର୍ଶନ କରିପାରିବେ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଞ୍ଜୟ ବାବୁ ସୂଚିତ କରିଛନ୍ତି। ଦେବୀଙ୍କ ଏହି ବେଶ ଦର୍ଶନ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ପ୍ରକାର ସୁବିଧା କରାଯାଉଛି। ଭକ୍ତମାନଙ୍କ ଦର୍ଶନ କିପରି ସୁଚାରୁ ଭାବେ ହେବ, ସେନେଇ ଟ୍ରଷ୍ଟ ବୋର୍ଡ ଓ ପୂଜକମାନେ ପ୍ରସ୍ତୁତି କରୁଛନ୍ତି। ସୂଚନାଯୋଗ୍ୟ, ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରୁ ସମଲେଇ ପୀଠରେ ଷୋଡଶ ପୂଜା ରୀତିନୀତି ଓ ପରମ୍ପରାନୁସାରେ ଆରମ୍ଭ ହୋଇଛି। ସମଲେଇଙ୍କୁ ଷୋହଳ ଜ୍ୟୋତି ଯଥା ନାରାୟଣୀ, ଇସାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ରୂପେ ପୂଜାର୍ଚ୍ଚନା କରାଯିବା ନିତି ରହିଛି। ଅପରପକ୍ଷେ ମହାଳୟା ତିଥିରେ ଦେବୀ ଗଙ୍ଗା ତଥା ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଦିନ ମାନସିକ ଦୀପ ପ୍ରଜ୍ୱଳନ ଓ ଭୁବନେଶ୍ୱରୀ ମନ୍ତ୍ରରେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥାଏ । ସେହିପରି ଆଶ୍ୱିନ ପୂର୍ଣ୍ଣିମା ତିଥିରେ ଦେବୀଙ୍କ ରାଜରାଜେଶ୍ୱରୀ ବେଶ ହେଉଥିବା ପରମ୍ପରା ରହିଛି।

## ସଂକ୍ଷେପରେ

### କାର୍ ସହ ବାଇକ୍ ଧକ୍କା: ଜଣେ ମୃତ

ବିନିକା, ୧୯।୯ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ପେଟ୍ରୋଲ ପମ୍ପ ପାଖରେ ଶୁକ୍ରବାର କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବାର୍ଙ୍ଗିଘିଡି ଗ୍ରାମର ରମେଶ ଚାଉଁର ଓ ଆହତ ଜଣକ ସେହି ଗ୍ରାମର ଟୁକୁ ସାହୁ। ରମେଶ ତାଙ୍କ ସାଙ୍ଗ ଟୁକୁଙ୍କ ସହ ବାଉଁଶୁଣି ପଞ୍ଚାୟତ ଭିକାବାହାଲି ଗ୍ରାମରୁ ବାଇକ୍ ଯୋଗେ ଫେରୁଥିବାବେଳେ ସେଲେଡି ପେଟ୍ରୋଲ ପମ୍ପ ପାଖରେ ଦୁର୍ଘଟଣା ଘଟିଥିଲା। ଓଡ଼ି ୧୫ବି ୮୭୬୪ ନମ୍ବର କାର ପଛପଟରୁ ଧକ୍କା ଦେବାରୁ ଦୁହେଁ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବିନିକା ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିବା ବେଳେ ଟୁକୁଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏନେଇ ବିନିକା ଥାନାରେ ଏକ ମାମଲା (ନଂ.୧୯୧/୨୦୨୫) ରୁଜୁ ହୋଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସନ୍ଧ୍ୟା ହେବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଶନିବାର ମୃତଦେହ ବ୍ୟବଚ୍ଛେଦ ହେଲା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।

### ନୂଆପଡ଼ା ଜିଲାରେ ପୁଣି ବାଘ ଆତଙ୍କ

ନୂଆପଡ଼ା,୧୯।୯ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ମୋଟା ନୂଆପଡ଼ା ପଞ୍ଚାୟତ କୁକୁଡ଼ାତାଲ ଗାଁ ମୁଶରଙ୍ଗୀ ସଂରକ୍ଷିତ ଜଙ୍ଗଲରେ ପୁଣି କଲରାପତରିଆ ବାଘ ଦେଖାଯାଇଛି। ଜଙ୍ଗଲର ଏକ ପଥର ଉପରେ ବାଘ ବସିଥିବା ନେଇ ସୋସିଆଲ ମିଡିଆରେ ଖବର ପ୍ରଚାରିତ ହେଲା ପରେ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ଏହି ସଂରକ୍ଷିତ ଜଙ୍ଗଲରେ ଅନେକ ଗୁମ୍ଫା ରହିଥିବାରୁ ଅନେକ ସମୟରେ ବାଘ ଆସି ଏଠାରେ ଆଶ୍ରୟ ନିଅନ୍ତି। ପ୍ରକାଶଥାଉ କି ୨୦୧୯ ଅଗଷ୍ଟ ୮ରେ ଏହି ଜଙ୍ଗଲର ଏକ ପଥର ଉପରେ ୨ଟି କଲରାପତରିଆ ବାଘ ବସିଥିବା ଫଟୋ ଗ୍ରାମବାସୀ କ୍ୟାମେରାରେ କଏଦ କରିଥିଲେ। ପୁଣି ଗୁରୁବାର ସେହି ପଥର ଉପରେ ବାଘ ବସିଥିବା ଦେଖି ଗାଁ ଯୁବକମାନେ ମୋବାଇଲରେ ଫଟୋ ଉଠାଇଛନ୍ତି। ସୁନାବେଡ଼ା ଅଭୟାରଣ୍ୟକୁ ଲାଗି ମୁଶରଙ୍ଗୀ ଜଙ୍ଗଲ ରହିଥିବାରୁ ଶିକାର ଆଶାରେ ବାଘ ଚାଲିଆସୁଥିବା ଲୋକେ ଅନୁମାନ କରୁଛନ୍ତି । ଜଙ୍ଗଲ ଭିତରେ ରହିଥିବା ବାଘ କୌଣସି ଧନଜୀବନ କ୍ଷୟକ୍ଷତି କରି ନ ଥିବାବେଳେ ଗୋଟିଏ ପୋଷା କୁକୁରକୁ ମାରି ଖାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ନୂଆପଡ଼ା ବନ ବିଭାଗ କର୍ମଚାରୀ ଏହି ଜଙ୍ଗଲରେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ଏହାସହ ପାଖ ଗାଁକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛନ୍ତି ।

## ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



ଉତ୍ସବରେ ମଞ୍ଚାସୀନ ଅତିଥି

ଲୋଇସିଂହା,୧୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟର ୧୧ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ଡା.ଜ୍ୟୋତିର୍ମୟୀ ପଧାନ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷା ତାଙ୍କ ଅଭିଭାଷଣରେ ପରିଶ୍ରମ କରିବା ସହ ସତ୍ୟ ଓ ଶୃଙ୍ଖଳା ପଥରେ ଚାଲିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ଅକ୍ଷୟପାଣି ଉଦ୍ଗୁ, ସମ୍ମାନିତ ଅତିଥି ଭାବେ ଗୀତାଞ୍ଜଳି ପଣ୍ଡା, ଶିକ୍ଷାବିତ୍ କାହ୍ନୁଚରଣ ଦର୍ଜି,ଏମ୍‌ପି ପ୍ରତିନିଧି ବାଳକୃଷ୍ଣ ଧରୁଆ ମଞ୍ଚାସୀନ ହୋଇଥିଲେ। ଅତିଥିଗଣ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ ଜୀବନରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସନ୍ତୋଷିନୀ ମିଶ୍ର ଓ ଶିକ୍ଷକ ସୁଶାନ୍ତ ମେହେର ସଭା କାର୍ଯ୍ୟ ସଂଯୋଜନା କରିଥିଲେ । ଶିକ୍ଷୟିତ୍ରୀ ରୀନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ର ନିର୍ଯାତନା ଘଟଣାରେ ପ୍ରଧାନ ଶିକ୍ଷକ ନିଲମ୍ବିତ

ନୂଆପଡ଼ା,୧୯।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଟିମନପୁର ଆଶ୍ରମ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ନିର୍ଯାତନା ଦେବା ଘଟଣାରେ ପ୍ରଧାନ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ସୂଚନା ଅନୁଯାୟୀ କଳାହାଣ୍ଡି ଜିଲା ଗୋଲାମୁଣ୍ଡାର ଆକାଶ ନାଏକ ନାମକ ଛାତ୍ର ଚଳିତ ଶିକ୍ଷା ବର୍ଷରୁ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ଗତ ୧୫ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଉକ୍ତ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ମନୋଜ କୁମାର ହୋତା ମାରପିଟ କରିଥିଲେ। ଏହି ଘଟଣାକୁ ଅନ୍ୟ ଛାତ୍ରଙ୍କ ସହାୟତାରେ ନିଜ ମୋବାଇଲରେ ରେକର୍ଡ କରିଥିଲେ। ଏହି ଭିଡିଓ ଜରିଆରେ ବିଦ୍ୟାଳୟର ରୋଷେୟା ଟିକେରାମ ମାଝି ଓ ମେଟ୍ରନଙ୍କ ଅବହେଳା ସମ୍ପର୍କରେ ଜିଲାପାଳଙ୍କଠାରେ ବଖାଣିବାକୁ ସମ୍ପୃକ୍ତ ଛାତ୍ରଙ୍କୁ ବାଧ କରାଯାଇଥିଲା। ଏଥିରେ ଛାତ୍ର ଜଣକ ନୀରବ ରହିବାରୁ ନିର୍ଯାତନା ଦିଆଯାଇଥିଲା। ପ୍ରଧାନ ଶିକ୍ଷକଙ୍କ ମୋବାଇଲରେ କଏଦ ହୋଇଥିବା ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିଥିଲା । ଏ ସମ୍ପର୍କରେ ଛାତ୍ରଙ୍କ ପରିବାର ଲୋକେ ଜାଣିଲା ପରେ ନୂଆପଡା ଉପଜିଲାପାଳ ସୁର୍ମି ସୋରେନ ଓ ସିନାପାଲି ଡବ୍ଲ୍ୟୁଇଓ ସୁନୀଲ ସାମଲଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏ ନେଇ ଅଭିଯୋଗ ପରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ ଓ ଜିଲା ନିରୀକ୍ଷକ ଉଦୟ ସିଂ ମାଝି ଆଶ୍ରମ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ । ଅଭିଯୋଗ ଘଟଣାକୁ ପ୍ରଧାନ ଶିକ୍ଷକ ମଧ ସ୍ୱୀକାର କରିଥିଲେ। ଏହାପରେ ଅଧିକାରୀମାନେ ଜିଲାପାଳ ମଧୁସୂଦନ ଦାଶଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଏହା ଆଧାରରେ ପ୍ରଧାନ ଶିକ୍ଷକ ହୋତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେ ନିଲମ୍ବନ ଥିବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ପତ୍ରରେ ଉଲ୍ଲେଖ ରହିଛି ।

## କାମ ନ କରି ଟଙ୍କା ଆତ୍ମସାତ୍ ଅଭିଯୋଗ



ନାମ ଫଳକରେ ମଞ୍ଜୁର ହୋଇଥିବା ଅର୍ଥ ସମ୍ପର୍କରେ ଉଲ୍ଲେଖ ନାହିଁ।

ନୂଆପଡ଼ା,୧୯।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତ ଦାନୋଝଲା ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ନ କରି ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ କୃଷି ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୪-୨୫ ଆର୍ଥିକ ବର୍ଷରେ ରିଙ୍ଗ କୂଅ ଖନନ ପାଇଁ ଅନୁଦାନ ମଞ୍ଜୁର ହୋଇଛି। କିନ୍ତୁ ଦାନୋଝଲା ଗାଁର ହିତାଧିକାରୀ ମକରଧ୍ୱଜ ନାଗ ଓ ଲକ୍ଷ୍ମଣ ବେମାଲଙ୍କ ରିଙ୍ଗ କୂଅ ଖନନ ନ କରି ଟଙ୍କା ଉଠାଣ କରି ଆତ୍ମସାତ୍ କରାଯାଇଛି ବୋଲି ଉଭୟ ଅଭିଯୋଗ କରିଛନ୍ତି। ମକରଧ୍ୱଜଙ୍କ ନାମରେ ୩୯,୩୧୨ ଟଙ୍କା ଓ ଲକ୍ଷ୍ମଣଙ୍କ ନାମରେ ୬୪,୯୭୪ ଟଙ୍କା ଶ୍ରମିକ ପାଉଣା ବାବଦକୁ ଉଠାଣ ହୋଇଛି। ଗୋଟିଏ କୂଅ ଖନନ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି ତାହା ନାମ ଫଳକରେ ଉଲ୍ଲେଖ କରାଯାଇନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ବା କର୍ମଚାରୀ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କୁ ପଚାରିବାରୁ ଏ ପ୍ରକାର ଅଭିଯୋଗ ଆମ ପାଖକୁ ଆସି ନାହିଁ। ହେଲେ ଶୁଣିବାକୁ ମିଳିଛି। ଏହାର ତଦନ୍ତ କରାଯିବ, ସତ୍ୟାସତ୍ୟ ଜଣା ପଡିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଠିକାଦାର ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା,୧୯।୯(ଉତ୍ତମ କୁମାର ଦାଶ)

**ବହୁଚର୍ଚ୍ଚିତ ଇନ୍ଦ୍ରାବତୀ କେନାଲ କାମ ଅନିୟମିତତା ମାମଲା**

କଳାହାଣ୍ଡି ଜିଲାର ବହୁଚର୍ଚ୍ଚିତ ଇନ୍ଦ୍ରାବତୀ କେନାଲ କାମ ଅନିୟମିତତା ମାମଲାର ଶୁଣାଣି ଶୁକ୍ରବାର ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ହୋଇଛି। ଏଥିରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସ୍ପେଶାଲ କ୍ଲାସ ଠିକାଦାର ଓ କନିଷ୍ଠଯନ୍ତ୍ରୀ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରକାଶ ଯେ, ୧୯୯୪-୯୫ରେ ଇନ୍ଦ୍ରାବତୀ ମୁଖ୍ୟ କେନାଲ ନିର୍ମାଣରେ ୨ କୋଟି ୬୯ ଲକ୍ଷ ୨୭ ହଜାର ୩୦୦ ଟଙ୍କା ବ୍ୟୟ ଅଟକଳ ଅନୁମୋଦନ ହୋଇଥିଲା। ଏହି ଟେଣ୍ଡର ୧୬% ଅଧିକରେ ୩ କୋଟି ୧୧ ଲକ୍ଷ ୬୧ ହଜାର ୪୮୦ ଟଙ୍କାରେ କାମ ପାଇଁ ଏଗ୍ରିମେଣ୍ଟ ହୋଇଥିଲା। ସ୍ପେଶାଲ କ୍ଲାସ ଠିକାଦାର ରାଜେଶ୍ୱର ଠାକୁର ଏହି କାମ ନେଇଥିଲେ। କେନାଲ ନିର୍ମାଣ କାମରେ ୨କୋଟି ୪୮ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଅଧିକ ବିଲ ହୋଇଥିବା ଦର୍ଶାଇ କଟକ ଭିଜିଲାନ୍ସ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଥିଲା। ଭିଜିଲାନ୍ସ କେସ୍ ନଂ.୨୨/୨୦୦୧ରେ କଟକ ଭିଜିଲାନ୍ସ ଇନ୍ସପେକ୍ଟର ଦେବଦତ୍ତ ପଟ୍ଟନାୟକ ତଦନ୍ତ କରି ତତ୍କାଳୀନ ମୁଖ୍ୟଯନ୍ତ୍ରୀ ଅମ୍ବିକା ପ୍ରସାଦ ତ୍ରିପାଠୀ, ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ସରକାର, ନିର୍ବାହୀ ଯନ୍ତ୍ରୀ, ରାଜକିଶୋର ମହାପାତ୍ର, ସଦାନନ୍ଦ ମିଶ୍ର, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସହକାରୀ ଯନ୍ତ୍ରୀ ଧର୍ମ ନାରାୟଣ ନନ୍ଦ, ବିପିନ ବିହାରୀ ସେଠୀ, କନିଷ୍ଠ ଯନ୍ତ୍ରୀ ବଂଶୀଧର ଗଉଡ ଓ ସ୍ପେଶାଲ କ୍ଲାସ ଠିକାଦାର ରାଜେଶ୍ୱର ଠାକୁରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ ଶୁକ୍ରବାର ଏହି ମାମଲାର ଶୁଣାଣି କରି ନିର୍ବାହୀ ଯନ୍ତ୍ରୀ ସଦାନନ୍ଦ ମିଶ୍ର, କନିଷ୍ଠ ଯନ୍ତ୍ରୀ ବଂଶୀଧର ଗଉଡ ଓ ସ୍ପେଶାଲ କ୍ଲାସ ଠିକାଦାର ରାଜେଶ୍ୱର ଠାକୁରଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ନିହାର ରଞ୍ଜନ ମିଶ୍ର, ଦିଲୀପ ସା, ଗଣେଶ୍ୱର ପଟ୍ଟନାୟକ, ଶ୍ରବଣ ଅଗ୍ରୱାଲ ପ୍ରମୁଖ ମାମଲା ପରିଚାଳନା କରୁଥିଲେ।

## ହୀରାକୁଦ ଜଳଭଣ୍ଡାରର ପୁଣି ଗୋଟିଏ ଗେଟ୍ ଖୋଲିଲା

ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)

**୫ ସ୍ଲୁଇସ୍ ଗେଟ୍‌ରେ ଜଳ ନିଷ୍କାସନ ଜାରି**

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତାର ନିକଟତର ହୋଇଛି। ଫଳରେ ଶୁକ୍ରବାର ଜଳଭଣ୍ଡାରର ପୁଣି ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବର୍ତ୍ତମାନ ମୋଟ ୫ଟି ସ୍ଲୁଇସ୍ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଶୁକ୍ରବାର ରାତି ୯ଟା ୩୦ରେ ହସ୍ତଗତ ସର୍ବଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ର ନିକଟତର ହୋଇ ଜଳସ୍ତର ୬୨୯.୭୫ ଫୁଟରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୧୪ ହଜାର ୪୧୦ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୧୭ ହଜାର ୫୩୦ ଘନଫୁଟ୍ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ଜଳଭଣ୍ଡାର ବାମ ପାର୍ଶ୍ୱସ୍ଥ ୩ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୨ଟି ମିଶି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୮୨ ହଜାର ୧୦୦ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେହିପରି ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୦,୬୭୮ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୪୬ ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୭୯୮, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ୍ ଜଳ ମିଶି ସର୍ବମୋଟ୍ ୪୫୦୯ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି।

## ଚର୍ମ କ୍ୟାନ୍‌ସର ପାଇଁ ସିଲଭର ନାନୋପାର୍ଟିକିଲ୍ସ, ସେରିସିନ୍ ପ୍ରୋଟିନ୍ ଆବିଷ୍କାର

ରାଉରକେଲା,୧୯।୯(ସଙ୍ଗୀତା ଜେନା)




**ରାଉରକେଲା ଏନ୍‌ଆଇଟିର କୃତିତ୍ୱ**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ଗବେଷକମାନେ ଚର୍ମ କ୍ୟାନ୍‌ସର ଔଷଧ ପାଇଁ ସିଲଭର୍ ନାନୋପାର୍ଟିକିଲ୍ସ ଓ ସେରିସିନ୍ ପ୍ରୋଟିନ୍ ଆବିଷ୍କାର କରିବା ପରେ ଏହାର ପେଟେଣ୍ଟ ପାଇଛନ୍ତି। ଚଳିତ ବର୍ଷ ଭାରତ ସରକାର ଏହି ପେଟେଣ୍ଟ (ନଂ.୫୬୮୮୭) ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ନୂତନ ଔଷଧୀୟ ଫର୍ମୁଲେଶନ ଭାବେ ଏହା ବିକଶିତ ହୋଇଛି।

ଭାରତ ସମୃଦ୍ଧ ସଂସ୍କୃତି ଓ ପୁରାତନ ଜ୍ଞାନର ଭଣ୍ଡାର ଅଟେ। ପନିପରିବା ଭାବେ ବ୍ୟବହୃତ କଖାରୁ ବା ବୋଇତାଳୁ ଭାରତୀୟ ପାକଶାଳାରେ ବିଶେଷ ସ୍ଥାନ ପାଇଛି। ଏହାର ପତ୍ର, ଫଳ, ଗୁଟି ଓ ପୁଷ୍ପ ସେବନୀୟ ଓ ଔଷଧୀୟ ଭାବେ ବ୍ୟବହାର ହୋଇଥାଏ। ଏହି ପ୍ରକଳ୍ପର ନେତୃତ୍ୱ ନେଇଥିବା ଜୀବ ବିଜ୍ଞାନ ବିଭାଗର ସହ ପ୍ରାଧ୍ୟାପକ ଓ ବିଭାଗ ଅଧ୍ୟକ୍ଷ ଡା. ବିସ୍ମିତା ନାୟକ କହିଛନ୍ତି, ୨୦୧୨ରୁ ଏହି ଗବେଷଣା ଆରମ୍ଭ ହୋଇଥିଲା। କଖାରୁର ପୁଷ୍ପଦଳ ଦ୍ୱାରା ପରିବେଶ ପ୍ରଣାଳୀରେ ସିଲଭର ନାନୋ ପାର୍ଟିକିଲ୍ସ ବା ଅତି ସୂକ୍ଷ୍ମକଣିକା ବିକଶିତ ସମ୍ଭାବନା ଖୋଜିବା ଥିଲା ମୁଖ୍ୟ ଲକ୍ଷ୍ୟ। ସେରିସିନ୍, ଯାହା ସିଲ୍‌କ ଶିଳ୍ପରେ ଅବାଞ୍ଛିତ ବସ୍ତୁ ଭାବେ ଗଣା ହୁଏ। ତାହା ଚର୍ମ ପର୍ନଜୀବନ ଓ କ୍ୟାନ୍‌ସର ବିରୋଧୀ ଗୁଣ ପାଇଁ ବ୍ୟବହାର କରାଯାଇଥିଲା। ଏହି ସେରିସିନ୍ ଟସର ପୋକଠାରୁ ମିଳିଥାଏ, ଯାହାକୁ ମୟୂରଭଞ୍ଜରେ ବ୍ୟାପକ ଚାଷ କରାଯାଏ। ଚିଟୋସାନ୍, ଯାହା ଅମ୍ଳୀୟ ପରିବେଶରେ ମିଶ୍ରିତ ହୋଇଥାଏ। ତାକୁ ସେରିସିନ୍ ମୁକ୍ତି ପାଇଁ ସର୍ବୋତ୍ତମ ମାଧ୍ୟମ ଭାବେ ବ୍ୟବହାର କରାଯାଇଥିଲା। କ୍ୟାନ୍‌ସର ସ୍ଥଳର ଅମ୍ଳୀୟ ପରିବେଶ ଏହି ଔଷଧ ଦ୍ୱାରା କ୍ରମାଗତ ମୁକ୍ତ ହୋଇଥାଏ ବୋଲି ନାୟକ କହିଥିଲେ। ସେହିପରି ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବନ୍ୟଜୀବ ଓ ଜୈବ ବିବିଧତା ବିଭାଗର ସହାୟକ ପ୍ରାଧ୍ୟାପକ ଡା. ଦେବାଶିଷ ନାୟକ କହିଛନ୍ତି, ଏହି ଫର୍ମୁଲେଶନରେ ସିଲଭର ନାନୋପାର୍ଟିକିଲ୍ସ ଓ ସେରିସିନ୍ ପ୍ରୋଟିନ୍‌କୁ ଚିଟୋସାନ୍‌ରେ ଆବୃତ କରାଯାଇଛି। ପରେ ଏଥୋସୋମ୍‌କୁ ଡେଲିଭରି ଭାବେ ବ୍ୟବହାର କରାଯାଇଛି। ଚର୍ମ କ୍ୟାନ୍‌ସର ଚିକିତ୍ସାରେ ପ୍ରଭାବଶାଳୀ, ବିଷମୁକ୍ତ, ବାୟୋଡିଗ୍ରେଡେବିଲ୍ ଓ ରକ୍ତ ସହିତ ସାମଞ୍ଜସ୍ୟ ରହିଛି। ଏହି ଆବିଷ୍କାରକୁ କ୍ରିମ୍ କିମ୍ବା ଅଏଣ୍ଟ ମେଣ୍ଟ ଭାବେ ପ୍ରସ୍ତୁତ କରି ରୋଗୀମାନେ ସହଜରେ ପ୍ରୟୋଗ କରିପାରିବେ। କ୍ୟାନ୍‌ସର ଔଷଧ, ବ୍ୟାକ୍ଟେରିଆ ନିରୋଧୀ, ପାଟିଘା' ଆଦି ସୁସ୍ଥ କରିବା ସହିତ ସିଲାଇ ସାମଗ୍ରୀ କ୍ରିମ୍ ଓ ଲୋଶନରେ ମଧ ଏହା ବିଶାଳ ସମ୍ଭାବନା ସୃଷ୍ଟି କରିଛି ବୋଲି ନାୟକ କହିଥିଲେ।

# ଚମ୍ପା

## ଗଳ୍ପ

ମାନସ କୁମାର ପାଢ଼ୀ

ଭୋକ ବିକଳରେ ବାବାଙ୍କ ମନ୍ଦିର ବେଢ଼ାକୁ ପଶି ଆସିଲା ଚମ୍ପା। କଦଳୀ ଚୋପା ଗଦାରେ ମୁହଁ ପୂରାଇଦେଲା ତ ବୁଲାପଶୁଙ୍କୁ ଘଉଡ଼ାଉଥିବା ସେବକ ତା' ମୁହଁରେ ପାହାରେ ଦେଲା।

ଚମ୍ପା ଦେଶୀ ମାଈ ବାଛୁରୀଟିଏ। ମା' ତା'ର କ୍ଷୀର ଛଡ଼ଉ ଛଡ଼ଉ ଖାଉନ୍ଦ କଂସେଇକୁ ବିକି ଦେବ ବୋଲି କହୁଥିଲା। ହେଲେ ଧର୍ମପରାୟଣା ଖାଉନ୍ଦାଣୀ ରାଜି ହେଲେନି। ତେଣୁ ଅଠରମାସ ପର୍ଯ୍ୟନ୍ତ ରଖିବ ବୋଲି କଷ୍ଟ ଦେଇଛି ଖାଉନ୍ଦ। ଅଠର ମାସରେ କୁଆଡ଼େ ହାଇବ୍ରିଡ୍ ବାଛୁରୀ ସବୁ ଫଳ ଯାଉଛନ୍ତି। ତେଣୁ ଦେଶୀଗୁଡ଼ାଙ୍କୁ ଅଯଥାରେ ମଣିଷ ପୋଷିବାକୁ ଅମଙ୍ଗ ହେଉଛି। ତା'ର ମା' ଯଦି କୌଣସି ଜର୍ସି / ହରିଆନା/ ସିନ୍ଧି ହାଇବ୍ରିଡ୍ ଷଣ୍ଢ ସହ ଭାବ ରଖିଥା'ନ୍ତା, ତା'ହେଲେ ସେ ହୁଏତ ଆଜି ଜର୍ସି ବାଛୁରୀଟେ ହୋଇ ଫ୍ୟାନ ତଳେ ଗୁହାଳରେ ଶୋଇଥା'ନ୍ତା ଆରାମରେ। ମାଈ ହେଉ କି ଅଣ୍ଡିରା ଦେଶୀ ବାଛୁରୀଗୁଡ଼ାଙ୍କୁ ମଣିଷ ଆଉ ପାଳିବାକୁ ଚାହୁଁନି। ବିଲରେ ବଳଦଙ୍କ ପାଇଁ ଆଗ ପରି କାମ ନାହିଁ। ଗୁହାଳେ ଦେଶୀଗାଈଙ୍କ କ୍ଷୀରରେ ମଣିଷର ଖର୍ଚ୍ଚ ଉଠୁନି।

କାଳିଆର ଇଚ୍ଛା ହେଉଥିଲା ତା' ଗଜା ଶିଙ୍ଗ ଦି'ଟାକୁ ପରୀକ୍ଷା କରିନେବ ସେଇ ଅମଣିଷଟା ପେଟରେ। କିନ୍ତୁ ବାବାଙ୍କ ଆଶ୍ରିତ ହୋଇ ତାଙ୍କ ମନ୍ଦିର ବେଢ଼ାରେ ବିନା ପରିଶ୍ରମରେ ଆହାର ପାଇବା ଦିନଠୁ ମଣିଷଙ୍କର ଅନେକ ବୁଦ୍ଧି ତା'ଠାରେ ସଞ୍ଚରିଗଲାଣି। ତେଣୁ ତ ମନ୍ଦିରକୁ ଭକ୍ତମାନେ ପରିବାର ସହ ବୁଲି ଆସିଲା ବେଳେ କାଳିଆ ଅତି ସୁଧାର ଷଣ୍ଢଟିଏ ପରି ଛିଡ଼ାହୁଏ। ପିଲାମାନେ ତା' କମଳ ଆଉଁଶନ୍ତି। ଲାଞ୍ଜ ଟାଣନ୍ତି। ଶିଙ୍ଗ ଧରି ବଳ କଷନ୍ତି। ଆଉ ସେ ଧୀରେ ଧୀରେ ଆଗପଛ ବି ହୁଏ। ପିଲାଙ୍କ ସହ ମା'ବାପା ଖୁସି ହୁଅନ୍ତି। ଫଳମୂଳ ଦିଅନ୍ତି।

ବାହାରେ ହୁର୍‌ମା ଷଣ୍ଢଙ୍କ ରାଜତ୍ୱ। ଆଉ ଭୋକ। ମନ୍ଦିର ଭିତରେ ସବୁରି ଶ୍ରଦ୍ଧା ଆଉ ସୁସ୍ୱାଦୁ ଫଳମୂଳ। ତେଣୁ କାଳିଆ ଗଜା ବୟସରେ ବି ଧୀରସ୍ଥିର।

ଜଗୁଆଳିର ଦୃଷ୍ଟିଆଢୁଆଳରେ କାଳିଆ ଅତି ସନ୍ତର୍ପଣରେ ମନ୍ଦିର ବେଢ଼ା ପାରହେଲା। ଚମ୍ପା ସେମିତି ଚାହିଁଥାଏ ବେଢ଼ା ସେପଟୁ କଦଳୀ ଚୋପା ଗଦାକୁ।



କାଳିଆ ଆସୁଥିବା ଦେଖି ଟିକେ ସଙ୍କୁଚିତ ହୋଇଗଲା ସେ। ଷଣ୍ଢମାନଙ୍କ ବିଷୟରେ ଗୁହାଳୁ, ଗାଁ ଗୋଠରୁ ଅନେକ କଥା ଜାଣିଛି ଚମ୍ପା।

ସକାଳ ପହର ଗଡ଼ିଯାଉଥିଲେ ବି ବେଢ଼ା ବାହାର ସୁଲୁସୁଲିଆ ପବନରେ କାଳିଆ ମନ ଚହଲିଗଲା। ହାଲୁକା ପବନଟା କୋହଲିଆ ଥିଲା, କିନ୍ତୁ ତାତି ଭରିଦେଲା କାଳିଆ ଦେହରେ। ଶିହରଣ ବି। କେବଳ ବସନ୍ତରେ ବହୁଥିବା ଏ ପବନଟାକୁ ମଳୟ କହନ୍ତି ବୋଲି କାଳିଆ ଜାଣେ। ପୂର୍ଣ୍ଣିମା ରାତିର ଜହ୍ନପରି ମଳୟ। ବହିଲେ ଜୋଛନା ପରି ମତୁଆଲା।

କାଳିଆ ବାଆଁରେଇ ବାଆଁରେଇ ଯାଇ ଛିଡ଼ା ହେଲା ଚମ୍ପା ପାଖରେ। ମନ୍ଦିର ସାମ୍ନା ରାସ୍ତା। ପାଞ୍ଚ ସାତଫୁଟ ବ୍ୟାସାର୍ଦ୍ଧରେ ଦୂବଟିଏ କଅଁଳେ ନାହିଁ। ତଥାପି ମୁହଁ ତଳକୁ କରି ଖାଦ୍ୟ ଖୋଜିଲା।

ଚମ୍ପା ମନେମନେ ହସିଲା। ଷଣ୍ଢଟାଏ ସିନା, ହୁରୁମା ନୁହେଁ। ତା'ର କିନ୍ତୁ ହୁରୁମା ସାଥୀଟିଏ ଦରକାର ଥିଲା। ସେହି ଡେଙ୍ଗା ସରସର ଧଳା ଷଣ୍ଢ ପରି। ଯିଏ ୟା' ବାଡ଼ି ତା' ବାଡ଼ିରେ ପଶି ପନିପରିବା, ଫସଲ ଯେତିକି ନଖାଏ ତା'ଠାରୁ ବେଶୀ ଠେଙ୍ଗା ପାହାର ଖାଏ। ଯିଏ ଗାଁ ମହାଦେବ ମନ୍ଦିରର କସରା ଷଣ୍ଢଠାରୁ ଦଶ / ପନ୍ଦର ପାହୁଣ୍ଡ ଦୂରରେ ଛକିକରି ଥାଏ। ଟିକେ ଅନ୍ୟମନସ୍କ ହେଲେ ତା' ଆହାରରେ ଭାଗ ବସାଇଦିଏ। ବେଳେବେଳେ ପାରୁ ନ ପାରୁ ଲଢ଼ିଯାଏ ହକ୍ ପାଇଁ। ମୁଁ ବି ଷଣ୍ଢ। ମୋର ଜଟ ଅଛି। ଚୂଳ ବି। କସରା ଶିଙ୍ଗ ମାଡ଼ରେ ଲହୁଲୁହାଣ ହୋଇ ପଡ଼ିଥିଲା ବେଳେ ପଚାରିଲେ କହେ, କସରା କ'ଣ ଏମିତି ଯୁଗରାଇଜ ଭୋଗ କରୁଥିବ ନା ମୋର ଶିଙ୍ଗ ଧାର ହେବନି। ତୁ ଦେଖିବୁ ଚମ୍ପା! ଦିନେ ତାକୁ ମହାଦେବ ମନ୍ଦିରରୁ ତଡ଼ିବି ମୁଁ। ଗାଁ ଗୋଠରେ ବି ରାଜା ହେବି ମୁଁ।

ଚମ୍ପା ପଛକୁ ଚାହିଁଲା। କାଳିଆ ଅନୁସରୁଛି ତାକୁ। ମୁହଁ ମୋଡ଼ିଦେଲା। ଏଇଟା ଗୋଟେ ଷଣ୍ଢ? ନା ଚୂଳ ଅଛି ନା ଜଟ? ମଠରେ ଖାଇ ଖଟରେ ଶୋଇ ଗଣ୍ଡି ବୋହିଛି ଯାହା। ଜର୍ସି ଅଣ୍ଡିରା ପୁଣି ରଙ୍ଗ କଳା ବୋଲି ୟା ମାଲିକ କାଳେ ଗହ୍ଲାଡିଆଁ ଦିନ ଗୋଟେ ଗେଣ୍ଡୁମାଳ ପକାଇ ଆଣି ଷଣ୍ଢ କରି ଛାଡ଼ିଦେଲା କଂସେଇକି ବିକିଲେ ପାପ ହେବ ବୋଲି। ଚମ୍ପା ଜାଣିଥିଲା, ମଣିଷ ଏବେ ଦେଶୀ ଅଣ୍ଡିରା ବି ପାଳୁନି। କାରଣ ବଳଦ ଲୋଡ଼ା ନାହିଁ ଚାଷରେ କି କୋଉଥିରେ। କାଳିଆ ଧେଡ଼ ଜର୍ସିଟାକୁ ବା କାହିଁ କିଏ ରଖିବ? ସେଥିପାଇଁ ଏ ଷଣ୍ଢ ବୋଲାଉଛି।

ଦୀର୍ଘ ନିଃଶ୍ୱାସଟେ ପକାଇ ଚମ୍ପା ଧାପେ ଧାପେ ପାହୁଣ୍ଡ ପକାଉଥାଏ। ମନ ତା'ର ବେଢ଼ା ଭିତର କଦଳୀ ଚୋପା ଗଦାରେ। ତଥାପି ରାସ୍ତାକଡ଼ର ଥୁଣ୍ଟା ଘାସମୂଳିରେ ମୁହଁ ଘଷିଲା। କାଳିଆ ଆସି ପଛରେ ଛିଡ଼ା ହେଲା। ସାହସ ବାନ୍ଧି ସିଧାସିଧା କହିଲା। ଗୋଟେ ନିଃଶ୍ୱାସରେ। "ବାରଟା ପରେ ପହଡ଼ ପଡ଼ିବ। କେହି ନଥିବେ। ଆସିବୁ ତୋ ପେଇଁ ଫଳମୂଳ ରଖିଥିବି। କଦଳୀ ଚୋପାଗୁଡ଼ା କ'ଣ ଖାଇବୁ?"

ଚମ୍ପା କିଛି କହିଲା ନାହିଁ।

କାଳିଆ ହଁ ବୁଝିଲା।

ଦୁହେଁ ପାଖାପାଖି ଠିଆହେଲେ। ନିରବରେ କେଇ ମୁହୂର୍ତ୍ତ। କାଳିଆ ଦେଖୁଥିଲା ଚମ୍ପା ଦେହରେ ସିନା ପଲେ ମାଉଁସ ନାହିଁ, ତଥାପି ଭାରି ସୁନ୍ଦର। ମନ୍ଦିରକୁ ଆସୁଥିବା ଯୋଡ଼ିଙ୍କ ଜିରୋବଡ଼ି ଚର୍ଚ୍ଚାରୁ କାଳିଆର ଏହି ନୂଆ ସୌନ୍ଦର୍ଯ୍ୟ ଜ୍ଞାନ ଉଦୟ ହୋଇଛି।

ଚମ୍ପା ଠଉରଉଥିଲା କାଳିଆର ବୁଦ୍ଧିବୃତ୍ତିକୁ। ମଣିଷ ପରି। ପସନ୍ଦ ବି। ଅବଶ୍ୟ ଚମ୍ପାର ସ୍ୱପ୍ନଠାରୁ ସମ୍ପୂର୍ଣ୍ଣ ଅଲଗା। ହେଲେ ସ୍ୱପ୍ନରେ ତ ପେଟ ପୂରିବନି। ବାସ୍ତବତା ହେଲା କାଳିଆ। ପେଟକୁ ଦୁଇବେଳା ଦାନା ଯୋଗାଇବାର ମାଧ୍ୟମ।

ସେବେଠୁ ଫି'ଦିନ ଚମ୍ପା ଆସେ କାଳିଆ ପାଖକୁ। କାଳିଆ ନିଜେ ନ ଖାଇ ବାଛିବୁଛି ରଖିଥିବା ଭଲ ଫଳମୂଳ ଖାଏ। ତା'ପରେ ଦିହେଁ ବୁଲନ୍ତି ମନ୍ଦିର ପାଚେରି କଡ଼େକଡ଼େ।

ଦିନେ ଚମ୍ପା ପଚାରିଲା, ତୁ ମହାଦେବ ମନ୍ଦିରର ସେ କସରାକୁ ପାରିବୁ?

ଧଳା ଷଣ୍ଢଟି ପରି ସାହସ ଓ ଦମ୍ଭରେ ନହେଲେ ବି କାଳିଆ ନିଃସଙ୍କୋଚରେ କହିଲା, ମୁଁ କାଇଁ ଲଢ଼ିବାକୁ ଯିବି। କଳାରଙ୍ଗ ଯୋଗୁ ମୁଁ ଏଠି ବାବାଙ୍କ ମନ୍ଦିରରେ ସଂରକ୍ଷିତ। ସୁରକ୍ଷିତ ବି। ଦେଖିଲୁନି ତତେ କେମିତି ସେଦିନ ଘଉଡ଼େଇ ଦେଲା ସେ ଜଗୁଆଳି। ଚମ୍ପାର ମନ କୁହୁଳିଗଲା। ତଥାପି ସେ 'କପାଳିଆ' କହିଲା କାଳିଆକୁ। ଏବେ କାଳିଆମାନଙ୍କ ଯୁଗ। ତେଣୁ ତାକୁ ହିଁ ଜୀବନସାଥୀ ଭାବେ ବାଛିବାକୁ ହେବ। କାଳିଆ ସାଙ୍ଗରେ ଭାବ ରଖିଲେ ତା' ପିଲାଏ ହୁଏତ ଜର୍ସିମାଈ ହେବେ। ଅଣ୍ଡିରା ହେଲେ କାଳିଆ ପରି ମଣିଷର ସଂରକ୍ଷଣରେ ରହିବେ।

ବ୍ରାହ୍ମଣ ସାଇଲୋ, କଟକ-୧୮
ମୋ : ୯୪୩୮୭୮୫୭୯୨

## ପୁସ୍ତକ ପରିଚୟ

### ଅନୁପମା ପ୍ରିୟତମା



**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଭୁବନେଶ୍ୱର, ଓଡ଼ିଶା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଉପନ୍ୟାସଟି 'ଏକ ଚମକପ୍ରଦ ଉପନ୍ୟାସ' ବୋଲି ପୁସ୍ତକର ପ୍ରଚ୍ଛଦଲେଖରେ କୁହାଯାଇଛି। ଉପନ୍ୟାସର ପଚାଶଟିଯାକ ପରିଚ୍ଛେଦ ପଢ଼ିଗଲେ ଏହାର ସତ୍ୟତା ଅବଶ୍ୟ ଉପଲବ୍ଧ ହେବ। ଗୌରାଙ୍ଗ ନାୟକ ଉପନ୍ୟାସର ନାୟକ, ଯିଏ ପଚିଶ ବର୍ଷରେ ଘରଛାଡ଼ି, ନିଜେ ସାମିଲ ହୋଇଥିବା ଭଜନମଣ୍ଡଳୀ ଛାଡ଼ି ଆଶ୍ରମକୁ ଚାଲିଯାଇଛି। ଆଶ୍ରମର ସ୍ୱାମିଜୀ ଗୌରାଙ୍ଗକୁ ପ୍ରଶ୍ନ କରିଛନ୍ତି: "ଗୌରାଙ୍ଗ କହିପାରିବ ଭଗବାନ କେଉଁଠି ଅଛନ୍ତି?" ସ୍ୱାମିଜୀଙ୍କ ପ୍ରଶ୍ନରେ ଚମକିପଡ଼ିଛି ଗୌରାଙ୍ଗ। ସେ ମନକୁ ମନ ଭଗବାନଙ୍କ ସ୍ଥିତି ସମ୍ପର୍କରେ ନିଜକୁ ପ୍ରଶ୍ନ କରିଛି। ଭଗବାନଙ୍କ ସ୍ଥିତି ସମ୍ପର୍କରେ ସଂଶୟାଚ୍ଛନ୍ନ ଗୌରାଙ୍ଗ ମହର୍ଷି ଆଶ୍ରମରେ ପହଞ୍ଚିଗଲା ସିନା, କିନ୍ତୁ ଆଶ୍ରମରେ ଏକ ଅପୂର୍ବ ସୁନ୍ଦରୀ ତରୁଣୀକୁ ଭେଟି ତା'ପ୍ରତି ପ୍ରେମାସକ୍ତ ହୋଇପଡ଼ିଲା। ଏବେ ତା'ଆଗରେ ଯୋଡ଼ିଏ ରାସ୍ତା। ସେ ଲଣ୍ଡିତ ମସ୍ତକ ସନ୍ନ୍ୟାସ ଜୀବନଯାପନ କରିବ ନା ସେଇ ତରୁଣୀକୁ ନେଇ ଆରାବଳୀ ପର୍ବତ ଅଭିମୁଖେ ଫେରାର ହୋଇଯିବ? ଏହାର ଉତ୍ତର ଉପନ୍ୟାସରେ ରହିଛି, ଯେଉଁ ଉତ୍ତରଟି ପାଇଁ ପାଠକ ଏକା ନିଃଶ୍ୱାସକେ ଉପନ୍ୟାସଟିକୁ ପରିଚ୍ଛେଦ ପରେ ପରିଚ୍ଛେଦ ପଢ଼ିଚାଲିବ। ଉପନ୍ୟାସର ଅନ୍ତିମ ଚରଣରେ ଗୌରାଙ୍ଗର ଉପଲବ୍ଧି ଏହିପରି: "ଏଇ ମଣିଷ ମାଟିର ହେଲେ ହେଁ ସେ ମାଟି ସହ ସମ୍ପୂର୍ଣ୍ଣ ସମ୍ପର୍କିତ ନୁହଁ। ମଣିଷମାନେ ଏହି ଅନନ୍ତକାଳର ଅବଧି ଭିତରେ ପରସ୍ପରକୁ ଭେଟନ୍ତି ଅନେକଥର। ଅନେକ ଜୀବନାବର୍ତ୍ତ ଭିତରେ ବି ଅଳ୍ପ କିଛିକ୍ଷଣ ପାଇଁ ଭେଟାଭେଟି ହୋଇଥାନ୍ତି ଅଥଚ କେହି କାହାକୁ ମନେରଖି ନ ଥାନ୍ତି।" ଉପନ୍ୟାସର କାହାଣୀ ଗତାନୁଗତିକ କାହାଣୀର ଧାରାଠୁଁ ସ୍ୱତନ୍ତ୍ର। ଗୌରାଙ୍ଗ ନାୟକର କାହାଣୀ ହୋଇ ବି ଏହା ଉଣାଅଧିକେ ସବୁ ଲୋକଙ୍କ କାହାଣୀ, ଦୈନନ୍ଦିନତାର ଅକଳ୍ପିତ କୁହୁକ। ପାଠ ସରିବାର ଅନେକ ଦିନଯାଏ ପାଠକର ସ୍ମୃତିରେ ଉପନ୍ୟାସର ଅସରା ଗୁଣୁଗୁଣୁ ଯେ ଲାଗିରହିବ, ଏଥିରେ ସନ୍ଦେହ ନାହିଁ।

### ସତ ଶତ ସାତପାଦୀ



**କବି:** ଡ. ଗୌରାଙ୍ଗ ଚରଣ ରାଉତ
**ପ୍ରକାଶକ:** ଶିକ୍ଷାସନ୍ଧାନ,
ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୧୦୦ଟି ପଦ। ବାମ ପ୍ରଥମ ପାଦ ଓ ଅନ୍ତିମ ପାଦ ଦକ୍ଷିଣ। 'ଉପୋଦ୍‌ଘାତ'ରେ ପ୍ରଶାନ୍ତ ମିଶ୍ର ଲେଖିଛନ୍ତି: "ଓଡ଼ିଆ ବର୍ଣ୍ଣମାଳା ଆଧାରରେ ସାତ ପାଦ ବିଶିଷ୍ଟ ଶହେଟି ପଦର ସମାହାର" ଏ ବହିଟି। ଅଧିକାଂଶ କବିତାର ପ୍ରାଣସ୍ପନ୍ଦନ ନିହିତ ସମାଜର ସାମ୍ପ୍ରତିକ ଘଟଣାବଳୀର ବ୍ୟଙ୍ଗାତ୍ମକ ଉପସ୍ଥାପନାରେ। ବହିରୁ କେତୋଟି ଉଦାହରଣ ଆମେ ନେବା- ୧. "ଗଣତନ୍ତ୍ର ନାମେ/ ଜଣତନ୍ତ୍ରୀଙ୍କର/ ନକଲି ସମାଜବାଦ,/ ନିମିତ୍ତ ମାତର/ ମତଦାନ କାମ/ ନିର୍ବୋଧଙ୍କ ହାତେ/ ଧରାଇଲେ ମଦ, ଗଦ।" (୩୨), ୨. "ଢୋଲକ ବଜାଇ/ କୁହାଯାଉଥାଏ/ ନକଲିକୁ ଖାଣ୍ଟି ସୁନା,/ ଢମଣାକୁ ନାଗ/ ନାଗକୁ ଢମଣା/ ଛେଳିକୁ କୁକୁର/ ପ୍ରତିବାଦ ଅଛି ମନା।" (୫୬), ୩. "ଯୋଜନାର ମାଳ/ ଶବ୍ଦର ଚାତୁରୀ/ ଯୋଜନ ଦୂରରେ ଫଳ,/ ଅନ୍ତରେ ବିଷ/ ପୀୟୂଷ ମୁହଁରେ/ ନିତି ଚାଲୁଥାଏ/ ଶାସକ-ଶାସିତ ଖେଳ।" (୮୩)। ପ୍ରତ୍ୟେକ କବିତାରେ ସାତଟି ମାତ୍ର ଅତି କ୍ଷୁଦ୍ର ପାଦ, କିନ୍ତୁ ଇଙ୍ଗିତରେ ପାଦଗୁଡ଼ିକର ପରାକ୍ରମ ଅସୀମ। ସମାଜର ବାସ୍ତବଚିତ୍ରକୁ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପନ କରି କବି ସମାଜ ପରିବର୍ତ୍ତନର ସ୍ୱପ୍ନ ଦେଖନ୍ତି। 'ସତ' ଅପ୍ରିୟ, ଅଥଚ କେଉଁଠି ବ୍ୟକ୍ତିଗତ ଅସୂୟା ନାହିଁ। 'ଉପୋଦ୍‌ଘାତ'ର ଶେଷ ନିର୍ଣ୍ଣୟରେ ଯାହା କୁହାଯାଇଛି, ତାହା ପ୍ରଣିଧାନଯୋଗ୍ୟ- "ପୁଞ୍ଜିବାଦର ସହାୟକ ଆଧୁନିକତା, ଉତ୍ତର ଆଧୁନିକତାରୁ ନିଜକୁ ବଞ୍ଚାଇ ରଖି ଗୌରାଙ୍ଗ ରାଉତଙ୍କ କବିତା କଥା କହିବ ମଣିଷର, ଶାସକ ସରସ୍ୱତୀଙ୍କ ଗଳାରେ ଫୁଲମାଳ ଦେବନାହିଁ।" 'ସତ ଶତ ସାତପାଦୀ' ଆମ ସମୟର କବିତାରେ ଏକ ଉଲ୍ଲେଖନୀୟ ବ୍ୟତିକ୍ରମ ଓ ସେହି ଦୃଷ୍ଟିରୁ ଏହାର ଆଦୃତି ଅବଶ୍ୟମ୍ଭାବୀ।

## କବିତା

### ବା' କଲେ ବସା ଦୋହଲୁଥାଇ

ଉମା ଶଙ୍କର ପାଳ

ଯିବି ବୋଲି କହିଥିଲେ ଯେ'
କ'ଣ ଯାଇପାରୁଛି
ଯିବାକୁ ବାହାରିଲେ
ଜଞ୍ଜାଳ ଓଗାଳୁଛି ବାଟ
ସ୍ନେହ ଭିଡ଼ି ଧରୁଛି ପଣତ
ମୋର ବି ମୋହ ଲାଗିଗଲାଣି, ଏ ଜଗତ।

ଜହ୍ନରାତିରେ ତୁମେ ଯେବେ ଡାକ
ମୁଁ ଗୋଟେ ଦ୍ୱୈତ ସ୍ଥିତିରେ ଛଟପଟ
ଆଗରେ ପଡ଼ିଛି କେତେ ଉତ୍ତରଦାୟିତ୍ୱ
ଅମଳ ହୋଇନି ଏଯାଏ, ଏ ବର୍ଷର କ୍ଷେତ
ଚରିଯାଇଥିବା ଗାଈ ଫେରିନି ଗୋଠ
ଅଧାଗଢ଼ା ହୋଇ ରହିଛି ଉଆସ
ଏ ଅଧାରାସ୍ତାରେ
ତୁମେ ହଠାତ୍ ଡାକୁଛ ଆସ।

ଏମାନେ ନିଜ ଗୋଡ଼ରେ ଠିଆ ହୋଇ ଶିଖିଲେ
ତାଙ୍କ ମୁଣ୍ଡକୁ ହାତ ପାଇଲେ
ସେମାନଙ୍କ କାନ୍ଧରେ ଦେଇଦେଲେ ଦାୟିତ୍ୱ
ମୋ' କର୍ତ୍ତବ୍ୟ ଶେଷ
ତେଣିକି ନେବି ଶାନ୍ତିର ନିଃଶ୍ୱାସ।

ବେଳେବେଳେ ଭାବେ
ମୁଁ ଅଚାନକ ଚାଲିଗଲେ
ଅନାଥ ହୋଇଯିବ ସଂସାର
ଘୋଟି ଆସିବ ଅନ୍ଧାର
ମାଡ଼ି ଆସିବ ସାଗର
ମୋତେ ଅଥୟ କରେ,
ଗୋଟେ ଅନାଗତ ହାହାକାର
ମୋ ନ ଥିବା ବେଳର
ଆଜି ଭାବୁଛି, ତା' ଥିଲା ବୃଥା ଅହଂକାର।

ଏ ଦାୟିତ୍ୱ ସରେନି, ମୋହ ତୁଟେନି
ହଠାତ୍ ଦିନେ ତୁମେ ପହଞ୍ଚିଯାଅ
ବିନା ସୂଚନାରେ
ମୁଁ ଗଲାପରେ, କିଛି ବି ଓଲଟି ଯାଏନି
ଭଲରେ ହେଉ କି ମନ୍ଦରେ
ସୃଷ୍ଟି ତା' ନିଜସ୍ୱ ଗତିରେ ଚାଲିଥାଏ
ଏ ଜୀବନ ବି କେଉଁ ଚିରନ୍ତନ ଯେ!

ସମୟ ତ ବାଇଚଢ଼େଇ
ତା'ର କି ଯାଉଥାଇ
ବା' କଲେ ବସା ଦୋହଲୁଥାଇ।

ଜାଗମରା, ଭୁବନେଶ୍ୱର
ମୋ: ୯୫୫୬୮୮୮୭୦୮

### ଅବରୁଦ୍ଧ

ଡ. ଭବାନୀ ଶଙ୍କର ଦାଶ

ଆକାଶରେ ତୁ' ମୁକ୍ତ, ତେଣୁ
ତୋ' ବୁକୁରେ ସୂର୍ଯ୍ୟ, ଚନ୍ଦ୍ର
ଗ୍ରହ, ତାରା ସବୁ ଆତଯାତ।
ମୁଁ କିନ୍ତୁ ଆବଦ୍ଧ ଏଠି
ପୃଥିବୀର ମଣିଷ।
ମୋ' ବୁକୁର ପବନ, ଆଲୋକ,
ଆକାଶ, ଶବ୍ଦ ଓ ସୌନ୍ଦର୍ଯ୍ୟ
ସମସ୍ତେ ରକ୍ତାକ୍ତ।

ମୋ: ୮୯୧୭୬୨୪୩୮୬

### ଆଶିଷଦାୟିନୀ

ଜୟନ୍ତୀ ସାହୁ

ତମେ ଆସୁଛ ବୋଲି ହିଁ
ପବନରେ ଚହଟୁଛି ପଦ୍ମଗନ୍ଧ
ଚତୁର୍ଦ୍ଦିଗେ ଝଲମଲ ଖରା
ଜଳ, ସ୍ଥଳ, ନଭ ଓ ନକ୍ଷତ୍ର
ବ୍ୟାପିଯାଏ ତମର ଏ ପବିତ୍ର ଇସାରା।

ତମେ ଆସୁଛ ବୋଲି ଜାଣି
ପଠାରେ ପଠାରେ ଫିଟିପଡ଼େ କାଶତଣ୍ଡୀ
ଫୁଟିଉଠେ ଯୂଇ, ଜାଇ, ହେନା ଓ ମାଳତୀ
ଅଶିଣ ଆକାଶେ ବୁଲେ
ବହୁବର୍ଣ୍ଣା ଲୁବ୍ଧ ପ୍ରଜାପତି।

ତମେ ଆସୁଛ ବୋଲି ତ ଆଜି
କାହିଁରେ ମୋ ନିଘା ନାହିଁ
କେଉଁଠି ବି ଲାଗୁନାହିଁ ମାୟାଚ୍ଛନ୍ନ ମନ
ସଜାଡୁଛି ତୁମ ପାଇଁ ଅହର୍ନିଶ
ଧୂପ, ଦୀପ, ଅଗୁରୁ ଚନ୍ଦନ
ସଯତ୍ନେ ଲେଖୁଛି ଝୋଟି ପାଦପଦ୍ମ ଚିତା।

ସରାଗେ ଆଙ୍କୁଛି ବସି
ନାଲି, ନେଳି ମୁରୁଜର ଛପା
ଦିବ୍ୟଗନ୍ଧେ ମହକୁଛି ସସାଗରା ଧରା
ରିକ୍ତ ପଣତ ଟେକି ଯାଚଞ୍ଚା କରୁଛୁ ଆମେ
ଆଶିଷଦାୟିନୀ ମାଆ
ତମର ସେ ଆଶିଷ ଅସରା!

ପ୍ଲଟ୍ ନଂ-ଏମ୍ ୧୧/୪,
ପଞ୍ଚସଖା ନଗର, ଭୁବନେଶ୍ୱର
ମୋ: ୮୦୯୩୪୮୬୬୭୪

ଗୀତି-କବିତା

### ଅପେକ୍ଷା

ଜଗଦୀଶ ସାହୁ

ବ୍ୟାୟାମ କରିବା ବାହାନାରେ ଆମ
ଛାତ ଉପରେ ମୁଁ ଥାଏ
ତୋତେ ଦେଖିଦେଲେ ତୁମରି ଛାତରେ
ଶୁଭରେ ମୋ' ଦିନ ଯାଏ।

ସକାଳ ସୂରୁଯ ପହିଲି କିରଣ
ପଡ଼ିଲେ ଦେହରେ ତୋର
ସଜ ଗୋଲାପରୁ ଅଧିକ ଗୋଲାପୀ
ଦିଶୁ ତୁ ଆଖିକୁ ମୋର।

ପାଟି ନ ଖୋଲିକି ଚୋରା ଚାହାଣିରେ
କଥା କହୁ ଥିରିଥିରି
ଓଠଚାପି ଧୀରେ ହସି ଦେଉ ଯେବେ
ଛାତି ହୋଇଯାଏ ଚିରି।

ଚାରୋଟି ଆଖିର ମିଳନରେ ନୂଆ
ଇନ୍ଦ୍ରଧନୁ ଶୋଭାପାଏ
ସାତରଙ୍ଗ ତା'ର ସାତସୁର ହୋଇ
ପ୍ରେମର ରାଗିଣୀ ଗାଏ।

ତୋତେ ନ ପାଇ ମୋ' ମନ ଛଟପଟ
ବେଦନା ପାରୁନି ସହି
କେବେ ତୁ ଆସିବୁ ବଧୂବେଶ ହୋଇ
ଅପେକ୍ଷାରେ ଅଛି ରହି।

ମୋ: ୯୦୭୮୧୮୫୬୧୬

## କାଳକାଳକୁ



"ସଚ୍ଚୋଟ କବିତା ବୁଝାପଡ଼ିବା ଆଗରୁ ବାର୍ତ୍ତା ଦେଇଥାଏ।"
- ଟି.ଏସ୍. ଏଲିୟଟ୍

**ଟି.ଏସ୍. ଏଲିୟଟ୍‌ଙ୍କ** ଜନ୍ମ ୨୬ ସେପ୍ଟେମ୍ବର ୧୮୮୮ରେ ଯୁକ୍ତରାଷ୍ଟ୍ର ଆମେରିକାର ସେଣ୍ଟ ଲୁଇସ୍‌ରେ ଓ ପରଲୋକ ୪ ଜାନୁଆରୀ ୧୯୬୫ରେ, ଲଣ୍ଡନରେ। ସେ ଏକାଧାରରେ କବି, ପ୍ରାବନ୍ଧିକ ଓ ନାଟ୍ୟକାର। ଭାଷା ପ୍ରୟୋଗରେ ଏକ ନବୀନ ସରସତା ଓ ବିଚକ୍ଷଣତାର ସଂଯୋଗ ଘଟାଇ ସେ ଇଂଲିଶ୍ ଆଧୁନିକ କବିତାକୁ ନୂଆ ମୋଡ଼ ଦେଇଥିଲେ। ତାଙ୍କର ପ୍ରମୁଖ କୃତିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ଲଭ୍ ସଂଗ୍ ଅଫ୍ ଜେ. ଆଲ୍‌ଫ୍ରେଡ୍ ପ୍ରୁଫକ୍' (୧୯୧୫), 'ଦ ୱେଷ୍ଟ ଲ୍ୟାଣ୍ଡ୍' (୧୯୨୨), 'ହଲୋ ମ୍ୟାନ୍' (୧୯୨୫), 'ମର୍ଡର ଇନ୍ ଦ କ୍ୟାଥେଡ୍ରାଲ୍' (୧୯୩୫), 'ଫୋର୍ କ୍ୱାର୍ଟେଟ୍‌ସ' (୧୯୪୩) ଓ 'ଦ କକ୍‌ଟେଲ୍ ପାର୍ଟି' (୧୯୪୯)। ଇଂଲିଶ୍ କବିତାକୁ କାଳୋତ୍ତୀର୍ଣ୍ଣ ଅବଦାନ ପାଇଁ ୧୯୪୮ରେ ସେ 'ନୋବେଲ ପୁରସ୍କାର' ଓ 'ଅର୍ଡର ଅଫ୍ ଦ ମେରିଟ୍'ରେ ସମ୍ମାନିତ। ସେ କହନ୍ତି: "ପିଛିଲା ବର୍ଷର ଶବ୍ଦ ପିଛିଲା ବର୍ଷର, ଆଗିଲା ବର୍ଷର ଶବ୍ଦ ନୂଆ କବିର ଅପେକ୍ଷାରେ।"

# ବିଦେଶୀ ଫୁଲର ମହକ

## କଥାଟିଏ...

ଶିବ ମିଶ୍ର

ବିଦେଶୀ ଫୁଲରେ ମହକ ନାହିଁ। ତେଣୁ ସ୍ତ୍ରୀ ମନାକରୁଥିଲେ, କିନ୍ତୁ ତାଙ୍କ ମନା ନ ମାନି ସ୍ୱାମୀ ହଜାରେ ଟଙ୍କା ଦେଇ ବଜାରରୁ ବିଦେଶୀ ଫୁଲଗଛଟିଏ କିଣି ଆଣି ଗୋଟିଏ କୁଣ୍ଡରେ ଲଗାଇଲେ। ସ୍ତ୍ରୀ କହିଲେ- ମୋ' ଘରେ ଏ ଫୁଲଗଛ ରହିପାରିବ ନାହିଁ। ସ୍ୱାମୀ କହିଲେ- ଏ ଘରର ଅଧା ତମର, ଅଧା ମୋର। ତେଣୁ ଏ କୁଣ୍ଡ ଏଇଠି ରହିବ। ବିଦେଶୀ ଫୁଲକୁ ନେଇ ସେ ଦୁଇ ଜଣଙ୍କର ମତ ଅଲଗା, ମନ ଅମେଳ, ମୁହଁ ଆଡ଼ ବାଡ଼ରେ ଦିନ ଦିନ ହୋଇ ତିନି ମାସ ବିତିଗଲା। ଏବେ ଦିନେ ଗଛରେ କଢ଼ଟିଏ ହୋଇଥିବା ଦେଖି ସ୍ୱାମୀ ଖୁସିରେ ସ୍ତ୍ରୀଙ୍କୁ କହିଲେ- ଆସ ଦେଖିବ, ବିଦେଶୀ ଫୁଲର କଢ଼ କେମିତିକା ହୋଇଛି। ସ୍ତ୍ରୀ କହିଲେ- ତମ ଗଛ, ତମେ ତାକୁ ମୁଣ୍ଡେଇ ଥ' କୁଣ୍ଢେଇ ଥ' ତା' କଢ଼କୁ ଆଉଁଶୁ ଥ', ମୁଁ ସେଠିକି ଯିବିନି କି ଦେଖିବିନି। ଯୋଉଦିନ ସେ କଢ଼ଟି ଫୁଲ ହୋଇ ଫୁଟିଲା ସେଦିନ ଉପରଓଳି ସ୍ୱାମୀ ପୁଣି ସ୍ତ୍ରୀଙ୍କୁ ଡାକ ପକାଇଲେ- ଦେଖିଯାଅ କେମିତି ସୁନ୍ଦର ଫୁଲ, ତା'ର କେମିତି ରଙ୍ଗ, ପୁଣି ରଙ୍ଗରେ କେମିତି ଚମକ। ଚମତ୍କାର। ଖୁବ୍ ଚମତ୍କାର।

ସ୍ୱାମୀ ଡାକୁଥିଲେ, ସ୍ତ୍ରୀ ନ ଶୁଣିଲା ପରି ଦାଣ୍ଡ ଘର ଆଡ଼କୁ ଚାଲିଗଲା ବେଳକୁ ଅଧା ଆଉଜା କବାଟ ଠେଲି ଘର ଭିତରକୁ ପଶି ଆସିଲା ତାଙ୍କ ପୁଅ। ବିଦେଶରେ ଚାକିରି କରୁଥିବା ତାଙ୍କ ପୁଅ ତିନି ବର୍ଷ ପରେ ଘରକୁ ଆସିଥିଲା। ହେଲେ ମାଆ ପୁଅକୁ କିଛି ନ କହି, ପୁଅ ସାଙ୍ଗରେ ଆସିଥିବା ବିଦେଶୀ ତରୁଣୀଟିକୁ ଚାହିଁ ରହିଥିଲେ। ବାପା ଆସି ସେଇଠି ପହଞ୍ଚିଗଲେ। ସେ ବିଦେଶୀ ତରୁଣୀକୁ ଦେଖି ବାପା ପଚାରିଲେ- ଇଏ କିଏ? ପୁଅ କହିଲା- ଇଏ ତମ ବୋହୂ। ଏତେବେଳକୁ ଯାଇ ମାଆ କହିଲେ- ବହୁତ ସୁନ୍ଦର। ବାପା କହିଲେ-



ବିଦେଶିନୀମାନଙ୍କର ରୂପ ସୁନ୍ଦର, କିନ୍ତୁ ତାଙ୍କ ପାଖରେ ସଂସ୍କାର ନାହିଁ। ତେଣୁ ଇଏ ମୋ' ଘରେ ରହିପାରିବ ନାହିଁ। ମାଆ କହିଲେ- ଏ ଘରର ଅଧା ତମର, ଅଧା ମୋର, ତେଣୁ ମୋ' ବୋହୂ ମୋ' ଘରେ ରହିବ। ସିଏ ଧାଇଁ ଯାଇ ଦୀପ ସଜାଡ଼ି ଆଣି ବନ୍ଦାପନା କରି ବୋହୂକୁ ଭିତର ଘରକୁ ନେଇ ଗଲେ। ବାପା କିଛି କହି ପାରିଲେନି, ହେଲେ ମନେମନେ ରାଗରେ ଗରଗର ହେଉଥିଲେ।

ସେ ରାତି ପାହି ସକାଳ ହେଲା। ଅନ୍ୟ ଦିନ ପରି ବାପା ଫୁଲଗଛରେ ପାଣି ଦେବା ପାଇଁ ଗଲା ବେଳକୁ ଗଛରେ ସେ ଫୁଲଟି ନଥିଲା। ତାଙ୍କ ଭିତରେ ରୁନ୍ଧିହୋଇ ରହିଥିବା ରାଗ ହଠାତ୍ ବାହାରକୁ ଛିଟିକି ପଡ଼ିଲା। ସିଏ ଗର୍ଜନ କରି କହିଲେ- କୁଆଡ଼େ ଗଲା ସେ ଫୁଲ? ସ୍ତ୍ରୀ କହିଲେ- ଯିଏ ସେ ଗଛରେ ଫୁଲ ଫୁଟାଇ ଥିଲେ ତାଙ୍କ ପାଖରେ ପହଞ୍ଚିଯାଇଛି ସେ ଫୁଲ। ଦେଖିବ ଯଦି ଆସ। ସିଏ ସ୍ତ୍ରୀଙ୍କ ସାଙ୍ଗରେ ଯାଇ ଦେଖିଲେ- ସେ ଫୁଲଟି ତାଙ୍କ ଘରେଥିବା ଠାକୁରଙ୍କ ମଥାରେ ଲାଗି ହୋଇଥିଲା। ତାଙ୍କ ବିଦେଶୀ ବୋହୂ ଧୂପ ଦୀପ ଲଗାଇ ଠାକୁରଙ୍କ ଆଗରେ ବସିଥିଲା। ଶାଶୁ ଶ୍ୱଶୁରଙ୍କୁ ଦେଖି ବୋହୂ ଚଟ୍‌କିନା ଉଠି ଆସି ସେ ଦୁଇ ଜଣଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲା। ତା'ପରେ ସେଇଠୁ ଅନ୍ୟ ଗୋଟିଏ ବଖରାକୁ ଚାଲିଗଲା। ବୋହୂକୁ ଦେଖୁଥିବା ଶ୍ୱଶୁର ଏବେ ଟିକିଏ ହସି ଦେଇ ମୁହଁ ବୁଲାଇ ସ୍ତ୍ରୀଙ୍କୁ ଚାହିଁ କହିଲେ- ଆମ ଘର ଏବେ ମହକୁଛି ବୋଲି ଜାଣିପାରୁଛ ତ? କହିଲ, ଇଏ କି ମହକ? ଇଏ ତମର ବିଦେଶୀ ବୋହୂର ମହକ। ସ୍ତ୍ରୀ ହସିଦେଇ କହିଲେ- ନା ନା, ଇଏ ତମର ବିଦେଶୀ ଫୁଲର ମହକ।

ମୋ: ୯୮୫୩୦୭୦୦୧୮

# ସାମ୍‌ସନଙ୍କ ଅର୍ଦ୍ଧଶତକ

**ଏସିଆ କପ୍ କ୍ରିକେଟ**

**ଆବୁ ଧାବି, ୧୯।୯**

ଭାରତ ଓ ଓମାନ ମଧ୍ୟରେ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶେଷ ଲିଗ୍ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସୁପର-୪କୁ ଯୋଗ୍ୟତା ଅର୍ଜନ କରି ସାରିଥିବାରୁ ବ୍ୟାଟିଂ କ୍ରମରେ ପରୀକ୍ଷା ନିରୀକ୍ଷା କରିଥିବା ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରିଛି। ଭାରତ ଏହାର ପୂର୍ବ ୨ ମ୍ୟାଚରେ ଯଥାକ୍ରମେ ୟୁଏଇକୁ ୯ ଉଇକେଟରେ ଏବଂ ପାକିସ୍ତାନକୁ ୭ ଉଇକେଟରେ ହରାଇ ଅପରାଜେୟ ରହିଛି। ସୁପର-୪ରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ପାକିସ୍ତାନ ବିପକ୍ଷରେ ଖେଳିବ। ଏହାପରେ ୨୪ରେ ବାଂଲାଦେଶ ଓ ୨୬ରେ ଶ୍ରୀଲଙ୍କାକୁ ଭେଟିବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ପୂର୍ବାନୁମାନ ଅନୁସାରେ ଦଳରେ ୨ଟି ପରିବର୍ତ୍ତନ କରାଯାଇଥିଲା। ଯଶପ୍ରୀତ୍ ବୁମ୍ରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବିଶ୍ରାମ ଦିଆଯାଇ ହର୍ଷିତ ରାଣା ଓ ଅର୍ଶଦୀପ ସିଂଙ୍କୁ ସୁଯୋଗ ମିଳିଥିଲା। ଶୁବମନ ଗିଲ୍ ମାତ୍ର ୫ ରନରେ ଆଉଟ ହେବାରୁ ଦ୍ୱିତୀୟ ଓଭରରେ ଭାରତକୁ ପ୍ରଥମ ଝଟ୍‌କା ମିଳିଥିଲା। ବ୍ୟାଟିଂ କ୍ରମରେ ଉପରେ ଅର୍ଥାତ୍ ୩ ନମ୍ବରରେ ଆସି ଭଲ ଖେଳିଥିଲେ ସଞ୍ଜୁ ସାମସନ। ଅଭିଷେକ ଶର୍ମା ସ୍ୱାଭାବିକ ଭାବେ ବିସ୍ଫୋରକ ବ୍ୟାଟିଂ କରିଥିଲେ ମଧ୍ୟ ପୂର୍ବପରି ଥାର୍ଟିଜ୍ ଅର୍ଥାତ୍ ୩୮ ରନରେ ଆଉଟ ହୋଇଥିଲେ। ସେ ମାତ୍ର ୧୫ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ମାରିଥିଲେ। ପୂର୍ବ ମ୍ୟାଚ ଗୁଡ଼ିକରେ ପର୍ଯ୍ୟାପ୍ତ ବ୍ୟାଟିଂ ସୁଯୋଗ ପାଇ ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ ଓ ଶିବମ ଦୁବେ ୫ ନମ୍ବରରେ ଆସିଥିଲେ ହେଁ ଯଥାକ୍ରମେ ୧ ଓ ୫ ରନକରି ପ୍ୟାଭିଲିୟନ ଫେରିଥିଲେ। ଭାରତ ପକ୍ଷରୁ ଏକମାତ୍ର ସଞ୍ଜୁ ସାମସନ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୫ ବଲ୍‌ରୁ ୫୬ (୩ଚୌକା, ୩ ଛକା) ରନ କରିଥିଲେ। ଭାରତ ବ୍ୟାଟିଂ କ୍ରମରେ ବଡ଼ ପରିବର୍ତ୍ତନ କରିଥିଲା। ୫ ନମ୍ବରରେ ଆସିଥିବା ଅକ୍ଷର ପଟେଲ ୨୬ ଓ ୭ ନମ୍ବରରେ ବ୍ୟାଟିଂ କରିଥିବା ତିଲକ ବର୍ମା ୨୯ ରନ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ କରିବାକୁ ଆସି ନ ଥିଲେ।



ଶଟ୍ ଖେଳିବା ଅବସରରେ ସଞ୍ଜୁ ସାମସନ।

**ସ୍ଲୋ ଓଭର-ରେଟ୍**

## ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳକୁ ଜରିମାନା

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ଚଣ୍ଡିଗଡ଼ର ମୁଲାନପୁରଠାରେ ଖେଳାଯାଇଥିବା ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ୍ ପାଇଁ ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳକୁ ସେମାନଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଭ୍ରମଣକାରୀ ଦଳ ୧୦୨ ରନରେ ପରାଜିତ ହୋଇଥିଲା। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ୍‌ର ଜି.ଏସ୍. ଲକ୍ଷ୍ମୀ ଏହି ଦଣ୍ଡ ବିଧାନ କରିଥିଲେ। ନିର୍ଦ୍ଧାରିତ ଓଭର ବୋଲିଂ ଧାର୍ଯ୍ୟ କରାଯିବା ସମୟରେ ଅଷ୍ଟ୍ରେଲିଆ ୨ ଓଭର ପଛରେ ରହିଯାଇଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧିର ଧାରା ୨.୨୨ର ଉଲ୍ଲଂଘନ କରାଯାଇଥିଲା। ଅଷ୍ଟ୍ରେଲିଆ ଅଧିନାୟିକା ଏଲିସା ହିଲି ତାଙ୍କ ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେବା ଦ୍ୱାରା ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

# ପାନ୍ଥର୍ସଙ୍କୁ ହରାଇଲା ଟାଇଟାନ୍ସ

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

**ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚ୍‌ରେ ପୁରୀ ଟାଇଟାନ୍ସ ୯ ଉଇକେଟରେ କଟକ ପାନ୍ଥର୍ସଙ୍କୁ ପରାସ୍ତ କରିଛି। କଟକ ପକ୍ଷରୁ ଧାର୍ଯ୍ୟ ୧୪୨ ରନର ବିଜୟ ଲକ୍ଷ୍ୟର ପିଛା କରି ପୁରୀ ଦଳ ୧୭.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ନେଇଥିଲା। ୨ ମ୍ୟାଚରୁ ଏହା ପୁରୀର ପ୍ରଥମ ବିଜୟ। ନିଜର ପ୍ରଥମ ମ୍ୟାଚରେ ଏହି ଦଳ କେନ୍ଦୁଝର ମାଇନର୍ସ ନିକଟରୁ ହାରିଯାଇଥିଲା। ସେହିପରି ନିଜର ପ୍ରଥମ ମ୍ୟାଚରେ ଭୁବନେଶ୍ୱର ଟାଇଗର୍ସଙ୍କୁ ହରାଇଥିବା ପାନ୍ଥର୍ସ ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି।

ଟସ୍ ଜିତି ବ୍ୟାଟିଂ କରିଥିବା ପାନ୍ଥର୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩, ଅଭିଷେକ ରାଉତ ୨୫, ଅଧିନାୟକ ସ୍ୱସ୍ତିକ ସାମଲ ୨୨ ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଡାନିସ ସର୍ବାଧିକ ୩ଟି ଏବଂ ରାଜେଶ ମହାନ୍ତି, ଆଶୁତୋଷ ଛୁରିଆ, ସୁଶୀଲ ବାରିକ ଓ ଉଦୟ ଜଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପୁରୀ ଟାଇଟାନ୍ସ ଶାନ୍ତନୁ ମିଶ୍ରଙ୍କ ଅପରାଜିତ ୭୯(୮ ଚୌକା, ୨ ଛକା) ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କ ଅପରାଜିତ ୩୧ (୧୭ ବଲ, ୨ ଚୌକା, ୨ ଛକା) ରନ ବଳରେ ୧୪ ବଲ୍ ବାକିଥାଇ ସହଜ ବିଜୟ ହାସଲ କରିଥିଲା। ଏକମାତ୍ର ଅନୁରାଗ ଷଡ଼ଙ୍ଗୀ ୩୧ ରନକରି ଅଭିଷେକ ରାଉତଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ଶାନ୍ତନୁ ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ରୋଇଂ ଆସୋସିଏଶନ ସଭାପତି ବିନୋଦ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ବିଜୟ ଟୋପି ପ୍ରଦାନ କରିଥିଲେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ।




ଶାନ୍ତନୁ ମିଶ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବନ ବିଭାଗର ଜୋନାଲ ଆଥଲେଟ୍ ମିଟ୍ ଉଦ୍‌ଘାଟିତ

**ଅନୁଗୋଳ, ୧୯।୯ (ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ଓଡ଼ିଶା ଫରେଷ୍ଟ ରେଞ୍ଜର କଲେଜ ପଡ଼ିଆରେ ବନ ବିଭାଗର ୨ ଦିନିଆ ଜୋନାଲ ଆଥଲେଟ୍ ମିଟ୍-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଗଢ଼ିବାରେ ଏଭଳି ପ୍ରତିଯୋଗିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଅଧ୍ୟକ୍ଷତା କରିଥିଲେ। ଏହି ଆଥଲେଟ ମିଟ୍‌ରେ ଅନୁଗୋଳ, କଟକ, ଢେଙ୍କାନାଳ, ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲାର ୨୧ଟି ଡିଭିଜନର କର୍ମଚାରୀ ଓ ଅଧିକାରୀଙ୍କ ସହ ମୋଟ ୩୦୭ ଜଣ ଯୋଗ ଦେଇଛନ୍ତି। ଏଥିରେ ୪୩ ପ୍ରକାର ପ୍ରତିଯୋଗିତା ହେବ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ) ଡ.ସଞ୍ଜୟ କୁମାର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ପ୍ରକାଶ ସେଠୀ, ଓଡ଼ିଶା ବନ ଉନ୍ନୟନ ନିଗମ ଅନୁଗୋଳ ଖଣ୍ଡୀୟ ପରିଚାଳକ ମଳୟ ରଞ୍ଜନ କାଲୋ, ସାତକୋଶିଆ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର, ମହାନଦୀ ୱାଇଲ୍ଡ୍ ଲାଇଫ ବନଖଣ୍ଡ ଅଧିକାରୀ ଅମରେଶ ପ୍ରଧାନ, ଡେପୁଟି କଞ୍ଜରଭେଟର କନ୍ଦନ ସିଂ, ପ୍ରବେସନ ଆଇଏସଏଫ ସିଦ୍ଧାର୍ଥ ଜୈନ ଓ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଆଥଲେଟ ମିଟ୍-୨୦୨୫ ଉଦ୍‌ଘାଟନ ଅବସରରେ ଶପଥ ପାଠ।




ପୂର୍ବାଞ୍ଚଳ ଶୁଟିଂରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ପୂର୍ବାଞ୍ଚଳ ଶୁଟିଂ: ଓଡ଼ିଶାକୁ ୪ ପଦକ

**ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)**

ବିହାରରେ ଅନୁଷ୍ଠିତ ୯ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଶୁକ୍ରବାର ୪ଟି ପଦକ ହାସଲ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲର ବଧିର ମହିଳା ବର୍ଗରେ ପୂଜାରାଣୀ ବାରିକ ଓ ମାଷ୍ଟର ମହିଳା ବିଭାଗରେ ସୁଚିସ୍ମିତା ଜେନା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ମାଷ୍ଟର ମହିଳା ବର୍ଗରେ ରୀତା ମହାନ୍ତି ଓ ସବ୍‌ଜୁନିୟର ୟୁଥ୍ ମହିଳାରେ ଦିକ୍ଷା ଶ୍ରୀ ରାୟ ରୌପ୍ୟ ପଦକ ଅର୍ଜନ କରିଛନ୍ତି।

# ପିତାଙ୍କ ମୃତ୍ୟୁ ଖବର ପାଇ ସ୍ୱଦେଶ ଫେରିଲେ ୱେଲାଲେଜ୍

**ଆବୁଧାବି, ୧୯।୯ (ପି.ଟି.)**

ପିତାଙ୍କ ମୃତ୍ୟୁ ଖବର ପାଇ ଏସିଆ କପ୍ କ୍ରିକେଟ ମଝିରୁ ସ୍ୱଦେଶ ଫେରିଛନ୍ତି ଶ୍ରୀଲଙ୍କା ଅଲରାଉଣ୍ଡର ଡୁନିଥ ୱେଲାଲେଜ୍। ୱେଲାଲେଜ୍‌ଙ୍କ ପିତା ସୁରଙ୍ଗାଙ୍କର ଗୁରୁବାର ରାତିରେ ଦେହାନ୍ତ ହୋଇଛି। ସେହିଦିନ ରାତିରେ ଏହି ଅଲ୍‌ରାଉଣ୍ଡର ଏଠାରେ ଆଫଗାନିସ୍ତାନ ବିପକ୍ଷ ଗ୍ରୁପ୍ 'ବି' ଲିଗ୍ ମ୍ୟାଚ ଖେଳୁଥିଲେ। ମ୍ୟାଚ ଶେଷ ହେବା ପରେ ସେ ଏହି ଦୁଃଖ ଖବର ପାଇଥିଲେ। ସେ ଯଥାସମ୍ଭବ ଶୀଘ୍ର ବିମାନ ଯୋଗେ ଶ୍ରୀଲଙ୍କା ଗସ୍ତ କରିଥିଲେ। ସୁରଙ୍ଗାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ତେବେ ଏହି ୨୨ ବର୍ଷୀୟ କ୍ରିକେଟର ଟୁର୍ନାମେଣ୍ଟକୁ ଫେରିବେ କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶ୍ରୀଲଙ୍କା ସୁପର-୪ ପର୍ଯ୍ୟାୟରେ ଶନିବାର ବାଂଲାଦେଶକୁ ଭେଟିବ। ପରେ ସେପ୍ଟେମ୍ବର ୨୩ରେ ପାକିସ୍ତାନ ଏବଂ ସେପ୍ଟେମ୍ବର ୨୬ରେ ଭାରତ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି।




# ଆଇସିସିକୁ ଜବାବ ଦେଲା ପିସିବି

**ଆବୁଧାବି, ୧୯।୯ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପଠାଇଥିବା ଇ-ମେଲର ଜବାବ ଦେଇଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷ ଏସିଆ କପ୍ ଗେମ୍ ପୂର୍ବରୁ ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟ ଏବଂ ଟିମ୍ ଅଫିସିଆଲଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକର ଭିଡିଓ ଶୁଟିଂ କରି ପାକିସ୍ତାନ ମେଡିଆ ମ୍ୟାନେଜର କୌଣସି ଭୁଲ୍ କାର୍ଯ୍ୟ କରି ନାହାନ୍ତି ଏବଂ ଏହାଦ୍ୱାରା ଆଇସିସି ପ୍ରୋଟୋକଲ୍‌ର ଉଲ୍ଲଂଘନ କରାଯାଇ ନ ଥିବା ପିସିବି କହିଛି। ଆଇସିସି ସିଇଓ ସଂଯୋଗ ଗୁପ୍ତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦର୍ଶାଇଥିଲେ, ପାକିସ୍ତାନ ବହୁବାର ପ୍ଲେୟର୍ସ ଆଣ୍ଡ୍ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍‌ଓଏ) ଆଚରଣ ସଂହିତା ଉଲ୍ଲଂଘନ କରିଛି। ତନ୍ମଧ୍ୟରେ କୋଚ୍ ମାଇକ୍ ହେସନ, ଅଧିନାୟକ ସଲମନ ଅଲି ଆଘା ଏବଂ ମ୍ୟାନେଜର ଆକ୍ରମ ଚିମାଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ବାର୍ତ୍ତାଳାପର ଭିଡିଓ ରେକର୍ଡିଂ କରିବା ଅନ୍ୟତମ ରହିଛି। ଆଇସିସି ଆହୁରି ମଧ୍ୟ ପିସିବିର ଏକ ପ୍ରେସ୍ ରିଲିଜ୍‌କୁ ନେଇ ପ୍ରଶ୍ନ ଉଠାଇଛି, ଯେଉଁଥିରେ କି ପାଇକ୍ରଫ୍ଟ କ୍ଷମା ଭିକ୍ଷା କରିଥିବା ଉଲ୍ଲେଖ କରାଯାଇଛି। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଭେନ୍ୟୁ ମ୍ୟାନେଜରଙ୍କ ଦ୍ୱାରା ସୃଷ୍ଟ ଭୁଲ୍ ବୁଝାମଣାକୁ ନେଇ ରେଫରି କେବଳ ଦୁଃଖ ପ୍ରକାଶ କରିଥିଲେ, ମାତ୍ର ଟିମ୍‌ର ମିଡିଆ ମ୍ୟାନେଜର ହେଉଛନ୍ତି ଦଳର ଏକ ଅଂଶବିଶେଷ। ସେ ଚାହିଁଲେ ପିଏମ୍ ଓଏର ଭିଡିଓ ଉତ୍ତୋଳନ କରିପାରିବେ। ତାଙ୍କ ଉପସ୍ଥିତି ଦ୍ୱାରା କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ। ପିସିବି କହିଛି, ବର୍ତ୍ତମାନ ପ୍ରଚଳିତ ପ୍ରୋଟୋକଲ ଅନୁସାରେ ପିଏମ୍ ଓଏରେ କ୍ୟାମେରା ବ୍ୟବହାର ପାଇଁ ମିଡିଆ ମ୍ୟାନେଜରଙ୍କୁ ଅନୁମତି ରହିଛି। ଯଦି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)କୁ ଅନୁପାଳନ କରାଯାଇ ନ ଥିଲା ତେବେ ଆଇସିସି ଏବିଷୟରେ ମ୍ୟାଚ ରେଫରିଙ୍କୁ ପ୍ରଶ୍ନ କରିବାର ଥିଲା। ଏ ପ୍ରସଙ୍ଗରେ ସେ ଆଣ୍ଟି କରପ୍‌ସନ ୟୁନିଟ୍ (ଏସିୟୁ)ର ଦୃଷ୍ଟି ଆକର୍ଷଣ କରିଛନ୍ତି ନା ନାହିଁ। ଖବର ଅନୁସାରେ ଆଇସିସିର ମ୍ୟାଚ ଅଫିସିଆଲ ପାକିସ୍ତାନର ଏସିୟୁ ଅଫିସିଆଲଙ୍କୁ ସମସ୍ତ ବିଷୟ ଜଣାଇଛନ୍ତି, ସେମାନେ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ୍ ବେଳେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରତିପକ୍ଷ ପାକିସ୍ତାନର ସଲମନ ଅଲି ଆଘାଙ୍କ ସହ ସୌଜନ୍ୟମୂଳକ ହାତ ମିଳାଇ ନ ଥିଲେ। ଏହାଦ୍ୱାରା ମ୍ୟାଚ ରେଫରି ପାଇକ୍ରଫ୍ଟ 'ସ୍ପିରିଟ୍ ଅଫ୍ ଗେମ୍' ପ୍ରୋଟୋକଲ ଉଲ୍ଲଂଘନ କରିଥିବା ଦର୍ଶାଇ ପିସିବି ତାଙ୍କ ବିରୋଧରେ ଆଇସିସି ନିକଟରେ ଫେରାଦ ହୋଇଥିଲା। ଏହି ରେଫରିଙ୍କୁ ଟୁର୍ନାମେଣ୍ଟ କିମ୍ବା ପାକିସ୍ତାନ ମ୍ୟାଚଗୁଡ଼ିକରୁ ବାଦ୍ ଦେବା ଲାଗି ଦାବି କରାଯାଇଥିଲା। ଆଇସିସି ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିବା ପରେ ଏହି ପରିସ୍ଥିତି ସୃଷ୍ଟି ହେଇଛି।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ସାମ୍ସନଙ୍କ ଅର୍ଦ୍ଧଶତକ

**ଏସିଆ କପ୍ କ୍ରିକେଟ**

ଆବୁ ଧାବି, ୧୯।୯

ଭାରତ ଓ ଓମାନ ମଧ୍ୟରେ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶେଷ ଲିଗ୍ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସୁପର-୪କୁ ଯୋଗ୍ୟତା ଅର୍ଜନ କରି ସାରିଥିବାରୁ ବ୍ୟାଟିଂ କ୍ରମରେ ପରୀକ୍ଷା ନିରୀକ୍ଷା କରିଥିବା ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରିଛି। ଭାରତ ଏହାର ପୂର୍ବ ୨ ମ୍ୟାଚରେ ଯଥାକ୍ରମେ ୟୁଏଇକୁ ୯ ଉଇକେଟରେ ଏବଂ ପାକିସ୍ତାନକୁ ୭ ଉଇକେଟରେ ହରାଇ ଅପରାଜେୟ ରହିଛି। ସୁପର-୪ରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ପାକିସ୍ତାନ ବିପକ୍ଷରେ ଖେଳିବ। ଏହାପରେ ୨୪ରେ ବାଂଲାଦେଶ ଓ ୨୬ରେ ଶ୍ରୀଲଙ୍କାକୁ ଭେଟିବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ପୂର୍ବାନୁମାନ ଅନୁସାରେ ଦଳରେ ୨ଟି ପରିବର୍ତ୍ତନ କରାଯାଇଥିଲା। ଯଶପ୍ରୀତ୍ ବୁମ୍ରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବିଶ୍ରାମ ଦିଆଯାଇ ହର୍ଷିତ ରାଣା ଓ ଅର୍ଶଦୀପ ସିଂଙ୍କୁ ସୁଯୋଗ ମିଳିଥିଲା। ଶୁବମନ ଗିଲ୍ ମାତ୍ର ୫ ରନରେ ଆଉଟ ହେବାରୁ ଦ୍ୱିତୀୟ ଓଭରରେ ଭାରତକୁ ପ୍ରଥମ ଝଟ୍କା ମିଳିଥିଲା। ବ୍ୟାଟିଂ କ୍ରମରେ ଉପରେ ଅର୍ଥାତ୍ ୩ ନମ୍ବରରେ ଆସି ଭଲ ଖେଳିଥିଲେ ସଞ୍ଜୁ ସାମସନ। ଅଭିଷେକ ଶର୍ମା ସ୍ୱାଭାବିକ ଭାବେ ବିସ୍ଫୋରକ ବ୍ୟାଟିଂ କରିଥିଲେ ମଧ୍ୟ ପୂର୍ବପରି ଥାର୍ଟିଜ୍ ଅର୍ଥାତ୍ ୩୮ ରନରେ ଆଉଟ ହୋଇଥିଲେ। ସେ ମାତ୍ର ୧୫ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ମାରିଥିଲେ। ପୂର୍ବ ମ୍ୟାଚ ଗୁଡ଼ିକରେ ପର୍ଯ୍ୟାପ୍ତ ବ୍ୟାଟିଂ ସୁଯୋଗ ପାଇ ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ ଓ ଶିବମ ଦୁବେ ୫ ନମ୍ବରରେ ଆସିଥିଲେ ହେଁ ଯଥାକ୍ରମେ ୧ ଓ ୫ ରନକରି ପ୍ୟାଭିଲିୟନ ଫେରିଥିଲେ। ଭାରତ ପକ୍ଷରୁ ଏକମାତ୍ର ସଞ୍ଜୁ ସାମସନ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୫ ବଲ୍‌ରୁ ୫୬ (୩ଚୌକା, ୩ ଛକା) ରନ କରିଥିଲେ। ଭାରତ ବ୍ୟାଟିଂ କ୍ରମରେ ବଡ଼ ପରିବର୍ତ୍ତନ କରିଥିଲା। ୫ ନମ୍ବରରେ ଆସିଥିବା ଅକ୍ଷର ପଟେଲ ୨୬ ଓ ୭ ନମ୍ବରରେ ବ୍ୟାଟିଂ କରିଥିବା ତିଳକ ବର୍ମା ୨୯ ରନ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ କରିବାକୁ ଆସି ନ ଥିଲେ।



ଶଟ୍ ଖେଳିବା ଅବସରରେ ସଞ୍ଜୁ ସାମସନ।

**ସ୍ଲୋ ଓଭର-ରେଟ୍**

## ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳକୁ ଜରିମାନା

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ଚଣ୍ଡିଗଡ଼ର ମୁଲାନପୁରଠାରେ ଖେଳାଯାଇଥିବା ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ୍ ପାଇଁ ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳକୁ ସେମାନଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଭ୍ରମଣକାରୀ ଦଳ ୧୦୨ ରନରେ ପରାଜିତ ହୋଇଥିଲା। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ୍‌ର ଜି.ଏସ୍. ଲକ୍ଷ୍ମୀ ଏହି ଦଣ୍ଡ ବିଧାନ କରିଥିଲେ। ନିର୍ଦ୍ଧାରିତ ଓଭର ବୋଲିଂ ଧାର୍ଯ୍ୟ କରାଯିବା ସମୟରେ ଅଷ୍ଟ୍ରେଲିଆ ୨ ଓଭର ପଛରେ ରହିଯାଇଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧିର ଧାରା ୨.୨୨ର ଉଲ୍ଲଂଘନ କରାଯାଇଥିଲା। ଅଷ୍ଟ୍ରେଲିଆ ଅଧିନାୟିକା ଏଲିସା ହିଲି ତାଙ୍କ ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେବା ଦ୍ୱାରା ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

# ପାନ୍ଥର୍ସକୁ ହରାଇଲା ଟାଇଟନ୍ସ

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ୯ ଉଇକେଟରେ କଟକ ପାନ୍ଥର୍ସକୁ ପରାସ୍ତ କରିଛି। କଟକ ପକ୍ଷରୁ ଧାର୍ଯ୍ୟ ୧୪୨ ରନର ବିଜୟ ଲକ୍ଷ୍ୟର ପିଛା କରି ପୁରୀ ଦଳ ୧୭.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ନେଇଥିଲା। ୨ ମ୍ୟାଚରୁ ଏହା ପୁରୀର ପ୍ରଥମ ବିଜୟ। ନିଜର ପ୍ରଥମ ମ୍ୟାଚରେ ଏହି ଦଳ କେନ୍ଦୁଝର ମାଇନର୍ସ ନିକଟରୁ ହାରିଯାଇଥିଲା। ସେହିପରି ନିଜର ପ୍ରଥମ ମ୍ୟାଚରେ ଭୁବନେଶ୍ୱର ଟାଇଗର୍ସକୁ ହରାଇଥିବା ପାନ୍ଥର୍ସ ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି।

ଟସ୍ ଜିତି ବ୍ୟାଟିଂ କରିଥିବା ପାନ୍ଥର୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩, ଅଭିଷେକ ରାଉତ ୨୫, ଅଧିନାୟକ ସ୍ୱସ୍ତିକ ସାମଲ ୨୨ ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଡାନିସ ସର୍ବାଧିକ ୩ଟି ଏବଂ ରାଜେଶ ମହାନ୍ତି, ଆଶୁତୋଷ ଛୁରିଆ, ସୁଶୀଲ ବାରିକ ଓ ଉଦୟ ଜଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପୁରୀ ଟାଇଟନ୍ସ ଶାନ୍ତନୁ ମିଶ୍ରଙ୍କ ଅପରାଜିତ ୭୯(୮ ଚୌକା, ୨ ଛକା) ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କ ଅପରାଜିତ ୩୧ (୧୭ ବଲ, ୨ ଚୌକା, ୨ ଛକା) ରନ ବଳରେ ୧୪ ବଲ୍ ବାକିଥାଇ ସହଜ ବିଜୟ ହାସଲ କରିଥିଲା। ଏକମାତ୍ର ଅନୁରାଗ ଷଡ଼ଙ୍ଗୀ ୩୧ ରନକରି ଅଭିଷେକ ରାଉତଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ଶାନ୍ତନୁ ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ରୋଇଂ ଆସୋସିଏଶନ ସଭାପତି ବିନୋଦ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ବିଜୟ ଟୋପି ପ୍ରଦାନ କରିଥିଲେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ।



ଶାନ୍ତନୁ ମିଶ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବନ ବିଭାଗର ଜୋନାଲ ଆଥଲେଟ୍ ମିଟ୍ ଉଦ୍‌ଘାଟିତ

ଅନୁଗୋଳ, ୧୯।୯ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ଓଡ଼ିଶା ଫରେଷ୍ଟ ରେଞ୍ଜର କଲେଜ ପଡ଼ିଆରେ ବନ ବିଭାଗର ୨ ଦିନିଆ ଜୋନାଲ ଆଥଲେଟ୍ ମିଟ୍-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଗଢ଼ିବାରେ ଏଭଳି ପ୍ରତିଯୋଗିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଅଧକ୍ଷତା କରିଥିଲେ। ଏହି ଆଥଲେଟ ମିଟ୍‌ରେ ଅନୁଗୋଳ, କଟକ, ଢେଙ୍କାନାଳ, ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲାର ୨୧ଟି ଡିଭିଜନର କର୍ମଚାରୀ ଓ ଅଧିକାରୀଙ୍କ ସହ ମୋଟ ୩୦୭ ଜଣ ଯୋଗ ଦେଇଛନ୍ତି। ଏଥିରେ ୪୩ ପ୍ରକାର ପ୍ରତିଯୋଗିତା ହେବ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ) ଡ.ସଞ୍ଜୟ କୁମାର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ପ୍ରକାଶ ସେଠୀ, ଓଡ଼ିଶା ବନ ଉନ୍ନୟନ ନିଗମ ଅନୁଗୋଳ ଖଣ୍ଡୀୟ ପରିଚାଳକ ମଳୟ ରଞ୍ଜନ କାଲୋ, ସାତକୋଶିଆ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର, ମହାନଦୀ ୱାଇଲ୍ଡ୍ ଲାଇଫ ବନଖଣ୍ଡ ଅଧିକାରୀ ଅମରେଶ ପ୍ରଧାନ, ଡେପୁଟି କଞ୍ଜରଭେଟର କନ୍ଦନ ସିଂ, ପ୍ରବେସନ ଆଇଏସଏଫ ସିଦ୍ଧାର୍ଥ ଜୈନ ଓ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।


ଆଥଲେଟ ମିଟ୍-୨୦୨୫ ଉଦ୍‌ଘାଟନ ଅବସରରେ ଶପଥ ପାଠ।



ପୂର୍ବାଞ୍ଚଳ ଶୁଟିଂରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ପୂର୍ବାଞ୍ଚଳ ଶୁଟିଂ: ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

ବିହାରରେ ଅନୁଷ୍ଠିତ ୯ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଶୁକ୍ରବାର ୪ଟି ପଦକ ହାସଲ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲର ବଧିର ମହିଳା ବର୍ଗରେ ପୂଜାରାଣୀ ବାରିକ ଓ ମାଷ୍ଟର ମହିଳା ବିଭାଗରେ ସୁଚିସ୍ମିତା ଜେନା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ମାଷ୍ଟର ମହିଳା ବର୍ଗରେ ରୀତା ମହାନ୍ତି ଓ ସବ୍‌ଜୁନିୟର ୟୁଥ୍ ମହିଳାରେ ଦିକ୍ଷା ଶ୍ରୀ ରାୟ ରୌପ୍ୟ ପଦକ ଅର୍ଜନ କରିଛନ୍ତି।

# ପିତାଙ୍କ ମୃତ୍ୟୁ ଖବର ପାଇ ସ୍ୱଦେଶ ଫେରିଲେ ୱିଲାଲେଜ୍

ଆବୁଧାବି, ୧୯।୯ (ପି.ଟି.)

ପିତାଙ୍କ ମୃତ୍ୟୁ ଖବର ପାଇ ଏସିଆ କପ୍ କ୍ରିକେଟ ମଝିରୁ ସ୍ୱଦେଶ ଫେରିଛନ୍ତି ଶ୍ରୀଲଙ୍କା ଅଲରାଉଣ୍ଡର ଡୁନିଥ ୱିଲାଲେଜ୍। ୱିଲାଲେଜ୍‌ଙ୍କ ପିତା ସୁରଙ୍ଗାଙ୍କର ଗୁରୁବାର ରାତିରେ ଦେହାନ୍ତ ହୋଇଛି। ସେହିଦିନ ରାତିରେ ଏହି ଅଲ୍‌ରାଉଣ୍ଡର ଏଠାରେ ଆଫଗାନିସ୍ତାନ ବିପକ୍ଷ ଗ୍ରୁପ୍ 'ବି' ଲିଗ୍ ମ୍ୟାଚ ଖେଳୁଥିଲେ। ମ୍ୟାଚ ଶେଷ ହେବା ପରେ ସେ ଏହି ଦୁଃଖ ଖବର ପାଇଥିଲେ। ସେ ଯଥାସମ୍ଭବ ଶୀଘ୍ର ବିମାନ ଯୋଗେ ଶ୍ରୀଲଙ୍କା ଗସ୍ତ କରିଥିଲେ। ସୁରଙ୍ଗାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ତେବେ ଏହି ୨୨ ବର୍ଷୀୟ କ୍ରିକେଟର ଟୁର୍ନାମେଣ୍ଟକୁ ଫେରିବେ କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶ୍ରୀଲଙ୍କା ସୁପର-୪ ପର୍ଯ୍ୟାୟରେ ଶନିବାର ବାଂଲାଦେଶକୁ ଭେଟିବ। ପରେ ସେପ୍ଟେମ୍ବର ୨୩ରେ ପାକିସ୍ତାନ ଏବଂ ସେପ୍ଟେମ୍ବର ୨୬ରେ ଭାରତ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି।




# ଆଇସିସିକୁ ଜବାବ ଦେଲା ପିସିବି

ଆବୁଧାବି, ୧୯।୯ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପଠାଇଥିବା ଇ-ମେଲର ଜବାବ ଦେଇଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷ ଏସିଆ କପ୍ ଗେମ୍ ପୂର୍ବରୁ ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟ ଏବଂ ଟିମ୍ ଅଫିସିଆଲଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକର ଭିଡିଓ ଶୁଟିଂ କରି ପାକିସ୍ତାନ ମେଡିଆ ମ୍ୟାନେଜର କୌଣସି ଭୁଲ୍ କାର୍ଯ୍ୟ କରି ନାହାନ୍ତି ଏବଂ ଏହାଦ୍ୱାରା ଆଇସିସି ପ୍ରୋଟୋକଲ୍‌ର ଉଲ୍ଲଂଘନ କରାଯାଇ ନ ଥିବା ପିସିବି କହିଛି। ଆଇସିସି ସିଇଓ ସଂଯୋଗ ଗୁପ୍ତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦର୍ଶାଇଥିଲେ, ପାକିସ୍ତାନ ବହୁବାର ପ୍ଲେୟର୍ସ ଆଣ୍ଡ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍‌ଓଏ) ଆଚରଣ ସଂହିତା ଉଲ୍ଲଂଘନ କରିଛି। ତନ୍ମଧ୍ୟରେ କୋଚ୍ ମାଇକ୍ ହେସନ, ଅଧିନାୟକ ସଲମନ ଅଲି ଆଘା ଏବଂ ମ୍ୟାନେଜର ଆକ୍ରମ ଚିମାଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ବାର୍ତ୍ତାଳାପର ଭିଡିଓ ରେକର୍ଡିଂ କରିବା ଅନ୍ୟତମ ରହିଛି। ଆଇସିସି ଆହୁରି ମଧ୍ୟ ପିସିବିର ଏକ ପ୍ରେସ୍ ରିଲିଜ୍‌କୁ ନେଇ ପ୍ରଶ୍ନ ଉଠାଇଛି, ଯେଉଁଥିରେ କି ପାଇକ୍ରଫ୍ଟ କ୍ଷମା ଭିକ୍ଷା କରିଥିବା ଉଲ୍ଲେଖ କରାଯାଇଛି। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଭେନ୍ୟୁ ମ୍ୟାନେଜରଙ୍କ ଦ୍ୱାରା ସୃଷ୍ଟ ଭୁଲ୍ ବୁଝାମଣାକୁ ନେଇ ରେଫରି କେବଳ ଦୁଃଖ ପ୍ରକାଶ କରିଥିଲେ, ମାତ୍ର ଟିମ୍‌ର ମିଡିଆ ମ୍ୟାନେଜର ହେଉଛନ୍ତି ଦଳର ଏକ ଅଂଶବିଶେଷ। ସେ ଚାହିଁଲେ ପିଏମ୍ ଓଏର ଭିଡିଓ ଉତ୍ତୋଳନ କରିପାରିବେ। ତାଙ୍କ ଉପସ୍ଥିତି ଦ୍ୱାରା କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ। ପିସିବି କହିଛି, ବର୍ତ୍ତମାନ ପ୍ରଚଳିତ ପ୍ରୋଟୋକଲ ଅନୁସାରେ ପିଏମ୍ ଓଏରେ କ୍ୟାମେରା ବ୍ୟବହାର ପାଇଁ ମିଡିଆ ମ୍ୟାନେଜରଙ୍କୁ ଅନୁମତି ରହିଛି। ଯଦି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)କୁ ଅନୁପାଳନ କରାଯାଇ ନ ଥିଲା ତେବେ ଆଇସିସି ଏବିଷୟରେ ମ୍ୟାଚ ରେଫରିଙ୍କୁ ପ୍ରଶ୍ନ କରିବାର ଥିଲା। ଏ ପ୍ରସଙ୍ଗରେ ସେ ଆଣ୍ଟି କରପ୍‌ସନ ୟୁନିଟ୍ (ଏସିୟୁ)ର ଦୃଷ୍ଟି ଆକର୍ଷଣ କରିଛନ୍ତି ନା ନାହିଁ। ଖବର ଅନୁସାରେ ଆଇସିସିର ମ୍ୟାଚ ଅଫିସିଆଲ ପାକିସ୍ତାନର ଏସିୟୁ ଅଫିସିଆଲଙ୍କୁ ସମସ୍ତ ବିଷୟ ଜଣାଇଛନ୍ତି, ସେମାନେ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ୍ ବେଳେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରତିପକ୍ଷ ପାକିସ୍ତାନର ସଲମନ ଅଲି ଆଘାଙ୍କ ସହ ସୌଜନ୍ୟମୂଳକ ହାତ ମିଳାଇ ନ ଥିଲେ। ଏହାଦ୍ୱାରା ମ୍ୟାଚ ରେଫରି ପାଇକ୍ରଫ୍ଟ 'ସ୍ପିରିଟ୍ ଅଫ୍ ଗେମ୍' ପ୍ରୋଟୋକଲ ଉଲ୍ଲଂଘନ କରିଥିବା ଦର୍ଶାଇ ପିସିବି ତାଙ୍କ ବିରୋଧରେ ଆଇସିସି ନିକଟରେ ଫେରାଦ ହୋଇଥିଲା। ଏହି ରେଫରିଙ୍କୁ ଟୁର୍ନାମେଣ୍ଟ କିମ୍ବା ପାକିସ୍ତାନ ମ୍ୟାଚଗୁଡ଼ିକରୁ ବାଦ୍ ଦେବା ଲାଗି ଦାବି କରାଯାଇଥିଲା। ଆଇସିସି ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିବା ପରେ ଏହି ପରିସ୍ଥିତି ସୃଷ୍ଟି ହେଇଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ